Split by PDF Splitter



# ଅତିରିକ୍ତ ।

ଉତ୍କଳ ଦୀପିକା ତା ୨୦ ରଖ ମାହେ ମଇ ସନ ୧୮୭୧ ମସିହା ।

## ନର୍ମାଲସ୍କୁଲ ଛାତ୍ରମାନଙ୍କର ବକ୍ତୃତା ।

ନାନାଭାଷାସୁଭିଜ୍ଞଃ ଶତାବଧାନପଟୁ ର୍ମୀନ-
ନୀତ୍ୟା ବଦାନ୍ୟଃ ଶାନ୍ତୋ ନାମ୍ନା ରେଭେନ୍‌ଶଃ
କମିଶନର ପଦାମ୍ବିତ ସାହେବବରଃ । ଉତ୍କଳୋ-
ଦ୍ଧାର୍ଯ୍ୟା ନିଯୁକ୍ତଃ ପ୍ରଶମିତଦୁର୍ଦ୍ଦଶଃ ଶାସକୋ
ଦୁର୍ଭିକ୍ଷାନ୍ନା ମୁକ୍ତେଦେଶେଽପି ଦୁର୍ଗେ ନୃପଚକ୍ର-
ଲତନ୍ତ୍ରଂ ପାତୁ ଶିଷ୍ଟଂ ଦୁଷ୍ଟଂ । ୧ ।

ଇଂଲଣ୍ଡେଶ୍ୱୟ୍ୟନିବାସିନୋ ନରପତେଃ ସ୍ୱାଧୀ-
ନତାଜ୍ଞାପ୍ରଦଃ ସାହେବୋଽୟଂ ବଙ୍ଗକଲେ ବୁଧବ-
ରୈର୍ଗୁଣୈର୍ବିଭାତିମ୍ବରଃ । ଏତଦ୍ଦେଶପ୍ରଭେଭିକ୍ଷ୍ୟା-
ପଦ୍ଧରଦଃ ସଂତତଂ ଭବ୍ୟଂ ରହ ତ୍ରିଷ୍କନ୍
ବେ କର୍ଣ୍ଣେ ସଦାସ୍ତୁ ଦୁଷ୍ଟସ୍ତ୍ରେନଃପ୍ରଶସ୍ତୋକ୍ତିଲଃଧୀ

ଭାରତ୍ୟଭକ୍ତୋଽସ୍ୟା ଶତ୍ରୁ ଶତବ ରେଭେଂ-
ଶନ ବତୁଃ , ସଦ୍ଭକ୍ତଃ ସାହେବୋ ବଧୁରବ
ସଭାସ୍ୟାଂ ହୃତକରଃ । ପ୍ରଦତ୍ତା ଛଦେଭ୍ୟ ବଚ-
ନମମୃତଂ ବୈ ବଳ୍ଗୁ ଥନଂ , ଦୁଷ୍ଟଦ୍ୟାଚ୍ଛେଦାକୀ-
ମନ୍ଥମଥୂରମୂର୍ତ୍ତିର୍ଲସତ । ୩ ।

ସ୍ୱପ୍ରେଶ୍ଚେଶ୍ରେଣ୍ୟା ବୀରପ୍ରବରଗୁଣଗଣୋଦାନ-
କର୍ମା ବଧ୍ୟକ୍ଷୋ ରାଜ୍ଞୀ ଶ୍ରୀଶ୍ରୀମତୀ ଯଂ ପ୍ରବଳସ୍ତ-
ସ୍ଥିତଂ ଶାସିତୁଂ ସ୍ଥାପିତୁଂ ବୈ । ପ୍ରଶ୍ନାପଦ୍ୟାସ୍ତେ
ସଦା ସା ନିପୁଣତରତର୍ଯ୍ୟେଃ କାର୍ଯ୍ୟମାଲୋତସ୍ୟନ୍ତି ।
ସୋଽୟଂ ଦୀନାବଧାନୋ ବଭରଭ ନଭସ୍ଥଂ
ଯାଚକେଭ୍ୟୋ ଧନାନି । ୪ ।

ଲୋକେ ଶ୍ଳାଘା ଶ୍ରୁତ୍ୟଂ ହିତକରବଚନଂ
ଯସ୍ମଦର୍ଥଂ ବଦାନ୍ୟୋ ଭାବୋ ବାରେନ୍ଦ୍ରବଙ୍ଗେ
ଦ୍ୱିଜକୁଲକୁମୁଦାରଣ୍ୟସର୍ଦ୍ଧିସ୍ତୃତଂ ସ୍ତୁଃ ॥ ଖ୍ୟାତ
ର୍ଯ୍ୟସ୍ୟାସ୍ତି ଲୋକେ ଜନ୍ମଭିତକରଣେ ଦ୍ୱାରକା-
ନାଥନାମା ॥ ଯଃ ସର୍ବେଷାଂ ହିତାର୍ଥଂ ଜରଳସ-
କଷ୍ଟଃ ସାଧୁକାର୍ଯ୍ୟଂ କରୋତି ॥ ୫ ॥

ଯେ ଯେ ଛାତ୍ରାଃ ପ୍ରହୃଷ୍ଟାଃ ଶମଜଲକଣସ୍ୟା
ଭୂଷିତାଙ୍ଗାଃ ପଠନ୍ତି ତେଭ୍ୟୋ ଦାତୁଂ ସଭାସ୍ୟାଂ
ସକଳ ଗୁଣିଜନୈଃ ସାର୍ଦ୍ଧମାସ୍ତେ ପ୍ରହୃଷ୍ଟଂ ।

---

## ଗୃହଶୀ ବା ଦାସତ୍ୱ ଅସୁଖକର ।

ଗୀତ କେଦାରକାମୋଦ ।

ଉତ୍ତମ ନୁହେ ଶିକ୍ଷକ ଅଶିକ୍ଷିତ ।
ଅସୁଖ ହୁଏ ଯାର ଅଜ୍ଞାନୀଚିତ୍ତ ହେ ।
ଉତ୍ତମ ନୁହେ ବସ୍ତ୍ର ମଳିନ ପିନ୍ଧା ।
ଅସୁଖ ହୁଏ ପରଅଧୀନ ଫନ୍ଦା ହେ । ୧ ।
ଉତ୍ତମ ନୁହେ ପର ଗୃହେ ରହିବା ।
ଅସୁଖ ହୁଏ ମାଜ ମାଜର ପିବା ହେ ।
ଉତ୍ତମ ନୁହେ ଶୀଘ୍ର ବୃଦ୍ଧ ହେଜନ ।
ଅସୁଖ ହୁଏ ପରବଶ ଯେ ଜନ ହେ । ୨ ।
ଉତ୍ତମ ନୁହେ ବସତର ଅମେଳ ।
ଅସୁଖ ହୁଏ ଦାନ ଥନେ ଦୁର୍ବଳ ହେ ।
ଉତ୍ତମ ନୁହେ ପରଦସ୍ତେ ଭୂଷଣ ।
ଅସୁଖ ହୁଏ ପରାଧୀନ ଯେ ଜନ ହେ । ୩ ।
ଉତ୍ତମ ନୁହେ ହେବାର ବୃଦ୍ଧପତି ।
ଅସୁଖ ହୁଏ ପାପେ ଯେ ସାଧୁ ମତ ହେ ।
ଉତ୍ତମ ନୁହେ ଜ୍ଞାତିଠାରେ ପ୍ରାର୍ଥନା ।
ଅସୁଖ ହୁଏ ପରାଧୀନ କାମନା ହେ । ୪ ।
ଉତ୍ତମ ନୁହେ କନ୍ୟା ବନ୍ଧ୍ୟା ହେବା ।
ଅସୁଖ ହୁଏ ହିତକାରୀ ମରିବା ହେ ।
ଉତ୍ତମ ନୁହେ ଟଙ୍କ ଗମନ ତ୍ରିଗ ।
ଅସୁଖ ହୁଏ ପୁଣି ଗୃହଶୀଜନ ହେ । ୫ ।
ଉତ୍ତମ ନୁହେ ଜଳବନ୍ଧାନେ ସର ।
ଅସୁଖ ହୁଏ ମୀନ ବଞ୍ଚିତ ନୀର ହେ ।
ଉତ୍ତମ ନୁହେ ଯେଣ୍ଡ କାମିନୀବଶ ।
ଅସୁଖ ହୁଏ ପରାଧୀନରି କଷ୍ଟ ହେ । ୬ ।
ଉତ୍ତମ ନୁହେ ଭ୍ରାତୃସଙ୍ଗେ ବିବାଦ ।
ଅସୁଖ ହୁଏ ବୃଦ୍ଧ ବିବାହେ ସଧ ହେ ।
ଉତ୍ତମ ନୁହେ ଅନ୍ଧ ଘୋଡା ଚଢିବା ।
ଅସୁଖ ହୁଏ ପରବଶ ହୋଇବା ହେ । ୭ ।
ଉତ୍ତମ ନୁହେ ମୂର୍ଖ ଦାସ ପଣ୍ଡିତ ।
ଅସୁଖ ହୁଏ ମେଳ ପାପି ସଙ୍ଗତ ହେ ।
ଉତ୍ତମ ନୁହେ ଯୁବା ଜଗ୍ କୋଇବା ।
ଅସୁଖ ହୁଏ ପରାଧୀନେ ରହିବା ହେ । ୮ ।
ଉତ୍ତମ ନୁହେ ନିଜଗୁଣ କଥନ ।
ଅସୁଖ ହୁଏ ସଙ୍ଗ ଛାଡି ଭୋଜନ ହେ ।
ଉତ୍ତମ ନୁହେ ପର ନିନ୍ଦା ଶ୍ରବଣ ।
ଅସୁଖ ହୁଏ ପର ଅଧୀନ ପ୍ରାଣ ହେ । ୯ ।
ଉତ୍ତମ ନୁହେ ଶକ୍ତି ବିହୀନ ଗର୍ବ ।
ଅସୁଖ ହୁଏ ବିଦ୍ୟାବିହୀନ ଗାଏ ହେ ।
ଉତ୍ତମ ନୁହେ ପୁଣି ବିଦେଶୀ ହେବା ।
ଅସୁଖ ହୁଏ ପର ଭୃତ୍ୟ ହୋଇବା ହେ ।୧୦।

( ଏ କବିତାଟି ଉତ୍ତମରୂପେ ଅନୁବାଦ ହୋଇ ନାହିଁ ପ୍ରତ୍ୟେକ ପଦର ଶେଷଚରଣର ଅର୍ଥ ଏହି ଯେ ଗୃହଶୀକରିବା ସବୁଠାରୁ ଅସୁଖକର ମାତ୍ର ତାହା ଉଲହୋଇ ପ୍ରକାଶ ପାଇ ନାହିଁ । ସମ୍ପାଦକ ଉ, ଦୀ । )

---

## ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛୁଁ ଯେ ଅମ୍ଭେ ରସକଲ୍ଲୋଳ ପୁସ୍ତକ ଛପାଇବା ବିଷୟରେ ଯେଉଁ ବିଜ୍ଞାପନ ଦେଇଥିଲୁଁ ସେ ବିଷୟରେ ବଡ ଯତ୍ନ କରିଥିଲୁଁ କିନ୍ତୁ ଏହିସମ୍ପ୍ରତି କାଳେ ଶ୍ରୀଯୁକ୍ତ ଫକୀରମୋହନ ସେନାପତିଙ୍କଠାରୁ ଗୋଟିଏ ପତ୍ର ପାଇଁ ବୋଧ କଲୁଁ ଯେ ସେ ଉକ୍ତ ପୁସ୍ତକ ଛପାଉଁ ଅଛନ୍ତି ଆଗାମି ସପ୍ତାହରେ ବିକ୍ରୟକୁ ବାହାରିପାରିବ । ଅତଏବ ଅମ୍ଭେ ପ୍ରକାଶ କରୁଅଛୁଁ ଯେ ଯେଉଁମାନେ ଉକ୍ତ ପୁସ୍ତକ ବିଷୟରେ ପତ୍ର ଅମ୍ଭମାନଙ୍କ ନିକଟକୁ ପଠାଇବାକୁ ସଚେଷ୍ଟିତ ଥିବେ ସେମାନେ ଇହଁରୁ କ୍ଷାନ୍ତ ରହିବେ । ଇତି ।

୨୦।୫।୭୧

। ବା । ଶ୍ରୀ ପ୍ରଭାକର ଚୂଡାମଣି ।

---

ଅନ୍ୟ ମୂଲପତ୍ର ଦେଖ ।

Digitized by srujanika@gmail.com

Split by PDF Splitter



Digitized by srujanika@gmail.com

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା


| | | |
|---|---|---|
| ୧୬ଭାଗ<br>ସଂ ୨୦ସଂଖ୍ୟା | ତା ୨୭ ରଖ ମାହେ ମଇ ସନ ୧୮୮୨ ମସିହା । ଜୈଷ୍ଠ ଦିଂ ୯ ନ ସନ ୧୨୮୯ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ଟ୪<br>ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ଟ୫<br>ମଫସଲ ପାଇଁ ଡାକମାସୁଲ ଟ୧ |


ଇରିଗେସନ କାର୍ଯ୍ୟ ସମ୍ପର୍କରେ ଗାଯ୍‌ଲ୍ସ କର୍ଣ୍ଣଲ୍‌ସାହେବ ଲଟ୍‌ଙ୍କ ସୋସାଇଟୀର ସଭାରେ ଯେଉଁ ବକ୍ତୃତା କରିଥିଲେ ତହିଁର ଓଡିଆ ଅନୁବାଦ ପୁସ୍ତକାକାରରେ ମୁଦ୍ରିତ ହୋଇ ଗତ ସୋମବାରଠାରୁ ଅନେକ ଜମିଦାର ଓ ଅନ୍ୟାନ୍ୟ ଲୋକଙ୍କୁ ଗୋଟିଏ ଲେଖାଏଁ ଦିଆ ଯାଉଅଛି ଅବଶ୍ୟ ସମସ୍ତଙ୍କ ହସ୍ତରେ ଉକ୍ତ ପୁସ୍ତକ ପହୁଞ୍ଚି ଅଛି କି ନାହିଁ ସନ୍ଦେହ ଅତଏବ ସମସ୍ତେ ଏହା ପ୍ରାପ୍ତ ହୋଇ ପାଠ କରିବାକୁ ଉପଯୁକ୍ତ ସମୟ ଦିଆ ନ ଯାଇ ସଭା ହୋଇ ନ ପାରେ ଆମ୍ଭେ ମାନେ ଯେ ପୁସ୍ତକ ଖଣ୍ଡି ପ୍ରାପ୍ତ ହୋଇଅଛୁଁ ତାହା ଆଜି ପାଏ ଅବଶ୍ୟ ପଢି ନାହୁଁ ସୁତରାଂ ଏ ସପ୍ତାହରେ ସେ ବିଷୟରେ କିଛି ମତ ଦେଇ ନ ପାରୁଁ ମାତ୍ର ଯେତେଦୂର ପଢି ଅଛୁଁ ସେଥିରେ ଜଡ ଅନୁଯୋଗ ଦେଖାଯାଏ ଇଂରାଜୀ ବକ୍ତୃତା ମୁଦ୍ରିତ ହୋଇ ପ୍ରଚାର ହୋଇ ନାହିଁ ଓ ଯେଉଁ ଅନୁବାଦ ହୋଇଅଛି ତାହା ସହିତରେ ମିଳାଇବାର ନୁହେ । ଏକ ୨ ସ୍ଥାନରେ ଅନୁବାଦ ଏମନ୍ତ ମନ୍ଦ ହୋଇଅଛି ଯେ ଲେଖକଙ୍କ ଭାବ କିଛିମାତ୍ର ପ୍ରକାଶ ପାଉ ନାହିଁ । ମୋଫସଲ ଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଯେ ଅନାୟାସରେ ଏହାର ପ୍ରକୃତ ମର୍ମ ବୁଝିପାରି ଆପତ୍ତି ଖଣ୍ଡନ କରିବେ ଏଥିରେ ଆମ୍ଭମାନଙ୍କର ବିଶେଷ ସନ୍ଦେହ ଅଛି ଅତଏବ ନାଲକାର୍ଯ୍ୟ ବିଷୟରେ ଏତେ ଶୀଘ୍ର ସଭା କରି ସେ ତହିଁରେ ତାହାଙ୍କୁ ଉଦାସ୍ୟ ଭାବ ଅବଲମ୍ବନ କରିବାର ଉଚିତ ନୁହଇ ଏଣୁକରି ଆମ୍ଭେମାନେ ସମସ୍ତଙ୍କୁ ଅନୁରୋଧ କରୁଅଛୁଁ ଯେ ଲେଖକଙ୍କ ପ୍ରକୃତ ଅଭିପ୍ରାୟ ବୁଝିବାକୁ ସମସ୍ତେ ଯତ୍ନବାନ ହେଉନ୍ତୁ ଓ ଯାହାଙ୍କୁ ଏକାକୀ ସବୁ କଥା ଗୋଚର ନ ହୁଏ ସେ ବରଂ ନ ହୋଇ ଅନ୍ୟଲୋକ ସଙ୍ଗେ ପରାମର୍ଶ କରି ସବୁକଥା ବୁଝି ସଭାକୁ ଆଗମନ କରନ୍ତୁ । ଯେମନ୍ତ କି ସଭା ସମୟରେ କାହାକୁ ଅପ୍ରସ୍ତୁତ ହେବାକୁ ନ ହୁଅଇ ।

---

କେନ୍ଦ୍ରାପଡା ମୁନସଫିମହକୁମାର ତାଲମୋକଦ୍ଦମା କିନ୍ଅଗ୍ନି ପ୍ରାୟ ଦିନକୁଦିନ ଚତୁର୍ଦ୍ଦିଗରେ ବିସ୍ତାର ହେଉଅଛି । ପରିଣାମରେ କି ହେବ କୋଲାଯାଇ ନ ପାରେ । ପ୍ରଥମେ କେବଳ କେନ୍ଦ୍ରାପଡାମୁନସଫି ଅମଲମାନଙ୍କରେ ଧରା ପଡା ହୋଇ ଫିରିସ୍ତାଦାର ଓ ନାଜର ଉପରେ ମୋକଦ୍ଦମା ଚଳୁଥିଲା ସମ୍ପ୍ରତି କଟକ ଦେୱାନୀ ମାହାଫିଜଖାନା ପର୍ଯ୍ୟନ୍ତ ଆସିଲାଣି । ଏଠାର ମାହାଫିଜଖାନା ସରେନ ଏଲକାର ଭାରପ୍ରାପ୍ତ ଅମଲା ଓ ହେଡକିରାଣି ନକଲନବିସ ପ୍ରଥମେ ତଲବ ହୋଇଯାଇଥିଲେ କିନ୍ତୁ ସେମାନେ ଫେରି ଆସିଅଛନ୍ତି । ମାତ୍ର ଦପ୍ତରୀ ଓ୍ୟାରେଣ୍ଟରେ ଗେରଫ୍ତାର ହୋଇ ଯାଇ ବର୍ତ୍ତମାନ ହାଜତରେ ଅଛି । ଗାଯ୍‌ଲ୍ସ ଉଇଲ୍ସରସାହେବ କିରୂପେ ଏମୋକଦ୍ଦମା ନିଷ୍ପତ୍ତି କରନ୍ତି ଦେଖିବାରେ ଆସିବ ।

### [illegible]ରୀ ଇଂରାଜୀବିଦ୍ୟାଳୟ ।

ପାଠକମାନଙ୍କୁ ଜଣାଅଛି ଯେ ଅଳ୍ପଦିନ ହେଲା ପୁରୀ ଇଂରାଜୀ ବିଦ୍ୟାଳୟ ପୋଡି ଯାଇ ଅନେକଟଙ୍କାର ପୁସ୍ତକାଦି ଦ୍ରବ୍ୟ ନଷ୍ଟ ହୋଇଅଛି ସମ୍ପ୍ରତି ଗୃହ ଅଭାବରେ ଶିକ୍ଷାକାର୍ଯ୍ୟ ଚଳିବାର କଠିନ ହୋଇଅଛି । ଏବିଦ୍ୟାଳୟଟି ସମ୍ପୂର୍ଣ୍ଣରୂପେ ଗବର୍ଣ୍ଣମେଣ୍ଟଙ୍କ ବ୍ୟୟରେ ଚଳଇ ଏଣୁ କରି ଏଥିର ଘରନିର୍ମାଣର ବ୍ୟୟ ଏହା ଗବର୍ଣ୍ଣମେଣ୍ଟଙ୍କୁ ଦେବାର ଥିଲା । ମାତ୍ର ଅଧୁନାଲ ଗବର୍ଣ୍ଣମେଣ୍ଟ ଅର୍ଥବ୍ୟୟପକ୍ଷରେ ବଡ ସାବଧାନ ହେଉଅଛନ୍ତି ଓ ସେ ସାବଧାନତା ଅନାବଶ୍ୟକ ସ୍ଥଳରେ ଯେତେ ହେଉ ନ ହେଉ ବିଦ୍ୟାଶିକ୍ଷା ଓ ପଥ ନିର୍ମାଣ କାର୍ଯ୍ୟରେ ଅଧିକ ଦେଖାଯାଏ । ଲର୍ଡ଼ମେଓ ସାହେବ ଗବର୍ଣ୍ଣମେଣ୍ଟଙ୍କର ନିତାନ୍ତ ହିତୈଷୀ ହୋଇ ଯହିଁରେ ପ୍ରଜାଙ୍କର ଉନ୍ନତି ହେବାର ସମ୍ଭାବନା ଅଧିକ ସମ୍ଭାବନା ସେହି ବିଷୟରେ ଟଙ୍କା ବ୍ୟୟ କରିବାକୁ କୃପଣତା ପ୍ରକାଶ କରିଅଛନ୍ତି ଓ ତହିଁର ଏହି ଫଳ ହୋଇଅଛି ଯେ ପୁରୀସ୍କୁଲ ଗୃହନିର୍ମାଣର ସମସ୍ତ ଭାର ଗବର୍ଣ୍ଣମେଣ୍ଟ ନ ନେଇ କେବଳ ଏକସହସ୍ର ଟଙ୍କା ଦେବାକୁ ସମ୍ମତ ହୋଇଅଛନ୍ତି । ଅବଶିଷ୍ଟ ଟଙ୍କା ବିଦ୍ୟାଳୟର ଛାତ୍ରବିଧାରକ କମିଟୀ ଭେଦାଦ୍ୱାରା ସଂଗ୍ରହ କରିବାକୁ ସ୍ଥିର କରିଅଛନ୍ତି । ଆମ୍ଭେମାନେ ଅବଗତ ହେଲୁଁ ଯେ ତଲଲିଖିତ ମହାଶୟମାନେ ଯଥା ଯୋଗ୍ୟ ଅର୍ଥଦାନ କରି

Split by PDF Splitter



ଅପଣା ୨ ବଦାନ୍ୟତାର ପରିଚୟ ଦେଇଅଛନ୍ତି । ଯଥା ।

| | |
|---|---|
| ଶ୍ରୀ ଶ୍ରୀ ନୂଅଗଡ଼ ରାଜା | ଟ ୫୦୦ |
| „ „ ପୁରୀ ରାଜା | ଟ ୫୦୦ |
| „ କ୍ଷତ୍ରିବର ଭଗବାନ୍ ଗୁଇଁଠିସିଂହ | ଟ ୨୦୦ |
| „ ମହନ୍ତ ନାରାୟଣ ଦାସ | ଟ ୧୦୦ |
| „ ହୟଗ୍ରୀବ ଦାସ | ଟ ୮୦ |

ଏପରି ଅଉ କେତେ ପୁରୁଷୋତ୍ତମ ନିବାସିମାନେ କିଛି ଟଙ୍କା ଦେଇଅଛନ୍ତି ସେମାନଙ୍କ ନାମ ଜଣାପଡ଼ ନାହିଁ ।

ଘର ଯୋଡ଼ଗଲ୍ଲ ଉତ୍ତାର ଅଉ କୁଠାରଘର ନିର୍ମାଣ କରିବାର ଉଚିତ ନୁହଇ ଏଥର ଯେମନ୍ତ କୋଠା ନିର୍ମାଣ ହୁଅଇ ତହିଁର ଉପାୟ କରିବା କର୍ତ୍ତବ୍ୟ ମାତ୍ର ଯେତେ ଟଙ୍କା ମୋଟ ପ୍ରାପ୍ତ ହେବାର ଜଣାଯାଇଅଛି ଓ ତାହା ପ୍ରାୟ ଟ ୨୫୦୦ ଙ୍କା ହେବ ତହିଁରେ କୋଠା ହୋଇ ନ ପାରେ ପ୍ରାୟ ଆହୁରି ତେତେକ ଟଙ୍କା ପ୍ରୟୋଜନ ହୋଇପାରେ ଏଟଙ୍କା ଯେବେ ପୁରୁଷୋତ୍ତମ ଜିଲ୍ଲାର ଜମିଦାର ଧନୀ ଓ ମହନ୍ତମାନେ ଦେଇପାରନ୍ତି ତେବେ ବଡ଼ ଭଲ ହେବ କାରଣ ସେଠା ଲୋକମାନେ ଆପଣା ପ୍ରୟୋଜନ ନିମିତ୍ତ ଆପେ ଟଙ୍କା ଦେଲେ ବୋଲି ଆପଣା ଗୌରବ ରଖିପାରିବେ । ଯେବେ କି ଆବଶ୍ୟକୀୟ ଟଙ୍କା ସେଠାରେ ଉଠି ନ ପାରେ ତେବେ ସ୍ଥାନୀୟ କମିଟୀକୁ ଉଚିତ କି ଓଡ଼ିଶାର ଅନ୍ୟାନ୍ୟ ଜିଲ୍ଲାର ରାଜା ଜମିଦାର ମହାଜନ ପ୍ରଭୃତିଙ୍କ ନିକଟରେ ପ୍ରାର୍ଥୀ ହେଉନ୍ତୁ ଅମ୍ଭମାନଙ୍କର ବିଶ୍ୱାସ ହେଉଅଛି ଯେ ଏ ହିତକର କାର୍ଯ୍ୟରେ କିଛି ସାହାଯ୍ୟ କରିବାକୁ କୌଣସି ସଙ୍ଗତିପନ୍ନ ବ୍ୟକ୍ତି କୁଣ୍ଠିତ ହେବେ ନାହିଁ । ଏବଂ ସର୍ବସାଧାରଣଙ୍କଠାରେ ଅମ୍ଭମାନଙ୍କର ମଧ୍ୟ ଏହି ପ୍ରାର୍ଥନା ଯେ ସମସ୍ତେ ମନୋଯୋଗୀ ହୋଇ ଗୋଟିଏ ଉତ୍ତମଗୃହ ନିର୍ମାଣ କରାଇ ଦେଉନ୍ତୁ ।

---

## ପୁରୀନଗରର ସ୍ୱାସ୍ଥ୍ୟରକ୍ଷା ।

ପୁରୀକି ବହୁତ ଯାତ୍ରୀ ସର୍ବଦା ଅଣିବାର ହେତୁ, ରୋଗ ଓ କ୍ଳେଶ ହୁଅନ୍ତି ସେ ସମସ୍ତ ନିବାରଣର ସଦୁପାୟ ଗବର୍ଣ୍ଣମେଣ୍ଟ ବହୁକାଳରୁ ଚିନ୍ତା କରି ବର୍ତ୍ତମାନ ଏ ଅଇନ ପ୍ରଚଳିତ କରିଅଛନ୍ତି । ଏ ଅଇନ ବଙ୍ଗଳା ବ୍ୟବସ୍ଥାପକ ସଭାରୁ ପ୍ରଚାର ହୋଇଅଛି ଓ ଏହା ସନ ୧୮୭୧ ମସିହାର ୪ ଅଇନ ବୋଲି ଖ୍ୟାତ ହୋଇଅଛି । ଅଇନର ଉଦ୍ଦେଶ୍ୟ ପାଠକଙ୍କୁ ବୋଧ କରୁଁ ଅବିଦିତ ନାହିଁ ଓ ସଂକ୍ଷେପରେ ଏହି ବୋଲି ଯାଇପାରେ ଯେ ଯାତ୍ରୀ କି ପ୍ରବାସୀ ରହିବା ଘରର ମାଲିକଠାରୁ କିଛି ଅର୍ଥ ଗ୍ରହଣ କରି ତଦ୍ୱାରା ନଗରର ସ୍ୱାସ୍ଥ୍ୟରକ୍ଷାର ବିଧାନ କରିବା । ଅର୍ଥ ଗ୍ରହଣର ଏହି ନିୟମ ହୋଇଅଛି ଯେ ଯେଉଁ ବସାଘରେ ଯେତେ ଲୋକ ରହିବାର ସ୍ଥାନ ଥାଏ ଜଣପ୍ରତି ଆଠଅଣା ଲେଖାଏଁ ଫିସ ହିସାବ କରି ଯାହା ହେବ ଘରର ମାଲିକ ତାହା ସରକାରରେ ଦାଖଲ କରି ଗଣ୍ଡିଏ ପଟ୍ଟା ଆଣିବ ଓ ସେହି ପଟ୍ଟା ଏକବର୍ଷ ପର୍ଯ୍ୟନ୍ତ ପ୍ରବଳ ରହିବ । ଯେ ପଟ୍ଟା ନ ନେବ ସେ ଅପଣା ଘରେ ପ୍ରବାସୀ ରଖି ପାରିବ ନାହିଁ ।

ପୁରୁଷୋତ୍ତମର ସ୍ୱାସ୍ଥ୍ୟରକ୍ଷାର ବିଧାନ କରିବା ଅତ୍ୟନ୍ତ ଆବଶ୍ୟକୀୟ କାର୍ଯ୍ୟ ସନ୍ଦେହ ନାହିଁ ଓ ତହିଁର ବ୍ୟୟ ହେତୁ କଥିତ ଅଇନରେ ଯେ ନିୟମମାନ ହୋଇଅଛି ଅମ୍ଭେମାନେ ତହିଁରେ କିଛି ଅପତ୍ତି ଦେଖୁ ନାହୁଁ ଓ ଫିସର ପରିମାଣ ମଧ୍ୟ ଅଧିକ ହୋଇ ନାହିଁ । ଯେଉଁ ଘରେ ଏକାବେଳକେ ୮ଜଣ ରହିବାର ସ୍ଥାନ ଅଛି ସେ ଘରପାଇଁ ବର୍ଷକୁ ୪ଟଙ୍କାମାତ୍ର ଦେବାକୁ ହେବ ମାତ୍ର ସେହି ଘରେ ବର୍ଷମଧ୍ୟରେ ଥରକୁଥର ହୋଇ ଯେବେ ମୋଟରେ ୮୦ଜଣ ରହିଲେ ତେବେ ଜଣପିଛା ଏକଅଣାରୁ ଊଣା ପଡ଼ିଲା ଅତଏବ ଦେଖାଯାଏ ଯେ ଗୃହର ମାଲିକ ଉଚିତମତ ଘରଭଡ଼ା ସଙ୍ଗେ ଏ ଫିସକୁ ଯାତ୍ରିଙ୍କଠାରୁ ଉସୁଲକଲେ ଯାତ୍ରିଙ୍କର ବଡ଼ କ୍ଳେଶ କି ମାଲିକର କ୍ଷତି ହେବ ନାହିଁ ବରଂ ଅମ୍ଭମାନଙ୍କର ଆଶଙ୍କା ହେଉଅଛି ଯେ ବସାଘର ମାଲିକଙ୍କର ବିଶେଷ ହେବାର ସମ୍ଭାବନା କାରଣ ନିଶ୍ଚିତ ମାଲିକମାନେ ପ୍ରତ୍ୟେକ ଯାତ୍ରିଙ୍କୁ କହିବେ ଯେ ତୁମ୍ଭପାଇଁ ସରକାରକୁ ଆଠଅଣା ଫିସ ଦେଣ ପଡ଼ୁଅଛି ତୁମ୍ଭମାନଙ୍କୁ ଏ ଟଙ୍କା ଦେବାକୁ ହେବ ଏହା କହି ଅଧିକା ନେଇଁ ବିଲକ୍ଷଣ ଲାଭ କରିବେ । ଅତଏବ ଯେଉଁଠାରେ ଘରର ମାଲିକଙ୍କର ଲାଭଭିନ୍ନ କ୍ଷତିର କୌଣସି ସମ୍ଭାବନା ନାହିଁ ସେଠାରେ ଏମାନେ କାହିଁକି ପଟ୍ଟା ନେବା ବିଷୟରେ ମେଳି କରିଅଛନ୍ତି ଅମ୍ଭେମାନେ କିଛି ବୁଝିପାରୁ ନାହୁଁ । ଅମ୍ଭେମାନେ ଶୁଣୁଅଛୁଁ ଯେ ଅଦ୍ୟାପି କେହି ପଟ୍ଟାପାଇଁ ପ୍ରାର୍ଥନା କରି ନାହାନ୍ତି । ପଟ୍ଟା ନ ନେଲେ ଯେ ଯାତ୍ରୀ ଘରେ ରଖିପାରିବେ ଏହା କଦାପି ସମ୍ଭବ ନୁହଇ ଓ ଅଇନ ଲଙ୍ଘନକଲେ ଅବଶ୍ୟ ତହିଁର ଦଣ୍ଡ ଭୋଗକରିବେ । ଅତଏବ ନିଶ୍ଚୟ ଜଣାଯାଏ ଯେ ସେମାନେ ଅଭିମାନ କରି ମେଳିକରି ରହିଲେ କେବଳ ଅପଣା ସେରିକ ହାନି କରିବେ ନଚେତ୍ ଅଉ କିଛି ଫଳ ହେବ ନାହିଁ ।

ଟାକ୍ସ ଦେବାରୁ ସ୍ୱଭାବତଃ ଲୋକେ ଅସମ୍ମତ ହୁଅନ୍ତି ଓ ପୁରୀନିବାସିମାନେ ଏତେକାଳ କୌଣସି ସ୍ଥାନୀୟ ଟାକ୍ସ ଦେଇ ନ ଥିବାରୁ ସମ୍ପ୍ରତି ତାହା ଦେବାକୁ କୁଣ୍ଠିତ ହେଉଅଛନ୍ତି । ମାତ୍ର ଏପ୍ରକାର ଆଚରଣଦ୍ୱାରା ଯେ ସେମାନେ ଅଇନରୁ ମୁକ୍ତି ପାଇବେ କଦାଚ ହୋଇ ନ ପାରେ ଯେବେ ଅଇନଦ୍ୱାରା କୌଣସି କ୍ଳେଶ କି ଅନ୍ୟାୟର ହେବାର ବୋଧ ହେଉଅଛି ତେବେ ତାହା ଗବର୍ଣ୍ଣମେଣ୍ଟଙ୍କୁ ଆବେଦନପତ୍ରଦ୍ୱାରା ଜଣାନ୍ତୁ ଚୁପ୍‌ହୋଇ ବସିଲେ ତାହାଙ୍କ ବାଞ୍ଛା ପୂର୍ତ୍ତି ହେବ ନାହିଁ । ଅମ୍ଭେମାନେ ଅବଗତ ହୋଇଅଛୁଁ ଯେ ଏବର୍ଷ ବହୁତ ଯାତ୍ରୀ ପୁରୁଷୋତ୍ତମକୁ ଆସୁଅଛନ୍ତି ଯେବେ ପଣ୍ଡାମାନଙ୍କର ଏପରି ମେଳି ରହଇ ତେବେ ଏମାନଙ୍କୁ ବସାଘର ମିଳିବାର କଷ୍ଟ ହେବ ସନ୍ଦେହ ନାହିଁ । କେତେ ଲୋକ ଅବଶ୍ୟ ପଟ୍ଟା ନେବେ ଅନୁମାନ ହେଉଅଛି ଓ ଯେଉଁମାନେ ସେରୂପ କରିବେ ସମ୍ପ୍ରତି ସେମାନଙ୍କର ବହୁତ ଲାଭ ହେବ ସନ୍ଦେହ ନାହିଁ ମାତ୍ର ସବୁଯାତ୍ରିଙ୍କର ସ୍ଥାନ କିରୂପେ ହେବ ? ସ୍ଥାନୀୟ ଗବର୍ଣ୍ଣମେଣ୍ଟ କର୍ମଚାରିଙ୍କୁ ଏହି କଥା ବିଚାର କରିବାର ନିତାନ୍ତ ପ୍ରୟୋଜନୀୟ କାରଣ ରଥଯାତ୍ରା ଅତି ନିକଟ ରହିଲା ଓ ଆଗାମି ମାସ ମଧ୍ୟରେ ପ୍ରାୟ ବହୁତ ଯାତ୍ରୀ ପୁରୀରେ ପ୍ରବେଶ ହେବେ । ଗବର୍ଣ୍ଣମେଣ୍ଟ ଏତେ ଶୀଘ୍ର ସେମାନଙ୍କପାଇଁ ଘର ପ୍ରସ୍ତୁତ କରିପାରନ୍ତି କି ନାହିଁ ସନ୍ଦେହ ବୋଧ ହେଉଅଛି ସମସ୍ତ ଅନ୍ୟ ରହିଲା କିଛି ସ୍ଥିର ହୋଇ ନାହିଁ । ଯେବେ ଯାତ୍ରିଙ୍କ ବସାଘର ନିର୍ମାଣ ହୋଇପାରେ ତେବେ ଭଲ ନୋହିଲେ ଅଇନକୁ ଏବର୍ଷପାଇଁ ସ୍ଥଗିତ ରଖିବା ବିନା ଅଉ କିଛି ଉପାୟ ଦେଖୁ ନାହିଁ । ସ୍ଥାନୀୟ କର୍ତ୍ତୃପକ୍ଷମାନେ କି ବିଧାନ କରୁଅଛନ୍ତି ଜାଣିବାକୁ ଅମ୍ଭମାନଙ୍କର ଏକାନ୍ତ ବାଞ୍ଛା ହୋଇଅଛି ।

---

Digitized by srujanika@gmail.com

### ସମାଲୋଚନା ।

### ଜ୍ଞାନଦୀପିକା ପ୍ରଥମଭାଗ ।

ଶ୍ରୀଯୁକ୍ତ ଟେ, ଡବଳଉ, ଲେସିସାହେବଙ୍କ ଦ୍ୱାରା ଇଂରାଜୀଭାଷାରୁ ଉତ୍କଳଭାଷାରେ ଅନୁବାଦିତ ହୋଇଅଛି ।

ଶ୍ରୀଯୁକ୍ତ ଲେସିସାହେବ ଗବର୍ଣ୍ଣମେଣ୍ଟ ଉତ୍କଳ ଅନୁବାଦକ କର୍ମ କରନ୍ତି ଏବଂ ପୁସ୍ତକ ରଚନାରେ ଏହି ତାଙ୍କର ପ୍ରଥମ ଚେଷ୍ଟା । ପୁସ୍ତକ ଖଣ୍ଡିକ ପ୍ରଶ୍ନ ଉତ୍ତର ଶୃଙ୍ଖଳାରେ ରଚନା ହୋଇଅଛି ଓ ପଦାର୍ଥବିଦ୍ୟା ଏହାର ବିଷୟ ଅଟଇ ଉକ୍ତ ବିଦ୍ୟା ବିଷୟକ ସହଜ୲ କଥାମାନ ବିଦ୍ୟାଳୟର ବାଳକଙ୍କୁ ଶିକ୍ଷା ଦେବାର ଉତ୍ତମ ଉପାୟ ଏହାଦ୍ୱାରା ହେବାର ଜଣାଯାଏ ବିଜ୍ଞାନଶାସ୍ତ୍ର ଅଧ୍ୟୟନ କେତେ ହିତକର ତାହା ଯଥାରୂପ ବର୍ଣ୍ଣନା କରାଯାଇ ନ ପାରେ । ବିଦ୍ୟାଳୟରେ ଏହିଶାସ୍ତ୍ର ପଢାଇବା ଅତ୍ୟନ୍ତ ଆବଶ୍ୟକ ତାହା ନ ହେଲେ ବିଦ୍ୟାର ଫଳ କିଛିମାତ୍ର ପ୍ରାପ୍ତ ହୁଅଇ ନାହିଁ ଲେଖା ପଢା ଜାଣି ସୁଦ୍ଧା ଲୋକେ ମୂର୍ଖ ବୋଲାଯାଇ ପାରନ୍ତି ମାତ୍ର ଯେ ବ୍ୟକ୍ତି ପଦାର୍ଥଜ୍ଞାନରେ ଯେତେ ପାରଦର୍ଶିତା ଲାଭ କରଇ ତାହାକୁ ସେପରିମାଣରେ ଜ୍ଞାନୀ ବୋଲାଯାଏ । ଉଚିତମତ ପଦାର୍ଥବିଦ୍ୟା ଶିକ୍ଷା କରିବା ପୂର୍ବେ ବାଳକମାନେ ଏପୁସ୍ତକ ଖଣ୍ଡିକ ପାଠ କରିଥିଲେ ଅନେକ ସହଜ ବିଷୟରେ ତାଙ୍କର ଜ୍ଞାନ ହୋଇଥିବ ଓ ସେ ପୁସ୍ତକମାନ ଅଳ୍ପପରିଶ୍ରମରେ ବୁଝିପାରିବେ । ବିଶେଷରେ ପିଲାଦିନେ ଲୋକଙ୍କର ଜିଜ୍ଞାସୁତା ଅଧିକ ପରିମାଣରେ ଲକ୍ଷିତ ହୁଅଇ ସେହିକାଳରେ ଯେବେ ପ୍ରଶ୍ନ ଉତ୍ତର ଛଳରେ ରଚିତ ହୋଇଥିବା ଏହି ସାମାନ୍ୟ ପୁସ୍ତକଖଣ୍ଡିକ ସେମାନଙ୍କୁ ପଢାଇ ଦିଆଯିବ ତେବେ ସେମାନଙ୍କର କୌତୁକ ଅଧିକତର ବୃଦ୍ଧି ହେବ ଓ ଅଧିକ୲ କଥାମାନ ଜାଣିବାକୁ ମନ ବ୍ୟଗ୍ର ହେବ ସନ୍ଦେହ ନାହିଁ । (ଅତଏବ ଅମ୍ଭେମାନେ ଏପୁସ୍ତକଖଣ୍ଡିକ ଆନନ୍ଦର ସହିତ ଅନୁମୋଦନ କରୁଅଛୁଁ ଓ ଏହା ପ୍ରକାଶ କରି ଗ୍ରନ୍ଥକର୍ତ୍ତା ଓଡିଆପୁସ୍ତକର ଗୋଟିଏ ପ୍ରଧାନ ଅଭାବମୋଚନ ପକ୍ଷରେ ଅଗ୍ରସର ହୋଇଅଛନ୍ତି । ଅମ୍ଭେମାନେ ଭରସା କରୁଁ ଯେ ଗ୍ରନ୍ଥକର୍ତ୍ତା ଏହାର ଅନ୍ୟ ଭାଗମାନ ଶୀଘ୍ର ପ୍ରକାଶ କରନ୍ତୁ ଓ ବିଦ୍ୟାଳୟର କର୍ତ୍ତୃପକ୍ଷମାନେ ଏପୁସ୍ତକକୁ ଅବିଳମ୍ବରେ ବିଦ୍ୟାଳୟମାନଙ୍କରେ ପଢାଇବାର ଉଦ୍ୟମ କରନ୍ତୁ ।

ଏପୁସ୍ତକ ଖଣ୍ଡିକରେ ଅମ୍ଭେମାନେ ଗୋଟିଏ କଥାର ଅଭାବ ଦେଖୁଅଛୁଁ ତାହା ଏହି ଯେ ଏହାର ଶୃଙ୍ଖଳା ଉତ୍ତମ ହୋଇ ନାହିଁ । ଏକ୲ ବିଷୟର ପ୍ରଶ୍ନ ଉତ୍ତର ପୃଥକ୍୲ ଅଧ୍ୟାୟରେ ଲେଖା ନ ହୋଇ ଏକ ଏକ ଅଧ୍ୟାୟ ମଧ୍ୟରେ ଦୁଇ ତିନି ବିଷୟର ବିଚାର ଲେଖା ଯାଇଅଛି । ଗ୍ରନ୍ଥକର୍ତ୍ତା ଏଦୋଷଟି ପରିହାର କଲେ ଭଲ ହେବ ଏବଂ କେତେ ସ୍ଥଳରେ ନ୍ୟୂନାଧିକ ଭାଷା ପରିବର୍ତ୍ତନର ମଧ୍ୟ ଆବଶ୍ୟକ ।

## ସାପ୍ତାହିକ ସଂବାଦ

ଗତ ମଙ୍ଗଳବାର ବେଳ ଦୁଇପ୍ରହର ଛଅଟା ସମୟରେ ଏ ନଗରରେ ଘୋର ବତାସ ଓ ତାହା ପଛେ ୨ ବୃଷ୍ଟି ହୋଇଥିଲା । ଏବତାସ ପଶ୍ଚିମଦିଗରୁ ଆସିଲା ଓ କ୍ଷଣମାତ୍ରକେ ନଗରର ବହୁତ ଘର ଗଛ ପ୍ରଭୃତି ଭାଙ୍ଗିପକାଇଲା । ଗୋଟାଏ ବୃହତ୍ ଅଶ୍ୱତ୍ଥଗଛ ମୂଳରୁ ଉପାଡି ପକାଇଅଛି । ଆଉ ଯେତେ ଘରର ଛଣ ଉଡିଯାଇଅଛି ତାହାର ସଂଖ୍ୟା ହୁଏ ନାହିଁ । ମୋଫସଲରେ ମଧ୍ୟ ଏଦିନ ଚମ୍ପା ଏହାପୂର୍ବ ଦୁଇଏକଦିନରେ କେତେ ସ୍ଥାନରେ ଏହିପରି ବତାସ ହେବାର ଶୁଣାଯାଏ ।

ଶ୍ରୀଯୁକ୍ତ ଜଜ ଅଲେକ୍ଜଣ୍ଡରସାହେବ ଛଅ ସପ୍ତାହର ଛୁଟି ପାଇ ପୁରୀ ବାସ କରିବା କାରଣ ଯାଇଅଛନ୍ତି ।

ଏସପ୍ତାହରେ ଯେରୂପ ଗ୍ରୀଷ୍ମ ପଡିଲା ତାହା ଅତ୍ୟନ୍ତ ଅସହ୍ୟ ହୋଇଅଛି । ଗ୍ରୀଷ୍ମକାଳ ଆରମ୍ଭ ହେବା ସମୟରୁ ଅଲଦ୍ଦିମିତ ବୃଷ୍ଟିହେବାରୁ ବର୍ଷାକାଳପରି ଲୋକେ ଅନୁଭବ କରୁଅଛନ୍ତି ଏଥକୁ ଏମନ୍ତ ଗ୍ରୀଷ୍ମ ପଡୁଅଛି ଯେ ଅଣସର ଗଲୁଗଲିଠାରୁ ବଳିଗଲାଣି । ଏବର୍ଷ ଗ୍ରୀଷ୍ମହେତୁ ବହୁସ୍ଥଳେ ରୋଗ ହେଉଅଛି ।

ଗତ କେତେଦିନ ମଧ୍ୟରେ ଯେମନ୍ତ ବୃଷ୍ଟି ହୋଇଅଛି ଏମନ୍ତ ଏକାଳରେ ପ୍ରାୟ ଦେଖା ଯାଏ ନାହିଁ ଓ ପୂର୍ବେ କେବେ ହୋଇ ନ ଥିବାର ଜଣାଯାଏ । କଲିକତାରେ ଏହିମାସ ଦ୍ୱିତୀୟ ସପ୍ତାହରେ ୬ ଇଞ୍ଚରୁ ଅଧିକ ବୃଷ୍ଟି ହୋଇଥିଲା କିନ୍ତୁ ଗତ ୧୨ ବର୍ଷର ହାରାହାରି ହିସାବରେ କେବଳ ୧ ଇଞ୍ଚରୁ ଅଳ୍ପ ଅଧିକ ହୋଇଥିଲା ଏଥିରୁ ପ୍ରକାଶ ଯେ ଅନ୍ୟାନ୍ୟ ବର୍ଷର ଦୋହୋଇ ବୃଷ୍ଟି ଏସାଲ ହେଲାଣି । ଜାଣିବାଲୋକେ ବୋଲନ୍ତି ଯେ ସନ ୧୮୪୧।୪୨ ଓ ୪୩ ମସିହାରେ ଏପ୍ରକାର ବୃଷ୍ଟିଯୋଗ ହୋଇଥିଲା ।

ଶୁଣାଯାଉଅଛି ଏଥର ଜଗନ୍ନାଥକ୍ଷେତ୍ରକୁ ଅନେକଯାତ୍ରୀ ଗମନ କରୁଅଛନ୍ତି କଲିକତାରୁ ଦୁଇହଜାର ଯାତ୍ରୀ ଗତଗଲାବାର ଦିନ ଷ୍ଟୀମାର ଯୋଗରେ ଉଲୁବେଡିଆଠାରେ ପାର ହୋଇଅଛନ୍ତି ।

ବାଲେଶ୍ୱର ସମ୍ବାଦବାହିକାରେ ପାଠକଲୁଁ ଯେ ପ୍ରାୟ ୬୦ ଜଣ ଏକଦଳ ଭ୍ରମଣକାରୀ ମୋଗଲ ବାଲେଶ୍ୱର କାଟେ ଯାଉଁ୲ ସେଦିନ ସୋରଠାରେ ଜମିଦାର ବାବୁ ଶ୍ୟାମାନନ୍ଦ ଦେବଙ୍କର ପ୍ରାୟ ୨୦୦ ଟଙ୍କା ଲୁଣ୍ଠି ନେଇଅଛନ୍ତି । ଅବଶ୍ୟ ସୁଯୋଗ୍ୟ ମାଜିଷ୍ଟ୍ରେଟସାହେବ ସେମାନଙ୍କୁ ଧରି ବାବୁଙ୍କ ଟଙ୍କା ଦିଅଇ ଦେଲେ ଓ ସେମାନଙ୍କୁ ୫ ୫୦୦ ଟଙ୍କା ଜରିମାନା କଲେ । ସେମାନଙ୍କର ଏପରି ବ୍ୟବହାର ଦେଖିଲେ ବୋଧ ହୁଏ ସେମାନେ ଦସ୍ୟୁଦଳ ଅଟନ୍ତି । ଲୁଣ୍ଠନ କରିବା ଯେ ସେମାନଙ୍କର ବ୍ୟବସାୟ ତାହାର ସନ୍ଦେହ ନାହିଁ । ଶୁଣାଯାଏ ସେମାନେ କଟକ ଜଜସାହେବଙ୍କ ଠାରେ ଅପିଲ କରୁଅଛନ୍ତି ।

ବାଲେଶ୍ୱରରେ ଏ ବର୍ଷ ଗୁଡର ଅଧିକ ସୁବିଧା ଦେଖାଯାଉ ନାହିଁ । ପ୍ରାୟ ପ୍ରତିଦିନ ବୃଷ୍ଟି ହେଉଅଛି । ଅତିବୃଷ୍ଟିହେତୁରୁ କୃଷକମାନେ ଧାନ ବୁଣିବାର ଅବକାଶ ଓ ସୁବିଧା ପାଉ ନାହାନ୍ତି ।

ଆଜିକାଲି ବାଲେଶ୍ୱରରେ ପାଚିଲାଆମ୍ବ ଯଥେଷ୍ଟ ମିଳୁଅଛି । ଏମନ୍ତ କି ପାଞ୍ଚସାତ ବରଷ ମଧ୍ୟରେ ଏପ୍ରକାର ଆମ୍ବ ଦେଖା ଯାଇ ନ ଥିଲା ।

ସନ ୧୮୬୭।୬୮ ମସିହାରେ କେନ୍ଦୁଝରପ୍ରଜାମାନେ ଗୃହବିଚ୍ଛେଦରେ ଯେଉଁ ଗୋଳମାଳ କରିଥିଲେ ତାହା ନିବାରଣରେ ଭଲଲିଖିତ ଜମିଦାରମାନେ ଗବର୍ଣ୍ଣମେଣ୍ଟଙ୍କୁ ସାହାଯ୍ୟ କରିଥିବାରୁ ମହାମାନ୍ୟ ଶ୍ରୀଯୁକ୍ତ ଗବର୍ଣ୍ଣର ଜେନରଲ ସାହେବ ସନ୍ତୋଷ ପୂର୍ବକ ସେମାନଙ୍କୁ ଆପଣା୲ ନାମ ପାର୍ଶ୍ୱଲିଖିତ ଉପାଧିମାନ ପ୍ରଦାନ କରିଅଛନ୍ତି ଯଥା ।

ମୁକ୍ତପାଲ ଜମିଦାର ପାଲନକର୍ତ୍ତା ଶ୍ରୀରାଜାବାହାଦୁର ପରଗନାଏତ ଜଗଦେବ ସିଂହ

ପେଟୋରିଆ ଶ୍ରୀଏବାହାଦୁର ଟିକାଏତ ଜିଷ୍ଣୁମହାଦେବ ବୋନଇ ବାହାଦୁର

ମୟୂରଭଞ୍ଜ ଗଡ଼ଜାତ ଇଲାକା କରିଁସାଇ ନାମକ ସ୍ଥାନରେ ଶ୍ୟାମଦାସ ନାମକ ଜଣେ

Split by PDF Splitter

୪୬



ଲୋକଙ୍କୁ କୌଣସି ଜଣେ ଲୋକ ବଧ କରିବାର ତାହାର ନାଲିସ ଉକ୍ତ କଲର ଗ୍ରାଙ୍କଠାରେ ହୋଇଅଛି ଗ୍ରଜା ମୌଶ୍ରଫ ତହିଁର ତଦାରଖ ନିମିତ୍ତ ପୋଲିସ ସାହାଯ୍ୟ ଚାହିଁବାରୁ ଅସଭ୍ୟ ମୁଯୋଗ୍ୟ ସବଡ଼ିନ୍‌ସ୍ପେକ୍ଟର ବାବୁବେଣୀମାଧବ ମୁଖୋପାଧ୍ୟାୟ ଉକ୍ତ ବଠସ୍ଥଳକୁ ତଦାରଖ ନିମିତ୍ତ ଯାଇଅଛନ୍ତି ତଦାରଖରେ ଯାହା ହେବ ପରେ ଲେଖିବୁଁ ।

କୋଲକତା ଏଡିବର୍ଟାଇଜର ସଂମ୍ବାଦ ପାଠ ଅଛନ୍ତି ଯେ ଏକ ସପ୍ତାହ ହେଲା ଚାନ୍ଦା ବଳସ୍ନଗର ନାମକ ଗ୍ରାମରେ ଏକ ଭୟଙ୍କର ଘୂର୍ଣ୍ଣାୟମାନ ବତାସ ପ୍ରବେଶ ହୋଇଥିଲା । ଏ ବତାସ ବେଳ ଦୁଇ ପ୍ରହର ଉତ୍ତାରେ ଘ ୪ଘଣ୍ଟା ସମୟରେ ଘଟଣା ହେଲା ଏବଂ ବତାସ ସଙ୍ଗେ ବଡ଼ଭ ବଡ଼୨ ପଥର ବୃଷ୍ଟିହେଲା । ବତାସ ଏତେ ପ୍ରବଳ ହେଲା ଯେ ବସ୍ତୁର ଛପରଘର, ଗଛ ଓ ଫଳଲୁପଲ ଗୋରୁ ଇତ୍ୟାଦ ଗ୍ରାମ୍ୟପଶୁ ଉଡ଼ିଆଳିର ସହିତ ଶୂନ୍ୟରେ ଉଡ଼ି ଏକ ବି ଦୂରମାଇଲ ଅନ୍ତରରେ ପଡ଼ିଲେ । ଜଣେ ଉଡ଼ୁଆଳ ଘଥର ମାଡ଼ରେ ମରଯାଇ ବତାସରେ ଉଡ଼ି ଗ୍ରାମ ଅନ୍ତର ଏକ ପୁଷ୍କରଣୀରେ ପଡ଼ିଥିଲ ।

---

ପ୍ରେରିତପତ୍ର ।

ଶ୍ରୀଯୁତ ଶ୍ରୀ ଉତ୍କଳଦୀପିକାସମ୍ପାଦକ ମହାଶୟ ସମୀପେଷୁ ।

ପରମାନନ୍ଦିତ ହୋଇ ଆମ୍ଭେ ଅପାଂ ଦେଖିଲୁଁ ଯେ ନୂତନ ଦୁର୍ଗାଧିପତି ଶ୍ରୀ ଲଡ଼ୁକେଶ୍ୱର ମାନଧାତା ପୁରୁଷୋତ୍ତମ କ୍ଷେତ୍ରକୁ ଅସି ତନ୍ନତ୍ୟ ଜିଭ ଉଷ୍ଟସ୍କଲ, ସଂସ୍କୃତ ଓ ଉତ୍କଳ ବିଦ୍ୟାଳୟମାନ ପରଦର୍ଶନ କରି ଆପଣାର ବଦାନ୍ୟତାର ପରିଚୟ ଦେଲେ । ମାନଧାତାଙ୍କର ଏପରି କାର୍ଯ୍ୟ କରିବା କାହାର ମନରେ ସୁଦ୍ଧା ସମ୍ଭାବିତ ନ ଥିଲା । କାହିଁକି ଗଡ଼ଜାତ ଗ୍ରଜା ବୋଇଲେ ବର୍ତ୍ତମାନ ନବ୍ୟ ସଂପ୍ରଦାୟରେ ମୂର୍ଖ କଦର ଅମିତବ୍ୟୟୀ ଓ ଅମିତାହାରୀ ଓ ସଦାନ୍ତପୁରଗତ ପୁରୁଷ ବନ୍ଧାରେତେ କିଛି ବୁଝାଏ ନାହିଁ ଦେଶ ହିତସାଧନରେ କେତେଜଣ ଗ୍ରଜା ରତ ଅଛନ୍ତି? ଢେଙ୍କାନାଳ ମହାଗ୍ରଜଙ୍କ ବ୍ୟତୀରେକେ ଅମ୍ଭେ ଅଉ କେଉଁ ବ୍ୟକ୍ତିଙ୍କୁ ଦେଖିଥିଲୁଁ ? କିନ୍ତୁ କଟକ ଜିଲ୍ଲାରେ ଢେଙ୍କାନାଳ ମହାଗ୍ରଜ ଯେପରି ପୁରୁଷୋତ୍ତମ ଜିଲ୍ଲାରେ ଲଡ଼ୁକେଶ୍ୱର ମାନଧାତା ତଦ୍ରୂପ ଏହା ଅସ୍ମ ବୋଧ ହେଉଅଛି । ଯଦ୍ୟପି କି ମାନଧାତାଙ୍କର ଦେବଭକ୍ତି ସାଧନ ପକ୍ଷରେ ବଦାନ୍ୟତା ପୂର୍ବରେ ଦୃଷ୍ଟ ହୋଇ ନ ଥିଲା, ତଥାପି ସେ ବର୍ତ୍ତମାନ ଯେପରି କାର୍ଯ୍ୟ କରିଅଛନ୍ତି ଓ ତାହାଙ୍କର ବୟସ ଯେତେ ଜଣା ତାହା ପ୍ରତି ଦୃଷ୍ଟି କଲେ ସେ ଅତି ସତ୍କର୍ମ କରିଥିବାର ପ୍ରକାଶ ପାଉଅଛି । ଇଙ୍ଗରାଜୀ ବିଦ୍ୟାମନ୍ଦିର ଉନ୍ନତି ହୋଇଥିବାର ଶୁଣି ଗ୍ରଜାମହାଶୟ ପଞ୍ଚଶତମୁଦ୍ରା ଦେବାକୁ ଚିଠିପୁସ୍ତକରେ ଲେଖି ଦେଇଅଛନ୍ତି ଏବଂ ଅପରାପର କାର୍ଯ୍ୟନିମିତ୍ତ ଉକ୍ତଶତମୁଦ୍ରା ପ୍ରଦାନ କରିବାକୁ ସମ୍ମତି ପ୍ରକାଶ କରି ତଦ୍ରୂପ ଲେଖି ଦେଇଅଛନ୍ତି । ଯଥା—

ସ୍କୁଲ୍‌ର ଉନ୍ନତି ସମ୍ବନ୍ଧି ପୁସ୍ତକାଳୟ

ସାହାଯ୍ୟକୁ ଟ ୧୦୦

ଉତ୍କଳବିଦ୍ୟାଳୟ ସମ୍ବନ୍ଧ ପୁସ୍ତକାଳୟ

ନିମିତ୍ତ ଟ ୫୦

କୌଣସି ବ୍ରାହ୍ମଣଶାସନରେ ଗୋଟିଏ ବିଦ୍ୟାଳୟ ସ୍ଥାପିତ ହେବ ତହିଁର

ବର୍ଷକର ବ୍ୟୟ ନିମିତ୍ତ ଟ ୧୫୦

ଗ୍ରଜାମାନେ ପୁରୁଷୋତ୍ତମକୁ ଅସିଲେ ପ୍ରାୟ ଦେଓଗ୍ରଜାଙ୍କ ଭେଟିରେ ଓ ତାହାଙ୍କଠାରୁ ମର୍ଯ୍ୟାଦା ପାଇବାରେ ୩।୪ ସହସ୍ର ଟଙ୍କା ବ୍ୟୟ କରନ୍ତି, ମାତ୍ର କ୍ଷେତ୍ରକୁ ଅସି ଏପରି ପୁଣ୍ୟକର୍ମ ଅଉ କିଏ କେବେ ଓଡ଼ିଶାରେ କରିଥିଲେ ? ଅତଏବ ଅମ୍ଭେ ଈଶ୍ୱରଙ୍କଠାରେ ପ୍ରାର୍ଥନା କରୁଅଛୁଁ ଯେ ମାନଧାତା ଦୀର୍ଘଜୀବୀ ହୋଇ ଓ ସତ୍ପୁରୁଷଦବୃନ୍ଦରେ ପରିବେଷ୍ଟିତ ହୋଇ ସର୍ବଦା ଲୋକମାନଙ୍କର ଉପକାର କରି ଯଶଃକୁ ପ୍ରକାଶ କରନ୍ତୁ, ଓ ଅପରାପର ଗ୍ରଜାମାନଙ୍କର ଅନୁକରଣର ପାତ୍ର ହୋଇ ରହନ୍ତୁ ।

ଅଉ ଗୋଟିଏ ଅତି କୌତୁକ କଥା ଗ୍ରଜାଙ୍କ ମୁଖରୁ ଶ୍ରୁତ ହୋଇଥିଲା, ତାହା ଏହି ଯେ, "ବୁଦ୍ଧି ପ୍ରବୀଣ ନୋହିବା ପର୍ଯ୍ୟନ୍ତ ଲୋକଙ୍କୁ ନାବାଲଗ ବୋଲିବାର ଉଚିତ; ମଧ୍ୟ ଏପ୍ରକାର ନିୟମ ହୋଇଥାଏ, ଗବର୍ଣ୍ଣମେଣ୍ଟ ଏତେ କୃପାଳୁ ହୋଇ ଗଡ଼ଜାତୀୟ ସବୁ ଗ୍ରଜାଙ୍କୁ ଉପାଇଁ ଥର ନେଇ ପଢାଇ ଛାଡ଼ ଦେଉ ନାହାନ୍ତି ଯେହେତୁର ଗଡ଼ଜାତ ଗ୍ରଜାମାନଙ୍କର ନାବାଲଗ ଅବସ୍ଥାଦନ୍ୟ ବୃଦ୍ଧି ହେଉଅଛି; ଗବର୍ଣ୍ଣମେଣ୍ଟ କିପାଇଁ ତାହା ଖଣ୍ଡନ କରୁ ନାହାନ୍ତି ?" ଅନ୍ତର ମାନଧାତା ଏ ବନ୍ଦି ପୁସ୍ତକରେ ଗୋଟିଏ ବିଷୟ ଲେଖି ଅପଣାର ଉଦାରତାର ପରିଚୟ ଦେଇଅଛନ୍ତି । ତାହା ଏହି ଯେ ପୁରୁଷୋତ୍ତମକ୍ଷେତ୍ରର ଗ୍ରଜା ବର୍ତ୍ତମାନ ନାବାଲଗ ହୋଇଥିବାରୁ ତାହାଙ୍କୁ ଇଙ୍ଗରାଜୀ ବିଦ୍ୟାଳୟରେ ସୁଶିକ୍ଷିତ କରିବାର ଏକଥା ବଡ଼ ଉପକାରୀ ଅମ୍ଭେ ଏଥିରେ ସମ୍ପୂର୍ଣ୍ଣ ଅନୁମୋଦନ କରୁଅଛୁଁ ସାଧାରଣଙ୍କ ସଙ୍ଗେ କହିବାକୁ ଯେବେ ଗ୍ରଜାଙ୍କର ପରୁଷଙ୍କର ଅପତ୍ତି ଥାଏ ତେବେ ସେ ପୃଥକ ଗୋଟିଏ ଗୋଷ୍ଠିରେ କରନ୍ତୁ । ବର୍ତ୍ତମାନ ସ୍କୁଲ ବ୍ୟତୀରେକେ ଆଉ କୌଣସିଠାରେ ସୁଶିକ୍ଷା ହୋଇ ନ ପାରେ । ଉପରେ ବର୍ତ୍ତମାନ ପୁରୁଷୋତ୍ତମ ଗ୍ରଜାଙ୍କୁ ଯେଉଁ ପଣ୍ଡିତ ପଢାଉଅଛନ୍ତି ସେ ଭୂମିରେ ବଣ୍ଡାୟମାନ ହୋଇଥାନ୍ତି ଅର୍ଥାତ୍ କେତେବେଳେ ତାଙ୍କ ଗୋଡ଼ ପଡ଼ିଯିବଲେ ତଳେ ମୂର୍ଚ୍ଛାପୀଳ ହୁଅନ୍ତି । ଏପରି ଦୁଷ୍କର୍ମ କେଉଁଠାରେ ବ୍ରହ୍ମାଣ୍ଡରେ ଦେଖିଛ? ଧର୍ମବିତାର ଯୁଧିଷ୍ଠିରଙ୍କଠାରୁ କି ଓଡ଼ଶାଗ୍ରଜା ନାମମାଧ୍ୟଥାଶୀ ଅଧିକ ପଢିଛ ?ଅଉ ବ୍ରାହ୍ମଣ ପଣ୍ଡିତ ତେଣେ ଥାଉନ୍ତୁ ବିଦ୍ୟାଗୁରୁ ପିତାଙ୍କ ଏଯେ ଯାହାଙ୍କଠାରେ ଅସନ ନ ପାନ୍ତି ଥିଲ ଏବଂପ୍ରକାର ଜୀବନ ! ବେଦ କି ଲୁପ୍ତ ହେଲା ? ମନୁ କି ଯୋଉଗଲ ? ଯାଜ୍ଞବଲ୍କ୍ୟ କାହାନ୍ତି ? ନୀତିବେତ୍ତାମାନଙ୍କର ବିଚାର କାହିଁ? ପରଶେଷରେ ମୋତେ ଯାହା ମୂର୍ଖ ନ କଲ ଯେ ଏବଂବିଧ କାର୍ଯ୍ୟ ମୁଁ ଦେଖି ମୋ ଦେଶରେ ମୁଁ ଜୀବିତ ଅଛି । ହା ଦେବ ! ହା ଦେବ ! ହା ଦେବ ! ବୁଦ୍ଧ ବଡ଼ !

ଏ କଣାଣ

୧୫ ଆ୭୧ କୌଣସି ପୀଡ଼ଜନର

---

NOTICE

It is hereby made known that, the partnership business hitherto conducted by the undersigned, Messrs Mullick, Venkatareddy, Naidu & Co. is dissolved from this date.

Soobul Chunder Mullick.

W. Venkatarreddy Naidu.

Cuttack

4th May 1871.

---

ମୂଲ୍ୟପ୍ରାପ୍ତି

ବାବୁ ରଙ୍ଗଲାଲ ବନ୍ଦ୍ୟୋପାଧ୍ୟାୟ ହୁଗଳି

କଲିକତା ଟ ୧୨

---

☞ ଏହି ଉତ୍କଳଦୀପିକା ସହର କଟକ ଦର୍ଗା ବଜାର କଟକ ପ୍ରିଣ୍ଟିଂକୁମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ସଂଖ୍ୟା } ତା ୭ ରଙ୍ଗ ମାହେ ଜୁନ ସନ ୧୮୭୯ ମସିହା । ଜ୍ୟେଷ୍ଠ ଦି ୨୬ ନ ସ ୧୨୮୬ ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ୪ / ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫ / ମଫସଲ ପାଇଁ ଡାକମାସୁଲ ୧

### ଦେଶୀୟଭାଷାଶିକ୍ଷା ।

ଅସ୍ମାକଙ୍କର ଲେଫ୍ଟେନାଣ୍ଟ ଗବର୍ଣ୍ଣରସାହେବ ଦେଶୀୟଭାଷାଶିକ୍ଷା ପ୍ରତି ବିଶେଷ ମନୋଯୋଗୀ ହେବାର ଦେଖାଯାଏ । ଅଳ୍ପକାଳ ହେଲା ଅମ୍ଭେମାନେ ଲେଖିଥିଲୁଁ ଯେ ଶିକ୍ଷାବିଭାଗର ସମସ୍ତ କର୍ମଚାରୀଙ୍କ ପ୍ରତି ଆଜ୍ଞା ହୋଇଅଛି କି ଯେ ଯେଉଁ ଜିଲ୍ଲାରେ କର୍ମ କରନ୍ତି ସେଠାର ମାତୃଭାଷା ଶିକ୍ଷା କରି ତହିଁରେ ପରୀକ୍ଷା ଦେବେ । ସମ୍ପ୍ରତି ଅପର ଏକ ଛାତ୍ରମାନଙ୍କ ପ୍ରତି ସେହିରୂପ ଆଜ୍ଞା ପ୍ରଚାର ହୋଇଅଛି । ଡେପୁଟି ଇନିସପେକ୍ଟରମାନେ ଆପଣା ମାତୃଭାଷା ଉତ୍ତମରୂପେ ଲେଖି ପଢ଼ି ପାରନ୍ତି କି ନା ବିଶେଷ ଯେଉଁମାନେ ମାତୃଭାଷାରେ ପରୀକ୍ଷା ଦେଇ ନାହାନ୍ତି ତାହାଙ୍କଠାରୁ ତଦନ୍ତ କରି ରିପୋର୍ଟ ଦେବା ପାଇଁ କମିଶନରମାନଙ୍କୁ ଆଜ୍ଞା ହୋଇଅଛି ଏବଂ ବିଦ୍ୟାଳୟସମୂହରେ ପାଠ କରୁଥିବା ଛାତ୍ରମାନେ ସମ୍ପ୍ରତି ସଂସ୍କୃତଭାଷାରେ ପରୀକ୍ଷା ନ ଦେଲେ ଛାତ୍ରବୃତ୍ତି ପାଉ ନାହାନ୍ତି ଶୁଣିକରି ଲେଫ୍ଟେନାଣ୍ଟ ଗବର୍ଣ୍ଣରସାହେବ ଏଥିକୁ ବୋଲନ୍ତି ଯେ ଏପ୍ରକାର ଉଚିତ ହୋଇ ନାହିଁ ଛାତ୍ରମାନେ ଦେଶୀୟ ଭାଷାରେ ଉତ୍ତମରୂପେ ଲେଖା ପଢ଼ି କରି ପାରନ୍ତି କି ନା ଏହା ଆମ୍ଭ ଜଣାଇବାର ଉପାୟ ନାହିଁ ଓ ଦେଶୀୟଭାଷା ଜାଣିବା ସର୍ବାପେକ୍ଷା ଶେଷ କର୍ତ୍ତବ୍ୟ ଏଥିପାଇଁ ଶ୍ରୀମନ୍ତ ମହାମାନ୍ୟ ଶିକ୍ଷାବିଭାଗର ଡାଇରେକ୍ଟରସାହେବଙ୍କୁ ଲେଖିଅଛନ୍ତି କି ଯେଉଁ ଛାତ୍ରମାନେ ଦେଶୀୟଭାଷା ଲେଖି ପଢ଼ି ପାରିବାର ପରୀକ୍ଷା ଦେବେ ତାହାଙ୍କ ଛାତ୍ରବୃତ୍ତି ଦେବାର ନିୟମ କରନ୍ତୁ । ଆପଣା ମାତୃଭାଷା ପ୍ରଥମରେ ଜାଣିବାର ଛାତ୍ରମାନଙ୍କର କର୍ତ୍ତବ୍ୟ ଏଥିରେ କିଛି ସନ୍ଦେହ ନାହିଁ ଓ ଏ ବିଷୟରେ ଲେଫ୍ଟେନାଣ୍ଟ ଗବର୍ଣ୍ଣରଙ୍କ ମତ ଅମ୍ଭେମାନେ ଯୁକ୍ତିସିଦ୍ଧ ଜ୍ଞାନ କରୁଅଛୁଁ ମାତ୍ର ଅମ୍ଭମାନଙ୍କର ଅଭିପ୍ରାୟ ଆଶଙ୍କା ହେଉଅଛି ଯେ ଏପ୍ରକାର ସଂସ୍କୃତ ପାଠପ୍ରତି ବିଶେଷ ପ୍ରତିବନ୍ଧକ ହେବ । ସଂସ୍କୃତ ପଢ଼ିବା ବିନା ଯେବେ ଛାତ୍ରବୃତ୍ତି ପ୍ରାପ୍ତ ହେବ ତେବେ କେ କାହିଁକି ସଂସ୍କୃତ ପଢ଼ିବ ? । ବିଶ୍ୱବିଦ୍ୟାଳୟ ନିୟମାନୁସାରେ ସଂସ୍କୃତ ପାଠ ନିତାନ୍ତ ପ୍ରୟୋଜନୀୟ ବୋଲି ଛାତ୍ରମାନେ ତାହା ପଢ଼ୁଅଛନ୍ତି ଅତଏବ ଅମ୍ଭେମାନେ ବିବେଚନା କରୁଁ କି ଯଦ୍ୟପି ଏପରି ନିୟମ ହୁଅଇ ଯେ ବିଶ୍ୱବିଦ୍ୟାଳୟର ପ୍ରଚଳିତ ନିୟମାନୁସାରେ ଛାତ୍ରମାନେ ପରୀକ୍ଷା ଦେବେ ମାତ୍ର ତାହାଙ୍କୁ ଦେଶୀୟଭାଷା ଜାଣିଥିବାର ସାର୍ଟିଫିକେଟ ଦେଖାଇବାକୁ ହେବ ଏପ୍ରକାର ସାର୍ଟିଫିକେଟ ଯେ ଦେଖାଇ ନ ପାରିବ ସେ ଛାତ୍ରବୃତ୍ତି ପାଇବ ନାହିଁ । ଏମନ୍ତ ହେଲେ ବୋଧ ହୁଅଇ ସଂସ୍କୃତ ଅଧ୍ୟୟନର ବ୍ୟାଘାତ ନ ହୋଇ ଦେଶୀୟଭାଷା ଶିକ୍ଷାପ୍ରତି ଉତ୍ସାହ ବଢ଼ିପାରିବ ।

---

### ପୁଲିସର କାର୍ଯ୍ୟ ।

ଗତ ବୁଧବାର କଟକ ଏକ୍‌ଟିଂ ମାଜିଷ୍ଟ୍ରେଟଙ୍କ କଚେରୀରେ ଗୋଟିଏ ଗୁରୁତର ପୁଲିସ ମକଦ୍ଦମାର ରିପୋର୍ଟ ଉପସ୍ଥିତ ହୋଇଥିଲା । ତହିଁର ବୃତ୍ତାନ୍ତ ଏହି ଯେ ସବ୍ ଇନ୍‌ସ୍‌ପେକ୍ଟର ମଙ୍ଗଳ ସିଂହ ପୁଲିସରେ ସମ୍ବାଦ ଦେଲା ଯେ ଗତ ଘଂଣ୍ଟା ସମୟରେ ସେ ମସଜିଦ ଗଳିବାଟେ ରୌନ୍ଦଗସ୍ତ କରି ଆସୁଥିଲା ସେଠାରେ ଦୁଇଜଣ ମୁସଲମାନ ମଦପାନରେ ଉନ୍ମତ୍ତ ହୋଇ ଗୋଳମାଲ କରୁଥିବାର ଦେଖିଲା ତହୁଁ ସେ ଏକ ଜଣକୁ ଧରି ଥାନାକୁ ପଠାଇ ଦେଲା । ଅନ୍ୟ ଜଣକୁ ସେହିପରି ଧରି ନେବା ସମୟରେ କାଳୀପଦ ବାନ୍ଦର୍ଯ୍ୟା, ହେମ ଘୋଷ ଓ ଗୌରି ପ୍ରଭୃତି କେତେଜଣ ଜମିସୃତବନ୍ତ ହୋଇ କାଳୀବାବୁଙ୍କ ହୁକୁମ ଦେବାନୁସାରେ ଅସାମୀକୁ ଛଡ଼ାଇ ନେଲେ ଓ ତାହା ସଙ୍ଗେ ଥିବା କନଷ୍ଟେବଲଙ୍କୁ ମାରପିଟ କଲେ । ତହିଁ ଥିର ଦିନ ସକାଳେ ଉକ୍ତ ମଙ୍ଗଳସିଂହ ସରଜମିନରେ ପହଞ୍ଚି ଅସାମୀମାନଙ୍କୁ ଡକାଇ ମକଦ୍ଦମା ତଦାରଖ କରୁଥିଲା । ଆପେ ଦୂତ ହୋଇ ଲଜ୍ଜି ପଣ୍ଡାକୁ ଗୁଣିଆ ହୋଇ ଥାନ୍ତିବାର ବ୍ୟାପାର ଅସାମୀମାନେ ଦେଖି ବୋଧ ହୁଅଇ ହେଡଇନଇନସ୍ପେକ୍ଟର ଅଇକଗାନଙ୍କୁ ଜଣାଇବାରେ ସେ ଯଥାକାଳରେ ସରଜମିନକୁ ଆସି ତଦାରକ କଲେ । ଅସାମୀମାନେ ଉତ୍ତର ଦେଲେ ଯେ ମଙ୍ଗଳସିଂହ ସେହି ରାତ୍ର ଘ ୮ ଟା ସମୟରେ

Digitized by srujanika@gmail.com

Split by PDF Splitter



ଉକ୍ତ ସ୍ଥାନର ଶୁଣ୍ଡୀ ଦୋକାନରୁ ମଦ କିଣି ପାନକଲା ଓ ପଶ୍ଚାତ୍ ଦୁଇ ଶରାବୀଙ୍କ ସଙ୍ଗେ ସେହି ଶୁଣ୍ଡୀଘରେ ବସି ଅନେକ ମଦ ପାନକଲା ତଦୁତ୍ତାରୁ ସେହି ଲୋକଙ୍କ ସଙ୍ଗେ ଝଗଡ଼ା ହେବାରୁ ଜଣକୁ ମାରପିଟ କରି ଥାନାକୁ ଧରି ନେଇଗଲା ଓ ଜଣେ ବହୁତ ବେହୋସ ଥିବାରୁ ତାହାକୁ ସେଠାରେ ଏକ ବେଶ୍ୟାଘରେ ଶୁଆଇ ରଖିଲା । ଗୋଳମାଳ ସମୟରେ ଅସାମୀମାନେ ଘରୁ ଉଠିଆସି ତାହାକୁ କହିଲେ ଯେ ଆପେ ତାହାଙ୍କ ସଙ୍ଗେ ମଦପିଇ ପଛେ ତାହାଙ୍କୁ ମାରପିଟ କରି ଦଣ୍ଡ ଦେବାର ଉଚିତ ନୁହଇ ଏହି ହେତୁରୁ ସବ୍ଇନ୍ସପେକ୍ଟର ହିଂସାପୂର୍ବକ ଏ ମକଦ୍ଦମା ଛିଡ଼ା କରିଅଛି ।

ମୁଦ୍ଦେଇ ପକ୍ଷରେ ଚାରି ଜଣ କନଷ୍ଟେବଲ ଓ ଦୁଇତିନିଜଣ ଭିନ୍ନ ସ୍ଥାନର ରହିବା ବ୍ୟକ୍ତି ସାକ୍ଷ୍ୟ ଦେଲେ ମାତ୍ର ପଡ଼ୋଶ ଲୋକମାନେ ସମସ୍ତେ ମୁଦାଲ୍ଲାଙ୍କ କଥା ସପ୍ରମାଣ କଲେ କେବଳ କେହି ମାରପିଟର ଶବ୍ଦ ଶୁଣିଥିବାର ବ୍ୟକ୍ତକଲେ ।

ଇନ୍ସପେକ୍ଟର ମହାଶୟ ଉଭୟପକ୍ଷଙ୍କର ପ୍ରମାଣ ଆଲୋଚନା ଓ ଆପଣା ବୁଦ୍ଧିବୋଧମତେ ଅନୁସନ୍ଧାନ କରି ଏହି ଅଭିପ୍ରାୟରେ ରପୋର୍ଟ କଲେ ଯେ ଅସାମୀମାନେ ଯନ୍ତ୍ରବସ୍ତ ହୋଇ ସରାବୀକୁ ଛଡ଼ାଇ ନେବାର କଥା ଅମୂଳକ ମାତ୍ର ସେମାନେ ଗୌଣ ଦ୍ୱନ୍ଦ ଇତ୍ୟାଦି କନେଷ୍ଟେବଲଙ୍କୁ ମାରପିଟ କରିବାର ବିଶ୍ୱାସ ହୁଅଇ କିନ୍ତୁ ଉପଯୁକ୍ତ ପ୍ରମାଣ ନ ଥିବାରୁ ସାବ୍ୟସ୍ତ କରି ପାରିଲେ ନାହିଁ ଓ ଏ ବୃତ୍ତାନ୍ତମାନ ନ ଚଳିତ ଫାର୍ମରେ ରପୋର୍ଟ କଲେ । ମାଜିଷ୍ଟ୍ରେଟ ସାହେବ ରପୋର୍ଟକୁ ସନ୍ତୋଷ ଜନକ ସ୍ୱୀକାର କରି ଫେରସ୍ତାରେ ରଖିବାର ଆଜ୍ଞା ଦେଲେ ଓ ଶୁଣିଲୁଁ ଯେ ପୁଲିସ ସବ୍ଇନ୍ସପେକ୍ଟରର ଆଚରଣ ପ୍ରତି ବିରକ୍ତି ପ୍ରକାଶକରି ଏ ବିଷୟମାନ ପୁଲିସ ସୁପରିଣ୍ଟେଣ୍ଡେଣ୍ଟଙ୍କ ଗୋଚରାଭରେ ଅଣିବାକୁ ଆଜ୍ଞା ଦେଲେ । ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ସବ୍ ଇନ୍ସପେକ୍ଟରଙ୍କ ଚରିତ୍ର କି ପ୍ରକାରେ ଦୃଷ୍ଟି କରିବେ ସମୟରେ ଦେଖିବାରେ ଆସିବ ମାତ୍ର ଯେସ୍ଥଳେ ଇନ୍ସପେକ୍ଟର ତଦାରଖ କରି ମକଦ୍ଦମା ଅମୂଳକ ଥିବାର ଲେଖିଥିଲେ ସେସ୍ଥଳେ ମାଜିଷ୍ଟ୍ରେଟ ଯେ ତୁଷ୍ଟ ହୋଇ ରହିଲେ ବଡ଼ ଆଶ୍ଚର୍ଯ୍ୟର ବିଷୟ । ପୁଲିସର ଦୌରାତ୍ମ୍ୟରୁ ଲୋକେ ସର୍ବଦା ବ୍ୟସ୍ତ ଅଛନ୍ତି ତହିଁରେ ଯେବେ ଏମାନେ ଅମୂଳକ ମକଦ୍ଦମା କରିବାକୁ ଉତ୍ସାହ ପାଆନ୍ତି ତେବେ କେଉଁ ଜନ ତାହାକୁ କେତେ ପରିବର ହରିବର କରିବେ ତାହା କିଏ କହିପାରେ ।

---

### ଜଲକର ଆଦାୟ କାର୍ଯ୍ୟ ପ୍ରଣାଳୀ ।

ଏହି ବିଷୟରେ ଗ୍ରାୟଲ୍ଡ କର୍ଣ୍ଡ ସାହେବ ଯେଉଁ ବକ୍ତୃତା କରିଥିଲେ ଓ ଯହିଁର ଉଲ୍ଲେଖ ଅମ୍ଭେମାନେ ଗତ ସପ୍ତାହରେ କରିଥିଲୁଁ ବୋଧ ହୁଅଇ ବର୍ତ୍ତମାନ ତାହା ଅବଶ୍ୟ ଜମିଦାର ଓ ଅନ୍ୟାନ୍ୟ ବ୍ୟକ୍ତିଙ୍କ ହସ୍ତଗତ ହୋଇଥିବ ଓ ସେମାନେ ତାହାକୁ ମନୋଯୋଗପୂର୍ବକ ପାଠ କରି ସଦୁତ୍ତର ଦେବାର ଚେଷ୍ଟା କରୁଥିବେ । ତଥାପି ଅମ୍ଭେମାନେ ବିଶ୍ୱାସ କରୁଁ ଯେ ଉକ୍ତ ବକ୍ତୃତା କୌଣସି ସମ୍ବାଦପତ୍ରରେ ପ୍ରକାଶ ନ ହେବାରୁ ଅନେକ ପାଠକ ଏହାର ବିଶେଷ ପରିଚୟ ପାଇ ନ ଥିବେ ଅତଏବ ସେମାନଙ୍କ ଜାଣିବା କାରଣ ଉକ୍ତ ବକ୍ତୃତାର ସାରାଂଶ ଏବଂ ତହିଁରେ ଅମ୍ଭମାନଙ୍କର ମତ ଯାହା ଅଟଇ ପ୍ରକାଶ କରୁଅଛୁଁ ।

ଗ୍ରାୟଲ୍ଡ କର୍ଣ୍ଡ ସାହେବ ପ୍ରଥମେ କହନ୍ତି ଯେ ନାଳଜଳର ଯଥାର୍ଥ ବ୍ୟବହାର ଏଦେଶୀୟ କେହି କୃଷକ କରି ନ ଥିବାରୁ ତହିଁରୁ ଯେତେ ଉପକାର ହେବ ତାହା ଜଣା ଯାଇ ନାହିଁ । କେବଳ ଅନାବୃଷ୍ଟି ସମୟରେ ଲୋକେ ନାଳଜଳ ଲୋଡ଼ୁଅଛନ୍ତି ଉପଯୁକ୍ତ ସମୟରେ ହେଉ ବା ନ ହେଉ ବର୍ଷା ହେବାରୁ କୃଷି ଆରମ୍ଭ କରନ୍ତି ଓ ବର୍ଷା ସବୁବର୍ଷ ଏକା ସମୟରେ ହେଉ ନ ଥିବାରୁ କେଉଁ ବର୍ଷ ଶୀଘ୍ର ଓ କେଉଁ ବର୍ଷ ବିଲମ୍ବରେ ଚାଷ ଆରମ୍ଭ ହୁଅଇ ସୁତରାଂ ଫଳର ଊଣା ଅଧିକ ଘଟଇ । ଉପଯୁକ୍ତ ସମୟରେ ଚାଷ କରିବାରେ ଯେବେ କିଛି ଲାଭ ଥାଏ ଓ ବହୁତ ଲାଭ ହେବାର ଜଣାଯାଏ ତେବେ ନାଳଜଳ ବିଶେଷ ଉପକାରୀ ହେବ କାରଣ ବର୍ଷା ହେଉ ବା ନ ହେଉ ନାଳଜଳ ସହାୟତାରେ କୃଷକ ଯଥା କାଳରେ କ୍ଷେତ କରି ପାରିବ ଓ ତହିଁରେ ଯେତେ ଉପକାର ଅଛି ଅନାୟାସରେ ପ୍ରତ୍ୟକ୍ଷମାନ ହେବ ମାତ୍ର ଏଠା ଚାଷୀମାନେ କେହି ଏ କଥା ବୁଝନ୍ତି ନାହାନ୍ତି ଅଥଚ ନାଳଜଳ ଉପକାରଜନକ ନୁହଇ ବୋଲି ଏକପ୍ରକାର ସ୍ଥିରରୂପେ କହୁଅଛନ୍ତି । ଅମ୍ଭେମାନେ ବୋଧ କରୁଁ ଯେ କର୍ଣ୍ଡ ସାହେବଙ୍କର ଏ କଥା ଯଥାର୍ଥ ଅଟଇ । କୌଣସି କଥାକୁ ସମ୍ପୂର୍ଣ୍ଣରୂପେ ବୁଝିଲା ପୂର୍ବରୁ ତହିଁର ଦୋଷ ଗୁଣ ସ୍ଥିର କରିବା ଯୁକ୍ତିଯୁକ୍ତ ନୁହଇ ଏପରି ବଙ୍ଗଗଭର୍ଣ୍ଣରଙ୍କୁ ଅଲ୍ପ ଦୋଷ ଦିଆଯାଇପାରେ । ନାଳରେ ଜଳ ପୂର୍ଣ୍ଣ ରହିଅଛି କ୍ଷେତ ଉପରକୁ ଆସିବାର କୌଣସି ଅସୁବିଧା ନାହିଁ ଏ ଅବସ୍ଥାରେ ଯେବେ କେହି ଲୋକ ସାହସ କରି ଜଳର ଉପଯୋଗିତା ପରୀକ୍ଷା ନ କରନ୍ତି ଅଥଚ ନିନ୍ଦା କରି କହନ୍ତି ତେବେ ତାହାକୁ କିଏ ପ୍ରକୃତବାଦୀ ବୋଲି ସ୍ୱୀକାର କରିବ ?

ନାଳଜଳର ଉପଯୋଗିତା ଦର୍ଶାଇବା ଉତ୍ତାରୁ ସାହେବ ମହାଶୟ ଜଳକର ଆଦାୟ ପ୍ରତି ଆପତ୍ତିମାନଙ୍କ ଖଣ୍ଡନ କରିବାର ଚେଷ୍ଟା କରିଅଛନ୍ତି ସେ ବୋଲନ୍ତି ଜଳକର ଆଦାୟ ପ୍ରତି ଛଅଟି ପ୍ରଧାନ ଆପତ୍ତି ଅଗଳ ହୋଇଅଛି । ଯଥା । ୧ ଜରିବ ପଦକା ଫୁଟ । ୨ କାଣିହନ ହେସାବ । ୩ ପୁଷ୍କରିଣୀକୁ କେନାଲ ଜଳ ବନ୍ଦ ଗଲେ ତହିଁ ଉପରେ କର ନିର୍ଦ୍ଧାରଣ । ୪ ଜଳ ନଉଥାଇ ନ ଥିବା ଜମି ମାପ ହୋଇ କର ଧାର୍ଯ୍ୟ ହେଉଅଛି । ୫ ଆମୀନ ଓ ଅନ୍ୟ କର୍ମଚାରୀଙ୍କ ଅତ୍ୟାଚାର । ୬ କେନାଲ ହେତୁରୁ ଯିବା ଆସିବାର ଅତିଶୟ ବ୍ୟାଘାତ ଓ ବହୁତ ପୋଲ ନିର୍ମାଣର ଆବଶ୍ୟକ ।

ପ୍ରଥମ ଆପତ୍ତି ଭୁଲ ଥିବାର ସାହେବଙ୍କ କଥାରୁ ଜଣା ପଡୁଅଛି କାରଣ ସେ କହୁଅଛନ୍ତି ଯେ ତାହାଙ୍କ ପଦକା ଫୁଟ ନ ହୋଇ ଅନୁମାନ ବଡ ଅଟଇ । ଆପତ୍ତିକାରୀମାନେ ସ୍ୱୟଂ ଦେଖି ମନକୁ [illegible] କରନ୍ତୁ ଅମ୍ଭେମାନେ ଏହି ପରାମର୍ଶ ଦେଉଅଛୁ କାରଣ ଅନ୍ୟ କୌଣସି ପ୍ରକାରରେ ଏହା ନିଷ୍ପତ୍ତି ହୋଇ ନ ପାରେ ।

ଦ୍ୱିତୀୟ ଆପତ୍ତିପକ୍ଷରେ ସାହେବ କହନ୍ତି ଯେ କାଣିହନ ହିସାବ ଠିକ ଅଟଇ ଓ ଏଥିରେ ଶତକଡ଼ା ଏକଟଙ୍କାମାତ୍ର ଅଧିକା ପଡୁଅଛି । ତଥାଚ ଯେବେ ଲୋକେ ଏହିସାବକୁ ମୁର୍ଖ ପାଉ ନାହାନ୍ତି ଅଗାମିବର୍ଷ ଏହା ପରିତ୍ୟାଗ କରିବେ । ଏଥିରେ ଅମ୍ଭମାନଙ୍କର କିଛି ବକ୍ତବ୍ୟ ନାହିଁ । କାଣିହନ ହିସାବ ଠିକ ଓ ବନ୍ଦୋବସ୍ତରେ ତାହା ନ ହୋଇଥିଲା ବୋଲି ବର୍ତ୍ତମାନ ଠିକ ହିସାବ କରିବା ଶୀଘ୍ର ନିଶ୍ଚୟ ହୋଇ ନ ପାରେ ।

ତୃତୀୟଆପତ୍ତି ବିଷୟରେ ସାହେବ କୋହନ୍ତି ଯେ ତାହାଙ୍କ କାର୍ଯ୍ୟ ନ୍ୟାୟ ଓ ଦୟାପୂର୍ବକ ହୋଇଅଛି । ନ୍ୟାୟର ହେତୁ ଏହି ଯେ ଜଳ ବହୁମୂଲ୍ୟ ଦ୍ରବ୍ୟ ଓ ଗବର୍ଣ୍ଣମେଣ୍ଟ ତାହା କ୍ଷେତରେ

Digitized by srujanika@gmail.com

ମତାଉବାପାଇଁ ବସ୍ତୁର ଟଙ୍କା ବ୍ୟୟ କରୁଅଛନ୍ତି ସେଥିଲ ଯେ ନେବ ଅବଶ୍ୟ ଦାମ ଦେବ ଏବଂ ଦ୍ୱିତୀୟ ବିଷୟ ଏହି ଯେ ଏକହଜାର ଗଜକୁ ଏତେ ଟଙ୍କା ଲେଖାଏଁ କର ନିର୍ଦ୍ଧାର୍ଯ୍ୟ ଥିବାପ୍ରତ୍ୟକ୍ଷେ ପୁଷ୍କରିଣୀର ଅଧିକଜଳ ଛାଡଦେଇ ବାକି ଅଧିକ ସରକାରୀ ଜଳ ଥିବାର ଜ୍ଞାନ କରି ତହିଁ ଉପରେ ଗଜପ୍ରତି କେବଳ ୫୦/ ଲେଖାଏଁ କର ଧରା ଯାଇଅଛି । ମାତ୍ର କେଉଁ ନ୍ୟାୟରେ ଜଳ ପୁଷ୍କରିଣୀକୁ ବହିଗଲା ଓ କେଉଁରୂପ ବହିଯିବାର ତାହା-ଉପରେ ଦୃଷ୍ଟି ପ୍ରକାଶ ହେଲା ଅମ୍ଭେମାନେ କିଛି ବୁଝିପାରୁ ନାହୁଁ କିମ୍ବା ସାହେବ ବୁଝାଇ କହି ନାହାନ୍ତି । ଯେବେ କର୍ତ୍ତୃସାହେବ ବାରମ୍ବାର ତାଡନ କଲେହେଁ ଜଳ ପୁଷ୍କରିଣୀକୁ ବହିଗଲା ତେବେ ତାହା ନିଶ୍ଚୟ ଅନଧିକାର ପ୍ରବେଶ ଓ ଅଙ୍ଗୀକାରଭଙ୍ଗ ଅପରାଧ କରିଅଛି ଓ ଏଥିପାଇଁ ଯେ କିଛି କ୍ଷତି ହେଲା ତାହାକୁ ସହିବାର ଉଚିତ । ପରକ୍ଷେତରେ ଯେବେ କେହି ଅନଧିକାର ପ୍ରବେଶ କରି ଧ୍ୱଂସ କରଇ ତେବେ କି ସେ ଯଥାର୍ଥ ଅଧିକାରୀଠାରୁ ପରଶ୍ରମର ମୂଲ୍ୟ ପାଇବ ? ନା ତାହାକୁ ଦାବୀ କରିବେଲେ କ୍ଷତିପୂରଣ ସକାଶେ ଅଦାଲତରୁ ଡିକ୍ରୀ ପାଇବ ? ଜମି ଯାହା ପୋଖରୀକୁ ପାଣି ଗଲା ତାହାଙ୍କଉପରେ କର ନ ବସି ସେପୋଖରୀର ଜଳନେବା ବ୍ୟକ୍ତିଙ୍କଉପରେ କର ବସିଅଛି ଅଥଚ ସେମାନେ ପୋଖରୀ ଜଳ ନେଲେ କି ସରକାରୀ ଜଳ ନେଲେ ଜଣା ନାହିଁ । ପୋଖରୀ ଅଧିକରୁ ଅଧିକ ଶୁଷ୍କ ନ ହେଲେ ସରକାରୀ ଜଳ ନେବାର ବୁଝାଯାଇ ନ ପାରେ । ଫଳତଃ ଅମ୍ଭେମାନେ ଅନେକ ବିଚାର କଲେ ମଧ୍ୟ ଏ କର ଧାର୍ଯ୍ୟରେ ନ୍ୟାୟ ଓ ଦୟାର ଚିହ୍ନ ପାଇଲୁଁ ନାହିଁ ।

ଚତୁର୍ଥ ବିଷୟରେ ସାହେବ କହନ୍ତି ସବୁଜମି ମାପ ହେବାର ଆବଶ୍ୟକ ବୋଲି ଜଣକ କହୁଅଛି ମାତ୍ର ସବୁ ତରକଜମି ଉପରେ ଯେ କର ବସିବ ଏମନ୍ତ ଅଭିପ୍ରାୟ ନୁହଇ କେବଳ ଯେଉଁ ସ୍ଥାନକୁ ଜଳ ଯାଉଅଛି ସେହିଜଳଉପରେ କର ବସିବ ।

ପଞ୍ଚମ ବିଷୟରେ ସାହେବ ବୋଲନ୍ତି ସବୁ ମଦଲୁମାର କର୍ମଚାରୀଙ୍କ ପ୍ରତି ଏହିଆପତ୍ତି ହୋଇପାରେ ତେବେ ସେମାନଙ୍କ ଦୁଷ୍ଟତା ନିବାରଣପକ୍ଷରେ ଯଥାସାଧ୍ୟ ଚେଷ୍ଟା କରୁଅଛନ୍ତି । ଏଥିରେ ଅମ୍ଭମାନଙ୍କର ଏତିକି ବୋଲିବାର ପ୍ରୟୋଜନ ଯେ ସାହେବ ଅମୀନ ପ୍ରଭୃତିଙ୍କ ମନତରଙ୍ଗର କଥା ସର୍ବଦା ସ୍ମରଣ ରଖି କାର୍ଯ୍ୟ କରିବେ ।

ଷଷ୍ଠ । ଆପତ୍ତିବିଷୟରେ ସାହେବ କହନ୍ତି ଯେ ଏ ଅସୁବିଧାମାନ ନିବାରଣର ଯଥାସାଧ୍ୟ ଉଦ୍ୟୋଗ ହେବ ଲୋକମାନେ ସୁସ୍ଥିର ହେଉନ୍ତୁ । ଅମ୍ଭେମାନେ ଏଥିକୁ ତଥାସ୍ତୁ କହୁଅଛୁଁ ।

ଏସବୁ ସାମାନ୍ୟକଥା ଉତ୍ତାରୁ କର୍ତ୍ତୃ ସାହେବ ଜଳକର ଆଦାୟ ସମ୍ପର୍କରେ ପ୍ରଧାନ ଆପତ୍ତିର କଥା କହୁଅଛନ୍ତି । ତାହା ଏହିକି ଯେଉଁଠାରେ ଉଚ୍ଚକ୍ଷେତରୁ ନିମ୍ନସ୍ଥ କ୍ଷେତକୁ ଜଳ ବହିଯାଉଅଛି ସେଠାରେ ଉକ୍ତ ନିମ୍ନସ୍ଥ କ୍ଷେତପାଇଁ କବୁଲିୟତ ହୋଇ ନ ଥିଲେ ମଧ୍ୟ ଜଳକରର ଦାବି ହେଉଅଛି ସାହେବ ଏରୂପ କର ଧାର୍ଯ୍ୟକୁ ନ୍ୟାୟସିଦ୍ଧ ଜ୍ଞାନ କରନ୍ତି କାରଣ ଅନେକଲୋକ ଏପରି ଅଛନ୍ତି କି ତାହାଙ୍କ କ୍ଷେତକୁ ଲାଗିଥିବା କେନାଲ୍ ପାର୍ଶ୍ୱସ୍ଥିତ ଉଚ୍ଚ ଜମିପାଇଁ ଦୁଇଏକଜଣ କବୁଲିୟତ କଲେ ତାହାଙ୍କ ଯୋଗେ ସେହି ଜମିରୁ ଜଳ ବହିଅଧିକାଧିକ ଉପକାର ପାନ୍ତି ଓ ତେଣୁକରି ଓ ଅମୁରେକ୍ସରଠାରେ ଏପରି ଉପକାର ଲାଭ କରିବାର ସାହେବ ଦେଖିଅଛନ୍ତି । ଏମନ୍ତସ୍ଥଳେ ଜଳକର ନ ବସାଇଲେ ସରକାରର ବହୁତ କ୍ଷତି ହେବ । ରୟତମାନେ ଯେବେ ଆପଣା ଜମି ଚତୁର୍ଦ୍ଦିଗରେ ଏପରି ବନ୍ଧ ନିର୍ମାଣ ନ କରିବେ କି ଯାହାକୁ ଡେଇଁ କରି ଜଳ ଅନ୍ୟ କ୍ଷେତକୁ ଯିବ ନାହିଁ ତେବେ ଯେଉଁ ଜମିକୁ ଉଚ୍ଚଜମିରୁ ପାଣି ଯିବ ତାହାପ୍ରତି ଜଳକର ଧାର୍ଯ୍ୟ ନ ହେଲେ ଗବର୍ଣ୍ଣମେଣ୍ଟ ପ୍ରତି ଅନ୍ୟାୟ ହେବାର ସ୍ପଷ୍ଟରୂପେ ଦେଖାଯାଉଅଛି । ଅନ୍ୟ କୌଣସି ଉପାୟ ସାହେବ ଦେଖୁ ନାହାନ୍ତି । ଏଯୁକ୍ତିର ସମୁଚିତ ପ୍ରଶଂସା ଅମ୍ଭେମାନେ କିରୂପେ କରିବା ସ୍ଥିର କରି ପାରୁ ନାହୁଁ । ସହସ୍ର ମୁଖପରି ଯେବେ ସହସ୍ର ମସ୍ତକ ଓ ଜିହ୍ୱା ହୋଇଥାନ୍ତା ତେବେ ଅବା କହାଣି ଲବ ଲେଖି ପାରନ୍ତୁ ଏହା ଜଳକର କେବଳକୁ ସିନା ଏନ୍ୟାୟ ଅମ୍ଭେମାନେ ଶୁଣିପାରିଲୁଁ । ଜଣକର ଲାଭ ବା ଦୋଷପାଇଁ ଅନ୍ୟ ଜଣେ କ୍ଷତିପୂରଣ କରିବ ଏହାଠାରୁ ସୁସାର କଥା ଆଉ କି ଅଛି ? ସରକାରଙ୍କ ଜଳ ବହୁମୂଲ୍ୟ ଅମ୍ଭେମାନେ ସ୍ୱୀକାର କରୁଁ ଓ ତାହା ଯେବେ କେହି ଚୋରି କି ଅନ୍ୟପ୍ରକାରରେ ଅପହରଣ କରେ ସେ ଦଣ୍ଡ ଭୋଗ କରୁ ବା ମୂଲ୍ୟ ଦେଉ ଏହା ମଧ୍ୟ ବାଞ୍ଛନୀୟ ଅଟେ । ମାତ୍ର ଯାହା ଦୋଷରେ ଜଳ ବ୍ୟୟ ହେଲା ତାହା ଉପରେ କର ଧାର୍ଯ୍ୟ ହେବା ଅବଶ୍ୟକ ଓ ସରକାରଙ୍କୁ ଉଚିତ କି ଜଳ ଦେବା ପୂର୍ବରେ ଏମନ୍ତ ଉପାୟ କରିବାର ଦେଖିବେ କି ଯଦ୍ଦ୍ୱାରା କବୁଲଥିବା ଜମିରୁ ଅନ୍ୟସ୍ଥାନକୁ ଜଳ ବାହାର ନ ଯାଏ । ଜଣେ କବୁଲିୟତ କଲାକୁ ମନଇଚ୍ଛାରେ ଜଳ ବୁହାଇ ଦେବ ଓ ତାହା ପରେ ୨ ଗ୍ରାମଯାକ ଲୋକଉପରେ କର ବସାଇବ ଏ କେମନ୍ତ ନ୍ୟାୟ ଯେବେ କର୍ତ୍ତୃ ସାହେବ ଏହି ନ୍ୟାୟକୁ ବଳବତ୍ତର କରିଇ ପାରନ୍ତି ତେବେ ଅମ୍ଭେମାନେ ତାହାକୁ ନଜିର କଲେ ଅନେକ ଉପକାର ହେବ । ଅମ୍ଭେମାନେ କହୁଅଛୁଁ ସମ୍ବାଦପତ୍ର ଛପି ଦକ୍ଷିଣା କଭାସ ବୋହିଲା ବେଳେ କାଠଯୋଡି କୂଳରେ ଯେତି କସିବା କାଗଜ ସବୁ ଉଡି ଯାଇ ଯାହାଙ୍କ ଘରେ ପଡିବ ତାହାଙ୍କଠାରୁ ଟଙ୍କା ଆଦାୟ କରିବା ଓ କେହି ଆପତ୍ତି କଲେ ତାହାକୁ କହିବା ଯେ ତୁମ୍ଭ ଘରକୁ ଦକ୍ଷିଣାକଭାସ ନିକାର ବନ୍ଦ କର ।

ଅମ୍ଭେମାନେ ଅଦ୍ୟ ଏହିଠାରେ ସ୍ଥଗିତ ହେଲୁଁ ଆଗାମି ସପ୍ତାହରେ ଆଉ ଯାହା କୋଳିବାର ଅଛି ପ୍ରକାଶ କରିବୁଁ ।

## ସାପ୍ତାହିକ ସଂବାଦ

— ଗତସପ୍ତାହରେ କେନ୍ଦ୍ରାପଡା ଡାଲମୋକଦ୍ଦମା ବିଷୟରେ ସେଠା ସିରସ୍ତାଦାର ଓ ନାଜର କଥା ଯାହା ଲେଖିଥିଲୁଁ ତାହା ଭୁଲ ଥିବାର ଅବଗତ ହୋଇଅଛୁଁ କେବଳ ମୋହରରଙ୍କ ଉପରେ ମାମଲା ଚଳୁଅଛି । ସିରସ୍ତାଦାର ଏଥିରେ ଗବର୍ଣ୍ଣମେଣ୍ଟପକ୍ଷରେ ସାକ୍ଷୀସ୍ୱରୂପ ଉପସ୍ଥିତ ହୋଇଥିଲେ ।

ଶ୍ରୀଯୁକ୍ତ ଆର୍ମଷ୍ଟ୍ରଙ୍ଗ ସାହେବ ଏକ୍‌ଟିଂ ଯଏଣ୍ଟ ମାଜିଷ୍ଟ୍ରେଟ କି ଯେ ଦୁଇବର୍ଷ ହେଲା ଏଠାରୁ ଛୁଟି ନେଇ ବିଲାତକୁ ଯାଇଥିଲେ ସେ ଏହି ମାସ ତା । ୧୭ ରଖରେ ଭାରତବର୍ଷରେ ଫେରି ପହଞ୍ଚି ସାହାବାଦ ଜିଲ୍ଲାରେ ଉକ୍ତଶ୍ରେଣୀର କର୍ମରେ ନିଯୁକ୍ତ ହୋଇଅଛନ୍ତି ।

— କଟକ ଓ ପୁରୀଜିଲ୍ଲା ଗଡଜାତମାହାଲ ଦେଇ ମଧ୍ୟପ୍ରଦେଶଠାରୁ ପୁରୀଜିଲ୍ଲାର ଶେଷସୀମାପର୍ଯ୍ୟନ୍ତ ଚୋରାଲବଣ କାରବାର ନିବାରଣ କାରଣ ଯେଉଁ ପହରା ରହିବାର ପ୍ରସ୍ତାବ ହୋଇଥିଲା ଟେଲିଗ୍ରାଫରୁ ଅବଗତ ହେଲୁଁ ଯେ ଗବର୍ଣ୍ଣମେଣ୍ଟ ବଙ୍ଗାଳ ତହିଁ ସମ୍ବନ୍ଧରେ ଗବର୍ଣ୍ଣମେଣ୍ଟ ଇଣ୍ଡିଆକୁ ରପୋର୍ଟ କରିଅଛନ୍ତି ମାତ୍ର

Split by PDF Splitter
Digitized by srujanika@gmail.com

Split by PDF Splitter



ତହିଁର ବଗ୍ରର ଶୀଘ୍ର ହେବାର ସମ୍ଭାବନା ନାହିଁ ଭବିଷ୍ୟତ୍ରେ ତାହା ସ୍ଥିର ହେବ ।

ଫ୍ରେଣ୍ଡ ଅବ୍ ଇଣ୍ଡିଆ କହନ୍ତି ଇଡ୍‌ନସାହେବ କ୍ଷୁଦ୍ରଦେଶରେ ଦକ୍ଷତା ଏବଂ ବୁଦ୍ଧିମତ୍ତା ସହିତରେ କାର୍ଯ୍ୟ ସମ୍ପନ୍ନ କରୁଅଛନ୍ତି ।

ବଙ୍ଗଳା ସିବିଲ୍‌ସ୍ନାନସାହେବମାନଙ୍କ ମଧ୍ୟରେ ନିର୍ଦ୍ଦିଷ୍ଟସଂଖ୍ୟାର ଅତିରିକ୍ତ ବ୍ୟକ୍ତି ଏକ୍ଷଣରେ ଛୁଟୀ ନେଇଁ ବିଲାତରେ ଅଛନ୍ତି ବୋଲି ଅଗାମି ଅକ୍ଟୋବରମାସ ପର୍ଯ୍ୟନ୍ତ ଆଉ କାହାକୁ ଏକ୍ଷଣରେ ଛୁଟୀ ଦିଆଯାଇ ନ ପାରେ ।

ଇଣ୍ଡିଆନମିରର କହନ୍ତି ମହାରାଣୀଙ୍କ ସାନଝିଅ ଲୁଇସାର ବିବାହ ଉପଲକ୍ଷରେ କଲିକତାର ଜଣେ ଭଦ୍ର ମହିଳା ଗୋଟିଏ ଉତ୍ତମ ପାଉଡୋଷିକ ପଠାଇଅଛନ୍ତି ମହାରାଣୀଙ୍କ ସେକ୍ରେଟରୀ ଏହାକୁ ଆଦରପୂର୍ବକ ଗ୍ରହଣ କରି ତାହାଙ୍କ ନିକଟକୁ କୃତଜ୍ଞତା ସୂଚକ ଗୋଟିଏ ପତ୍ର ଲେଖିଅଛନ୍ତି ।

ପୁଲିସର ଇନ୍‌ସ୍ପେକ୍ଟର ଜେନେରେଲ କର୍ଣ୍ଣେଲ ବ୍ରୁସ୍ ସାହେବ ଭାରତବର୍ଷର ସର୍ବସ୍ଥ ପୁଲିସ କର୍ମଚାରୀଙ୍କର ସଂଖ୍ୟା ନ୍ୟୂନ କରିବାର ଅବଶ୍ୟକତା ବିଷୟରେ ଗବର୍ଣ୍ଣମେଣ୍ଟ ନିକଟରେ ଅନୁରୋଧ କରିଅଛନ୍ତି ।

ଭାରତର ଉତ୍ତର ପଶ୍ଚିମ ପ୍ରଦେଶୀୟ ଗବର୍ଣ୍ଣମେଣ୍ଟ ସେ ସ୍ଥାନର ଦେଶୀୟଭାଷାରେ ପୁସ୍ତକ ପ୍ରସ୍ତୁତନିମିତ୍ତ ୫୩୫୦ ଟଙ୍କା ପୁରସ୍କାର ଦାନର ଅଙ୍ଗୀକାର କରିଅଛନ୍ତି । ମିଉର ସାହାବଙ୍କର ତଦ୍ଦେଶୀୟ ପ୍ରଜାମାନଙ୍କର ହିତୋନ୍ନତିର ସେ ପରିମାଣ ତହିଁର ପଦେ ୨ ପ୍ରମାଣ ପ୍ରାପ୍ତ ହୁଏ ।

ହିନ୍ଦୁପେଟ୍ରିୟଟ ଶୁଣିଅଛନ୍ତି ଏତଦ୍ଦେଶୀୟ ଖ୍ରୀଷ୍ଟୀୟାନ ବଙ୍ଗଦେଶରେ ବର୍ତ୍ତମାନ ଠାକୁରପୂଜା କରୁଅଛନ୍ତି । ଏତଦ୍ଦ୍ୱାରା ମିସନରିମାନଙ୍କର ଯାହାକୁ ତାକୁ ଖ୍ରୀଷ୍ଟୀୟାନ କରିବାର ଚେଷ୍ଟା କେତେଦୂର ସଫଳ ହେଉଅଛି ସମସ୍ତେ ବିଲକ୍ଷଣ ଅନୁଭବ କରୁଥାଇବେ ।

କଲିକତା ଗେଜେଟରେ ହାଇକୋର୍ଟ ଜଜ୍‌ଙ୍କର ଯେଉଁ ତାଲିକା ପ୍ରକାଶିତ ହୋଇଅଛି ତହିଁରେ ତ ୧୯୮୯ ଣ ଇଉରୋପୀୟ ଓ ତ ୪୨୦ ଣ ଏତଦ୍ଦେଶୀୟଙ୍କର ନାମ ଦେଖାଯାଏ ଏହି ତ ୪୨୦ ଣ ଏତଦ୍ଦେଶୀୟଙ୍କ ମଧ୍ୟରେ ତ ୪ ଣ ମୁସଲମାନ ମାତ୍ର । କଲିକତାର ୧,୨୦,୦୦୦ ସଂଖ୍ୟକ ମୁସଲମାନ ଅଧିବାସି ମଧ୍ୟରେ ତ ୦ ଣ ଜୁରର ମନୋନୀତ ହେବାରେ ଗାଇଡ଼ମେନ୍‌ର ଆଶ୍ଚର୍ଯ୍ୟ ପ୍ରକାଶ କରିଅଛନ୍ତି ।

କଲିକତାରେ ଗ୍ଲାଡ଼ଷ୍ଟନସାହେବଙ୍କ ସ୍ତ୍ରୀର ଗୋଟିଏ ହୀରକଖଚିତ ହାତଥିଲି ପୁଲିସରେ ସଂବାଦ ଦିଆଗଲାରୁ ଅନୁସନ୍ଧାନ ହୋଇ ସାହେବଙ୍କ ଆୟା ଉପରେ ଅପରାଧ ସାବ୍ୟସ୍ତ କରି ପୁଲିସ ତାହାକୁ ଚାଲାଣ କଲା ଓ ମାଜିଷ୍ଟ୍ରେଟଙ୍କ ବିଚାରରେ ଦୋଷୀ ହୋଇ ଏକବର୍ଷ କାରାବାସର ଆଜ୍ଞା ପାଇଲା ଓ ଗିରପ୍ତାର କରିଥିବା ପୁଲିସ ଇନସ୍ପେକ୍ଟର ବହୁ ପ୍ରଶଂସା ପାଇଲା । ସମ୍ପ୍ରତି ଉକ୍ତ ମୁଦି ମେମ ଗ୍ଲାଡ଼ଷ୍ଟନଙ୍କ ଅଲଙ୍କାର ବାକ୍ସରୁ ପ୍ରାପ୍ତ ହୋଇଅଛି ଓ ଚୋରି ଯାଇଥିବାର ଜଣାଯାଉ ନାହିଁ । ପୁଲିସ କମିସ୍ନର ଏ ସଂବାଦ ପାଇ ଇନସ୍ପେକ୍ଟରଙ୍କୁ କର୍ମରୁ ବହିଷ୍କୃତ ଓ ଗବର୍ଣ୍ଣମେଣ୍ଟଙ୍କ ଅନୁମତିକ୍ରମେ ଆୟାକୁ କାରାଗାରରୁ ମୁକ୍ତି ଦେଇଅଛନ୍ତି ।

ହିନ୍ଦୁପେଟ୍ରିୟଟ ଅବଗତ ହୋଇଅଛନ୍ତି ଯେ ସବଡିବିଜନ ହାକିମମାନଙ୍କୁ ଫଉଜଦାରୀ କାର୍ଯ୍ୟବିଧି ଅନୁସାରେ ଗବର୍ଣ୍ଣମେଣ୍ଟ ଯେ ସମସ୍ତ କ୍ଷମତା ଦେଉଥିଲେ ସେହି କ୍ଷମତାମାନ କଟାଇ ମାଜିଷ୍ଟ୍ରେଟ ଦେଇ ପାରିବେ ଶ୍ରୀଯୁକ୍ତ ଲେଫ୍‌ଟେନାଣ୍ଟ ଗବର୍ଣ୍ଣର ସାହେବ ଏମନ୍ତ ପ୍ରସ୍ତାବ କରିଅଛନ୍ତି । ଏରୂପ ହେଲେ ସବଡିବିଜନମାନଙ୍କର ସ୍ୱାଧୀନତା ଗଲା ହେବ ଅନୁମାନ ହୁଅଇ । କାରଣ ସେମାନଙ୍କୁ ମାଜିଷ୍ଟ୍ରେଟଙ୍କ ମନ ଯୋଗାଇବାକୁ ପଡ଼ିବ ।

ଟେଲିଗ୍ରାଫରୁ ଅବଗତ ହେଲୁଁ ଯେ ମଧ୍ୟପ୍ରଦେଶରେ ୱାରଫେଣ୍ଡ ନାମକ ସ୍ଥାନରେ ପଥରକୋଇଲାର ଖଣି ପ୍ରାପ୍ତ ହୋଇଅଛି । ଏ ଖଣି ନଦୀକୂଳଠାରୁ ଏକମାଇଲ ଅନ୍ତର ଏବଂ ୫୧ ଫୁଟ ଗଭୀରରେ ଦେଖାଯାଇ ଅଛି ଏ କୋଇଲାର ଲକ୍ଷଣ ସମ୍ପୂର୍ଣ୍ଣରୂପେ ଜଣାନ୍ତ ହୋଇ ନାହିଁ ମାତ୍ର ଶୀଘ୍ର ଏହାର ପ୍ରକୃତ ଅବସ୍ଥା ଜାଣିପାରିବାର ଉପାୟ ହେଉଅଛି ।

ପାରସ୍ୟଦେଶରେ ଦୁର୍ଭିକ୍ଷ ପୂର୍ବାପେକ୍ଷା ଭୟଙ୍କର ହୋଇଅଛି ଓ ଲୋକମାନେ ଅନାହାରରେ ଘାସ ଓ ଚର୍ମ ସିଝାଇ ଭକ୍ଷଣ କରୁଅଛନ୍ତି । ଏକରହାନକ ସ୍ଥାନରେ ଦୁର୍ଭିକ୍ଷ ହେତୁରୁ ଲୋକେ ମୃତଲୋକ ମନୁଷ୍ୟମାଂସ ପର୍ଯ୍ୟନ୍ତ ଆହାର କଲେଣି ଜଣେ ମୁଗଲ ଗୋଟିଏ ପାରସି ପିଲାକୁ ମାରି ଖାଇଗଲା । ଆଉ କେତେକଜଣଏ ମୁଗଲ ଇହୁଦ ବାଳକଙ୍କୁ ମାରି ଖାଇଗଲେ । ପାରସ୍ୟର ବାଦସାହ କ ଉପାୟ କରୁଅଛନ୍ତି ଜଣାଯାଉ ନାହିଁ । ମାତ୍ର ଇଂରାଜଙ୍କପରି ସେ ବିଦେଶରୁ ଖାଦ୍ୟଦ୍ରବ୍ୟ ଆଣାଇଁ ପ୍ରଜାଙ୍କ ପ୍ରାଣରକ୍ଷା କରିବେ ସେଦେଶ ରାଜାଙ୍କର ଏହନ୍ତ ବୁଦ୍ଧି ହୋଇ ନାହିଁ ବିଶ୍ୱାସ ହୁଅଇ ।

ଟାଇମ୍‌ସଅବଇଣ୍ଡିଆ ଲେଖନ୍ତି ଯେ ପାରସ୍ୟଦେଶସ୍ଥ ପାରସିମାନଙ୍କୁ ଦୁର୍ଭିକ୍ଷରେ ସାହାଯ୍ୟ କରିବା କାରଣ ବମ୍ବେର ପାରସିମାନେ ୫୧୧୦୦୦ ଟଙ୍କା ଚାନ୍ଦା କରିଅଛନ୍ତି ।

ମାନ୍ଦ୍ରାଜ ଆଥିନିୟମ ଲେଖନ୍ତି ଯେ କେତେଜଣ ମୁଚିଆ ମଦ ପାନକର ଅପଣାମଧ୍ୟରେ କଳହ ଆରମ୍ଭ କଲେ ଓ ନିଶା ତହିଁରେ ଉନ୍ମତ୍ତ ହୋଇ ଛୁରୀ ବ୍ୟବହାର କଲେ ଜଣେ ଲୋକ ତହିଁରେ ବହୁ ଆଘାତପାଇ ହାସପାତାଲରେ ପଡ଼ିଅଛନ୍ତି ଓ ଦୁଇଜଣର ବଞ୍ଚିବାର ଭରସା ନାହିଁ । ମଦ୍ୟପାନ କେମନ୍ତ ଭୟଙ୍କର ଉତ୍ପାତ ହୁଅଇ ।

ବମ୍ବେରେ ଜଣେ ବଣିଆ ଅନ୍ଧବଜନହେଲା ଜଣେ ବିଧବା ସ୍ତ୍ରୀକୁ ବିବାହ କରିଅଛି ବୋଧ ହୁଅଇ ତା ଜାତିଭାଇମାନେ ତାହାକୁ ଅଜାତ କରିବାକୁ ମନସ୍ଥ କରିଥିବାରୁ ସେ ଆପଣା ଉକିଲ ଦ୍ୱାରା ଜାତିକେତେକସ୍ତମାନଙ୍କୁ ସମ୍ବାଦ ଦେଇଅଛି କି ଯେବେ ସେମାନେ ବଣିଆ କମ୍ପା ତାହା ସ୍ତ୍ରୀକୁ ଅଜାତି କରିବେ ତେବେ ତାହାଙ୍କ ନାମରେ ଖେସାରତର ନାଲିସ ହେବ । ଏବେ ଜାତିକର୍ମରେ ଅଇନ ଚଳାଇବାର କଥା ଶୁଣାଗଲାଣି ।

ଶ୍ରୀମତୀ ଶ୍ରୀ ଶ୍ରୀମତୀ ମହାରାଣୀ ଭାରତବର୍ଷୀୟ ଯେଉଁ ସମ୍ଭ୍ରାନ୍ତବ୍ୟକ୍ତିମାନଙ୍କୁ ଷ୍ଟାରଅଫଇଣ୍ଡିଆ ନକ୍ଷତ୍ର ଉପାଧି ପ୍ରଦାନ କରୁଅଛନ୍ତି ତହିଁ ମଧ୍ୟରେ ଢାକାର ଅବଦୁଲଗନୀ ଏକଜଣ ଅଟନ୍ତି ଏହାଙ୍କୁ ସି, ଏସ ଆଇ ପଦ ମିଳିଅଛି ।

ରେଭିନ୍ୟୁଏ ଅଇନାନୁଯାୟୀ ରେଭିନ୍ୟୁଏ ମକଦ୍ଦମାରେ ଯେଉଁ ସ୍ଥଳରେ କେତେ ଇଷ୍ଟାମ୍ପଫିସ ଲଗିବ ଏ ବିଷୟରେ ଗବର୍ଣ୍ଣମେଣ୍ଟବଙ୍ଗାଳ ଯାହା ପ୍ରସ୍ତାବ କରିଥିଲେ ଶ୍ରୀଯୁକ୍ତ ଗବର୍ଣ୍ଣରଜେନେରଲସାହେବ ତାହା ମଞ୍ଜୁର କରୁଅଛନ୍ତି ଫିସର ନିୟମ ଏହି ଯେ ପ୍ରତ୍ୟେକ ଡିଲିଜିନିରି ପ୍ରଥମବର୍ଷପାଇଁ ଏକଟଙ୍କା ଓ ତାହା ପଛବର୍ଷସବୁ ଗୁଡ଼ିଆଣାଲେଖାଁ । ଏ ଇଥପିକ ମାତ୍ର କୌଣସିସ୍ଥଳେ ମୋଟ ଫିସ ୫୦ଟଙ୍କାରୁ ଅଧିକ ହେବ ନାହିଁ ।

---

ଏହି ଉତ୍କଳଦୀପିକା ସହର କଟକ ଦର୍ଗାବଜାର କଟକ ପ୍ରିଣ୍ଟିଂକୋମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରଚାର ହେଲା ।

Digitized by srujanika@gmail.com

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

ଭାଗ
ସଂ ୨୨ସଂଖ୍ୟା

ତା ୧୦ ଶଣ ମାହେ ଜୁନ ସନ୍ ୧୮୭୯ ମସିହା । ମ୍ପ । ଜ୍ୟେଷ୍ଠ ବ ୨୯ ନ ସନ୍ ୧୨୮୬ ସାଲ ମଙ୍ଗଳବାର

ଅଗ୍ରିମ ବାର୍ଷିକ ମୂଲ୍ୟ ୨॥
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୨୦
ମଫସଲ ପାଇଁ ଡାକମାସୁଲ ୨୩


ଅଗ୍ରିମ ଗ୍ରାହକଙ୍କ ପ୍ରତି ।

ଯାହାଙ୍କ ଉପରେ ଗତବର୍ଷର ମୂଲ୍ୟ ପାଉଣା ଅଛି ସେମାନଙ୍କୁ ପ୍ରାର୍ଥନା ଯେ ଅନୁଗ୍ରହପୂର୍ବକ ଶୀଘ୍ର ମୂଲ୍ୟ ପ୍ରଦାନ କରିବେ । ଆଗାମୀ ମାସରେ ଗତବର୍ଷର ପାଉଣା ତଲବ ହେବ ।

---

ଷ୍ଟାମ୍ପବିକ୍ରେତା ।

ଅମ୍ଭମାନଙ୍କ ଏକଟିଂ କଲେକ୍ଟର ଗ୍ରୀଫିଥ୍ ଏଲକିନ୍ସ ସାହେବ ଷ୍ଟାମ୍ପବିକ୍ରେତାଙ୍କ ଦୌରାତ୍ମ୍ୟ ନିବାରଣ କରିବା ପାଇଁ ଯେମନ୍ତ ଦୃଢପ୍ରତିଜ୍ଞ ହୋଇଅଛନ୍ତି ଅନୁମାନ ହୁଅଇ ତଦ୍ୱାରା ବିଶେଷ ଫଳ ହେବ । ଅଳ୍ପକାଳ ହେଲା କଲେକ୍ଟର ସାହେବ ସମ୍ବାଦ ପାଇଲେ ଯେ ଷ୍ଟାମ୍ପବିକ୍ରେତାମାନେ ପ୍ରକୃତରୂପେ କାଗଜ ବିକ୍ରୟ କରିବା ପରିବର୍ତ୍ତେ ଏକ ଲୋକନାମରେ ସବୁ ବା ଅଧିକାଂଶ ଷ୍ଟାମ୍ପ କାଗଜ କି ଯାହା ସର୍ବଦା ଲୋଡା ହୁଏ ତାହା ଆପଣା କବ୍ଜାରେ ବିକ୍ରୀ ଲେଖି ରଖିଥାନ୍ତି ଓ ଗ୍ରାହକ ଗଲେ ତାହାକୁ ଅନ୍ୟ ଲୋକ ନାମର କାଗଜ ଦିଅନ୍ତି । ଏହି ହେତୁ ଲୋକେ ଏହିପ୍ରକାର ବୋଲନ୍ତି ଓ ତାହା ବିଶ୍ୱାସଯୋଗ୍ୟ ଅଟଇ ଯେ ବହିରେ ବାକି ଥିଲେ ତାହାକୁ ଅସଲ ମୂଲ୍ୟରେ ଗ୍ରାହକଙ୍କୁ ନିଶ୍ଚୟ ବିକ୍ରୟ କରିବାକୁ ହେବ ଅନ୍ୟ ଲୋକଠାରୁ ଦିଅଇ ଦେବାର କହିଲେ ସେ ଆପଣା ପ୍ରୟୋଜନ ବୁଝି ଅବଶ୍ୟ କିଛି ଅଧିକା ଦେବ ଅର୍ଥାତ୍ ଷ୍ଟାମ୍ପବିକ୍ରେତାମାନେ ଏକପ୍ରକାର ପ୍ରତାରଣା କରି ଅଧିକା ମୂଲ୍ୟ ନିଅନ୍ତି । ଯାହା ହେଉ କଲେକ୍ଟର ସାହେବ ସମ୍ବାଦ ପାଇବା ମାତ୍ରକେ ଷ୍ଟାମ୍ପବିକ୍ରେତାମାନଙ୍କୁ ଡକାଇ ନିବାରଣ କରିବାରେ ମିଥ୍ୟା ବିକ୍ରୀ କରିବାର ପ୍ରମାଣ ପାଇଲା ଉତ୍ତାରୁ ସାହେବ ଦୁଇଜଣ ଷ୍ଟାମ୍ପବିକ୍ରେତାଙ୍କୁ ଛଅମାସ ଲେଖାଏଁ ସସପେଣ୍ଡ କରିଅଛନ୍ତି ।

ଷ୍ଟାମ୍ପବିକ୍ରେତାଙ୍କ ଦୌରାତ୍ମ୍ୟ କେବଳ ସଦର ମୁକାମରେ ହୁଅଇ ନାହିଁ ମଫସଲ ଅର୍ଥାତ୍ ସବଡିଭିଜନମାନଙ୍କରେ ମଧ୍ୟ ଏହିରୂପ କରିବାର ଶୁଣାଯାଏ ଏବଂ ଏମାନେ ଏହି ଅନିୟମ କରନ୍ତି ତାହା ନୁହେ ଆଉ ଅନେକ ପ୍ରକାରରେ ମଧ୍ୟ ଅଧିକା ଧନ ଅର୍ଜନ କରନ୍ତି । ସରକାରୀ କଚେରିର କି ମହିମା ଯେ ସେଠାରେ କିଛି କର୍ମ ପାଇଲା ତାହାର ଚିତ୍ତ ଉପରି ଲାଭ ଉପରେ ଧାବମାନ ହେଲା । ଷ୍ଟାମ୍ପବିକ୍ରେତାମାନେ ସରକାରଙ୍କ କର୍ମଚାରୀ ହୋଇଅଛନ୍ତି ସୁତରାଂ ପାଞ୍ଚ କେଶେଷ କଟିରେ କାଗଜ ପ୍ରତି ଦୁଇପଇସାଠାରୁ ଦୁଇଅଣା ପର୍ଯ୍ୟନ୍ତ ଅଧିକା ନେବାର ସୁଯୋଗ ପାଇଲେ ତ୍ରୁଟି କରନ୍ତି ନାହିଁ ଏ କଥାମାନ କଲେକ୍ଟରଙ୍କ ଗୋଚରରେ କିଏ ଆଣିବ ? ଷ୍ଟାମ୍ପବିକ୍ରେତାଙ୍କଠାରେ ପ୍ରାପ୍ୟ କାଗଜ ନ ଥାଏ ଓ ଲୋକ ପ୍ରୟୋଜନାନୁସାରେ ଯେତେ ପାରେ ଅଧିକା ଦେଇ କାଗଜ ନେଉ ଅଛେ । ଏହା ନିବାରଣ କରିବାର ଉପାୟ ସହଜ ନୁହଇ । ଅଧିକା ଲୋକଙ୍କୁ ପଟ୍ଟା ଦେଲେ ପ୍ରତ୍ୟେକଙ୍କ ଲୋଭ ଅଧିକ ବିକ୍ରୀର ଆଶାରେ ଉଚିତ ମୂଲ୍ୟରେ କାଗଜ ବିକିବେ ଏମନ୍ତ ସମ୍ଭବ ହେଉ ନାହିଁ କାରଣ ଯେତେ ଲୋକ ବିକ୍ରୟ କରୁଅଛନ୍ତି ପ୍ରାୟ ସମସ୍ତଙ୍କର ଏକପ୍ରକାର ସ୍ୱଭାବ ଅଟଇ ଯେବେ ସରକାରୀ ତହବିଲରୁ ଲୋକଙ୍କୁ ବିକ୍ରୟ କରାଯାଏ ଓ ପଟ୍ଟାଦାରମାନେ ପ୍ରତିମାସରେ କେ କେମନ୍ତ କମିଶନ ପାଏ ଲଭ୍ୟ ଦେବାର ହୁଅଇ ତେବେ ଅନେକ ଅନୁଯୋଗ ନିବାରଣ ହୋଇପାରେ ।

ଏପ୍ରସ୍ତାବ ଲେଖା ହେଲା ଉତ୍ତାରୁ ଶୁଣିଲୁଁ ଯେ କୌଣସି ବ୍ୟକ୍ତି ଷ୍ଟାମ୍ପ କାଗଜ ଦାଖଲ ଯେବେ ଖରିଦ ତାହା ନାମରେ ନ ଥାଏ ତେବେ ତାହା ଗ୍ରହଣ ନ କରିବାକୁ କଲେକ୍ଟର ସାହେବ ଆଜ୍ଞା ଦେଇଅଛନ୍ତି ।

---

ପୁଲିସର ମୋକଦ୍ଦମା ।

ଗତପକ୍ଷି କାରେ ପୁଲିସର ଯେଉଁ ମୋକଦ୍ଦମାର ବିବରଣ ଲେଖିଥିଲୁଁ ତାହା ପୁଲିସର ତଦାରକ କାଗଜରେ ଶେଷ ହେଲା ନାହିଁ । ଯେଉଁ ଲୋକକୁ ପୁଲିସ ମଦ ଖାଇ ଗୋଲମାଲ କରିଥିବା ଅଭିଯୋଗରେ ଚାଲାନ କଲା ସେ ଲୋକ ସବଇନସ୍ପେକ୍ଟର ମଙ୍ଗଳସିଂହ ନାମରେ ନାଲିସ କଲା ଉଭୟ ମୋକଦ୍ଦମା ବାବୁ ବରଦାକାନ୍ତ ଡେପୁଟିମାଜିଷ୍ଟ୍ରେଟଙ୍କ କର୍ତ୍ତୃଧୀନରେ ଅସିଲା ଓ ସେ ଉଭୟ ମୋକଦ୍ଦମାର ପ୍ରମାଣ ଓ ସରଜମିନ ତଦାରକ କରି ଉଭୟ ମୋକଦ୍ଦମାକୁ ଡିସମିସ କଲେ । ପୁଲିସ ଲୋକ

Digitized by srujanika@gmail.com

Split by PDF Splitter



ମୋକଦ୍ଦମାରେ ହାକିମ ଏହି ନିଷ୍ପତ୍ତି କଲେ କି ହମିଦଖାନ କନେଷ୍ଟବଲ ମଙ୍ଗଲସିଂହ ଓ ଅନ୍ୟ ଦୁଇ ଜଣ ସହିତ ମଦ ପାନକରିଥିଲେ ସତ୍ୟମାତ୍ର ସେ ମଦବଶରେ ବେହୋସ ହୋଇ କୌଣସି ଗୋଲମାଲ କରିବାର ପ୍ରମାଣ ନାହିଁ ।

ହମିଦଖାନ ମଙ୍ଗଲସିଂହ ନାମରେ ନାଲିସ କରିଥିଲା କି ମଙ୍ଗଲସିଂହ ଓ ଅନ୍ୟ ଦୁଇଜଣ ସଙ୍ଗେ ସେ ମଦ ପାନକରିଥିଲା ତଣେ ସଙ୍ଗୀ ମଦହୁଙ୍କରେ ଅଶକ୍ତ ହୋଇ ପଡିବାରୁ ତାହାକୁ ଏକ ବେଶ୍ୟାଘରେ ଶୁଆଇ ରଖିବାକୁ ଗଲେ ଓ ସେ ବେଶ୍ୟାକୁ ପାରିତୋଷିକ ଦେବାକାରଣ ହମିଦଖାନ ଅପଣା ଜେବରୁ ଏକଟଙ୍କା ବାହାର କରିଦେଲା ବେଶ୍ୟା ସେଟଙ୍କା ନ ନେବାରୁ ଜଣେ ସଙ୍ଗି କନଷ୍ଟବଲ ତାହା ହାତରୁ କାଢି-ନେଇ ମଙ୍ଗଲସିଂହକୁ ଦେଲା ଓ ଶେଷଲକ୍ତ ବ୍ୟକ୍ତି ଅପଣାଠାରେ ରଖି ମୁଦେଇ ମାଗିବାରୁ ତାହାକୁ ଦେଲା ନାହିଁ ଓ ସେ ନାଲିସ କରିବା-କଥା କହିବାରୁ ତାହାକୁ ଏକ ଘୁସା ମାଇଲା । ଏମୋକଦ୍ଦମାରେ ମଙ୍ଗଲସିଂହ ପକ୍ଷରେ ଗୁରୁଜଣ ମୁକ୍ତାର ଓ ବାବୁ ହରବଲ୍ଲଭ ବୋଷ ଉକିଲ ଥିଲେ ଓ ମୁଦେଇ ଶେଷଅବସ୍ଥାରେ ବାବୁ ନୀଲମାଧବ ବୋଷଙ୍କୁ ଉକିଲ ମୁକରର କଲା । ଦୁଇପକ୍ଷ ଉକିଲଙ୍କର ଏକଦାନ ବଡ ତର୍କବିତର୍କ ହେଲା ଓ ଅରଦିନ ମୁଦାଲାର ଉକିଲ ମୋକ-ଦ୍ଦମା ବେଳେ ଅଟିଲେ ନାହିଁ ପଶ୍ଚାତ୍ ଅନ୍ୟ କର୍ମରେ କଟେକୁ ଅଟିଲେ । ଯାହା ହେଉ ତାହାଙ୍କ ଅନୁପସ୍ଥିତରେ ମୋକଦ୍ଦମା ନିଷ୍ପତ୍ତି ହେଲା । ହାକିମ ମାଡପିଟର ପ୍ରମାଣ ସନ୍ତୋଷଜନ-କ ଜ୍ଞାନ କଲେ ନାହିଁ କାରଣ ଗୃହ ଅନ୍ଧକାର ଥିଲା ଓ ମୁଦେଇଠାରେ ଟଙ୍କା ଥିବାର ଅବି-ଶ୍ୱାସ କଲେ କାରଣ ସେ ଟଙ୍କା ରଖିବାର ଏହି ହେତୁ ଦେଖାଇଲା କି ଲୁଗା କିଣିବା ପାଇଁ ଟଙ୍କା ଅଣିଥିଲା ଏଥିକୁ ହାକିମ କହନ୍ତି ଯେ ଜୁନରେ ଲୁଗାକିଣା ହୁଅଇ ନାହିଁ । କେବଲ ଏତିକି ପ୍ରମାଣ ପାଇଲେ ଯେ ମୁଦେଇ ମୁଦାଲା ତିନେ ମଦପାନ କରିଥିଲେ ତେବେ ଜଣେ ମତ୍ତ ଅଉଜଣକୁ କି ପରି ଶାସନ କଲା ତାହା କିଛି ବୁଝିଲେ ନାହିଁ । ପଡୋଶିମାନେ ପ୍ରାୟ ସମସ୍ତେ ମୁଦେଇ ପକ୍ଷରେ ପ୍ରମାଣ ଦେବାରୁ ହାକିମ ଅନୁମାନ କଲେ ଯେ ଏମାନେ ମଙ୍ଗଲସିଂହ ବିରୁଦ୍ଧରେ ମେଳି କରି-ଅଛନ୍ତି । ଏ ଅନୁମାନଟି ବଡ ଚମତ୍କାର ଅଟଇ କାରଣ ଅଳ୍ପଦିନ ମଧ୍ୟରେ ଦୁଇ ସବଇନସ୍ପେକ୍ଟର-ନାମରେ ମୋକଦ୍ଦମା ହେଲା ଓ ଦୁଇଥରେ ଲୋକେ ମେଳି କରିଥିବାର ହାକିମମାନେ ସମ୍ଭବ କଲେ । ଏଥିରୁ ବୋଧ ହୁଅଇ ଯେ ହାକିମଙ୍କ ମତରେ ଲୋକେ ବଡମନ୍ଦ ମାତ୍ର ପୁଲିସ ଭଲ ସେମାନେ ଭଲ କରନ୍ତୁ ମନ୍ଦକରନ୍ତୁ ଲୋକେ କିଛି କହିଲେ ସେମାନେ ମେଳି କରି-ଥିବାର ପ୍ରକାଶ ହେବ ।

---

### ଯାଜପୁର ପୁଲିସ ଇନ୍‌ସ୍ପେକ୍ଟର ।

ଇନ୍‌ସ୍ପେକ୍ଟର ଶ୍ୟାମସୁନ୍ଦରଦତ୍ତ ମୋକଦ୍ଦମାରୁ ଖଲାସ ପାଇବାର କଥା ପୂର୍ବେ ଲେଖିଥିଲୁଁ । ଗତସପ୍ତାହରେ ସେ ପୁନର୍ବାର ଅପଣାକର୍ମରେ ନିଯୁକ୍ତ ହୋଇ ସେହି ଯାଜପୁରକୁ ପ୍ରେରିତ ହୋଇଅଛି । ପୁଲିସ ଅସିଷ୍ଟାଣ୍ଟ ଗେବନ୍ସ ସାହେବ ଏରୂପ ଆଜ୍ଞା ଦେଇ ଉଚିତ କରିଅଛନ୍ତି କି ନା ଏବିଷୟରେ ଅସଭ୍ୟ ଲୋକଙ୍କ ମଧ୍ୟରେ ଅନେକ ତର୍କ ବିତର୍କ ହେଉଅଛି ଓ ସାଧାରଣ ମତ ଏହି ଜଣାଯାଏ ଯେ ପୁଲିସର ଏ କାର୍ଯ୍ୟଟି ଉତ୍ତମ ହୋଇ ନାହିଁ । ଜଜସାହେବଙ୍କର ଏ ଯୁକ୍ତି ଯୁକ୍ତ ଓ ସର୍ବସାଧାରଣର ମତାନୁଯାୟି ହୋଇଅଛି କି ନା ସେବିଷୟ ଏପକ୍ଷେ ବ୍ୟକ୍ତ କରିବା ମାତ୍ର ଉକ୍ତ ରାୟରେ ଶ୍ୟାମସୁନ୍ଦରଙ୍କ ବିରୁଦ୍ଧରେ କିଛିମାତ୍ର ନାହିଁ ବରଂ ତାହା ପାଠକଲେ ବୋଧ ହୁଅଇ ଯେ ପ୍ରକାରାନ୍ତ-ରରେ ଜଜସାହେବ ମୋକଦ୍ଦମାକୁ ମିଥ୍ୟା-ଥିବାର କହି ଅଛନ୍ତି ଏଅବସ୍ଥାରେ ପୁଲିସସା-ହେବ ଯାହା କରିଅଛନ୍ତି ତହିଁର ଅନ୍ୟଥା କରି ନ ପାରନ୍ତେ କାରଣ ଉପଯୁକ୍ତ ଅଦାଲତରେ ଇନ୍‌ସ୍ପେକ୍ଟରର କୌଣସି ଦୋଷ ଥିବା ଯାଇ ନାହିଁ ସୁତରାଂ ମୋକଦ୍ଦମା ହେବା ପୂର୍ବରେ ଶ୍ୟାମସୁନ୍ଦର ଯେଉଁଠାରେ ଯେ ପଦରେ ଥିଲା ବର୍ତ୍ତମାନ ସେହିସବୁକୁ ଲଭିଲା । କିନ୍ତୁ ଜଜ-ସାହେବଙ୍କ ରାୟରେ ଗୋଟିଏ କଥା ଲେଖାଅଛି ଯେ ତାହା ପୁଲିସସାହେବଙ୍କୁ ସ୍ମରଣ ରଖିବାର ଥିଲା । ସାହେବ ଲେଖନ୍ତି କି ମୁଦାଲା ବିରୁଦ୍ଧରେ ମେଳ ହେବାର ତାହାଙ୍କ ବୋଧ ହେଉଅଛି ଓ ସେଠା ନିବାସି ଭଦ୍ରଲୋକମାନେ ପ୍ରାୟ ସମସ୍ତେ ତାହା ମନ୍ଦ ଆଚରଣର ଶୁଣା ସାକ୍ଷ୍ୟ ଦେଇଅ-ଛନ୍ତି । ଏପରି ସରଜମୀନ ତଦାରକରେ ଲୋକେ ସମସ୍ତେ ଶ୍ୟାମସୁନ୍ଦରଙ୍କ ବିରୁଦ୍ଧରେ କଥା କହି-ଅଛନ୍ତି ଅତଏବ ଇନ୍‌ସ୍ପେକ୍ଟର ବାସ୍ତବରେ ଦୋଷୀ ହେଉ କି ନ ହେଉ ତାହାକୁ ସେଠା-ଲୋକେ ସୁଖ ପାନ୍ତି ନାହିଁ ଓ ମୋକଦ୍ଦମାର ଫଳ ତାହାଙ୍କ ମନୋନୀତ ନ ହେବାରୁ ଅଧିକ ଘୃଣା କରିବେ । ଇନ୍‌ସ୍ପେକ୍ଟର ମଧ୍ୟ ମନୁଷ୍ୟର ସ୍ୱାଭାବିକ ଦୁର୍ବଳତା ହେତୁରୁ ସେମାନଙ୍କୁ ଶତ୍ରୁ ଜ୍ଞାନ କରିବେ କି ଅବା ପ୍ରତିଫଳ ଦେବାକୁ ମନସ୍ଥ କରି ନ ଥିଲେ ସୁଦ୍ଧା ବେଳେ ତାହାଙ୍କ କାର୍ଯ୍ୟପ୍ରତି ଲୋକେ ଉକ୍ତ ପ୍ରକାର ଦୋଷାରୋପ କରିବେ । ଅତଏବ ଯେ ସ୍ଥଳେ ପ୍ରଜା ଓ ସରକାରକର୍ମଚାରୀ ମଧ୍ୟରେ ପରସ୍ପର ଅବିଶ୍ୱାସ ଓ ବୈରର କାରଣ ରହିବାର ସ୍ପଷ୍ଟ ରୂପେ ଜଣା ଯାଉଅଛି ସେ ସ୍ଥଳେ ଏମାନଙ୍କୁ ଏକତ୍ରରେ ରଖିବାର କଦାଚ ଉଚିତ ହୋଇ ନାହିଁ ।

ଶ୍ରୀଯୁକ୍ତ ଜଜସାହେବ ଯେସମସ୍ତ ହେତୁରେ ଅସାମିକୁ ଖଲାସ ଦେଇଅଛନ୍ତି ତାହା ଅମ୍ଭ-ମାନଙ୍କର ମନୋନୀତ ହୋଇ ନାହିଁ । ତାହାର ପ୍ରଧାନ କଟକଲମ୍ବର ବସ୍ତବିକ ଅମ୍ଭେମାନେ ଯଥା ବହୁଲରୂପେ ମାନ୍ୟ କରି ଉକ୍ତକଥା କହିବାକୁ ବାଧ୍ୟ ହେଉଅଛୁଁ । ଡେପୁଟିମାଜିଷ୍ଟ୍ରେଟଙ୍କ ବିଚାର ପ୍ରତି ଜଜସାହେବ ଦୁଇଟି ଆପତ୍ତି ଘଟାଇଅଛନ୍ତି ପ୍ରଥମ ଏହି ଯେ ଡେପୁଟିମାଜିଷ୍ଟ୍ରେଟ ଶୁଣାକଥାପ୍ରତି ସମ୍ପୂର୍ଣ୍ଣରୂପେ ନିର୍ଭର କରିଅଛନ୍ତି ମାତ୍ର ଏରୂପ ସାକ୍ଷ ନେବା ଅନ୍ୟାୟ ଓ ବିଶେଷରେ ସାଧାରଣ ଦୁଷ୍ଟତାର ପ୍ରମାଣ ନେବା ହାଇକୋ-ର୍ଟର ମନା ଅଛି କାରଣ ତାହା ଅଟଇ କି ପ୍ରମାଣ ନାହିଁ । ଦ୍ୱିତୀୟ ସାକ୍ଷାତ ପ୍ରମାଣ ଯେସବୁ ଦିଆଯାଇଅଛି ସେସବୁ କେବଳ କାହାଣିର ମେଳ ନାହିଁ ଓ ମୁଦେଇର ଇଚ୍ଛାରୁ ଜନ୍ମ ପଡୁଅଛି । ତୃତୀୟ ଅପରାଧ ଘଟିବାର ଏକମାସ ଉତ୍ତାରେ ନାଲିସ ହୋଇଅଛି ଓ ଏକାପ୍ରକାର ଅପରାଧର ଦୁଇନାଲିସ ଏକସମୟରେ ହୋଇ-ଅଛି ଏଥିରୁ ଅନୁମାନ ହୁଅଇ ଯେ ଲୋକେ ମେଳି କରି ଏମୋକଦ୍ଦମାମାନ କରିଥିବାର ଅସମ୍ଭବ ନୁହଇ । ଚତୁର୍ଥ ମୁଦାଲା ପ୍ରାୟ ଭଦ୍ରଲୋକ ସତ୍କର୍ମରେ ଏପ୍ରକାର ମନ୍ଦାଚରଣ କରିବା କଥା ଅସମ୍ଭବ ଅଟଇ । ମାତ୍ର ଡେପୁଟିମାଜିଷ୍ଟ୍ରେଟ ସାହେବ ଏ ଆପତ୍ତିମାନଙ୍କୁ ପୂର୍ବରୁ ଅପେକ୍ଷା କରି ଉତ୍ତମରୂପେ ଖଣ୍ଡନ କରିଅଛନ୍ତି ଲୋକେ ଅଉ ସେସବୁର ବଲ କି ରହିଲା ? ଯେସ୍ଥଳେ ପ୍ରତ୍ୟକ୍ଷ ପ୍ରମାଣ ଅଛି ସେସ୍ଥଳେ ଶୁଣା ପ୍ରମାଣର ଦୋଷ ଧର୍ତ୍ତବ୍ୟ ନୁହଇ ଓ ପ୍ରତ୍ୟକ୍ଷ ପ୍ରମାଣର ଅମେଳ ପକ୍ଷରେ ଯେପରି କହିଅଛନ୍ତି କି ମୁଦେଇ ହାଟୁଆ ଜାତି ଭୟରେ ସବୁ କଥା ଗୋପନୀୟ ରଖିବାକୁ ଚେଷ୍ଟା କରିଅଛି ଓ

Digitized by srujanika@gmail.com

ଜଜ ସାହେବ ଯେ ବୋଲନ୍ତି କି ଯେବେ ପ୍ରତିବାଦିମାନେ ଜାଣିଲେ ଅଦାଲତରେ ଲୁଗ୍‌ପ୍ରକାର ପ୍ରୟୋଜନ କି ? ଏଥିରୁ ଏହି ବୋଧ ହୁଅଇ ଯେ ଲୋକଙ୍କ କଥା ଓ ଅଦାଲତରେ ପ୍ରମାଣ ହେବା କଥା ମଧ୍ୟରେ ଏଦେଶ ଲୋକେ କେତେ ପ୍ରଭେଦ ଥିବାର ଜ୍ଞାନ କରନ୍ତି ତାହା ତାହାଙ୍କୁ ଜଣା ନାହିଁ । ତୃତୀୟ ଆପତ୍ତି ବିଷୟରେ ଏହି ବକ୍ତବ୍ୟ ଯେ ମୋକଦ୍ଦମା ଅନ୍ୟପ୍ରକାରରେ ହାକିମଙ୍କ ଜ୍ଞାତସାରରେ ଆସିଲାରୁ ମୁଦେଇମାନେ ନାଲସ କଲେ ଓ ଏଥିରୁ ଏହି ପ୍ରକାଶ ହୁଅଇ ଯେ ଜାତ ଯିବା ଭୟରେ ନାଲସର ଜ୍ଞାନ ରହିଥିଲେ ସୁଯୋଗ ପାଇଲାରୁ ପ୍ରତିଫଳ ଦେବା ଆଶାରେ ଅଦାଲତକୁ ଆସିଲେ । ଚତୁର୍ଥ ଆପତ୍ତି ବିଷୟରେ ଏହି ବକ୍ତବ୍ୟ କି ଯେବେ ଭଦ୍ରଲୋକମାନେ ସାକ୍ଷ ଦେଇ ନ ଥାନ୍ତି ତେବେ ତାହା ବଳବତ୍ତର ହୁଅନ୍ତା କେବଳ ଉତ୍କର୍ଷ ପାଇଲେ କେହି ଭଦ୍ରଲୋକ ହୁଅଇ ନାହିଁ ଯେବ୍ୟକ୍ତି ଭଦ୍ରଲୋକଙ୍କଠାରେ ଆଦର ପାଏ ଓ ଯାହାକୁ ସଂସାର ଭଦ୍ର ବୋଲନ୍ତି ସେହି ଭଦ୍ରଲୋକ ଫଳତଃ ଅଧୀନ ଅଦାଲତ ଓ ଉଚ୍ଚଅଦାଲତର କାର୍ଯ୍ୟକର୍ତ୍ତାମାନ ଭୁଲ କରିବାରେ ଶେଷ କର୍ତ୍ତବ୍ୟ ମନକୁ ଦେନୁ ନାହିଁ ।

---

କେନ୍ଦ୍ରାପଡାର ଭାରପ୍ରାପ୍ତ ହାକିମ

କେନ୍ଦ୍ରାପଡାର ଅସିଷ୍ଟାଣ୍ଟକଲେକ୍ଟର ଓ ମାଜିଷ୍ଟ୍ରେଟ ମାନ୍ୟବର ଉଇଣ୍ଟର ସାହେବ ଯେଉଁପେ ଫଉଜଦାରୀ ବିଚାର କାର୍ଯ୍ୟ କରୁଅଛନ୍ତି ସେଥିରେ ପ୍ରଜାଙ୍କର ନିର୍ବାହ ହେବାର କଠିନ ପ୍ରଥମେ ଉକ୍ତ ମୁକାମର ପୁଲିସ ସବଇନସ୍ପେକ୍ଟର ନାମରେ ଅଦାଲତକୁ ଅବମାନନା କରିବାର ଅଭିଯୋଗ ଜନ୍ୟ ଅର୍ଥଦଣ୍ଡ କରିଥିଲେ ତାହା ମାଜିଷ୍ଟ୍ରେଟ ସାହେବଙ୍କ ବିବେଚନାରେ ଅନ୍ୟାଯ୍ୟ ଥିବାରୁ ନଥି ହାଇକୋର୍ଟକୁ ପଠାଗଲା ଓ ସେଥିରୁ ତାହା ରଦ ହୋଇ ଆସିଲା । ସେ ମୋକଦ୍ଦମାରେ ହାଇକୋର୍ଟର ଜଜମାନେ ଯାହା ବ୍ୟକ୍ତ କରିଥିଲେ ତହିଁରୁ ସୂଚକ ହେଉଥିଲା ଯେ ହାକିମ ସାବଧାନ ପୂର୍ବକ କର୍ମ କରିବେ ମାତ୍ର ତହିଁର କୌଣସି ଚିହ୍ନ ଅଦ୍ୟାପି ଦେଖାଯାଇ ନାହିଁ । ଉତ୍କଳଦୀପିକାରେ ଗତ ସପ୍ତାହରେ ତିନିନମ୍ବର ଅର୍ଥଦଣ୍ଡ ରଦ ହେଲାଣି ଓ ଏକନମ୍ବର ହାଇକୋର୍ଟକୁ ପଠା ଯାଇଅଛି । ରଦ ହୋଇଥିବା ମୋକଦ୍ଦମାମାନଙ୍କ ମଧ୍ୟରୁ ଦୁଇନମ୍ବର ଅବକାରୀ ଆଇନ ଲଙ୍ଘନ କରିବାର ଅପରାଧ ଥିଲା । ତହିଁରେ ଏକ ମୋକଦ୍ଦମାରେ ଟ ୫୦ ଓ ଅନ୍ୟରେ ଟ ୬୦ ଙ୍କା ଅର୍ଥଦଣ୍ଡ ହୋଇଥିଲା । ଅପିଲରେ ମାଜିଷ୍ଟ୍ରେଟ ଏକରେ ଟ ୩ ଙ୍କା ଓ ଅନ୍ୟରେ ଟ ୫ ଙ୍କା ମାତ୍ର ଅର୍ଥଦଣ୍ଡ ବାହାଲ ରଖି ଅଛନ୍ତି । ସାମାନ୍ୟ ମୋକଦ୍ଦମାରେ ଏତେ ଅଧିକ ଅର୍ଥଦଣ୍ଡ କରିବା କେତେଦୂର କଠିନ ପାଠକମାନେ ବିଚାର କରନ୍ତୁ । ବିନା ପର୍ମିଟରେ ମଦତ ବିକ୍ରୟ କରିବା ଅପରାଧ ଅଟଇ ସତ୍ୟ ମାତ୍ର ଯେସ୍ଥଳେ ଆପଣା ପାଇଁ ମଦତ ପ୍ରସ୍ତୁତ କରିବାର କାହାରକୁ ନିଷେଧ ନାହିଁ ଓ ଭୂଇ ଗୁରଜଣ ଦେଦାକର ଅପୂ କଣି ଏକାଠେଁ ମଦତ ପ୍ରସ୍ତୁତ କରି ବାଣ୍ଟିନେବାର ଦେଖାଯାଏ ଓ ଯେ ବ୍ୟକ୍ତି ଅନ୍ୟାୟ୍ୟ ବିକ୍ରୟ କରେ ତାହାଠାରେ ଜବ୍ଦ ମଦତ ନ ଥାଏ ସେସ୍ଥଳେ ସାମାନ୍ୟ ରେଗ୍ ବିକ୍ରୟରେ ତାହାର ବିଶେଷ ଲାଭ କି ସରକାରର ବହୁତ କ୍ଷତି ହୋଇ ନ ପାରେ ଏ ଅବସ୍ଥାରେ ଅଳ୍ପ ଅର୍ଥଦଣ୍ଡ ପ୍ରଚୁର ଅଟଇ ଏଣୁକରି ମାଜିଷ୍ଟ୍ରେଟଙ୍କ ବିଚାର ଅତି ଉତ୍ତମ ହୋଇଅଛି ବୋଲିବାକୁ ହେବ ।

ଅନ୍ୟ ମୋକଦ୍ଦମାଟି ବଡ଼ ଭୟଙ୍କର ଅଟଇ କାରଣ ଏଥିରେ ଅନର୍ଥକ ଅସାମିଙ୍କର ବିଶେଷ ଦଣ୍ଡ ହୋଇଅଛି । ଏଥିର ବିବରଣ ଏହି ଯେ ମୁଦେଇ ନାଲସ କଲା ଯେ ଦୁଇଜଣ ଅସାମି ତାହା ଅବାଦ କଲଗକ୍ଷେତର କଲଗ ତୋଳିନେଲେ । ଅସାମିମାନେ ଉତ୍ତର ଦେଲେ ଯେ ଜମି ତାହାଙ୍କର ଅଟେ ଓ ସେ ଅପେ ପ୍ରସ୍ତୁତ କରିଥିବା କ୍ଷେତରୁ କଲଗ ନେଇ ଅଛନ୍ତି ଉଭୟ ପକ୍ଷର ପ୍ରମାଣ ନେଇ ଅସିଷ୍ଟାଣ୍ଟ ମାଜିଷ୍ଟ୍ରେଟ ଅସାମିଙ୍କୁ ଚୋରୀ ଅପରାଧରେ ଦୋଷୀକରି ୨୦ ଯାହାର ଲେଖାଏଁ ବେଧାଘାତ ଦଣ୍ଡର ଆଜ୍ଞା ଦେଲେ । ଜଣେ ଦଣ୍ଡ ଭୋଗକଲା ଅନ୍ୟଜଣଙ୍କୁ ଡାକ୍ତର ଅନୁପଯୁକ୍ତ କହିବାରୁ ତାହାକୁ ଏକମାସ କାରାବାସ ଓ ୫୨୦ଙ୍କା ଅର୍ଥଦଣ୍ଡର ଆଜ୍ଞା ଦେଲେ କାରାଗାରରେ ଥିବା ଅସାମିର ଭାଇ ଅପିଲ କରିବାକୁ ଉଦ୍ୟମ କରି ଶୀଘ୍ର ନକଲ ନିମନ୍ତେ ଅସାମିଠାରୁ ଦରଖାସ୍ତ ଦଆଇବା ନିମନ୍ତେ ହାକିମଙ୍କଠାରେ ଦରଖାସ୍ତ କଲା କି ଜେଲଦାରୋଗା ଦ୍ୱାରା ଅସାମିକୁ କଚେରୀରେ ହାଜର ହେବାର ଆଜ୍ଞା ହେଉ ଯେ ସେ ନକଲ ପ୍ରାର୍ଥନା ଦରଖାସ୍ତରେ ଦସ୍ତଖତ କରିଇ ନେବ । ହାକିମ ତହିଁରେ ଆଜ୍ଞା କଲେ କି ଦରଖାସ୍ତକାରୀ କଯେଦରେ ନାହିଁ ରୀତିମତ ଷ୍ଟାମ୍ପ କାଗଜ ଦାଖଲ କଲେ ନକଲ ଦଆଯିବ ଓ ସେ ଓଜର କରି ଦୂଷ କହିବାରୁ କନଷ୍ଟବଲ ତାହାକୁ କଚେରୀରୁ ତଡିଦେଲେ । ତହୁଁ ସେ କଟକକୁ ଆସି ମାଜିଷ୍ଟ୍ରେଟଙ୍କ ନିକଟରେ ଏହି ସମସ୍ତ ଲେଖି ଦରଖାସ୍ତ ଦେବାରୁ ନଥି ତଲବ ହେଲା ଓ ବିଚାରରେ ତାହା ରଦ ହୋଇଲା ମାତ୍ର ତହିଁରେ ଆସାମିଙ୍କର କିଛି ଫଳ ହେଲା ନାହିଁ କାରଣ ଜଣେ ବେତଦଣ୍ଡ ପାଇଥିଲା ଓ ନକଲ ପାଇବାରେ ବିଳମ୍ବ ହେବାରୁ ଅପିଲ କରିବା ଦିନକୁ ତାହାର ମାସେ ମିଆଦ ପୂର୍ଣ୍ଣ ହୋଇଥିଲା । ଏରୂପ ଘଟନାରେ ମାଜିଷ୍ଟ୍ରେଟ ଟଏନବୀ ସାହେବ ବଡ ଦୁଃଖିତ ହେଲେ ଓ ନକଲ ନ ଦେବା ପକ୍ଷରେ ଅସିଷ୍ଟାଣ୍ଟ ମାଜିଷ୍ଟ୍ରେଟଙ୍କ କଇଫିୟତ ଉପରେ ନିର୍ଭର କରି କହିଲେ କି ଯଦ୍ୟପି ଆଇନ ଅନୁସାରେ ଦୋଷ ଦେଖା ଯାଉ ନାହିଁ ତଥାପି ଅସାମିକୁ ସମ୍ପୂର୍ଣ୍ଣରୂପ ସୁଯୋଗ ଦେବାର ଉଚିତ ଥିଲା ।

ଏଣେ ଅସିଷ୍ଟାଣ୍ଟ ମାଜିଷ୍ଟ୍ରେଟ ସାହେବ ଅସାମିର ଭାଇ ଉପରେ ଅଦାଲତର ଅବମାନନା କରିବାର ଅଭିଯୋଗ କରି ତାହା ନାମରେ ସମନ ଜାରି କଲେ ଏ ଅଭିଯୋଗର ହେତୁ ଏହି ଯେ ମାଜିଷ୍ଟ୍ରେଟସାହେବଙ୍କଠାରେ ଉକ୍ତ ବ୍ୟକ୍ତି ଯେଉଁ ଦରଖାସ୍ତ ଦେଇଥିଲା ତହିଁରେ ଅଦାଲତର ନିନ୍ଦା ଓ ମିଥ୍ୟା ଲେଖାଥିବାର ହାକିମ ଜ୍ଞାନ କଲେ କାରଣ ସେ ନକଲ ଦେବାକୁ ନିଷେଧ କରି ନ ଥିଲେ କିମ୍ବା ଦରଖାସ୍ତକାରୀକୁ ବାହାର କରି ଦେବାପାଇଁ କନଷ୍ଟବଲକୁ କହି ନ ଥିଲେ । ସମନ ଅନୁସାରେ ଉକ୍ତ ବ୍ୟକ୍ତି ଉପସ୍ଥିତ ହେବାରୁ ତାହା ଉପରେ ଅପରାଧ ପ୍ରମାଣ କରି ତାହାକୁ ଏକ ସପ୍ତାହ କଏଦ ଦେଲେ ଓ କଏଦର ଏହି ଯୁକ୍ତି ଦେଖାଇଲେ ଯେ ଅସାମିର ଭାଇ ଉପରେ ଅଳ୍ପଦିନ ହେଲା ଟ ୨୦ ଙ୍କା ଅର୍ଥଦଣ୍ଡ ହୋଇଥିଲା ଓ ଏଦୁହେଁ ଏକତ୍ରରେ ବାସ କରନ୍ତି ସୁତରାଂ ଅର୍ଥଦଣ୍ଡର ଆଜ୍ଞା ଦେଲେ ତାହାକୁ ବଡବାଧିବ ଅର୍ଥାତ୍ ଅସିଷ୍ଟାଣ୍ଟ ମାଜିଷ୍ଟ୍ରେଟ ଦୟା କରି ତାହାକୁ କଏଦ ଦେଲେ ଅର୍ଥଦଣ୍ଡ ହେଲେ ପଛେ ଫେରି ଇଚ୍ଛନ୍ତା କାରାବାସତ ଫେରିବାର ନୁହଇ !

ମାଜିଷ୍ଟ୍ରେଟ ଟଏନବୀ ସାହେବ ଅତି ବିଚକ୍ଷଣତା ସହକାରେ ପୂର୍ବରୁ ଏରୂପ ଫଳର ଆଶଙ୍କା କରିଥିଲେ ଓ ଏଥିପାଇ ମୋକଦ୍ଦମା ଖତ୍ମିରୁ ଉତ୍ତାରୁ ଶୀଘ୍ର ନଥି ପଠାଇବାକୁ ପ୍ରାର୍ଥନା କରିଥିଲେ । ନଥି ପ୍ରବେଶମାତ୍ରକେ ସେ ଅବଗତ ହୋଇ ଥିବା ଜାଣିପାରି ହାଇକୋର୍ଟର

ବିଷୟର ନିମିତ୍ତ ସବୁକାଗଜପତ୍ର ପଠାଇବାକୁ ସ୍ଥିର କରିଅଛନ୍ତି ମାତ୍ର ହାଇକୋର୍ଟର ସବୁ ଆଜ୍ଞା ରଦ ହେଲେ ଅବା ନ ହେବ ଆସାମିମାନଙ୍କର ଯେ କିଛି ଦଣ୍ଡ ହେବାର ଥିଲ ତାହା ସେମାନେ ଭୋଗ କରିଅଛନ୍ତି । ହାଇକୋର୍ଟ ଏ ମକଦ୍ଦମାରେ କିମ୍ପ ମନ୍ତବ୍ୟ ବ୍ୟକ୍ତକରିବେ ତାହା ଜାଣିବା-ଆଗରେ ଅମ୍ଭେମାନେ ସଞ୍ଚିତ ମତ ପ୍ରକାଶ କରିବାର କ୍ଷାନ୍ତ ରହିଲୁଁ ପାଠକମାନେ ମକଦ୍ଦ-ମାର ବୃତ୍ତାନ୍ତମାନ ଆଲୋଚନା କରି ଆପଣାର ମତ ସ୍ଥିର କରନ୍ତୁ । ଅମ୍ଭେମାନେ କେବଳ ଏତିକି ବର୍ତ୍ତମାନ କହୁଅଛୁଁ ଯେ ଗୋଯୁକ୍ତ ମାଜି-ଷ୍ଟ୍ରେଟ ଟିଏନଲୀ ସାହେବ ଯେମନ୍ତ ନିରପେକ୍ଷ ହୋଇ ନ୍ୟାୟ ଓ ବିଦ୍ଯାପୂର୍ବକ ଏ ମକଦ୍ଦମାମାନ ବିଚାର କରିଅଛନ୍ତି ତାହା ଅତି ପ୍ରଶଂସନୀୟ ଅଟଇ ।

# ସାପ୍ତାହିକ ସଂବାଦ

କଟକର ଡେପୁଟୀ କଲେକ୍ଟର ଜେ, ଡବ-ଲିଯୁ ଟେଲର ସାହେବ ଗତ ରବିବାର ପ୍ରାତଃ-କାଳରେ ପରଲୋକ ଗମନ କଲେ । ଏମହାଶୟ ଅତି ଉତ୍ତମଲୋକ ଥିଲେ ଏହାଙ୍କ ପାଇଁ ସମସ୍ତେ ଦୁଃଖିତ ଅଛନ୍ତି । ଏହାଙ୍କ ହସ୍ତରେ ରେଜିଷ୍ଟ୍ରୀ ଓ ଗଣଣାଗାର ଭାର ଥିଲ ସେ ସବୁ ବର୍ତ୍ତମାନ ମାନସନ ସାହେବଙ୍କୁ ଅର୍ପିତ ହେବ ।

ଏନଗରର ଜଣେ ପ୍ରଧାନ ପଣ୍ଡିତ ଶ୍ରୀ ଲୋ-କନାଥ ବାଚସ୍ପତି ମହାପାତ୍ର ଗତ ସୋମବାର ମାନବଲୀଳା ସମ୍ବରଣ କରି ଦିବ୍ୟଧାମକୁ ଗମନ କଲେ । ଏମନ୍ତ ସୁଯୋଗ୍ୟମାନ ଲୋକର ମୃତ୍ୟୁ ଅତି ଦୁଃଖକର ଅଟଇ ବିଶେଷରେ ତାହାଙ୍କର ବୟସ ଅଧିକ ହୋଇ ନ ଥିଲ । ପଣ୍ଡିତ ଲୋକନାଥ ବାଚସ୍ପତି ଉତ୍ସାହିନୀ ସଭାର ସହକାରୀ ସଂପାଦକ ଥିଲେ ।

ଗତ ମଙ୍ଗଳବାର ରାତ୍ର ଶେଷ କିମ୍ବା ବୁଧ-ବାର ପ୍ରାତଃକାଳରେ ଏ ନଗର ସାହେବଜାଦା ବଜାରରେ କେହି ଦୁର୍ବୃତ୍ତ ଟ ୫୨ ଙ୍କାର ଅଳଙ୍କାର ଲୋଭରେ ଜଣେ ୯।୧୦ ବର୍ଷ ବୟସ୍କା ଝିଅର ଗଳା ମୋଡିଦେଇ ପ୍ରାଣବଧ କରିଅଛି । ସେସ୍ଥଳରେ ସେଠାରେ ସମାଜବନ୍ଦୀ ଯାତ୍ରା ହେଉଥିଲା । ପିଲା ସେଠାକୁ ଦେଖିବାକୁ ଆସିଥିବାର କଥିତ ହୁଏଇ ମୋକଦ୍ଦମା ପୁଲିସର ବିଚାରରେ ଅଛି ଆସାମି ଧରାପଡ଼ି ନାହିଁ ।

ମହଲନ୍ଦ ଏକଗ୍ରମ ଇସ୍କୁଲ ସୁପ୍ରିଣ୍ଟେଣ୍ଡାର ଜଣେ ଡେପୁଟୀ କଲେକ୍ଟର ଓ ଡେପୁଟୀ ମାଜିଷ୍ଟ୍ରେଟ ପଦରେ ଏକ୍‌ଟିଂ ସ୍ୱରୂପ ନିଯୁକ୍ତ ହୋଇଅଛନ୍ତି ।

ଗବର୍ଣ୍ଣମେଣ୍ଟ ଇଣ୍ଡିଆ ନିୟମ କରିଅଛନ୍ତି ଯେ ମହାଜନର ଖାତାବହିରେ ଯେ ହିସାବ ଲେ-ଖାଥାଏ ଓ ତହିଁରେ ଖାତକ ଦସ୍ତଖତ କରଇ ତାହା ଦାବିବାରକୁ ଖାତକର ଲେଖାବନ୍ଧ ହି-ସାବ କାଗଜ ଅଥବା ଦେଣାର ସ୍ୱୀକାର ପତ୍ରସ୍ୱରୂପ ଜ୍ଞାନ କରିବାକୁ ହେବ ଓ ତହିଁ ଉପରେ ସନ ୧୮୬୯ ମସିହା ଷ୍ଟାମ୍ପ ଆଇନର ଏକ ଚିହ୍ନିତ ତପସିଲର ଧା ୫ ଅନୁସାର ମାସୁଲ ଲାଗିବ ।

ବୋର୍ଡରେବନ୍ୟୁ କମିଶନରମାନଙ୍କ ଉପରେ ସରକୁଲାର ଆଜ୍ଞା ପ୍ରଚାର କରିଅଛନ୍ତି ଯେ ଇନକମଟାକ୍ସ ବିଷୟରେ ଆପତ୍ତି ଦରଖାସ୍ତ ଗ୍ରାହ୍ୟ ହେଲେ ଦରଖାସ୍ତର ଷ୍ଟାମ୍ପର ମୂଲ୍ୟ ଉକ୍ତ ଦରଖାସ୍ତକାରୀକୁ ଫେରି ଦିଆଯିବ । ସର୍ବସାଧାରଣଙ୍କ ଗୋଚରାର୍ଥେ ପଭେଙ୍କ ଅସେ-ସରଙ୍କ ଗେଜେଟରେ ବିଜ୍ଞାପନ ଦିଆଯିବ ।

## ବିଜ୍ଞାପନ

ବୋଲଗଡ଼ ବିଦ୍ୟାଳୟର ପ୍ରଧାନ ଶିକ୍ଷକତା ପଦରେ କୌଣସି ବ୍ୟକ୍ତି ନିଯୁକ୍ତ ହେବାର ଅଛି ମାସିକ ବେତନ ପନ୍ଦର ଟଙ୍କା ଯାହାଙ୍କର ସଂସ୍କୃତ ବ୍ୟାକରଣରେ ଉତ୍ତମ ନିପୁଣତା ଥିବ ଓ ଗଣି-ତରେ କ୍ଷେତ୍ରତତ୍ତ୍ୱ ଓ ପାଟୀଗଣିତକୁ ଉତ୍ତମରୂପେ ଜାଣିଥିବେ, ଅଥଚ ଭୂଗୋଳ ପାଠକରିଥିବେ ଏପ୍ରକାର କୌଣସି ବ୍ୟକ୍ତି ଅମ୍ଭଠାରେ ଆବେଦନ କଲେ ଅମ୍ଭେ ତାହାଙ୍କୁ ଉକ୍ତକର୍ମରେ ନିଯୁକ୍ତ କରିଇ ପାରୁଁ । ତା ୭ ଣ ଜୁନ ସନ ୧୮୭୧ ମସିହା ।

GOVIND CHANDRA MAHAPATRA.

ସୁଲବିଦ୍ୟାଳୟ ସମୂହର ଡେ, ଇ,

ହଣ୍ଟନସାଟ, ଜଗି, ବନ୍ଧୀ, ଓ ଧାରଓ୍ୱାର ନାମରେ ଟ୍ୟାଇ କପାମଞ୍ଜି ଅମ୍ଭ ନିକଟରେ ମହଜୁଦ ଅଛି । ଏସବୁ ଉତ୍କୃଷ୍ଟ କପା ଅଟଇ । ଏହାର ଚାଷ ଏଜିଲ୍ଲାରେ ପ୍ରଚାର କରିବା ମାନ-ସରେ ଅମ୍ଭେ ବିନାମୂଲ୍ୟରେ ପ୍ରାର୍ଥନାକାରଙ୍କୁ ଏ କପାମଞ୍ଜିମାନ ଦେଇପାରୁଁ । ଏହାର ଚାଷ ପ୍ରାୟ ଓଡ଼ିଶାରେ ବର୍ତ୍ତମାନ ଚଳନ୍ତି କପାସ ପର ଅଟଇ ।

ଦସ୍ତଖତ ଟି, ଏମ, ଇର୍ଭିଙ୍ଗ ସାହେବ ।
କେନାଲ ରେବନ୍ୟୁ ସୁପ୍ରିଣ୍ଟ

କେନାଲ ରେବନ୍ୟୁ ମହକୁମାରେ ନିମ୍ନଲିଖିତ କର୍ମମାନଙ୍କରେ ଯେଉଁମାନେ ନିଯୁକ୍ତ ହେବାର ପ୍ରାର୍ଥନା କରନ୍ତି ସେମାନେ ଚଳିତମାସ ୨୦ ତାରିଖ ପୂର୍ବରୁ ଅମ୍ଭେ ନିମ୍ନ ସ୍ୱାକ୍ଷରକାରଙ୍କ ନିକଟରେ ସ୍ୱୟଂ ଯୋଗ୍ୟତା ପତ୍ରାଦି ସହିତ ଉପସ୍ଥିତ ହେବେ ।

ଏକଜଣ ହିସାବର ମାସିକ ବେତନ ଟ ୫୦ ଙ୍କା ମାତ୍ର କାର୍ଯ୍ୟଦକ୍ଷତାନୁସାରେ ଟ ୬୦ ଙ୍କା ଟ ୮୦ ଙ୍କା ଏବଂ ଟ ୧୦୦ ଙ୍କା ପର୍ଯ୍ୟନ୍ତ ବୃଦ୍ଧି ହେବ ଏ ଲୋକକୁ ଉତ୍କଳଭାଷା ଉତ୍ତମରୂପେ ଜାଣିବାର ଅବଶ୍ୟକ ।

ଜ ୧୦ ଣ ପେଟ୍ରୋଲ ମାସିକ ବେତନ ଟ ୫ ଙ୍କା ମାତ୍ର କାର୍ଯ୍ୟଦକ୍ଷତାନୁରେ ଟ ୬।୭।୮ ଓ ୧୦ ଙ୍କା ପର୍ଯ୍ୟନ୍ତ ବୃଦ୍ଧିହେବ । ଓଡ଼ିଆ ଲେଖି-ବାକୁ ଓ ପଢ଼ିବାକୁ ପାରୁଥିବ ।

ଏକଜଣ ହେଡ୍‌କ୍ଲର୍କ ବେତନ ଟ ୨୦ ଙ୍କା ଇଂରାଜୀ ଏବଂ ଓଡ଼ିଆ ଉଭୟ ଭାଷା ଉତ୍ତମରୂପେ ଜାଣି-ବାର ଅବଶ୍ୟକ ।

ଏକଜଣ ସଦର ମୋହରିର ବେତନ ଟ ୧୫ ଙ୍କା
ଏକଜଣ ଏଜେନ ଟ ୧୦ ଙ୍କା
ଏକଜଣ ଅମିନ ଟ ୧୫ ଙ୍କା

ଏକଜଣ ସଦର ମୋହରିର କେନାଲ ରେବନ୍ୟୁ ସୁପରିଣ୍ଟେଣ୍ଡେଣ୍ଟଙ୍କ କଚେରି ସକାଶେ ବେତନ ଟ ୪୦ ଙ୍କା କାର୍ଯ୍ୟଦକ୍ଷତାନୁସାରେ ଟ ୮୦ ଙ୍କା ପର୍ଯ୍ୟନ୍ତ ବୃଦ୍ଧି ହେବ । ଏକର୍ମଚାରୀ ଓଡ଼ିଆ ଭାଷା ଏବଂ ଓଡ଼ିଆ ହିସାବ ଉତ୍ତମରୂପେ ଜାଣିଥିବ ।

କଟକ
ତା ୫ ଇଙ୍ଗ ଜୁନ
ସନ ୧୮୭୧
} ମୁଁଶର ଡି, ଏମ, ଇର୍ଭିଙ୍ଗ ସାହେବ କେନାଲ ରେବନ୍ୟୁ ସୁପ୍ରିଣ୍ଟେଣ୍ଡେଣ୍ଟ

## ମୂଲ୍ୟପ୍ରାପ୍ତି ।

ଶ୍ରୀ ରେବନସାହେବ ଚଟ୍ଟଗ୍ରାମ ବଙ୍ଗଦେଶ ଟ ୪।୦
,, ଅନନ୍ଦଚନ୍ଦ୍ର ମହାପାତ୍ର ପୁରୀ ,, ଟ ୩
ବାବୁ ସାଧୁଚରଣଦାସ କଟକ ,, ଟ ୩
,, ରାଧାକୃଷ୍ଣଦାସ ,, ,, ଟ ୧
,, ଶିବପ୍ରସାଦସିଂହ ଦେଓ ,, ଟ ୧।

ଏହି ଉତ୍କଳଦୀପିକା ସହର କଟକ ଦର୍ଘା-ବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରଚାର ହେଲା ।

Split by PDF Splitter
Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୭ } ତା ୧୭ ରଖ ମାହେ ଜୁନ ସନ ୧୮୭୯ ମସିହା ମୁ। ଆଷାଢ଼ ଦ ୭ ନ ସ ୧୨୮୬ ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ୪॥
ସଂ ୨୦ ସଂଖ୍ୟା } ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫୲
ମଫସଲ ପାଇଁ ଡାକମାସୁଲ ୧୲

### ଗବର୍ଣ୍ଣମେଣ୍ଟ କରେନ୍ସି ନୋଟ ।

ଜିଲ୍ଲା ଖଜଣାଖାନାରେ କରେନ୍ସିନୋଟ କିଣିବା ଓ ଭଙ୍ଗାଇବାର ସୁଯୋଗ କରିଦେବା ପାଇଁ ନୂତନ କରେନ୍ସି ଆଇନ ଜାରିହେବା ସମୟରେ ଗବର୍ଣ୍ଣମେଣ୍ଟ ମନସ୍ଥ କରିଥିଲେ । ସମ୍ପ୍ରତି ଏଜିଲ୍ଲାରେ ତଦନୁସାରେ କାର୍ଯ୍ୟାରମ୍ଭ ହେଲଣି । ଏହିମାସରେ ଏକଲକ୍ଷଟଙ୍କାର କରେନ୍ସିନୋଟ କଲିକତାରୁ ଆସିଅଛି ଓ ସର୍ବସାଧାରଣଙ୍କୁ ବିଜ୍ଞାପନ ଦିଆ ଯାଇଅଛି କି ନୋଟ ଭଙ୍ଗାଇବାର ବା କିଣିବାର ପ୍ରୟୋଜନ ହେଲେ ଖଜଣାଖାନାରେ ପ୍ରାର୍ଥନା କଲା ମାତ୍ରକେ ବାଞ୍ଛା ସିଦ୍ଧ ହୋଇ ପାରିବ । ସବୁ ପ୍ରଦେଶର ନୋଟ କ୍ରୟବିକ୍ରୟ ହେଉଅଛି ଆଉ କୌଣସି ପ୍ରତିବନ୍ଧକ ନାହିଁ । ଏହି ନିୟମାନୁସାରେ କାର୍ଯ୍ୟାରମ୍ଭ ହେଲା ଦିନୁ ପ୍ରାୟ ପନ୍ଦରହଜାର ଟଙ୍କାର ନୋଟ ବିକ୍ରୟ ହେଲଣି ଓ ଏଜିଲ୍ଲାରେ ସ୍ଥାନାନ୍ତରକୁ ଅଧିକ ଟଙ୍କା ପଠାଇବାର ଆଉ କୌଣସି ଉପାୟ ନ ଥିବାରୁ ଅନୁମାନ ହୁଏଇ ଏକଲକ୍ଷଟଙ୍କାର ନୋଟ ପ୍ରାୟ ଦୁଇମାସର ଖର୍ଚ୍ଚକୁ ଅଣ୍ଟିବ ନାହିଁ । ବର୍ତ୍ତମାନ କେବଳ ସ୍ଥଳପଥରେ ମାସକୁମାସ ପ୍ରାୟ ଲକ୍ଷେ ଟଙ୍କାର ବେପାର କଲିକତାରୁ ଆସୁଅଛି ଓ ସେପରିମାଣରେ ବେପାର ଏଠାରୁ ଯାଏ ନାହିଁ ସୁତରାଂ ବହୁତ ଟଙ୍କା ପଠାଇବାର ଆବଶ୍ୟକ ହୁଏଇ । ବର୍ତ୍ତମାନ ସେ ସବୁ ନୋଟଦ୍ୱାରା ପଠାଯିବ ଓ ଅଳ୍ପକାଳରେ ନୋଟସବୁ ସରିଯିବ । ତହୁଁ ଗବର୍ଣ୍ଣମେଣ୍ଟ ଆଉ ଥରେ ନୋଟ ପଠାଇବେ ଏମନ୍ତ ଆଶା ନାହିଁ କାରଣ ଏରୂପ ସୁଯୋଗ ଦେବାର ଏହି ନିୟମ ହୋଇଅଛି ଯେ ଏକ ଲକ୍ଷ ଟଙ୍କାର ନୋଟ ଏକ ସିନ୍ଦୁକରେ ମୁଦ୍ରିତରୂପେ ରହିଥିବ । ଯେତେ ନୋଟ ବିକ୍ରୟ ହେବ ସେ ଟଙ୍କା ସେହି ସିନ୍ଦୁକରେ ରହୁଥିବ ଓ ଯେତେ ନୋଟ ଭଙ୍ଗା ହେବାକୁ ଆସିବ ସେହି ସିନ୍ଦୁକରୁ ଟଙ୍କା ଦିଆଯିବ । ଏଥକୁ ଏଜିଲ୍ଲାରେ ବହୁତ ନୋଟ ଲୋକେ କିଣନ୍ତି ମାତ୍ର ଖଜଣାଖାନାକୁ ଭଙ୍ଗାଇବା କାରଣ ଅତ୍ୟଳ୍ପ ଆସଇ ତହିଁର ହେତୁ ଏହି ଯେ ନୋଟସବୁ କଲିକତାକୁ ବାହାରି ଯାଏ ଜିଲ୍ଲାରେ ବ୍ୟବହାର ହେଉଁଥିଲେ ସିନା ଫେରି ଆସନ୍ତା । ଏରୂପ ଅବସ୍ଥାରୁ ଏହିଫଳ ହେବ ଯେ ଅଳ୍ପକାଳରେ ନୋଟସବୁ ବିକ୍ରୟ ହୋଇ ସିନ୍ଦୁକରେ ଏକଲକ୍ଷ ନଗଦ ଟଙ୍କା ରହିବ ଆଉ କେହି ନୋଟ ପାଇବେ ନାହିଁ । ଫଳତଃ ଯେପର୍ଯ୍ୟନ୍ତ ଜିଲ୍ଲାରେ ନୋଟ ଚଳପ୍ରଚଳ ନ ହେବ ସେପର୍ଯ୍ୟନ୍ତ ଏନିୟମ ଏଠାରେ ସଫଳ ହେବାର ଦୁସ୍ତର ।

---

### ଜଜଙ୍କର ଅବାସ୍ତୁ କାର୍ଯ୍ୟପ୍ରଣାଳୀ ।

ଏଥିପୂର୍ବେ ଆମ୍ଭେମାନେ ଶ୍ରୀ କର୍କୁଡ ସାହେବଙ୍କ କଲ୍ଲୁଭାର କିୟଦଂଶ ସମାଲୋଚନା କରିଥିଲୁଁ ଗତସପ୍ତାହରେ ତହିଁର ଅବଶିଷ୍ଟ ଶେଷ କରିବାର ମାନସ ଥିଲା ମାତ୍ର ଅନ୍ୟାନ୍ୟ ଗୁରୁତର ବିଷୟମାନ ମନକୁ ଆକୃଷ୍ଟ କରିବାରୁ ତହିଁ ପ୍ରତି ମନୋଯୋଗ କରି ନ ପାରିଲୁଁ ବର୍ତ୍ତମାନ ଏବିଷୟରେ ଯାହା ବକ୍ତବ୍ୟ ଅଛି କହୁଅଛୁଁ ।

ଶ୍ରୀଯୁକ୍ତ କର୍କୁଡ ସାହେବଙ୍କ କଲ୍ଲୁଭାର ସାମାନ୍ୟ ନୁହେ ଏହା ଛାପାଅକ୍ଷରରେ ୨୦ ପୃଷ୍ଠା ହୋଇଅଛି ଏବଂ ଏଥିରେ ଭୂତ ଭବିଷ୍ୟତ ବର୍ତ୍ତମାନ ତିନକାଳର କଥା ଲେଖାଅଛି କାରଣ ସାହେବ କୌଣସି କଥା କହିବାକୁ ଛାଡ଼ି ନାହାନ୍ତି । ଆମ୍ଭେମାନେ ଯେତେ ଏହାକୁ ପାଠ କରୁଁ ତେତେ ସାହେବଙ୍କ ମୁନସିଗିରିକୁ ଧନ୍ୟବାଦ ଦେଉଁ ମାତ୍ର ଦୁଃଖର ବିଷୟ ଯେ କଲ୍ଲୁଭାର ରଚନା ଯେରୂପ ତହିଁରେ ସେରୂପ ଯୁକ୍ତିମାନ ପ୍ରଦର୍ଶିତ ହୋଇ ନାହିଁ । ଯେବେ ତାହା ହୋଇଥାନ୍ତା ତେବେ କର୍କୁଡ ସାହେବଙ୍କ କାର୍ଯ୍ୟରେ ଦୋଷ ବାହାର କରିବା କଠିନ ହୋଇ ପଡ଼ନ୍ତା । ଯାହା ହେଉ ଆମ୍ଭେମାନେ ଜଜଙ୍କର ସର୍ବକାର୍ଯ୍ୟ ଭୂତ ଓ ବର୍ତ୍ତମାନ କାଳଦ୍ୱୟର ପରିଚୟ ଦେଇଅଛୁଁ ସେପକ୍ଷରେ ଗୋଟିଏ କଥା କହି ଭବିଷ୍ୟତର ବର୍ଣ୍ଣନା କରିବା ।

ବନ୍ଧଉପରେ ଗୋରୁ ଚରିଲାକୁ ସେ ଗୋରୁସବୁଙ୍କୁ ଧରି ଜଜଙ୍କର କର୍ମଚାରୀମାନେ ଗୋରୁପୋଷିବା ବ୍ୟକ୍ତି ଉପରେ ଜରିମାନା କରିଅଛନ୍ତି । ଏଥକୁ କର୍କୁଡ ସାହେବ ବୋଲନ୍ତି ଗୋରୁ ଚରିବାଦ୍ୱାରା ନାଲବନ୍ଧର ବହୁତ କ୍ଷତି ହୁଏଇ ଓ ଯେସ୍ଥଳେ ସେ ବନ୍ଧସବୁ ବହୁତ ସରକାରୀ ଟଙ୍କାରେ ପ୍ରସ୍ତୁତ ହୋଇଅଛି ଓ ଘାସ ଉଜଗ୍ନି ଦିଆଯାଉଅଛି ସେସ୍ଥଳେ ସେ ବନ୍ଧ-

Digitized by srujanika@gmail.com

ସବୁଙ୍କୁ ଗୋଠ ଖଣ୍ଡିବାର ଉଚିତ ନୁହଇ । ସାହେବ ମହାଶୟ ସ୍ୱୟଂ ଦେଖିଅଛନ୍ତି ଯେ ଲୋକେ ବନରେ ବହୁତ ଗୋରୁ ଚରଉଥିଲେ ଓ ବାରମ୍ବାର ନିଷେଧ ହେବାରେ ମଧ୍ୟ ମାନନ୍ତେ ନାହିଁ ସୁତରାଂ ସବୁ ଅର୍ଥଦଣ୍ଡ ଭିନ୍ନ ଉପାୟ ନ ଥିଲା । ଆମ୍ଭେମାନେ ଭରସା କରୁଁ ଏଥିରେ କାହାରି ଅସନ୍ତୁଷ୍ଟ ହେବାର କାରଣ ନାହିଁ ବିଶେଷରେ ସାହେବ ବୋଲନ୍ତି ଯେ ଅନ୍ୟସ୍ଥଳୁ ଗୋରୁ ବନ ଉପରକୁ ଗଲେ ତାହା ଅପରାଧ ନୁହଇ ଓ ଯେଉଁଠାରେ ନାଳବନଠାରୁ ଅନ୍ୟସ୍ଥାନକୁ ଯିବାର ଭଲ ବାଟ ନାହିଁ ସେସ୍ଥଳେ ବନବାଟରେ ଚାଲିଗଲେ ମଧ୍ୟ ଦୋଷ ହୋଇ ନ ପାରେ ।

ଏଥର ଭବିଷ୍ୟତ କଥା କହିବା

ସାହେବ ପ୍ରସ୍ତାବ କରନ୍ତି ଯେ ଭବିଷ୍ୟତକୁ ପାଞ୍ଚବର୍ଷୀୟା ପଟ୍ଟା ଦେବେ ଓ ସେଥିପାଇଁ ଟ ୫୧ ଜଳକର ଦେଣ ପଡ଼ିବ ଅର୍ଥାତ୍ ବର୍ଷକୁ ହାରହାରି ଟ ୧୦।୨ ପଡ଼ିବ । ଗତବର୍ଷ ଏକଟଙ୍କା ଦରରେ ପଟ୍ଟା ଦିଆଯାଇଥିଲା ତାହା ଅତି ଅଳ୍ପ ଅଟଇ କାରଣ ତହିଁରେ ଗବର୍ଣ୍ଣମେଣ୍ଟଙ୍କ ଖର୍ଚ୍ଚ ଉଠୁ ନାହିଁ ବର୍ଷକୁ ଟ ୨୨ ଦର ହେବାଉଚିତ କିନ୍ତୁ ଏକାଠି ପାଞ୍ଚବର୍ଷର ପଟ୍ଟା ନେଲେ କିଛି ଊଣା ପଡ଼ିବ । ଏତିକି ଊଣା କରିବାର ଏହି ହେତୁ ପ୍ରଦର୍ଶିତ ହୋଇଅଛି ଯେ ଲୋକେ ଯେମନ୍ତ ନାଳଜଳର ଫଳ ପ୍ରାପ୍ତ ହେବେ ତଦନୁସାର ଅଧିକ ଟଙ୍କା ଦେଲେ ତାହାଙ୍କୁ ବାଧିବ ନାହିଁ । ମାତ୍ର ସେ ଯେଉଁ ସମସ୍ତ ଲାଭର କଥା ଲେଖି ଅଛନ୍ତି ତାହା ପ୍ରଜାମାନେ ପ୍ରାପ୍ତ ହେବେ କି ନାହିଁ ସନ୍ଦେହ ତେବେ ଅଗଠାରୁ କି ପରୁ ପାଞ୍ଚବର୍ଷକୁ ଅଧିକା ଦରରେ କବୁଲିୟତ କରିବେ । ଆମ୍ଭେମାନେ ବୋଧ କରୁଁ ଯେପର୍ଯ୍ୟନ୍ତ ଅଧିକା ଫସଲ ପାଇବାକୁ ଲୋକେ ଶିକ୍ଷା କରି ନାହାନ୍ତି ସେ ପର୍ଯ୍ୟନ୍ତ ଏକଟଙ୍କା ଦରକୁ ସ୍ଥିର ରଖାଯାଉ ସୁଲଭ ଦରରେ ଜଳ ପାଇଲେ ପ୍ରଜାମାନେ ଆଗ୍ରହପୂର୍ବକ ନେବେ ଓ ଯେବେ ଏପରି ଜଳ ନେବାର ଲାଭ ଦେଖିବେ ତେବେ ତାହାଙ୍କଠାରୁ ପାଞ୍ଚବର୍ଷ କି ଛଅବର୍ଷ ଉତ୍ତାରୁ ଅଧିକଦର ଅଗାକଲେ ତାହା ସେମାନେ ଆନନ୍ଦପୂର୍ବକ ଦେବେ । ନାଳଜଳ କ୍ଷେତକୁ ଛୁଇଁବା ମାତ୍ରକେ ଯେ ଫସଲ ବଢ଼ି ହେବ ଏମନ୍ତ କିଛି ନିଶ୍ଚୟ ନାହିଁ ତେବେ ଅଗଠାରୁ ଚଢ଼ାଦର କରିବାର ପ୍ରୟୋଜନ କି ଅଛି ? ବର୍ତ୍ତମାନ ଅବସ୍ଥାରେ ପ୍ରଜାମାନେ ଅଧିକା କର ଦେବାର ବିଶ୍ୱାସ ହେଉ ନାହିଁ ।

ପାଞ୍ଚବର୍ଷୀୟା ପଟ୍ଟା ସଙ୍ଗେ ଯେ ନିୟମ ଗୁଡ଼ିକ ପ୍ରଚଳ କରିବାକୁ ସାହେବ ପ୍ରସ୍ତାବ କରନ୍ତି ତହିଁରେ ପ୍ରଥମ ନିୟମଟି ଗବର୍ଣ୍ଣମେଣ୍ଟଙ୍କ ପକ୍ଷରେ ସୁବିଧା ଅଟଇ ପ୍ରଜାଙ୍କର ଦୁଃଖ ଯିବ ନାହିଁ କୌଣସି ଗ୍ରାମ ସକାଶେ କେହି ଜଳକର ପଟ୍ଟା ନେଲେ ସେଗ୍ରାମର ଯେତେ ଭୂମିକୁ ଜଳ ଯାଇପାରେ ସେ ସବୁ ଉପରେ ଜଳକର ବସିବ ଏଥିର ଫଳ ଏହି ହେଉଅଛି କି କାହାର ଜଳ ପ୍ରୟୋଜନ ହେଉ କି ନ ହେଉ ଅଥବା ଜଳ ନେଉ କି ନ ନେଉ ଟଙ୍କା ଦେବାକୁ ହେବ ଓ ସରକାରଙ୍କୁ ବିଶେଷ ତଦାରକ କରିବାକୁ ହେବ ନାହିଁ । ଏ ଉପାୟ ବଡ଼ ସହଜ ଅଟଇ ମାତ୍ର ଏଥିରେ ପ୍ରଜାଙ୍କର ମନ ମାନିବ ନାହିଁ ଓ ତାହାଙ୍କର କ୍ଷତିହେବାର ମଧ୍ୟ ସମ୍ଭାବନା ।

୨ ଓ ୩ ନିୟମର ତାତ୍ପର୍ଯ୍ୟ ଏହି ଯେ ଗବର୍ଣ୍ଣମେଣ୍ଟ ଜଳ ଦେବାକୁ ତ୍ରୁଟିକଲେ ପଟ୍ଟାଦାର ତଦନୁଯାୟୀ ଖତ ପାଇବ ଏବଂ ନଦୀବଢ଼ି ହିଁ ଟିକା କିମ୍ବା ଅନ୍ୟପ୍ରକାରରେ ଫସଲ ହାନି ହେଲେ ତହିଁର ଖେସାରତ ପାଇବେ ଏନିୟମଦ୍ୱୟ ଭଲ ହୋଇଅଛି ବିଶେଷ ତୃତୀୟ ନିୟମର ବଳରେ ବୋଧ ହୁଅଇ ଗବର୍ଣ୍ଣମେଣ୍ଟ ଯଥାର୍ଥ ଦୟା ଓ ନ୍ୟାୟ ସହିତ ଏହିପବିଧାନ କରିଅଛନ୍ତି ।

ଚତୁର୍ଥ ଓ ଷଷ୍ଠ ନିୟମଦ୍ୱାରା କ୍ଷେତକୁ ପାଣି ଯିବାପାଇଁ ଯେଉଁ ମାହାଳିମାନ କାଟିବାର ଆବଶ୍ୟକ ହେବ ପଟ୍ଟାଦାର ସେସବୁ ପ୍ରସ୍ତୁତ ଓ ସମୟାନୁସାରେ ମରାମତ କରିବେ ଓ ଯୋଜଯାକୁ ଜଳ ବହି ନ ଯାଏ ଏଥିପାଇଁ ତାହାକୁ ବନ୍ଦ ପ୍ରସ୍ତୁତ କରିବାକୁ ହେବ । ଏନିୟମମାନ ବଡ଼ ଯୁକ୍ତିଯୁକ୍ତ ବୋଧ ହେଉ ନାହିଁ । କ୍ଷେତରେ ଜଳ ମଡ଼ାଇବା ଓ ଜଳ ଅପଚୟ ନୁହିଲେ ଏପକ୍ଷରେ ସାବଧାନ ହେବା ଗବର୍ଣ୍ଣମେଣ୍ଟ କର୍ମଚାରୀଙ୍କର କର୍ତ୍ତବ୍ୟ ଅଟଇ । ଯେବେ ପ୍ରଜାମାନେ ଏସମସ୍ତ ଦାୟ ଆପଣାମୁଣ୍ଡରେ ନେବେ ଏତେ ଉଚ୍ଚ ଦରରେ ଜଳକର କାହିଁକି ଦେବେ ? ପ୍ରଜା ଆପଣା କ୍ଷେତକୁ ଜଳ ନେବାର ପ୍ରାର୍ଥନା କଲା ତାହାକୁ ଜଳ ଦେବାକୁ ହେବ ବରଂ ସେ ଆପଣାକ୍ଷେତକୁ ଜଳ ନେବାର ମାହାଳି କରିପାରେ ମାତ୍ର ଅନ୍ୟ କ୍ଷେତର ମାହାଳି ସେ କାହିଁକି କାଟିବ କିମ୍ବା ପୁଷ୍କରିଣୀକୁ ଜଳ ବହିଯିବାର ନିବାରଣ ପକ୍ଷରେ ସେ କାହିଁକି ଦାୟୀଗ୍ରସ୍ତ ହେବ । ଜଳ ଖଣ୍ଡିବାବ୍ୟକ୍ତି ଯେବେ ବହୁତଜଳ ଛାଡ଼ିଦେବ ତେବେ [illegible] କେତେ କ୍ଷେତକୁ ଜଳ ମାଡ଼ିଯିବ ମାତ୍ର ଜଳ ଖଣ୍ଡିବା କର୍ମ ତାହା ହାତରେ ନାହିଁ ଅଥଚ ସେ ଦାୟୀ ହେବ ! ଏ କେମନ୍ତ ସୁନ୍ଦର ବିଚାର ହେଲା ।

ପଞ୍ଚମ ଓ ସପ୍ତମ ନିୟମଦ୍ୱାରା ବିଧାନ ହୋଇଅଛି ଯେ ସରକାରରୁ ଜାରିହେବା ପାଉଣା ଫର୍ଦ ଲିଖିତ ଟଙ୍କାରୁ କାହାରଠାରୁ ପଟ୍ଟାଦାର ଅଧିକଟଙ୍କା ଉସୁଲ କରିବ ନାହିଁ ଓ କେହିପଟ୍ଟା ବନାଉତିଅଧିକାରରେ ମୃତ୍ୟୁ କିମ୍ବା ପଳାନ୍ତକ ହେଲେ ତାହା ଉପରେ ପାଉଣା ଥିବା ଜଳକର କ୍ଷମା ଦିଆଯିବ । ଏଥିରେ କୌଣସି ଆପତ୍ତି ନାହିଁ ।

ଅଷ୍ଟମ ଓ ନବମ ଜଳକରଟଙ୍କା କିସ୍ତିବନ୍ଦିରେ ଆଦାୟ କରିବା ଏବଂ ପଟ୍ଟାଦାରଙ୍କୁ କମିସନ ଦେବା ବିଷୟରେ ଅଟଇ ସେଥିରେ ଆମ୍ଭମାନଙ୍କର କୌଣସି କଥା କହିବାର ଆବଶ୍ୟକ ନ ରହେ ।

ଭବିଷ୍ୟତ ପଟ୍ଟା ସମ୍ବନ୍ଧରେ ଉପରୋକ୍ତ ନଅଟି ନିୟମର ବ୍ୟାଖ୍ୟା କରି ପଞ୍ଚବର୍ଷୀୟା ପଟ୍ଟାର ବହୁତ ଗୁଣ ଗାୟନ କରିଅଛନ୍ତି ତହିଁର ସଂକ୍ଷେପ ଏହି ଯେ ଦୁଇ ଏକ ବର୍ଷରେ ନାଳ ଜଳର ଫଳ ଜଣାଯିବାର ସମ୍ଭବ ନୁହଇ ପାଞ୍ଚବର୍ଷ ପାଇଁ ଏକାବେଳକେ କବୁଲିୟତ ଦେଲେ ସୁକାଳ ଓ ଅକାଳ ଏ ଦୁଇ ସମୟରେ ନାଳ ଜଳ କି ପର୍ଯ୍ୟନ୍ତ ଫସଲ ପ୍ରତି ଉପଯୋଗୀ ଅଟଇ ଉତ୍ତମରୂପେ ବୁଝାଯିବ ମାତ୍ର ଗତବର୍ଷ କବୁଲିୟତ କରି ଲୋକେ ଯାହା ଅନୁଭବ କଲେଣି ତାହା ମନରେ କଲେ କେତେ ଯେ ଭବିଷ୍ୟତକୁ ସାହସ କରିବେ ଅନୁମାନ ହେଉ ନାହିଁ ।

ପଟ୍ଟା କାହାକୁ ଦେବାର ଉଚିତ ଅଥବା ଜଳକର କବୁଲିୟତ କାହାଠାରୁ ନେବାର ଭଲ ଏତଦ୍‌ବିଶେଷରେ ସାହେବ ଏହି ପ୍ରସଙ୍ଗର ମୀମାଂସା କରିଅଛନ୍ତି । ସାହେବ ବୋଲନ୍ତି ଯେ ଜମିଦାରମାନେ ପଟ୍ଟା ନେଲେ ସେ ଆନନ୍ଦ ହେବେ ମାତ୍ର ଜମିଦାର ଯେବେ ନ ନିଅନ୍ତି ତେବେ ସେ ପ୍ରଜା ଅଥବା ବାହାର ଲୋକଙ୍କୁ ପଟ୍ଟା ଦେବେ । କିନ୍ତୁ ପ୍ରଜା ସଙ୍ଗେ ସ୍ୱତନ୍ତ୍ରରୂପେ କାରବାର କରିବାକୁ ସେ ଭଲ ପାନ୍ତି ନାହିଁ । ଜମିଦାରଠାରେ ତାହାଙ୍କର ବହୁତ ଆସ୍ଥା କାରଣ ଏ ଲୋକ ରଜା ଓ ପ୍ରଜା ମଧ୍ୟରେ ମଧ୍ୟସ୍ଥ ଅଟଇ ଏହାର ପ୍ରବର୍ତ୍ତନାରେ ପ୍ରଜାମାନଙ୍କର ବହୁତ ମଙ୍ଗଳ ହେବାର ସମ୍ଭାବନା ।

Split by PDF Splitter

Digitized by srujanika@gmail.com

ସାହେବଙ୍କର ଏରୂପ ଇଚ୍ଛାକୁ ମନୋଯୋଗପୂର୍ବକ ଆଲୋଚନା କଲେ ବୋଧ ହୁଅଇ ଯେ କେବଳ ବହୁତ ଟଙ୍କା ଅଦାୟ କରିବାର ତାହାଙ୍କର ମାନସ ଅଟଇ ପ୍ରଜାଙ୍କ ସୁଖ ସଚ୍ଛନ୍ଦତାକୁ ସେ ଆସ୍ଥା କରନ୍ତି ନାହାନ୍ତି । ପ୍ରଜା ଶସ୍ୟ କରିବେ କୃଷିବୃଦ୍ଧି ପାଇଁ ଆବଶ୍ୟକ ହେଲେ ଜଳ ନେବେ ମାତ୍ର ଜମିଦାର କିମ୍ବା ଭିନ୍ନ ଲୋକଙ୍କ ସଙ୍ଗରେ ଜଳକର ଟଙ୍କାର ବନ୍ଦୋବସ୍ତ ହେବ ତହୁଁ ସେମାନେ ବଳେ ପ୍ରଜାଙ୍କ ଉପରେ ଅତ୍ୟାଚାର କରିବେ ଯେବେ ସାହେବ ଏତକ ଜାଣି ପାରୁ ନାହାନ୍ତି ତେବେ ତାହାଙ୍କୁ ଏ ପ୍ରକାର କରିବାର ଉଚିତ ନୁହଇ କାରଣ ସେ ଯେଉଁ ଭିଅଣ ବାହାର କରିଅଛନ୍ତି ତହିଁରେ ପ୍ରକାରାନ୍ତରରେ ଜମିଦାର ଅଥବା ଅନ୍ୟ ଲୋକଙ୍କୁ ପ୍ରଜାଙ୍କ ଉପରେ ଅତ୍ୟାଚାର କରିବାର ଉପଦେଶ ଦେଉଅଛନ୍ତି । ଅନୁମାନ କର ଜଣେ ଜମିଦାର ବା ବାହାର ଲୋକ ଏକ ଗ୍ରାମର ଜଳକର କବୁଲିୟତ କଲା ଏମାନଙ୍କର ସ୍ୱାର୍ଥ ରହିଲା ଯେ ଅଧିକ ଟଙ୍କା ଉସୁଲ କରି ଦେଇପାରିଲେ ଅଧିକ ଲାଭ ପାଇବେ । ସବୁ ପ୍ରଜାଙ୍କର ପ୍ରୟୋଜନ ହେଉ ବା ନ ହେଉ ଏମାନେ ସବୁ କ୍ଷେତ୍ରରେ ଜଳ ମଡ଼ାଇ ଦେଲେ ଓ ସମସ୍ତଙ୍କଠାରୁ ଜଳକର ଆଦାୟ କଲେ ପ୍ରଜାଙ୍କର ସ୍ୱାଧୀନତା କୌଣସି ରୂପେ ରହିଲା ନାହିଁ । ବିଶେଷତଃ ଲୋଭର ଅସାଧ୍ୟ କୌଣସି ମନ୍ଦକାର୍ଯ୍ୟ ନୁହଇ ଯେବେ ପ୍ରଜାମାନେ ଜଳ ନେବାକୁ ଅସମ୍ମତ ହେବେ ତେବେ ମଧ୍ୟ ଏମାନେ ନାନା କୌଶଳରେ ଅବେ [illegible] ତାହାଙ୍କ କ୍ଷେତ୍ରକୁ ଜଳ ମଡ଼ାଇ ଦେବେ [illegible] ସାହେବ [illegible] ଶପଥ [illegible] କରିବେ ଓ ପ୍ରଜା ଏ ମତରେ କବୁଲିୟତ କରିବା ବ୍ୟକ୍ତିଙ୍କର ହସ୍ତ ଗତ ନାହିଁ । ଏ ଅବସ୍ଥାରେ ଜମିଦାର ଓ ଅନ୍ୟାନ୍ୟ ବ୍ୟକ୍ତି ଯେ କବୁଲିୟତ କରିବେ ତହିଁରେ ସନ୍ଦେହ କି ଅଛି ? ଯେବେ ବଳାତ୍କାର କରି ଜଳକର ନେବା ସାହେବଙ୍କର ନିତାନ୍ତ ଇଚ୍ଛା ତେବେ କବୁଲିୟତର ଅପେକ୍ଷା କାହିଁକି କରୁଅଛନ୍ତି । ବନ୍ଦୋବସ୍ତ ଜମା ଉପରେ ଜଳକର ଧରି ଜମିଦାରଙ୍କୁ ତାହା ଆଦାୟ କରିବାର ଅଧିକାର ପ୍ରଦାନ କରନ୍ତୁ ତାହା ହେଲେ ସବୁଠାରୁ ସହଜରେ ଜଳକର ଟଙ୍କା ଉଠିବ ଓ ତାହାର ଅନିଷ୍ଟ ହେବାର କାରଣ ନ ଥିବ । ଯେବେ ପ୍ରଜାଙ୍କର ଅସମ୍ମତରେ ଟଙ୍କା ନେବାର ହେଲା ତେବେ କବୁଲିୟତ କାର୍ଯ୍ୟ କରିବାର ପ୍ରୟୋଜନ କି ? ସ୍ପଷ୍ଟରୂପେ ତାହା କଲେ ସର୍ବପ୍ରକାରରେ ଭଲ । ଆପେ ନ ମାରି ପରହାତରେ ମରାଇବା ଉଚିତ ନୁହଇ ଏ କାର୍ଯ୍ୟ ନୀଚଲୋକର ଅଟଇ । ଯେବେ ସାହେବ ଗବର୍ଣ୍ଣମେଣ୍ଟଙ୍କ ପକ୍ଷରୁ ନ୍ୟାୟ୍ୟ ଓ ବିଚାରପୂର୍ବକ କର୍ମ କରିବାକୁ ମାନସ ରଖନ୍ତି ତେବେ ସେ ପ୍ରଜାଙ୍କଠାରୁ ସ୍ୱତନ୍ତ୍ର କବୁଲିୟତ ନେଉନ୍ତୁ ଓ କବୁଲିୟତ ଜମା ଯାହାକୁ ଇଚ୍ଛା ଅଦାୟ କରିବାକୁ ଇଜାରା ଦେଉନ୍ତୁ ତାହା ହେଲେ ପ୍ରଜାଙ୍କ ଉପରେ ଅତ୍ୟାଚାର ହେବାର ସମ୍ଭାବନା ନ ଥିବ ଓ ଯେଉଁ ପ୍ରଜା ଟଙ୍କା ଦେବାକୁ ଆପତ୍ତି କରିବ ତାହା ନାମରେ ଇଜାରଦାର ନାଲିଶ କଲେ ତହିଁର ବିଚାର ହୋଇ ନିଷ୍ପତ୍ତି ହେବ ।

ପରଶେଷରେ ଆମ୍ଭମାନଙ୍କର ବକ୍ତବ୍ୟ ଏହି ଯେ ଶ୍ରୀଯୁକ୍ତ କର୍ଣ୍ଣେଲ ରସାହେବଙ୍କ କାର୍ଯ୍ୟପ୍ରଣାଳୀ ଆମ୍ଭମାନଙ୍କର ମନୋନୀତ ନୁହଇ ଓ ପୂର୍ବେ ଏ ସମ୍ପର୍କରେ ଯେତେ କଥା କହିଅଛୁଁ ତହିଁରୁ ସ୍ପଷ୍ଟ ଜଣାଯାଏ ଯେ ଏହାଙ୍କ ହସ୍ତରେ ଏ କାର୍ଯ୍ୟଭାର ରହିଲେ ମଙ୍ଗଳ ନାହିଁ । ଗବର୍ଣ୍ଣମେଣ୍ଟ ଜଳସେଚନ କାର୍ଯ୍ୟରେ ଯେ ନିୟମମାନ କରିଅଛନ୍ତି ପ୍ରଥମେ ସେସବୁ ଭଲ ହୋଇ ନାହିଁ । ଦ୍ୱିତୀୟରେ ଉକ୍ତ ନିୟମମାନ ପ୍ରତିପାଳନ କରିବାର ଭାର ଯାହାଙ୍କୁ ଦିଆଯାଇଅଛି ତାହାଙ୍କର ମତ ପ୍ରଜାଙ୍କ ମତର ବିରୁଦ୍ଧ ଓ ପଦେ ପଦେ ଅହିତକର ଅଟଇ ଏ ଅବସ୍ଥାରେ ଲୋକେ ଜଳକର କାର୍ଯ୍ୟ ଦେଖି କାତର ହେବେ ଓ ଏ ବିପଦରୁ ରକ୍ଷାପାଇବାକୁ ଚେଷ୍ଟା କରିବେ ଏଥିରେ ଆଶ୍ଚର୍ଯ୍ୟ କି ଅଛି । ଦୁଃଖର ବିଷୟ ଯେ ଅଦ୍ୟାପି ଗବର୍ଣ୍ଣମେଣ୍ଟ ଏସବୁ ନିବାରଣର ଚେଷ୍ଟା ନ କରି ତୁନିହୋଇ ବସିଅଛନ୍ତି ।

## ସାପ୍ତାହିକ ସଂବାଦ

ଏ ବର୍ଷ ପୁରୁଷୋତ୍ତମକୁ ବହୁତ ଯାତ୍ରୀ ଅଧିକାର ଦେଖା ଯାଉ ନାହିଁ ଅଦ୍ୟାପି ଅତି ଅଳ୍ପ ଲୋକ ଅସିଅଛନ୍ତି ଓ ଅଉ ଅସିବେ ନାହିଁ ବୋଲି ଜଣାଯାଏ କାରଣ ଏ ବର୍ଷ ଅଶୁଭକାଳ ପଡ଼ିଅଛି ସ୍ନାନଯାତ୍ରାକୁ ପ୍ରାୟ ୨୦ ହଜାର ଯାତ୍ରୀ ଅସିଥିଲେ ।

ଗତସପ୍ତାହରେ ଆମ୍ଭେମାନେ ଯେଉଁ ବାଳକା ହତ୍ୟାର ବିବରଣ ଲେଖିଥିଲୁଁ ପୁଲିସ ଅନୁସନ୍ଧାନ କରି ଅଦ୍ୟାପି କିଛି ସ୍ଥିର କରି ପାରି ନାହାନ୍ତି । ମାଜିଷ୍ଟ୍ରେଟ ସାହେବ ଅସାମିକୁ ଗିରଫ୍ତାର କରିବାପାଇଁ ୫ ୧୦୦ ଙ୍କା ପାରିତୋଷିକ ଦେବାର ଘୋଷଣା ଦେଇଅଛନ୍ତି ।

ଜଗତ୍‌ସିଂହପୁରର ଡେପୁଟି କଲେକ୍ଟର ଶ୍ରୀଯୁକ୍ତ ହାରିସନ ସାହେବଙ୍କ ନାମରେ ଜଣେ ଏଠାରେ ଏକ ଜନରବ ଉଠାଇଲା ଯେ ସାହେବ ହମାନଦସ୍ତା ଲୁହାରେ ଆପଣା ବବୁର୍ଚ୍ଚିକୁ ଏକପାହାର ଦେବାରେ ତାହାର ମୃତ୍ୟୁ ହୋଇଲା କ୍ରମେ ଏକଥା ବହୁତ ଲୋକଙ୍କ କର୍ଣ୍ଣଗୋଚର ହେଲା ଓ ସାହେବମାନଙ୍କ ମଧ୍ୟରେ ପ୍ରକାଶ ପାଇଲା । ଶ୍ରୀଯୁକ୍ତ ହାରିସନ ସାହେବ କଟକକୁ ଆସି ଅନୁସନ୍ଧାନ କରି ଜାଣିପାରିଲେ ଯେ ତାହାଙ୍କ ନିକଟରେ ପୂର୍ବେ ଯେଉଁ ବବୁର୍ଚ୍ଚି ଥିଲା ତାହାକୁ ବାହାର କରି ଦେବାରୁ ସେ ଏପରି ମିଥ୍ୟା ଅପବାଦ ଉଠାଇ ଅଛି । ତହିଁ ସେ ବ୍ୟକ୍ତି ନାମରେ ମାଜିଷ୍ଟ୍ରେଟଙ୍କ ନିକଟରେ ଅଭିଯୋଗ କରିବାରୁ ଗତ ବୁଧବାର ମୋକଦ୍ଦମା ନିଷ୍ପତ୍ତି କରି ଅସାମିକୁ ମା ୬ ମ ବିନା ପରିଶ୍ରମରେ କାରାବାସର ଆଜ୍ଞା ଦେଲେ । ବିଚାର ଉତ୍ତମ ହୋଇ ଅଛି । ମିଥ୍ୟାକଥା ପ୍ରଚାର କରିବା ସଚରାଚର ଶୁଣାଯାଏ ମାତ୍ର ଅଦ୍ୟାପି କେହି ଦଣ୍ଡ ପାଇ ନ ଥିଲେ ଏଥର ଦଣ୍ଡ ହେଲାରୁ ଅନୁମାନ ହୁଅଇ ଲୋକେ ବିଚାର କରି ଚଳିବେ ।

କେନ୍ଦ୍ରାପଡ଼ା ଅଶିଷ୍ଟାଣ୍ଟ ମାଜିଷ୍ଟ୍ରେଟଙ୍କର ଅଉ ଗୋଟିଏ ନଥି ହାଇକୋର୍ଟକୁ ପଠାଯିବାରୁ ଅବଗତ ହେଲୁଁ ଏ ମୋକଦ୍ଦମାରେ ମଧ୍ୟ ସାହେବ ଅଦାଲତର ଅବମାନନା କରିବା ଅପରାଧରେ ଏକ ବ୍ୟକ୍ତିକୁ ଦଣ୍ଡ ଦେଇଅଛନ୍ତି । ମାଜିଷ୍ଟ୍ରେଟ ସେ ଆଜ୍ଞା ଅନ୍ୟାୟ୍ୟ ବିବେଚନା କରନ୍ତି । ଶ୍ରୀଯୁକ୍ତ ଉଇଣ୍ଟର ସାହେବଙ୍କ ଅଦାଲତରେ ଲୋକେ କାହିଁକି ଅବମାନନା କରୁଅଛନ୍ତି ବୋଧ ହୁଅଇ ଏହାଙ୍କୁ ମାନ୍ୟ କରିବାପାଇଁ କୌଣସିପ୍ରକାର ନିୟମ ଥିବ ।

ଯାଜପୁରର କାଜସାହ ଦେଶଭ୍ରମଣକୁ ଯାଇଥିଲେ ସମ୍ପ୍ରତି ଫେରିଅସି ଆପଣାର ପ୍ରଧାନ ମନ୍ତ୍ରୀ ଓ ତାହାଙ୍କ ପ୍ରଦେଶର ଶାସନକର୍ତ୍ତା ଏ ଦୁହିଙ୍କି ପଦଚ୍ୟୁତ କରିଅଛନ୍ତି କାରଣ ଏମାନେ ବହୁତ ଟଙ୍କା ଆତ୍ମସାତ୍ କଲେ । ଦୁଇବର୍ଷର ଅନାବୃଷ୍ଟିରେ ଦେଶର ଯେପରି ମନ୍ଦାବସ୍ଥା ଓ ଦୁର୍ଭିକ୍ଷର ବୃଦ୍ଧି ହୋଇଅଛି ତାହା ଅନୁସନ୍ଧାନରେ ଅବଗତ ହେଉଅଛନ୍ତି କିପରିରେ ସାହାଯ୍ୟ କରିବେ ବା କରୁଅଛନ୍ତି ଜଣାଯାଉ ନାହିଁ ।

Split by PDF Splitter

Digitized by srujanika@gmail.com

ବମ୍ବାଇର ଜଣେ ପାରସୀ ପାରସ ଦେଶର ଦୁର୍ଭିକ୍ଷରେ କ୍ଲେଶ ପାଉଥିବା ଆପଣା ଜାତିର ଲୋକଙ୍କ ସାହାଯ୍ୟ ନିମିତ୍ତ ୫ ୨୦୦୦ ଟଙ୍କା ଦାନ କରିଅଛନ୍ତି । ସେ ଆପଣା ନାମ ପ୍ରକାଶ କରିବାକୁ ଇଚ୍ଛା କରନ୍ତି ନାହିଁ ବୋଲି ଉକ୍ତଟଙ୍କାର ନେଇ ଗବର୍ଣ୍ଣମେଣ୍ଟ ସେକ୍ରେଟରୀଙ୍କ ନିକଟକୁ ପଠାଇ ଦେଇଅଛନ୍ତି । ଦାନ କରିବାରେ ନାମର ପ୍ରୟୋଜନ ନାହିଁ । ଏ ମହାଶୟ ନାମର ପ୍ରାର୍ଥୀ ନୁହନ୍ତି । କେବଳ ଅତି ଦୟାଳୁ ଥିବାର ଜଣାଯାଏ ।

ଜଣେ ଫକିର ଇସ୍ପାହାନ ବଜାରରେ କହି ବୁଲୁଥିଲା ଯେ ଫିରିଙ୍ଗିମାନେ ପାରସରେ ରହିବାରୁ ଦୁର୍ଭିକ୍ଷାଦି ଘଟନାମାନ ହେଉଅଛି ଏସମସ୍ତଙ୍କୁ ବାହାର କରିଦେଲେ ଏ ଦୁଃଖମାନ ନିବାରଣ ହେବ । ଇଂଗ୍ରେଜ ଓ ରୁସିୟାର ଗୃହଦୂତମାନେ ଏ ପ୍ରକାର କଥା ଶୁଣି ବାଦଶାହଙ୍କୁ ଜଣାଇବାରେ ବାଦଶାହ ଫକିରକୁ ବେଶାଘାତ ଦଣ୍ଡ ଦେଇ ନଗରରୁ ବାହାର କରି ଦେଇଅଛନ୍ତି ।

ଉତ୍ତରପଶ୍ଚିମରେ ସନ ୧୮୭୮।୭୯ ମସିହାର ଫସଲଖରୀଫ ଅର୍ଥାତ୍ ବର୍ଷାକାଳ କ୍ଷେତ ସମ୍ପର୍କରେ ଜଳସେଚନ କାର୍ଯ୍ୟର ବିବରଣପତ୍ରରେ ଯାହା ପ୍ରକାଶ ହୋଇଅଛି ତହିଁରୁ ପ୍ରକାଶ ଯେ ସନ୧୮୬୯।୭୦ ଫସଲଠାରୁ ପଞ୍ଚମାଂଶ ଊଣା ହୋଇଅଛି ଉପଯୁକ୍ତକାଳରେ ପ୍ରଚୁର ବର୍ଷା ନ ହେବାରୁ ଏରୂପ ଫଳ ଘଟିଥିବାର ବୁଝାଯାଏ ସାମାନ୍ୟ ପ୍ରକାର ଫସଲ ବିଶେଷ ଊଣା ହୋଇଅଛି । ପୂର୍ବେ ବିଶ୍ୱାସ ହୋଇଥିଲା ଯେ ମରୁଡ଼ିବର୍ଷ ଭିନ୍ନ ଅନ୍ୟକାଳରେ ପାଟ୍ଟାଦାରମାନେ ସାମାନ୍ୟପ୍ରକାର ଫସଲରେ ଜଳମଡ଼ାଇବାର ଫଳ ଅବଧି ଦେଖୁ ନାହାନ୍ତି । ଲେଫଟେନଣ୍ଟ ଗବର୍ଣ୍ଣର ସାହେବ ବୋଲନ୍ତି ଯେ ବର୍ତ୍ତମାନ ବର୍ଷର ଫଳ ଦେଖି ଉକ୍ତ କଥା ସପ୍ରମାଣ ହେଉଅଛି । ଏହା ନିବାରଣକାରଣ ଗବର୍ଣ୍ଣମେଣ୍ଟଇଣ୍ଡିଆ ପ୍ରସ୍ତାବ କରିଅଛନ୍ତି ଯେ ବର୍ତ୍ତମାନପ୍ରସୂତ ହେଉଥିବା ସାମାନ୍ୟ ଫସଲ ପରିବର୍ତ୍ତନରେ ମୂଲ୍ୟବାନ୍ ଫସଲ ଲଗାଇବାକୁ ହେବ । ମାତ୍ର ପ୍ରଜାମାନେ ଏରୂପ ପରିବର୍ତ୍ତନରେ ଅନୁମତ ହେବେ କି ନାହିଁ ଜଣାଯାଇ ନାହିଁ । ଯାହା ହେଉ ଏକା ମରୁଡ଼ିକାଳରେ ନାଳଜଳ ଉପକାରୀ ଏକଥା କେବଳ ଓଡ଼ିଶା ଲୋକେ କହୁଅଛନ୍ତି ଏମନ୍ତ ନୁହେ ପଶ୍ଚିମଲୋକଙ୍କର ମଧ୍ୟ ଏହିମତ ।

ଗବର୍ଣ୍ଣମେଣ୍ଟବଙ୍ଗାଳ ବିଧାନ କରିଅଛନ୍ତି ଯେ ସରକାରୀ କର୍ମଚାରୀଙ୍କ ପରିବାରଙ୍କୁ ଗବର୍ଣ୍ଣମେଣ୍ଟ ଭଣ୍ଡାରରୁ ବିନାମୂଲ୍ୟରେ ଔଷଧ ଦିଆଯିବ ଏବଂ ଷ୍ଟେଟସ୍ଜନରଙ୍କ ପରିବାର ହାସପାତାଳକୁ ଆସିଲେ କେବଳ ସେହିଠାରେ ତାହାଙ୍କର ଚିକିତ୍ସା କରାଯିବ ।

ଗତମାସ ତା୧୪ ରିଖରେ ସିମଲାରେ ଶ୍ରୀଯୁକ୍ତ ଗବର୍ଣ୍ଣର ସାହେବଙ୍କର ଯେଉଁ ମଜଲିସ ହୋଇଥିଲା ତହିଁରେ ଆମ୍ଭମାନଙ୍କର କଲେକ୍ଟର ଶ୍ରୀଯୁକ୍ତ ମାକଫର୍ସନ ସାହେବ ଉପସ୍ଥିତ ହୋଇ ଗବର୍ଣ୍ଣର ଜେନରଲଙ୍କ ସହିତ ସାକ୍ଷାତ କରିଥିଲେ ।

ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଆଜ୍ଞା କରିଅଛନ୍ତି ଯେ ଆଗାମି ଅକ୍ଟୋବରମାସ ତା ୧ ରିଖ ଠାରୁ ସମ୍ବାଦପତ୍ରର ଡାକମାସୁଲ ଊଣା ହୋଇ ଏକଅଣା ପରିବର୍ତ୍ତରେ ୧୦ ତୋଳା ଓଜନ ପର୍ଯ୍ୟନ୍ତ ଅଧଅଣା ଓ ଅଧିକା ପ୍ରତ୍ୟେକ ୧୦ ତୋଳା ପ୍ରତି ଅଧଅଣା ଲେଖାଏଁ ଲାଗିବ । ସମ୍ବାଦପତ୍ର ଅଧ୍ୟକ୍ଷ୍ୟଙ୍କୁ ଆବଶ୍ୟକ ଯେ କଲିକତା ପୋଷ୍ଟମାଷ୍ଟର ଜେନରଲଙ୍କ ନିକଟରେ ପତ୍ରିକା ରେଜଷ୍ଟରୀ କରାଇବାକୁ ପ୍ରାର୍ଥନା କରିବେ । ଏସମ୍ବାଦ ଅତି ଶୁଭକର ଅଟଇ ଓ ଅମ୍ଭେମାନେ ଭରସାକରୁଁ ଯେ ଏହା ଦ୍ୱାରା ସମ୍ବାଦପତ୍ର ଅଧିକ ପ୍ରଚାର ହେବ ।

ଇଣ୍ଡିୟାନ ଅବଜରବରରୁ ଅବଗତ ହେଲୁଁ ଯେ ଯେ ସମସ୍ତ ଜିଲ୍ଲାରେ ଖଜଣା ସମ୍ପର୍କୀୟ ମୋକଦମାମାନ ଅଦାଲତ ଦେଓ୍ୱାନୀ ଦ୍ୱାରା ବିଚାରିତ ହେଉଅଛି ସେଠାରେ ଜମିଦାର ଓ ପ୍ରଜାଙ୍କର ବିଶେଷ କଷ୍ଟ ହେଉଅଛି । ଦେଓ୍ୱାନୀଅଦାଲତର କାଉଖାନା ବାହାରକୁ ଅଗୋଚର ନାହିଁ ସାମାନ୍ୟଖଜଣା ମୋକଦମାପକ୍ଷରେ ଏତେ ବିଳମ୍ବ ଓ ଖର୍ଚ୍ଚ ଅସହନୀୟ ହୋଇ ପଡ଼ିଅଛି । ଏକ ମୋକଦମାରେ ଛଅ ମାସ ଗୁହା ହାଜର ରହିଅଛନ୍ତି ସାକ୍ଷ ନେବାକୁ ହାକିମଙ୍କର ଅବକାଶ ହେଉ ନାହିଁ ଓ ନୂତନ ନିୟମ ପ୍ରଚଳ ହେବା ସମୟରେ ଯେ ମୋକଦମାମାନ ଅଦାଲତକୁ ଉଠି ଯାଇଥିଲା ସେଥିରୁ କେତେ ମୋକଦମା ଅଦ୍ୟାପି ନିଷ୍ପତ୍ତି ହୋଇ ନାହିଁ । ଏସବୁ କଥା ଶୁଣି ଓଡ଼ିଶା ଲୋକେ, ଆପଣାକୁ ଭାଗ୍ୟବାନ୍ ଜ୍ଞାନ କରନ୍ତୁ ଯେ ନୂତନ ନିୟମ ଏଠାରେ ପ୍ରଚଳ ହୋଇ ନାହିଁ ।

ହିନ୍ଦୁପତ୍ରିକା ବୋଲନ୍ତି ଯେ ସ୍ଥାନୀୟ କର ନିଷ୍ପନ୍ନ ଅଙ୍ଗନଭ ପାଇଁ ଲିପି ଅବଧି ସବ୍କସାହେବଙ୍କ ହସ୍ତରେ ଅଛି । ଶୀଘ୍ର ସଭାରେ ଅଗତ ହେବ । କମିଟିଙ୍କ ପ୍ରସ୍ତାବମାନ ଅନେକ ପରିବର୍ତ୍ତ ହୋଇଅଛି ଓ ପୂର୍ବେ ଯେ ପ୍ରଜାକୁ ତିନିଭାଗ ଓ ଜମିଦାରକୁ ଏକଭାଗ ଦେବାର ପ୍ରସ୍ତାବ ହୋଇଥିଲା । ବର୍ତ୍ତମାନ ତାହା ରହିତ ହୋଇ ଅର୍ଦ୍ଧେ ଲେଖାଏ ଦେବାର କଥା ହୋଇ ଅଛି । ଜମିଦାର ଓ ପ୍ରଜାର ସ୍ୱତ୍ୱ ନିର୍ଣ୍ଣୟ ହୋଇ ଏ କର ଧାର୍ଯ୍ୟ ହେବାର କଥା ଥିବାରୁ ସମ୍ପାଦକ ବୋଲନ୍ତି ଯେ ପ୍ରତ୍ୟେକ ଲୋକର ସତ୍ତ୍ୱ ନିର୍ଣ୍ଣୟ ହୋଇ ଯେଉଁ କାଗଜମାନ ପ୍ରସ୍ତୁତ ହେବ ତାହା ବହୁମୂଲ୍ୟ ହେବ ସନ୍ଦେହ ନାହିଁ ଓ ଭବିଷ୍ୟତରେ ଭୂମିସମ୍ପର୍କୀୟ ନାନା ବିବାଦ ଏହାଦ୍ୱାରା ନିଷ୍ପତ୍ତି ହୋଇ ପାରିବ ।

ପାରସଦେଶରେ ଦୁର୍ଭିକ୍ଷ ଏତେ ଭୟଙ୍କର ହୋଇଅଛି ଯେ ପ୍ରାଏ ୫୦ ଜିଲାକୁ ଲୋକେ ମାରି ଖାଇଗଲେଣି । ମାହାଜନୀ ଦ୍ରବ୍ୟ ବାଟରେ ଯିବା ଆସିବାର କଠିଣ ଜଣେ ମହାଜନ ଗଧ ବେପାର ପେନ ଯାଉଥିଲା ତାହା ଗୁଡ଼ ସବୁ ଖାଇ ପକାଇଲୁ ଯେଉଁ ଗଧଙ୍କ ଉପରେ ତାହା ଲଦା ହୋଇଥିଲା ସେସବୁଙ୍କୁ ମାରି ଖାଇଗଲେ ।

କୋଟେଜଫ ମିରଟେଲ୍ଲେ ନାମକ ଏକଜଣ ନିହିଲିଷ୍ଟ ଖ୍ରୀଷ୍ଟଧର୍ମ ଯାଜକ ବହୁକାଳ ପରିଶ୍ରମ କରି ଜାମ୍ବୁକୋଳିରୁ ସୁରା ପ୍ରସ୍ତୁତ କରିବାର ନିୟମ ବାହାର କରିଅଛନ୍ତି । ଅନେକ ପ୍ରସିଦ୍ଧ ଚିକିତ୍ସକମାନେ ପରୀକ୍ଷା କରି କହୁଅଛନ୍ତି ଏହା ଅମାଶୟ ଓ ପେଟପୀଡ଼ାର ଉତ୍କୃଷ୍ଟ ଔଷଧ । ଏହି ସୁରା ଅତ୍ୟନ୍ତ ସୁସ୍ୱାଦୁ କହିଣ୍ଟୁ । ଯେ ହେଉ ଯାଜକ ମହାଶୟ ଯାଜକତାଦ୍ୱାରା ଲୋକଙ୍କର ଉପକାର କରି ପାରନ୍ତୁ ବା ନ ପାରନ୍ତୁ ମଦ୍ୟପାୟିମାନଙ୍କର ଅନେକ ଉପକାର କଲେ ।

---

## ମୂଲ୍ୟପ୍ରାପ୍ତି

---

| | | | |
|---|---|---|---|
| ବାବୁ ହରିହର ଦାସ କଟକ | ବକୟା | ୫ | ୬ |
| ,, ସଦାନନ୍ଦ ମହାପାତ୍ର | ,, | ,, ୫ | ୬ |
| ,, ଅଚ୍ୟୁତାନନ୍ଦ ଦାସ | ,, | ,, ୫ | ୩ |
| ,, ଗୃଧାମୋହନ ଦାସ | ,, | ,, ୫ | ୪ |
| ,, ହରଚନ୍ଦ୍ର ମୁଖୁର୍ଯ୍ୟା | ,, | ,, ୫ | ୬ |
| ,, କୃଷ୍ଣବଲ୍ଲଭ ଘୋଷ | ,, | ,, ୫ | ୨ |

ବକ୍ସି ଗୋପିନାଥପଟ୍ଟନାଏକ ଅନଗୁଳ ୫ ୯ ।

---

☞ ଏହି ଉତ୍କଳଦୀପିକା ସହର କଟକ ଦର୍ଘାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରଚାର ହେଲା ।

Split by PDF Splitter
Digitized by srujanika@gmail.com

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୭ | ସଂଖ୍ୟା ୨୬ } ତା ୨୯ ରଗ ମାହେ ଜୁନ ସନ ୧୮୭୨ ମସିହା । ଅଷାଢ଼ ଦ ୮ନ ସ ୧୨୭୯ ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୨ | ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ଟ ୨॥ | ମଫସଲ ପାଇଁ ଡାକମାସୁଲ ଟ ।


### କେନ୍ଦ୍ରାପଡ଼ା ସବଡିବିଜନର ହାକିମ ।

ଆମ୍ଭେମାନେ ଏଥିପୂର୍ବେ କେନ୍ଦ୍ରାପଡ଼ାର ଅସିଷ୍ଟାଣ୍ଟ କଲେକ୍ଟର ଓ ମାଜିଷ୍ଟ୍ରେଟଙ୍କ ବ୍ୟବହାରରେ ପରିଚୟ ଦେଇଥିଲୁଁ ଓ କେତେକ ମୋକଦ୍ଦମାର କାଗଜମାନ ହାଇକୋର୍ଟକୁ ଯିବାର ମଧ୍ୟ କହିଥିଲୁଁ ଅବଶ୍ୟ ହାଇକୋର୍ଟଙ୍କର ନିଷ୍ପତ୍ତି ଜାଣିବାର ସମୟ ହୋଇ ନାହିଁ । ମାତ୍ର ଶ୍ରୀଯୁକ୍ତ ଉଇଣ୍ଟରସାହେବ ସେ ସବୁ ନିଷ୍ପତ୍ତି ଜାଣିବାକୁ ବ୍ୟସ୍ତ ନ ହୋଇ ନୂଆ ମୋକଦ୍ଦମା କରି ଚାଲିଯାଉଅଛନ୍ତି । ଗତ ସପ୍ତାହରେ ଗୋଟିଏ ମୋକଦ୍ଦମାର ବୃତ୍ତାନ୍ତ ଶୁଣି ସାଧାରଣ ଗୋଚରାରେ ଆଣିବାର ଉଚିତ ବୋଧ କରୁଅଛୁଁ । ତାହା ଏହି ଯେ ଗୋଟିଏ ରେଭିନ୍ୟୁ ମୋକଦ୍ଦମାରେ ଜଣେ ମଉକଲ ଓ ତାହାର ମୁକ୍ତାର ଅଦାଲତକୁ ଅବମାନନା କରିବା ଅପରାଧରେ ଟ୨୦ଙ୍କା ଲେଖାଏଁ ଅର୍ଥଦଣ୍ଡ ଓ କେତେମାସ ତନା ପରିଶ୍ରମରେ କାରାବାସ କରିବାର ଆଜ୍ଞା ପାଇଅଛନ୍ତି ମୋକଦ୍ଦମାର ବୃତ୍ତାନ୍ତ ସଂକ୍ଷେପରେ ଏହି ଯେ ମଉକଲ ପୂର୍ବଦିନଠାରୁ ଅସଲ ମୋକଦ୍ଦମାରେ ରଫାନାମା ଦାଖଲ କରିବାକୁ ମାନସ କରି ଗୋଟିଏ ରଫାନାମା ଲେଖି ରଖିଥିଲା ସେଦିନ କଚେରୀରେ ହାକିମ ପଚାରିବାରେ କହିଲା ଯେ ରଫାନାମାକୁ ଘରଠାରେ ରଖିଅଛି ମାତ୍ର ହାକିମ ଅନୁସନ୍ଧାନ କରନ୍ତେ ତାହାର ମୁକ୍ତାରଙ୍କ ହାତରେ ଥିବା କାଗଜ ପତ୍ର ମଧ୍ୟରୁ ଉକ୍ତ ରଫାନାମା ବାହାରିଲା । ଏଥିନ୍ତ ହାକିମ କହିଲେ ଯେ ଏମାନେ ଜାଣି ଶୁଣି ମିଥ୍ୟା କହି ଅଦାଲତକୁ ଅପମାନ କଲେ । ମିଛ କହିଲେ ଯେ ଅଦାଲତକୁ ଅପମାନ କରିବା ହୁଏ ତାହା ହାକିମ ଅପଣା ରାୟରେ ଏହି ପ୍ରକାରରେ ବୁଝାଇଅଛନ୍ତି କି ଅଦାଲତ ପ୍ରକୃତରେ ସତ୍ୟର ଆଳୟ ହେଉଅଛି ଏଥିରେ ଯେ ମିଥ୍ୟାକଥା କହଇ ସେ ବଡ଼ ଅପରାଧ କରଇ । ଏହି ହେତୁରୁ ସାହେବ ଅଦାଲତର ମର୍ଯ୍ୟାଦା ରକ୍ଷା କରିବାକୁ ତତ୍ପର ହୋଇ ଦଣ୍ଡ ବିଧାନ କରିଅଛନ୍ତି ।

ଶ୍ରୀଯୁକ୍ତ ଟଏନବୀ ସାହେବଙ୍କ ହସ୍ତରେ ମୋକଦ୍ଦମାର ଅପିଲ ହେବାରୁ ସେ ଉଇଣ୍ଟର ସାହେବଙ୍କ ଆଜ୍ଞାକୁ ରହିତ କରି ଅପଣା ରାୟରେ ଲେଖିଅଛନ୍ତି ଯେ ଅସାମିମାନେ ଅଦାଲତକୁ ଅପମାନ କରିବା ମାନସରେ ମିଥ୍ୟା କହିବାର ପ୍ରକାଶ ହୋଇ ନାହିଁ ଓ ଏଦେଶର ଲୋକମାନେ ଏମନ୍ତ ଶାନ୍ତ ଓ ଆଜ୍ଞାବହ ଯେ ଅଦାଲତକୁ ଅପମାନ କରିବାର କଥା ଏମାନଙ୍କ ମନରେ ଉଦୟ ହେବାର ଅସମ୍ଭବ । ସେ ସ୍ୱୟଂ କେତେବର୍ଷ ଏଠାରେ କର୍ମ କରୁଅଛନ୍ତି ତେବେହେଁ ମୋକଦ୍ଦମା କରି ଅଦାଲତର ମର୍ଯ୍ୟାଦା ରକ୍ଷା କରିବାର ପ୍ରୟୋଜନ ହୋଇ ନାହିଁ । ଆମ୍ଭେମାନେ ଟଏନବି ସାହେବଙ୍କ ଯୁକ୍ତିମାନ ଶୁଣି ବଡ଼ ଆନନ୍ଦ ହେଲୁଁ ଓ ତାହାଙ୍କର ମତକୁ ଅଶେଷ ପ୍ରଶଂସା କରୁଅଛୁଁ । ତଥାପି ଦୁଃଖର ବିଷୟ ଯେ ଉଇଣ୍ଟର ସାହେବ ଏ ସବୁ ସଦ୍ୟୁକ୍ତିମାନ ଶ୍ରବଣ ନ କରି ଆପଣା ଅଦାଲତର ମର୍ଯ୍ୟାଦା ରଖିବାକୁ ଯାଇ ଅଧିକ ଅପମାନିତ ହେଉଅଛନ୍ତି । କାରଣ ସେ ଯେଉଁ ଅଭିପ୍ରାୟରେ କାର୍ଯ୍ୟ କରନ୍ତି ଲୋକେ ତାହାଙ୍କ ମନୋଭାବ ବୁଝିବେ ନାହିଁ । ସେମାନେ କାର୍ଯ୍ୟ ଦେଖି କହିବେ ଯେ ରଫାନାମା ଦାଖଲ ନ କରିବାରୁ ହାକିମ ରାଗ କରି ଦଣ୍ଡ ଦେଲେ ଏଥିରେ ସୁତରାଂ ଅଦାଲତ ପ୍ରତି ଲୋକଙ୍କର ଅଶ୍ରଦ୍ଧା ହେବ । ବାସ୍ତବରେ ବଳ ପ୍ରଦର୍ଶନ ପୂର୍ବକ କେହି ଆପଣା ମର୍ଯ୍ୟାଦା ରଖିବାକୁ ସମର୍ଥ ହୁଅଇ ନାହିଁ ଓ ଯେ ବ୍ୟକ୍ତି ସେରୂପ କରିବାକୁ ଯାଏ ଲୋକେ ତାହାକୁ ହତାଦର ବା ଘୃଣା କରନ୍ତି । ଶ୍ରୀଯୁକ୍ତ ଉଇଣ୍ଟରସାହେବ ଏସବୁ ବିଚାର କରି କାର୍ଯ୍ୟ କଲେ ବଡ଼ ଭଲ ହେବ । ନୋହିଲେ ଏରୂପ ଚଳିଲେ କେହି ତାହାଙ୍କୁ ଶ୍ରଦ୍ଧା ବା ଭକ୍ତି କରିବେ ନାହିଁ ।

---

### କଟକର ଶିକ୍ଷା ।

ଗବର୍ଣ୍ଣମେଣ୍ଟ ଯେତେ ଟଙ୍କା ବ୍ୟୟ କରି ବିଦ୍ୟାଳୟମାନ ସ୍ଥାପନ କରୁଅଛନ୍ତି ତାହା କାହାରକୁ ଅବିଦିତ ନାହିଁ ଓ ଦିନକୁଦିନ ଦେଶୀୟଭାଷା ଉନ୍ନତିକାରଣ ଶିକ୍ଷାବିଭାଗରୁ ଯେତେ ଉପାୟ ହେଉଅଛି ତାହା ମଧ୍ୟ ଅକଥନୀୟ ମାତ୍ର ଦୁଃଖର ବିଷୟ ଯେ ଶିକ୍ଷାର ଫଳ ବିଦ୍ୟାଳୟରୁ କାହାରକୁ ଦିଆଯାଏ ନାହିଁ ଏଥିରେ

Split by PDF Splitter

100



ଯାହାର ଦୋଷ ଅଛି ଅନୁସନ୍ଧାନ କରିବାକୁ ଗଲେ ସ୍ପଷ୍ଟ ପ୍ରକାଶ ହେଉଅଛି କି ଯେଉଁ ଗବର୍ଣ୍ଣମେଣ୍ଟ ଗୁଡିଏ କର୍ମଚାରୀଙ୍କ ଦ୍ୱାରା ବିସ୍ତର ଟଙ୍କା ବ୍ୟୟ କରି ଲୋକଙ୍କୁ ଶିକ୍ଷା ଦେଉଅଛନ୍ତି ସେହି ଗବର୍ଣ୍ଣମେଣ୍ଟ ପୁଣି ଅଉ ଗୁଡିଏ କର୍ମଚାରୀଙ୍କ ଦ୍ୱାରା ଶିକ୍ଷା ଦାନର ଉଦ୍ଦେଶ୍ୟକୁ ବିଫଳ କରୁଅଛନ୍ତି ଜିଲ୍ଲା କଲେକ୍ଟର କମିଶନର ପ୍ରଭୃତିଙ୍କଠାରେ ଗବର୍ଣ୍ଣମେଣ୍ଟ ଆଶାକରନ୍ତି ଯେ ଏମାନେ ବିଦ୍ୟାଳୟ ବିଷୟରେ ଲୋକଙ୍କୁ ଉତ୍ସାହ ଦେବେ ମାତ୍ର କାର୍ଯ୍ୟତଃ ବିପରୀତ ହେଉଅଛି । ଉତ୍ସାହ ଦେବାପକ୍ଷରେ ଏତିକି ବୋଲାଯାଇପାରେ ଯେ ଏମାନେ ଅନୁଗ୍ରହ କରି ବହୁକାଳାନ୍ତରେ ଥରେ ଅଧେ ବିଦ୍ୟାଳୟ ଦେଖିବାକୁ ଯାଇଥାନ୍ତି ଓ କେହି ଅବା ବାଳକମାନଙ୍କୁ ଦୁଇଚାରିଟା ଶବ୍ଦ ପଚାରି କେମନ୍ତ ଶିକ୍ଷା ପାଉଅଛନ୍ତି ତାହା କଳନା କରନ୍ତି କଚେରୀରେ ଆସି ବସିଲେ ସେ ସମସ୍ତ ମନରୁ ପାସୋରି ଯାଏ । କୌଣସି ପଦରେ କର୍ମଚାରୀ ନିଯୁକ୍ତ କରିବାକୁ ହେଲେ ପ୍ରାର୍ଥନାକାରୀମାନେ କିଏ କିପରି ଶିକ୍ଷାପାଇଅଛନ୍ତି ତହିଁର କିଛିମାତ୍ର ଅନୁସନ୍ଧାନ କରନ୍ତି ନାହିଁ । ଯାହାର ଅକ୍ଷର ଭଲ ଦିଶେ ଅବା ସ୍ୱୟଂ ଦେଖିବାକୁ କଦାକାର ନ ଥାଏ ଓ ଦୁଇ ଏକଖଣ୍ଡ ଏକ୍ଟିଂପରଓ୍ୱାନା ଦେଖାଇପାରେ ଅଥବା ସିରସ୍ତାଦାର ପ୍ରଭୃତି ଉଚ୍ଚକର୍ମଚାରୀ ପ୍ରକାରାନ୍ତରରେ ଯାହାର ପ୍ରସଙ୍ଗ ପକାଇ ସାହେବଙ୍କ ମନ ଆକର୍ଷଣ କରନ୍ତି ସେହି ବ୍ୟକ୍ତିକୁ ଅନାୟାସରେ କର୍ମ ପ୍ରାପ୍ତ ହୁଅଇ କର୍ମପ୍ରାର୍ଥୀ ଲେଖାପଢ଼ି କେତେଦୂର ଜାଣେ ତହିଁର ବିଚାର ହୁଅଇ ନାହିଁ ଏରୂପ ଅବସ୍ଥାରେ ବିଦ୍ୟାଳୟରେ ଶିକ୍ଷା କରିବାର ଫଳ କି ଅଛି । ଯେଉଁ ବ୍ୟକ୍ତି ଅପଣା ସନ୍ତାନକୁ ଶିକ୍ଷାଲାଭ କାରଣ ଯେତେବେଳେ ବିଦ୍ୟାଳୟକୁ ପଠାଏ ତାହା ମନରେ ଏହି ଆଶା ବଳବତୀ ଥାଏ ଯେ ବାଳକ ସୁଶିକ୍ଷା ପାଇଲେ ଭଲ ଚାକିରି ପାଇବ । ଯହୁଁ ଦେଖେ ଯେ କଚେରୀର କାର୍ଯ୍ୟ ଭିନ୍ନ ପ୍ରକାରରେ ଚଳଇ ସେଠାରେ ବ୍ୟାକରଣ ସାହିତ୍ୟର କୌଣସି ପ୍ରୟୋଜନ ନାହିଁ ଶୁଦ୍ଧ ଭାଷାର ଆଦର ନାହିଁ କ ଖ ଗ କରି ଅକ୍ଷର ଭଲ ଲେଖି ପାରିଲେ ଓ ପାରସୀ ବା ହିନ୍ଦୀ ଶବ୍ଦ ଅଧିକ ବ୍ୟବହାର କରି ପାରିଲେ ଚାକିରି ମିଳିବାର କଷ୍ଟ ନାହିଁ ତହୁଁ ସେ ଅପଣା ବାଳକକୁ ବିଦ୍ୟାଳୟରେ ନ ରଖି କଚେରୀରେ ନିଯୁକ୍ତ ଥିବା କୌଣସି ଅମଲାକୁ ସମର୍ପଣ କରେ ଓ ସମୟାନୁସାରେ ତାହାକୁ ଖଣ୍ଡିଏ ଚାକିରି ମଧ୍ୟ ପ୍ରାପ୍ତ ହୁଅଇ । ଚାକିରି ହେବାର ଏମନ୍ତ ସହଜ ଉପାୟ ଥାଉଁ କିଏ କାହିଁକି ଅଧିକ କାଳ ବିଦ୍ୟାଳୟରେ ପଡ଼ି ରହି ଶୁଦ୍ଧ ଭାଷାରେ ଲେଖା ପଢ଼ା ଶିକ୍ଷା କରିବ ? ଅଧିକାଂଶ ଲୋକେ ବିନା ଚାକିରି ଲୋଭରେ ଆପଣା ପୁତ୍ରମାନଙ୍କୁ ବିଦ୍ୟାଳୟକୁ ପଠାନ୍ତି ମାତ୍ର ବିଦ୍ୟାଳୟର ଭାଷା କଚେରୀରେ ଚଳନ୍ତ ନାହିଁ ଓ ଯେଉଁ ଭାଷା ସେଠାରେ ଚଳଇ ତାହା ଜାଣିବାକୁ ଶିକ୍ଷାର ପ୍ରୟୋଜନ ନାହିଁ । ଏରୂପ ଅବସ୍ଥା ଦେଶୀୟ ଭାଷା ଶିକ୍ଷା ପ୍ରତି ଅତ୍ୟନ୍ତ ହାନିଜନକ ଅଟଇ ଓ ଆମ୍ଭେମାନେ ଆଶ୍ଚର୍ଯ୍ୟ ହେଉଅଛୁଁ କି ଯେଉଁମାନେ ଦେଶୀୟ ଭାଷାର ଉନ୍ନତି କରିବାକୁ ଯତ୍ନ କରନ୍ତି ସେମାନେ କେମନ୍ତେ ଆପଣା ଅଧୀନସ୍ଥ କାର୍ଯ୍ୟାଳୟମାନଙ୍କରେ ଅନାୟାସରେ ଅପକୃଷ୍ଟ ଭାଷା ଲେଖା ପଢ଼ା ହେବାର ଦେଖି ବିରକ୍ତ ହୁଅନ୍ତି ନାହିଁ ଯେବେ ସ୍କୁଲର ହାକିମମାନେ ଆପଣା ଆପଣା ମହକୁମାର କାଗଜ ପତ୍ରମାନ ଉତ୍ତମ ଭାଷାରେ ଲେଖାଇବାକୁ ଚେଷ୍ଟାକରନ୍ତେ ତେବେ ଦିନ ଦିନ ଭାଷାର ଉନ୍ନତି ହେଉଥାନ୍ତା ଓ ନଜାଣିବା ଲୋକେ କର୍ମ ପାଇ ପାରନ୍ତେ ନାହିଁ । କିନ୍ତୁ ତାହା କିରୂପେ ହେବ ହାକିମମାନେ କର୍ମଚାରୀ ନିଯୁକ୍ତ କଲା ବେଳେ ବିଦ୍ୟାର ପରୀକ୍ଷା ନେବେ ନାହିଁ କିମ୍ବା କିଏ କେତେ ଦୂର ଶିକ୍ଷା ପାଇଅଛି ତହିଁର ପ୍ରଶଂସାପତ୍ର ଖୋଜିବେ ନାହିଁ । ସିରସ୍ତାଦାର ମହାଫିଜ ପ୍ରଭୃତି ସଦ୍ଦାର ଅମଲାମାନେ ଚିରକାଳରୁ ଅପଭ୍ରଷ୍ଟ ବ୍ୟବହାର କରିଥିବାରୁ ଅଭ୍ୟାସର ଦାସ ହୋଇ ଶୁଦ୍ଧଭାଷାକୁ ଘୃଣା କରନ୍ତି ଓ ବିଦ୍ୟାଳୟର ପ୍ରଶଂସାପତ୍ର ପାଇଥିବା ବ୍ୟକ୍ତି କର୍ମର ପ୍ରାର୍ଥୀ ହେଲେ ତାହାକୁ କଚେରୀର ଭାଷାରେ ଅଜ୍ଞ ଥିବାରୁ ଉପହାସ କରି ଫେରାଇ ଦେବେ ତେବେ ଆଉ କିପରିରେ ବିଦ୍ୱାନ୍ ଲୋକ କର୍ମ ପାଇବ ଓ ତାହା ଯୋଗେ କଚେରୀର ଭାଷା ଶୁଦ୍ଧ ହେବ । ଆମ୍ଭେମାନେ ସ୍କୁଲର ହାକିମଙ୍କୁ ଅନୁରୋଧ କରୁଅଛୁଁ ଯେ ବିଦ୍ୟାଳୟର ଛାତ୍ରଙ୍କ ପ୍ରତି ସୁଦୃଷ୍ଟି ରଖନ୍ତୁ ତାହା ହେଲେ କେବଳ କଚେରୀର ଭାଷା ଶୁଦ୍ଧ ହେବ ଏମନ୍ତ ନୁହେଁ ସଦାଚାର ମଧ୍ୟ ବୃଦ୍ଧି ହେବ ସନ୍ଦେହ ନାହିଁ ।

# ସାପ୍ତାହିକ ସଂବାଦ

ମଉଲବୀ ଗାବଦୁ ହୋସେନ ମୁନସଫ ତମଲୁକଠାରୁ ପୁରୀକୁ ବଦଲୀ ହେଲେ ଓ ପୁରୀର ମୁନସଫ ଶ୍ରୀ ଶ୍ରୀଶଚନ୍ଦ୍ର ଚଟ୍ଟର୍ଯ୍ୟ ତମଲୁକକୁ ଗଲେ ।

ସନ ୧୮୭୧ ମସିହାର ଅ ୪ ଆଇନ ଅର୍ଥାତ ପୁରୀ ଓ ଓଡ଼ିଶାର ଅନ୍ୟାନ୍ୟ ନଗର ସମୂହ ସ୍ୱାସ୍ଥ୍ୟରକ୍ଷାର ଉପାୟ କରିବା ଆଇନ ମତେ ପୁରୀଜିଲ୍ଲାର କଲେକ୍ଟର ଓ ସ୍ୱାସ୍ଥ୍ୟରକ୍ଷକଙ୍କୁ ସାହାଯ୍ୟ କରିବା କାରଣ ଯେଉଁ କମିଟୀ ସ୍ଥାପନ ହୋଇଅଛି ତହିଁରେ ନିମ୍ନଲିଖିତ ବ୍ୟକ୍ତିମାନେ ସଭ୍ୟ ହୋଇଅଛନ୍ତି । ଯଥା ।

ପୁରୀର ଜଏଣ୍ଟ ମାଜିଷ୍ଟ୍ରେଟ, ବାବୁ ଅନ୍ନଦାପ୍ରସାଦ ଘୋଷ, କେଦାର ନାଥ ଦତ୍ତ, ମହନ୍ତ ମୋହନ ଦାସ, ନାରାୟଣ ଦାସ, ବଳିଆ ଗରୁ ।

ଗତସପ୍ତାହଠାରୁ ବର୍ଷାକାଳ ପ୍ରକୃତରୂପେ ଆରମ୍ଭ ହେବାର ଜଣାଯାଏ । ପ୍ରଚୁର ଜଳବୃଷ୍ଟି ଓ ନଦୀବୃଦ୍ଧି ଏକାବେଳକେ ହୋଇଅଛି । ମୋଫସଲରେ ଜଳର ବଡ଼ ଲୋଡ଼ା ଥିଲା ଏଥିରୁ ଅନୁମାନ ହୁଅଇ ଏବର୍ଷା ଅନେକ ଉପକାରରେ ଆସିବ ।

ଏବର୍ଷ କଟକର ଟାଉନକମିଟୀ କିଛି ଉତ୍ତମ କାର୍ଯ୍ୟ କରିବାର ଦେଖାଯାଏ ପୂର୍ବେ ବର୍ଷାକାଳ ଶେଷ ହେବା ସମୟରେ ନାଳମାନ ପରିଷ୍କାର ହେଉଥିଲା ଏବର୍ଷ ବର୍ଷା ପୂର୍ବରୁ ପ୍ରାୟ ସବୁଠାରୁ ନାଳ ପରିଷ୍କୃତ ହୋଇ ରହିଥିଲା ।

ଗବର୍ଣ୍ଣମେଣ୍ଟର ଆଜ୍ଞା ଅଛି ଯେ ନୂଆ ପ୍ରସ୍ତାବାନୁସାରେ ବଙ୍ଗପ୍ରଦେଶର ଲୋକସଂଖ୍ୟା ଗ୍ରହଣ ହେବ ଓ କର୍ମଚାରୀମାନେ ଯେ ସମସ୍ତ ଉଦ୍ଯୋଗ କରିଥିଲେ ତାହା ରଖିବେ ।

ବାଲେଶ୍ୱର ସଂବାଦବାହିକା ବୋଲନ୍ତି ଯେ ଅମ୍ଭେମାନେ ମୟୂରଭଞ୍ଜ ଇଲାକା ଜଇଂସାହୀର ଖୁଣି ବିଷୟ ଯାହା ପୂର୍ବରେ ପ୍ରକାଶ କରିଥିଲୁ ସେ ପୋଲିସ ତଦାରଖରେ ସାବସ୍ତ ହେଲ ନାହିଁ କାହିଁକି ହେବ ? ଏକେତ ଗଡ଼ଜାତ ମାହାଲ ସେଥିରେ ଅନେକଦିନ ପରେ ପୁଲିସଦ୍ୱାରା ତଦାରଖ ହେଲା ।

ପ୍ରସ୍ତାବକ ଲେଖିଅଛନ୍ତି " ଅଳ୍ପ କାଳ ଶିକ୍ଷିତ ବଙ୍ଗାଳିମାନେ ଅନେକ ଇଂଲଣ୍ଡ ଯାଉଅଛନ୍ତି କିନ୍ତୁ ସିବିଲିୟାନ, ବାରିଷ୍ଟର ଓ ଡାକ୍ତର ହେବା ବ୍ୟତୀତ ସେମାନଙ୍କର ଅନ୍ୟ ବାଞ୍ଛା ନାହିଁ

Digitized by srujanika@gmail.com

Split by PDF Splitter



ଅମ୍ଭେମାନେ ଅଦ୍ୟାବଧି ଏକଜଣ ବଙ୍ଗାଳି ଇଂଲଣ୍ଡକୁ ଯାଇଁ କେଉଁ ଶବି ଶିଳ୍ପକଳାମ୍ବ ଅବା କଳ କୌଶଳର କାର୍ଯ୍ୟ ଶିକ୍ଷିବାର କଥା ଶୁଣିଲୁଁ ନାହିଁ " ବଙ୍ଗାଳିମାନେ କେବଳ ଦାସତ୍ୱ କରିବା କାରଣ ଇଂରାଜୀ ଶିଖନ୍ତି ଉଚ୍ଚ ଶିକ୍ଷାରେ ସେମାନଙ୍କର କେଉଁଣସି ଫଳ ହେଉ ନାହିଁ । ଅତଏବ ବଙ୍ଗାଳିମାନଙ୍କର ଉଚ୍ଚ ଇଂରାଜୀ ଶିକ୍ଷାନିମିତ୍ତ ଗବର୍ଣ୍ଣମେଣ୍ଟ କାହିଁକି ଅନର୍ଥକ ଅର୍ଥବ୍ୟୟ କରୁଅଛନ୍ତି " ଲର୍ଡମେୟୋ ଏହି ହେତୁ ବର୍ଗାଇ ବଙ୍ଗଦେଶର ଉଚ୍ଚଇଂରାଜୀଶିକ୍ଷା ବ୍ୟୟ ରୋଧର ଯତ୍ନ କରୁଅଛନ୍ତି । ଯେବେ କେବଳ ଦାସତ୍ୱ କରି ଅମ୍ଭମାନଙ୍କ ବିଦ୍ୟାଶିକ୍ଷାର ଶେଷ ଫଳ ହୁଅଇ ତେବେ ଗବର୍ଣ୍ଣମେଣ୍ଟ କାହିଁକି ଚିରଦିନ ସେହି ନିମିତ୍ତ ରାଜକୋଷର ଧନବ୍ୟୟ କରିବେ ?

ସାହାରନ ପୁର ଗେଜେଟ ସମ୍ପାଦକ କୋଲନ୍ତି ମେହେବ ହୋସେନ ନାମରେ ଏକବ୍ୟକ୍ତି କାବାଉନରୁ ଅସି ସେଠା ମୁସଲମାନମାନଙ୍କମଧ୍ୟରେ ପ୍ରଚାର କରୁଅଛନ୍ତି ପୃଥିବୀର କେୟାମତ ଅର୍ଥାତ୍ ଶେଷ ଦିନର ଦିନ ପ୍ରାୟ ଉପସ୍ଥିତ ଆଗାମି ବର୍ଷରେ ଇମାମମେହେଦି ପୁନରାୟ ଦର୍ଶନ ଦେବେ । ସତ୍ୟ ବନ୍ଧୁହିନମାନଙ୍କର ଉଚିତ ଏହି ସମୟରେ ଯାଇଁ ମକ୍କାରେ ବାସ କରନ୍ତୁ ।

ମଧ୍ୟାନ୍ତରେ ଦେଖାଗଲା ଯେ ମାନ୍ଦ୍ରାଜରେ ମଧ୍ୟ ଦୁର୍ଭିକ୍ଷ ଉପସ୍ଥିତ ହୋଇଅଛି । ଟଙ୍କାରେ ଟେସ ୩ ର ଚାଉଳ ବିକ୍ରୀ ହେଉଅଛି ।

ପାଇଓନିୟର କୋଇନ୍ତି ଯେ ମାନ୍ଦ୍ରାଜର ଜଣେ ଉକିଲ ବ ତାହାଙ୍କର ନାମ ଅର୍ଥର ହିନ ଅଟଇ ଅପଣା ସ୍ତ୍ରୀଠାରୁ ପୃଥକ ହୋଇବାନିମିତ୍ତ ମକଦମା ଉପସ୍ଥିତ କରିଥିଲେ । ସମ୍ପ୍ରତି ସେ ମକଦମାରୁ ବିତ୍ତବରଦାର ହେବାର ଘୋଷଣା ଦେଇଅଛନ୍ତି ଓ ତାହା ସଙ୍ଗେ ୨ ଏହାମଧ୍ୟ ଜଣାଇଅଛନ୍ତି ଯେ ସେ ମୁସଲମାନ ଧର୍ମ ଗ୍ରହଣ କରିଅଛନ୍ତି ଏବଂ ତାହାଙ୍କର ଯଥାର୍ଥ ନାମ ଅବଦୁଲ୍ଲା ଅଟଇ । ଏହାଙ୍କର ସ୍ତ୍ରୀ ଭରଣପୋଷଣ ଟଙ୍କା ପାଇଁ ନାଲିସ କରିଅଛନ୍ତି ମାତ୍ର ଏଅବସ୍ଥାରେ କି କର୍ତ୍ତବ୍ୟ ଏହା ସ୍ଥିର କରିବାକୁ ମାନ୍ଦ୍ରାଜ ହାଇକୋର୍ଟ ବଡ ବ୍ୟସ୍ତ ହେଉଅଛନ୍ତି ।

ଉତ୍ତରପଶ୍ଚିମରେ ଇନକମଟାକ୍ସ କାର୍ଯ୍ୟ ଚଳିବା ବିଷୟରେ ଯେଉଁ ବାର୍ଷିକ ରିପୋର୍ଟ ପ୍ରକାଶ ହୋଇଅଛି ତହିଁରେ କଲେକ୍ଟରମାନେ ନାନାପ୍ରକାର ଉଦାହରଣ ଦେଖାଇ ନିଶ୍ଚୟ କରିଅଛନ୍ତି ଯେ ଏଅନ୍ୟାନ୍ୟ ବସ୍ତୁର ଅଭାବରୁ ହେଉଅଛି ଓ ଏଟାକ୍ସ କୌଣସିରୂପେ ଏଦେଶପକ୍ଷରେ ଉପଯୋଗୀ ନୁହେ । ଶ୍ରୀଯୁକ୍ତ ଇଙ୍ଗଲସ ସାହେବ ଏହିକଥା ସଭାରେ କହିଥିଲେ ବୋଲି ସର ଜର୍ଜ କେମ୍ପବେଲ ସାହେବ ତାହାଙ୍କୁ ଉପହାସ କରିଥିଲେ ।

ଗ୍ରିଷିୟାସମ୍ରାଟଙ୍କ ଜ୍ୟେଷ୍ଠପୁତ୍ର ଆଗାମୀ ସେପ୍ଟେମ୍ବର ମାସରେ ଭାରତବର୍ଷକୁ ଶୁଭାଗମନ କରିବେ ବୋଲି ସବୁ ସମ୍ବାଦପତ୍ରର ସମ୍ପାଦକମାନେ ଲେଖୁଅଛନ୍ତି । ସେ ବମ୍ବେପାଞ୍ଚଗଣ୍ଡ ତାହାଙ୍କ ସଙ୍ଗେ ନେଇ ଏହିମାସରେ ଯାତ୍ରା କରିବେ । ଏହାଙ୍କର ଏଠାକୁ ଅସିବାର କାରଣ କିଛି ଜଣାଯାଇ ନାହିଁ । ବୋଧ ହୁଅଇ ଦେଶ ଭ୍ରମଣ କରିବାକୁ ଅଭିଲାଷୀ ହୋଇଥିବେ ।

ହିନ୍ଦୁପେଟ୍ରିଅଟରୁ ଅବଗତ ହେଲୁଁ ଯେ ହାବଡାର ଅସେସର ଇନକମଟାକ୍ସ ବାକୀଦାରଙ୍କର ଏକ ତାଲିକା ପ୍ରସ୍ତୁତ କରି ଫଉଜଦାରୀ ନାଲିସନିମିତ୍ତ ପଠାଇଥିଲେ । ପୁଲିସ ସମନ ଜାରି କରିବାକୁ ସରଜମିନକୁ ଯାଇ ଶୁଣିଲେ ଯେ ଏବ୍ୟକ୍ତିମାନେ ବହୁତ ଦିନରୁ ମରି ଯାଇଅଛନ୍ତି । ଏଥିରେ ପୁଲିସ ବିଶେଷରୂପ ଅନୁସନ୍ଧାନ କଲେ ତହିଁ ପ୍ରକାଶ ହେଲା ଯେ କେତେକ ବାକୀଦାର ବ ୫।୬ ବର୍ଷ ଓ କେହି ୨ ବ ୧୦ ବର୍ଷ ହେଲା ମରିଗଲେଣି ।

କୁଳିନବ୍ରାହ୍ମଣଙ୍କ ବିବାହ ସମ୍ବନ୍ଧରେ ସୋମପ୍ରକାଶ ଗୋଟିଏ ଉତ୍ତମ ସମ୍ବାଦ ଲେଖିଅଛନ୍ତି । ବେଲଘରିଆର ଜଣେ ବ୍ରାହ୍ମଣ ଯଶୋରରୁ ଗୋଟିଏ ବ ୧୫।୧୬ ବର୍ଷର କୁଳିନସନ୍ତାନ ଏକଶତ ଟଙ୍କା ପଣ ଦେଇ ଅପଣା ଝିଅମାନଙ୍କୁ ବିବାହ ଦେବା କାରଣ ଅଣିଥିଲେ । ଏହାଙ୍କର ଦଶୋଟି ଅବିବାହିତା ଭଗିନୀ ଥିଲେ ଗୋଟିକର ବୟସ ବ ୪୦।୪୨ ବର୍ଷ ଓ ଅନ୍ୟଟିର ବ ୩୦।୩୨ ବର୍ଷ ହୋଇଥିଲା । ନୂଆ ଜ୍ୱାଇଁକୁ ଖାଇବାପାଇଁ ଘରକୁ ଅମନ୍ତ୍ରଣ କରି ଅଣି ଉକ୍ତ ଦୁଇ ଭଗିନୀଙ୍କୁ ବଳାତ୍କାର ତାହା ସଙ୍ଗେ ବିବାହ କରିଦେଲେ ଓ ଆରଦିନ ଝିଅମାନଙ୍କୁ ଏହିପର ଉକ୍ତପିଲା ଗଳାରେ ଛନ୍ଦି ଦେଲେ । ବିବାହ ସମୟରେ ପିଲା ରୋଦନ କରୁଥାଏ ମାତ୍ର ସ୍ତ୍ରୀମାନେ ହୁଳହୁଳୀଶବ୍ଦରେ ରୋଦନ ଧ୍ୱନିକୁ ବୁଡାଇ ଦେଲେ । ଧନ୍ୟ କୁଳିନ ବ୍ୟବସ୍ଥା ।

ଅଗାମି ଅଗଷ୍ଟମାସରେ ଶ୍ରୀଯୁକ୍ତ ଲେଫ୍ଟେନାଣ୍ଟଗବର୍ଣ୍ଣର ସାହେବ ଗସ୍ତ କରିବାକୁ ବାହାରିବେ । ଏମନ୍ତ ବିଶ୍ୱାସ ହୁଅଇ ଯେ ସେ ପ୍ରଥମେ ପୂର୍ବାଞ୍ଚଳୀୟ ଜିଲ୍ଲାମାନ ସନ୍ଦର୍ଶନ କରି ଅସାମପର୍ଯ୍ୟନ୍ତ ଗମନ କରିବେ । ତତ୍ପରେ ଅଉ କେଉଁଠାକୁ ଗମନ କରିବେ ପ୍ରକାଶ ପାଇ ନାହିଁ ।

ଶ୍ରୀଯୁକ୍ତ ସାକସାହେବ ବ୍ୟକ୍ତ କରିଅଛନ୍ତି ଯେ କୌଣସି ଚାଷୀ ଯେତେ ଖଜଣା ଦିଅଇ ସେ ତେତେ ଲାଭ ପାଏ ଅର୍ଥାତ୍ ପ୍ରତ୍ୟେକ ଚାଷିପକ୍ଷରେ ଏକଥା ବଳବତର ହୋଇ ନ ପାରେ ମାତ୍ର ହାରାହାରି ହିସାବରେ ଜଣାଯାଏ ଯେ ଭୂମିର ମୋଟ ଉତ୍ପନ୍ନକୁ ତିନି ଅଂଶ କଲେ ଏକ ଅଂଶ ଖଜଣା ଅପର ଅଂଶ ଚାଷର ଖର୍ଚ୍ଚ ଓ ଅନ୍ୟ ଅଂଶ ଚାଷିର ଲାଭ ହେବ । ଇଣ୍ଡିୟାନଅବଜରବର ଏଥିରେ ଐକ୍ୟ ଅଛନ୍ତି । ଏଥିରୁ ଜଣାଯାଏ ଯେ ନାଲଜମିର ଉତ୍ପନ୍ନ ଅଧିକ ନ ହେଲେ ଜମିର ଚାଷିର ଲାଭରୁ ମିଳା ଯିବ ।

# ପ୍ରେରିତ ପତ୍ର ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ

ସମସ୍ତ ସମୟରେ ପ୍ରାୟ ଅମ୍ଭେ କଷ୍ଟପ୍ରଦ ସମ୍ବାଦ ଦେଇଥାଉଁ ଅପଣ ଅନୁଗ୍ରହ କରି ଦୀପିକାରେ ପ୍ରକାଶ କର । ବର୍ତ୍ତମାନ ଅମ୍ଭର ଦେଶୀୟ ସ୍ତ୍ରୀମାନଙ୍କର ପ୍ରଧାନ ପର୍ବ ରଜସଂକ୍ରାନ୍ତି ଉପସ୍ଥିତ ହେଲା । ତତ୍ସଂବନ୍ଧରେ ସାଧାରଣର ଅଜ୍ଞାତ କେତେକ ସ୍ତ୍ରୀବ୍ୟବହାର ଶୁଣି ଅମ୍ଭେ କୌତୁକାବିଷ୍ଟ ହୋଇ ସେମାନଙ୍କୁ ଲେଖିଦେଇ ଅନୁରୋଧ କରୁଅଛୁଁ ଯେ ଦୀପିକାରେ ସ୍ଥାପିତ ହେଉ ।

ରଜରେ ସବୁ ସ୍ତ୍ରୀମାନଙ୍କର ଅମୋଦ ଉପସ୍ଥିତ ହୁଅଇ । ବର୍ଷାବଧି ସେମାନେ ଗୃହକାର୍ଯ୍ୟରେ ବ୍ୟସ୍ତ ଥାନ୍ତି ମାତ୍ର ରଜ ତିନିଦିନରେ ରନ୍ଧନପ୍ରଭୃତ୍ୟାଦି କାର୍ଯ୍ୟ ସୁଦ୍ଧା ପରିତ୍ୟାଗ କରି ବଖାନସୁଖିନୀ ହୁଅନ୍ତି । ବିଶେଷରେ କରଣକଳାସିନୀମାନେ ଭୂମିରେ ପାଦ ନିକ୍ଷେପମାତ୍ର କରିବାକୁ କଷ୍ଟକର ଜ୍ଞାନ କରନ୍ତି । ପୂର୍ବକାଳରେ ଭାରତଭୂମି ଭଦ୍ରାୟ ଅର୍ଯ୍ୟ ରାଜାଙ୍କ ଅଧୀନରେ ଥିବାସମୟରେ ଭାରତବର୍ଷୀୟ ମହିଳାମାନେ ଉପାନହ ପ୍ରଭୃତ ସୁନ୍ଦର ଭୂଷାବରଣ ପାଦପଦ୍ମରେ ପରିଧାନ କରୁଥିବାର ଅନୁମାନ ହୁଅଇ

Digitized by srujanika@gmail.com

Split by PDF Splitter

102



ବର୍ତ୍ତମାନ ବଳାସବର୍ତ୍ତୀ କରଣଧରଣୀମାନେ ଉକ୍ତ ଋତୁ ଉପ୍ରଦନରେ ଗୁବାକ ଓ କଦଳୀକାଣ୍ଡଙ୍କରେ ଦୁଇ ଗୁର ଅଥବା ଦଶହଲ ସଂଖ୍ୟାରେ ଉପାନହ ପ୍ରସ୍ତୁତ କରି ରଖିଥାନ୍ତି । ବାହାରକୁ ଗଲାବେଳକୁ ହଲେ ମାତ୍ର, ରନ୍ଧନାଗାରକୁ ଯିବାବେଳେ ଅଭହଲେ ଓ ଶୟନାଗାର ପ୍ରବେଶବେଳେ ଥିଉହଲେ ମାତ୍ର ଏପ୍ରକାର ଅଗରଣ କରନ୍ତି । ଗୁବାକତ୍ୱକ କଦଳୀତ୍ୱକର ସ୍ଥାୟୀ ହେବାରୁ ତାହାର ଉପାନହ ଅଧିକ ପ୍ରଶଂସନୀୟ ହୁଅଇ । ଆମ୍ଭର ଗୋଟିଏ ବନୟ ପ୍ରାର୍ଥନା ଏହି ଯେ ଦଦ୍ୟ କାରକସଯୋଗ ଯୋଡିଏଲେଖାଏଁ ତିଆରିଲେ ଅତି ଉତ୍ତମ ହୁଅନ୍ତା । ପାଦପଦ୍ମାଳଙ୍କୁତ କେଶାଭ ବାରଙ୍ଗ ଉପାନତ୍‌ରୂପ ବୃନ୍ତଦ୍ୱାରି ଶୋଭିତହୋଇ ରହନ୍ତା ଯେ ବୃନ୍ତ ଅପନୟନ କାଳରେ କମଳର କମନୀୟତା ଅମଳିନ ଭାବରେ ଦୃଶ୍ୟ ହୁଅନ୍ତା । ଗୃହାଭ୍ୟନ୍ତରରେ ଚର୍ମ୍ମଉପାନହ ପରିଧାନରେ ଯେବେ କାହାର ଆପତ୍ତି ହୁଅଇ ତେବେ ବର୍ଣ୍ଣିତ ଗଛଅଠା ଭିତରରେ ନିର୍ମିତ ସୁଦୃଶ୍ୟ ଉପାନହ ପିନ୍ଧିଲେ କି କ୍ଷତି । ପାଦପଦ୍ମରେ କଣ୍ଟକାଦି ଧୂଳିର ସଞ୍ଚାର ହେବ ନାହିଁ । ଯେବେ ଭଦ୍ରସମ୍ପ୍ରଦାୟର ଯୁବକମାନେ ସ୍ୱସ୍ୱ ସହଧର୍ମ୍ମିଣୀମାନଙ୍କୁ ଚର୍ମ୍ମର ଅଥବା ରବରର ଉପାନହ ପରିଧାନ କରାନ୍ତି ତେବେ ଅମ୍ଭେ ତଦର୍ଥେ ହେବୁ ଭଦ୍ରମଣ୍ଡଳୀରେ ଏହି ପ୍ରାର୍ଥନା । ଶ୍ରୀ ମହୀୟ

କସ୍ୟଚିଦବଳାହିତୈଷିଣଃ

---

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ

ମହାଶୟ ସମୀପେଷୁ ।

ମହାଶୟ ! ବର୍ତ୍ତମାନ ଅମ୍ଭେ ଯେଉଁ ଗୋଟିଏ ସମ୍ବାଦ ପଠାଉଅଛୁଁ ଆପଣ ପତ୍ରିକାରେ ସ୍ଥାନ ଦାନ କରି ବାଧିତ କରିବା ହେବେ ।

ଦଦାନ୍ୟବର ଶ୍ରୀଯୁକ୍ତ ନୂଆଗଡ଼ ମାନ୍ୟବର ଏଠାରେ ଉପସ୍ଥିତ ହୋଇ ସର୍ବାଦେ କଉରଣ ଓ ଦେଶର ନାନାବିଧ ହିତସାଧନଦ୍ୱାରା ଅସାଧାରଣ କୀର୍ତ୍ତିଭାଜନ ହୋଇଅଛନ୍ତି ବୋଲି ଏତ ପତ୍ରିକାରେ ଯାହା ପ୍ରକାଶ କରିବା ହୋଇଥିଲେ ତଦ୍ୱାରା ଅତ୍ୟନ୍ତ ସନ୍ତୋଷିତ ହୋଇ ଉକ୍ତ ରାଜା ମହାଶୟଙ୍କର ପୁନଃ ପ୍ରଶଂସାସୂଚକ ସମ୍ବାଦ ପ୍ରେରଣ କରୁଅଛୁଁ ରାଜା ମହାଶୟ ଶ୍ରୀଯୁକ୍ତ ବାବୁ ଗୋବିନ୍ଦଚନ୍ଦ୍ର ମହାପାତ୍ର ଏବଂ ଶ୍ରୀଯୁକ୍ତ ପଣ୍ଡିତ ହରିହର ଦାସ ମହାଶୟଙ୍କ ଉଦ୍ୟୋଗଦ୍ୱାରା ସଂସ୍କୃତବିଦ୍ୟାଳୟ ମଧ୍ୟରେ ଗୋଟିଏ ପରୀକ୍ଷା କରାଇଥିଲେ ଏ ସଭାରେ ଶ୍ରୀଯୁକ୍ତ ମହନ୍ତ ନାରାୟଣ ଦାସ ପ୍ରଭୃତି ମହନ୍ତମାନେ ଏବଂ ଶ୍ରୀଯୁକ୍ତ ବାବୁ କେଦାରନାଥ ଦତ୍ତ ପ୍ରଭୃତି ଭଦ୍ରବ୍ୟକ୍ତିମାନେ ଉପସ୍ଥିତ ଥିଲେ ଘଣ୍ଟା ୭ ଘଣ୍ଟାଠାରୁ ଘ ୧୦ ଘ୍ଟା ପର୍ଯ୍ୟନ୍ତ ପଣ୍ଡିତମାନଙ୍କର ଆନନ୍ଦସହକୃତ ନାନାବିଧ ତର୍କ ବିତର୍କ ହେଉଁ ୨ ସଂସ୍କୃତବିଦ୍ୟାଳୟ କୋଳାହଳ ପୂର୍ଣ୍ଣ ହୋଇ ହର୍ଷ ଓ ବିଷାଦ ଉଭୟଜନକ ହୋଇଥିଲା ରାଜା ମହାଶୟ ସ୍ୱୟଂ ସଭା ମଧ୍ୟରେ ଉପବିଷ୍ଟ ହୋଇ ସଭ୍ୟମାନଙ୍କର ଉତ୍ସାହବର୍ଦ୍ଧକ ନାନାବିଧ ଯୁକ୍ତିଗର୍ଭିତ ବାକ୍ୟ ପ୍ରୟୋଗ କରିବାରୁ ଅନୁରକ୍ତି ମଣ୍ଡପେ ଅଶେଷ ସ୍ତୁତି ଭାଜନ ହୋଇଥିଲେ ପରଶେଷେ ଅମ୍ଭେମାନେ ଶ୍ରୀଯୁକ୍ତ ବାବୁ କେଦାରନାଥ ଦତ୍ତ ପଣ୍ଡିତ ଗୋପୀନାଥ ମିଶ୍ର ଓ ପଣ୍ଡିତ ହରିହର ଦାସ ପ୍ରଭୃତିଙ୍କର ସଦ୍ୟୁକ୍ତିସମ୍ବଳିତ ଶାସ୍ତ୍ରାର୍ଥଦ୍ୱାରା ବିଶେଷ ସନ୍ତୋଷ ଲାଭ କରିଥିଲୁଁ । ତଦନନ୍ତର ପଣ୍ଡିତମାନଙ୍କର ବିଦାୟ ମଧ୍ୟ ନିମ୍ନଲିଖିତ କ୍ରମରେ ହୋଇଥିଲା । ଯଥା—ପ୍ରଥମଶ୍ରେଣୀର ପଣ୍ଡିତମାନେ ୪୮ ଙ୍କା ଦ୍ୱିତୀୟଶ୍ରେଣୀର ପଣ୍ଡିତମାନେ ଟ ୫ ଙ୍କା ଓ ତୃତୀୟଶ୍ରେଣୀର ପଣ୍ଡିତମାନେ ୪ ଙ୍କା ଏବଂ ସଂସ୍କୃତବିଦ୍ୟାଳୟ ଛାତ୍ରମାନଙ୍କୁ ମଧ୍ୟ ପ୍ରତ୍ୟେକେ ଏକ ୨ ଟଙ୍କା ମିଳିଥିଲା ଏପରି ବିଦ୍ୟାନୁରାଗ ଓ ଈଶ୍ୱରଭକ୍ତି ମାନତା ପ୍ରଭୃତି ସଦ୍‌ଗୁଣାଳଙ୍କୃତ ନବଦୁର୍ଗାଧିପତିଙ୍କର ଅନୁକରଣ ଅନ୍ୟାନ୍ୟ ଗଡଜାତର ରାଜାମାନେ ଆରମ୍ଭ କଲେ ଅମ୍ଭଦେଶର ଅଚିରେ ବିଶେଷ ମଙ୍ଗଳସାଧନ ହୁଅନ୍ତା ଯଦ୍ୟପି ପୂର୍ବରେ ମୟୂରଭଞ୍ଜ ରାଜା ସ୍ୱଦେଶରେ ନରେନ୍ଦ୍ର ପୁଷ୍କରିଣୀର ଅବରୋଧ ଛଡ଼ାଇବା ନିମନ୍ତେ ପଞ୍ଚଶତ ମୁଦ୍ରା ପ୍ରଦାନକରି ପ୍ରଶଂସା ଭାଜନ ହୋଇଥିଲେ ପରନ୍ତୁ ଦେଶର ସମଯୋଚିତ ସଭ୍ୟତା ପ୍ରଚବନକ କଳ୍ପିତ ପ୍ରଶଂସା ନିମନ୍ତେ ତିନିହଜାର ଟଙ୍କା ବ୍ୟୟ କରି ଯାଇଥିବାରୁ ଏବ ବିଦ୍ୟାବିଷୟକ ଅନୁରାଗ ନ ଦର୍ଶାଇବାରୁ ତାହାଙ୍କ ପ୍ରଶଂସାକୁ ନବଦୁର୍ଗାଧିପତିଙ୍କ ପ୍ରଶଂସା ଅନେକାଂଶେ ଅତିକ୍ରମ କରିଅଛି ଏଥିରେ ସନ୍ଦେହ ନାହିଁ । ନୂଆଗଡରାଜା ପିଷୋଲୃତ ବିଷୟରେ ଯେ ଅଷ୍ଟଶତମୁଦ୍ରା ପ୍ରଦାନ କରିଅଛନ୍ତି ତନ୍ମଧ୍ୟରେ ଦେବଶତ ଟଙ୍କା ବାର୍ଷିକ ପ୍ରଦାନ କରିବା ନିମିତ୍ତ ସ୍ୱାକ୍ଷରକର ଚଲିତବର୍ଷର ମୁଦ୍ରା ଦେଇ ଯାଇଥିବାରୁ ଶ୍ରୀରାମଚନ୍ଦ୍ରପୁର ଶାସନମଧ୍ୟରେ ଗୋଟିଏ ବିଦ୍ୟାଳୟ ସ୍ଥାପିତ ହୋଇଅଛି ଉକ୍ତ ବିଦ୍ୟାଳୟର ସମସ୍ତ କାର୍ଯ୍ୟଭାର ଭବବିଭବସଂପନ୍ନ ସଭ୍ୟମାନଙ୍କଦ୍ୱାରା ପଣ୍ଡିତ ହରିହର ଦାସ ଓ ବାବୁ ଗୋବିନ୍ଦ ମହାପାତ୍ରଙ୍କ ହସ୍ତରେ ଅର୍ପିତ ହୋଇଅଛି ଉକ୍ତ ଶାସନରେ ନୂତନ ବିଦ୍ୟାମନ୍ଦିର ନିର୍ମାଣାର୍ଥ ତତ୍ରତ୍ୟ ବ୍ରାହ୍ମଣମାନେ ୪୨୫ ଙ୍କା ପ୍ରଦାନ କରିଅଛନ୍ତି ଏବଂ ଶ୍ରୀଯୁକ୍ତ ଗୋବିନ୍ଦଚନ୍ଦ୍ର ମହାପାତ୍ରେ ଟ ୫ ଙ୍କା ଦେଇଅଛନ୍ତି ଶ୍ରୀରାମଚନ୍ଦ୍ରପୁର ଶାସନ ପଣ୍ଡିତ ହରିହର ଦାସ ମହାଶୟଙ୍କ ଜନ୍ମଭୂମି ଥିବାରୁ ପଣ୍ଡିତ ମଧ୍ୟ ୪୧୦ ଙ୍କା ପ୍ରଦାନ କରିଅଛନ୍ତି ଏବଂ ଗୃହନିର୍ମାଣ ଭାର ଗ୍ରହଣ କରିଅଛନ୍ତି । ଦାମୋଦର ପୁର ଓ ଶ୍ରୀରାମଚନ୍ଦ୍ର ପୁର ଶାସନରେ ବିଦ୍ୟାଳୟ ସ୍ଥାପନ ହେବାରୁ ଅନ୍ୟାନ୍ୟ ଗ୍ରାମସ୍ଥ କୁଳିନ ଲବ୍ଧପ୍ରତିଷ୍ଠ ବ୍ରାହ୍ମଣମାନେ ନିଜ ୨ ଗ୍ରାମମଧ୍ୟରେ ବିଦ୍ୟାଳୟ ସ୍ଥାପନ କରିବାପାଇଁ ଢେଙ୍କାନାଳ ମହାରାଜଙ୍କୁ ଆଶୀର୍ବାଦ ପ୍ରଦାନ ପୂର୍ବକ ଆକାଂକ୍ଷା କରି ରହିଅଛନ୍ତି । ଶାସନସ୍ଥ ବ୍ରାହ୍ମଣମାନେ ସମୟୋଚିତ ଶିକ୍ଷାରେ ପରିଶ୍ରମ କଲେ ଉତ୍କଳଦେଶ ଅଚିରେ ମୃତେ ଭାରତବର୍ଷ ମଣ୍ଡଳୀମଣ୍ଡିତ ହେବାର ଅଧିକ ସମ୍ଭାବନା ।

ସମ୍ପାଦକ ମହାଶୟ ! ପୁନଶ୍ଚ ଇଂରେଜୀବିଦ୍ୟାଳୟ ନିର୍ମାଣ ନିମିତ୍ତ ନିମ୍ନଲିଖିତ ବ୍ୟକ୍ତିମାନେ ଯାହା ପ୍ରଦାନ କରିଅଛନ୍ତି ତାହା ପ୍ରକାଶ କରିବା ହେବେ । ଯଥା ।

| | |
|---|---|
| ମହନ୍ତ ମୋହନ ଦାସ | ୪୧୦୦ |
| ଗ୍ରାମଶିରୋମଣି ସୁର୍ଣ୍ଣମୟୀ | ୪୧୦୦ |
| ହୁଗୁଲିଚଲନ୍ତର୍ଗତ ଜମିଦାରନୀ ଦାସ | ୪୧୦୦ |

କସ୍ୟଚିତ ଦର୍ଶକସ୍ୟ ବଙ୍କପ୍ରିୟସ୍ୟ

---

**ବିଜ୍ଞାପନ ।**

---

ଶ୍ରୀ ବାବୁ ବନମାଲୀ ସିଂହ କୃତ ଉତ୍କଳ ଗଲ୍ପମାଳା ପୁସ୍ତକ ଦ୍ୱିତୀୟବାର ମୁଦ୍ରିତ ହୋଇ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି । ଗ୍ରାହକମାନେ ନିମ୍ନ ସ୍ୱାକ୍ଷରକାରଙ୍କ ନିକଟରେ ପ୍ରାର୍ଥନା କଲେ ପ୍ରାପ୍ତ ହେବେ ।

କଟକ ପ୍ରିଣ୍ଟିଂକମ୍ପାନିଙ୍କ ଅଫିସ ।

କଟକ ତା ୧୮ ରିଖ ଜୁନ ସନ ୧୮୭୧

ଶ୍ରୀ ଗୌରୀଶଙ୍କର ରାୟ

ସେକ୍ରେଟରୀ ।

---

☞ ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

| | | |
|---|---|---|
| ଭାଗ<br>ସଂ ୨୫ ସଂଖ୍ୟା | ତା ୧ ଲା ମାହେ ଜୁଲାଇ ସନ ୧୮୭୧ ମସିହା । ଆଷାଢ଼ ଦ ୧୯ନ ସ ୧୨୭୮ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ୫<br>ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୬<br>ମଫସଲ ପାଇଁ ଡାକମାସୁଲ ୧ |

## ଲୋକସଂଖ୍ୟା

ଅମ୍ଭେମାନେ ଗତ ସପ୍ତାହରେ ଲେଖିଥିଲୁଁ ଯେ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ବଙ୍ଗ ପ୍ରଦେଶର ଲୋକସଂଖ୍ୟା ଗ୍ରହଣ କରିବା ପାଇଁ ପୁନର୍ବାର ଆଜ୍ଞା ପ୍ରଚାର କରି ଅଛନ୍ତି ଓ ତାହା ଏହି ବର୍ଷ ନଭେମ୍ବର ମାସରେ ଗ୍ରହଣ ହେବ । ଏଠା କର୍ମଚାରୀମାନେ ପ୍ରାୟ ଦୁଇବର୍ଷ ହେବ ଲୋକସଂଖ୍ୟା ଗ୍ରହଣର ନାନା ବନ୍ଦୋବସ୍ତମାନ କରୁଥିଲେ ମାତ୍ର ଛଅମାସ ପୂର୍ବରେ ଗବର୍ଣ୍ଣମେଣ୍ଟ ଏ କାର୍ଯ୍ୟ ଏ ବର୍ଷ ସ୍ଥଗିତ ରଖିବାର ମାନସ ପ୍ରକାଶ କରିବାରୁ ସେ ସବୁ କାର୍ଯ୍ୟ ଶିଥିଳ ହୋଇଗଲା ଓ ଏଠା କର୍ମଚାରୀମାନେ ଏକ ପ୍ରକାର ନିଶ୍ଚିନ୍ତ ହୋଇ ରହିଲେ । ଏତେବେଳେ ପୁନର୍ବାର ସେ କାର୍ଯ୍ୟ କରିବାକୁ ହେବ ବୋଲି ଆଜ୍ଞା ହେଲା ଓ କେବଳ ଚାରିମାସ ସମୟ ଅଛି ଏଥିରେ କେମନ୍ତେ ଏ କାର୍ଯ୍ୟ ସୁନ୍ଦରରୂପେ ନିର୍ବାହ ହେବ ବୋଲାଯାଇ ନ ପାରେ । ଯେମନ୍ତ କାର୍ଯ୍ୟ ଚଳୁଥିଲା ସେହିରୂପ ଚଳୁଥିଲେ ବିଶେଷ ସୁବିଧା ହୋଇଥାନ୍ତା ଏବେ ବନ୍ଦ ହେଲାଠାରୁ ଫେର ସବୁ କାର୍ଯ୍ୟ ଶୃଙ୍ଖଳାରୂପେ କରିବାକୁ ଅବଶ୍ୟ କିଛି ବିଳମ୍ବ ହେବ । ଗବର୍ଣ୍ଣମେଣ୍ଟ କାହିଁକି ଏମନ୍ତ ଅସ୍ଥିର କାର୍ଯ୍ୟ କଲେ ଏହାର କାରଣ ଅମ୍ଭେମାନେ ନିଶ୍ଚୟ କହି ନ ପାରୁଁ । ଇଣ୍ଡିଆନ ଅବଜରବରର ସମ୍ପାଦକ ବୋଲନ୍ତି ଯେ ଅଫିମ ଅଧିକ ମୂଲ୍ୟରେ ବିକ୍ରୟ ହେବାରୁ ଏବଂ ସିବିଲ ଅନୁଇଟିଫଣ୍ଡ ଉଠିଯିବାରୁ ଗବର୍ଣ୍ଣମେଣ୍ଟଙ୍କର ଭରସା ହୋଇଅଛି ଯେ ଏବର୍ଷର ଖର୍ଚ୍ଚବାଦେ ବଳିତ ଟଙ୍କା ହାତରେ ରହିବ ଅତଏବ ଲୋକସଂଖ୍ୟାର ବ୍ୟୟ ଅନାୟାସରେ ନିର୍ବାହ ହୋଇ ପାରେ । ଏଥିରେ ଦେଖାଯାଏ ଯେ ଗବର୍ଣ୍ଣମେଣ୍ଟଙ୍କର ଧନ ସମ୍ପର୍କୀୟ ସମସ୍ତ କାର୍ଯ୍ୟ ସରଟେମ୍ପଲଙ୍କ ହସ୍ତରେ ରହିଅଛି ଓ ତାହାଙ୍କର ଆୟ ବ୍ୟୟର ଅନୁମାନ ଯେ ଚିରକାଳ ଭୁଲ ହୁଅଇ ଏହା କାହାରିକୁ ଅବିଦିତ ନାହିଁ । ଯେଉଁ ମନ୍ତ୍ରିଙ୍କର ହିସାବ ସର୍ବଦା ଭ୍ରମାତ୍ମକ ତାହାଙ୍କ କଥାରେ ନିର୍ଭର କରି ଗବର୍ଣ୍ଣମେଣ୍ଟଙ୍କୁ କାର୍ଯ୍ୟ କରିବାର ଉଚିତ ନୁହଇ । କିଏ ଜାଣେ ଯେ ଚାରିମାସ ଉତ୍ତାରୁ ସର ଟେମ୍ପଲ ସାହେବ ଆଉ କିଛି ଘଟନା ଦେଖି କହିବେ ଯେ ଏବର୍ଷ ଟଙ୍କା ହେବ ନାହିଁ ତେବେ ପୁନର୍ବାର ଏକାର୍ଯ୍ୟ ସ୍ଥଗିତ ହୋଇପାରେ । ଯାହା ହେଉ ଅମ୍ଭେମାନେ ଭରସା କରୁଁ ଯେ ଏଥର ଲୋକସଂଖ୍ୟା ନିଶ୍ଚୟ ଗୃହୀତ ହେବ ।

---

## ଘାଟ ଅତ୍ୟାଚାର

ଋତୁ ପରିବର୍ତ୍ତନ କାଳରେ ଯେମନ୍ତ ଏକ ଏକ ପ୍ରକାର ରୋଗ ଶରୀରକୁ ଆକ୍ରମଣ କରିବାର ପ୍ରାୟ ନିଶ୍ଚୟ ଘଟନା ହୁଅଇ ସେହି ପ୍ରକାର ସମୟାନ୍ତରରେ ଗୋଟିଏ ଗୋଟିଏ [illegible] ମଧ୍ୟ ଲୋକଙ୍କୁ ବ୍ୟସ୍ତ କରିବାର ଦେଖା ଯାଏ । ବସନ୍ତ କାଳର ଶେଷରେ ଶସ୍ୟର ଅଧିକ ବ୍ୟୟ ବର୍ଷାର କାଳରେ ପ୍ରତିବର୍ଷ ନୂତନ ନୂତନ ଟାକ୍ସର ଦୁଃଖ ଲୋକଙ୍କୁ ସହ୍ୟ କରିବାକୁ ହୁଅଇ ଓ ବର୍ଷାରମ୍ଭ ହେଲାରୁ ନଦୀ ପାର ହେବାର କ୍ଳେଶ ସହ୍ୟ କରିବାକୁ ପଡ଼ଇ । ଯେତେ ସୁନୀତି ହେଉ ଓ କର୍ମଚାରୀମାନେ ଯେତେ ସତର୍କ ହେଉନ୍ତୁ ଘାଟର ଅତ୍ୟାଚାର ନିବାରଣ କରିବା ପକ୍ଷରେ କେହି ସମର୍ଥବାନ୍ ନୁହଇ । ଯେତେବେଳୁ ଘାଟ ମାସୁଲର ନିୟମ ପ୍ରବଳ ହେଲାଣି ପ୍ରାୟ ସେତେବେଳଠାରୁ ଅତ୍ୟାଚାର ଜନ୍ମ ହୋଇ ଅଛି ଲୋକେ ନିୟମାତିରିକ୍ତ ଧନ ଦେଉଅଛନ୍ତି ଅଶେଷ ଯନ୍ତ୍ରଣା ସହ୍ୟ କରୁଅଛନ୍ତି ଓ କର୍ତ୍ତୃପକ୍ଷମାନେ ସେସବୁ ଜାଣି ପାରୁଅଛନ୍ତି ମାତ୍ର ନିବାରଣ ହେବାର କୌଣସି ଆଶା ଦେଖା ଯାଉ ନାହିଁ । ସବୁ ଉପାୟ ବିଫଳ ହେଉଅଛି । ଏଥିରୁ ଅମ୍ଭେମାନେ ଅନୁମାନ କରୁଁ ଯେ ଘାଟ ମାସୁଲଦ୍ୱାରା ଗବର୍ଣ୍ଣମେଣ୍ଟଙ୍କର ଧନ ଅର୍ଜନ କରିବା ଉଚିତ ହୋଇ ନାହିଁ କାରଣ ପ୍ରାୟ ସର୍ବଦା ଅତ୍ୟାଚାର ହେବାର ଶୁଣାଯାଏ ।

ଗତ ସପ୍ତାହରେ ମହାନଦୀ ଘାଟରେ ଯାତ୍ରୀ ପାର ହେବାର କେମନ୍ତ ବନ୍ଦୋବସ୍ତ ହୋଇ ଅଛି ତାହା ଦେଖିବା କାରଣ ଆମ୍ଭମାନଙ୍କ ଏକ୍ଟିଂ ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଟି ଏଲବି ସାହେବ ଯାଇଥିଲେ । ସେଠାରେ ଦେଖିଲେ ଯେ ଇଜାରଦାର ଯେତେ ନୌକା ରଖିଅଛି ସେ ସବୁ ଯାତ୍ରୀ ପାର କରିବାରେ ଉତ୍ତମରୂପେ ନିଯୁକ୍ତ ଅଛି ଅର୍ଥାତ ମାଝିମାନେ ଅବିଶ୍ରାନ୍ତରୂପେ ଏପାରୁ ସେ ପାର ନୌକା ବାହି ଯାଉଅଛନ୍ତି ଅଥଚ

Split by PDF Splitter

Digitized by srujanika@gmail.com

Split by PDF Splitter 104



ଯାତ୍ରୀଙ୍କୁ ପଚାରି ବୁଝିଲେ ଯେ କେତେକ ଦନକଠାରୁ ପଡ଼ିରହିଅଛନ୍ତି ଓ ସଗଡ଼ସବୁ ଭଡ଼ାଦନରୁ ଅଧିକ ରହିଅଛି । ଫଳତଃ ସଗଡ଼ ଯାଇ ହେବା ଯୋଗ୍ୟ ବନ୍ଦୋବସ୍ତ ନାହିଁ । ଆଦୃଲ ଅଦାୟ ସ୍ଥାନରେ ଦେଖିଲେ ଯେ ଇଜାରଦାରର ଲୋକଙ୍କୁ ଗୋରଅନ୍ଦ ଯାତ୍ରୀମାନେ ଘେରି ରହିଅଛନ୍ତି ଓ ସମସ୍ତେ ଦୁଇ ପଇସା ଲେଖାଏଁ ହାତରେ ଧରି ଦେଖାଇ ଅଛନ୍ତି । କେତେକ ଯାତ୍ରୀଙ୍କୁ ଏ ଲୋକ ପଇସା ଏକ ଲେଖାଏଁ ଫେରି ଦେଉଅଛି ବୋଧ ହେଲା ଯେ ଦୁଇପଇସା ଲେଖାଏଁ ନେଇଥିଲା ସାହେବଙ୍କୁ ଦେଖିବାରୁ ଏକ ଏକ ପଇସା ଫେରି ଦେଲା । ଘାଟରେ ଜଣ ଇନ୍ତ୍ରା ରହିବାର ଆଜ୍ଞା ପ୍ରତିପାଳିତ ହୋଇ ନାହିଁ ଓ ଏହିଁର କାରଣ ପାଠକମାନେ ଅନାୟାସରେ ଅନୁଭବ କରି ପାରିବେ । ସେ ଲୋକଙ୍କୁ ପଚ୍ଛହାରେ ସେ ଏ ସବୁର କିଛି ହେଲୁ ଦେଖାଇ ନ ପାରିଲା । ଫଳତଃ ଯାତ୍ରୀମାନଙ୍କ ସାହେବ ପର୍ଯ୍ୟଟବାରେ ସେମାନେ କହିଲେ ଯେ ଇଜାରଦାର ଦୁଇ ପଇସା ବା ଅଧିକ ଯାତ୍ରୀପ୍ରତି ନେଉ ଅଛି । ଏସବୁ ଦେଖି ଅସି କଟେକିରେ ଇଜାରଦାରଙ୍କୁ ତଲବ କରି ଗତ ବୁଧବାର ଧାରାମତେ ତାହା ଉପରେ ଟ ୫୦ ଙ୍କା ଅର୍ଥଦଣ୍ଡ କଲେ ଓ ଜଣେ ସବ୍‌ଜଜ୍‌ଙ୍କ ଗଞ୍ଜଣାଖାନାର ପୋଦାରୀ କର୍ମରେ ନିଯୁକ୍ତ ଥିବାରୁ ତାହାଙ୍କୁ ପଦଚ୍ୟୁତ କଲେ । ମାଜିଷ୍ଟ୍ରେଟ ସାହେବଙ୍କର ଏ କାର୍ଯ୍ୟଟି ଅତି ପ୍ରଶଂସନୀୟ ଅଟଇ ସନ୍ଦେହ ନାହିଁ ଓ ମାଜିଷ୍ଟ୍ରେଟମାନେ ସମୟ ସମୟରେ ଗୋପନ ଭାବରେ ଏହିରୂପ ଘାଟର କାର୍ଯ୍ୟ ଦର୍ଶନ କଲେ ଅନେକ ଅତ୍ୟାଚାର ନିବାରଣ ହେବ । ମାତ୍ର ଏରୂପ ଅର୍ଥଦଣ୍ଡରେ ଇଜାରଦାରମାନେ ସଂଶୋଧନ ହେବାର ଆଶା ହେଉ ନାହିଁ କାରଣ ଏକୀ ଇଜାରଦାର ବର୍ଷକୁ ବର୍ଷ ଅର୍ଥଦଣ୍ଡ ଦେଉଅଛନ୍ତି ଅଥଚ ପୁନର୍ବାର ସେହି କର୍ମମାନ କରୁଅଛନ୍ତି । ଥରକୁ ଦୁଇଥର ଯାହାର ମନ ଇଚ୍ଛା ପ୍ରକାଶ ପାଏ ତାହାକୁ ଅଧିକ ଇଜାରା ନ ଦେଲେ ବୋଧ ହୁଏ ଭଲ ହୋଇ ପାରେ କାରଣ ବର୍ଷକ ପାଇଁ ଚିରକାଳର ଉପାର୍ଜନରୁ ବଞ୍ଚିତ ହେବାକୁ ଇଜାରଦାରମାନେ ଅଧିକ ଭୟଙ୍କର ବୁଝିବେ ।

---

## ବାଟ କର ।

ଗତମାସ ତା ୧୦ରିଖର କଲିକତା ଗେଜେଟରେ ବାଟକର ଆଇନର ପାଣ୍ଡୁଲିପି ପ୍ରକାଶ ହୋଇଅଛି । ଏରୂପ କର ବସାଇବାର କଳ୍ପନା ଥିବାର କଥା ପାଠକମାନେ ପୂର୍ବରୁ ଜାଣନ୍ତି । ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଭାରତର ସେକ୍ରେଟାରୀଙ୍କ ମତ ବଙ୍ଗଳା ଗବର୍ଣ୍ଣମେଣ୍ଟଙ୍କୁ ଏରୂପ କର ଗ୍ରହଣର ବିଧାନ କରିବାକୁ ଅନୁରୋଧ କରିଥିଲେ ତଦନୁସାରେ ବଙ୍ଗଳା ବ୍ୟବସ୍ଥାପକ ସଭାର ଜଣେ ସଭ୍ୟ ଶ୍ରୀଯୁକ୍ତ ସାର ସାହେବ ଏ ପାଣ୍ଡୁଲିପି ପ୍ରସ୍ତୁତ କରିଅଛନ୍ତି । ବାଟ ଓ ଗମନାଗମନର ଅନ୍ୟାନ୍ୟ ଉପାୟମାନ ନିର୍ମାଣ ଓ ଉତ୍ତମାବସ୍ଥାରେ ରଖିବାପାଇଁ ସ୍ଥାନୀୟ କର ଗ୍ରହଣ କରିବାର ପାଣ୍ଡୁଲେଖା ବୋଲି ଏହାର ନାମ ହୋଇଅଛି । ଏଥିରୁ ଜଣାଯାଏ ଯେ କେବଳ ବାଟଘାଟ ପାଇଁ ଏ ଆଇନର ପ୍ରୟୋଜନ ଓ ଶ୍ରୀଯୁକ୍ତ ସାର ସାହେବ ହେତୁବାଦରେ ମଧ୍ୟ ସେହିକଥା ଲେଖନ୍ତି ଜଳ ଓ ସ୍ଥଳ ବାଟେ ଯିବାଆସିବାର ଉପାୟ କରିବା ପାଇଁ ଯେତେ ଟଙ୍କା ପ୍ରୟୋଜନ ଗବର୍ଣ୍ଣମେଣ୍ଟ ତାହା ଦେଇପାରୁ ନାହାନ୍ତି ଓ ଯେସବୁ ସ୍ଥାନୀୟ ଫଣ୍ଡ ଅଛି ତାହା ବୃଦ୍ଧି ହେଉ ନାହିଁ ଅତଏବ ବାଟ ସକାଶେ ଟାକ୍ସ ହେବାର ପ୍ରୟୋଜନ । ଉକ୍ତ ଟାକ୍ସ କାହାଠାରୁ କିରୂପେ ଗୃହୀତ ହେବ ସେକଥାର ଦାୟୀ ବ୍ୟବସ୍ଥାପକ ସଭା ନୁହନ୍ତି କାରଣ ଯେଉଁ ପ୍ରସ୍ତାବ କରିଅଛନ୍ତି ତାହା ତାଙ୍କର ସ୍ୱକୀୟ ନୁହଇ । ବଙ୍ଗଳାର ସେକ୍ରେଟାରୀ ଆଜ୍ଞା ଦେଇଅଛନ୍ତି କି ସବୁପ୍ରକାର ସମ୍ପତ୍ତିମାନ୍ ବ୍ୟକ୍ତିଙ୍କ ଉପରେ ଉକ୍ତ ଟାକ୍ସ ଧାର୍ଯ୍ୟ ହେବ ଏଥିରେ କୌଣସି ଇତର ବିଶେଷ ହେବ ନାହିଁ କିମ୍ବା କେହି କ୍ଷମା ପାଇବେ ନାହିଁ ତଦନୁସାରେ ଶ୍ରୀଯୁକ୍ତ ସାର ସାହେବ କେବଳ ସ୍ଥାବର ସମ୍ପତ୍ତି ଉପରେ କର ବସାଇବାକୁ ପ୍ରସ୍ତାବ କରିଅଛନ୍ତି ଓ ତାହା ଏହିରୂପେ ଗୃହୀତ ହେବାର ବିଧାନ କରିଅଛନ୍ତି ଯଥା—

ପ୍ରଥମେ କଲେକ୍ଟର ସାହେବ ସମସ୍ତ ଜମିଦାର, ସରବରାକାର ଓ ଅନ୍ୟପ୍ରକାର ଜମିର ମାଲିକଠାରୁ ଏକ ଫର୍ଦ୍ଦ ପ୍ରାର୍ଥନା କରିବେ କି ଯେଥିରେ ଉକ୍ତ ଭୂମ୍ୟଧିକାରମାନେ ଆପଣା ୨ ଅଧୀନରେ ଥିବା ସମସ୍ତ ଜମିର ପରିମାଣ ଓ ବାର୍ଷିକ ଖଜଣା ଲେଖି ଦେବେ । ଏକ ମାସ ମଧ୍ୟରେ ତାହା ନ ଦେଲେ ଯେତେ ବିଳମ୍ବ ହେବ ଦିନକୁ ଟ ୫୦ ଙ୍କା ଲେଖାଏ ଅର୍ଥଦଣ୍ଡ ହେବ ଓ ବାକି ଖଜଣାର ନାଲିଶ ଶୁଣାଯିବ ନାହିଁ । ପରନ୍ତେଶରେ ନ ଦେଲେ କଲେକ୍ଟର ତଦାରଖ କରି ଏ ଫର୍ଦ୍ଦ ପ୍ରସ୍ତୁତ କରିବେ । ତଦନ୍ତାରୁ ଏହି ମୋଟ ଖଜଣା ଉପରେ ଟଙ୍କାପ୍ରତି ଦୁଇପଇସା କର ବସିବ । ଏକୀ ମାହାଲର ସମୁଦାୟ କର ଜମିଦାରଙ୍କୁ ଦେଣ ପଡ଼ିବ ମାତ୍ର ସେ ଯେତେ ଟଙ୍କା ମାଲଗୁଜାରୀ ଦେଉଥିବ ତାହା ଉପରେ ଟଙ୍କାପ୍ରତି ଏକପଇସା ହିସାବ ମିହା ଦିଆଯିବ । ଏହାପର ଯିଏ ମାଲଙ୍କ ଯେତେ ଟଙ୍କା ଜମିଦାରଙ୍କୁ ଦିଅଇ ତହିଁ ଉପରେ ଟଙ୍କା ପ୍ରତି ପଇସାଏ ଲେଖାଏ ମିହା ନେଇ ଆପଣା ଅଧିକାରସ୍ଥ ଭୂମିର ଜମାଉପରେ ଟଙ୍କା ପ୍ରତି ଦୁଇପଇସା ଲେଖାଏ ଜମିଦାରଙ୍କୁ ଦେବ ଓ କୃଷିପ୍ରଜା ଯାହାକୁ ଖଜଣା ଦିଅଇ ତାହାକୁ ଆପଣା ଦେୟ ଖଜଣା ଉପରେ ଟଙ୍କାପ୍ରତି ଦୁଇପଇସା ଲେଖାଏ କର ଦେବ । ସରକାର ସମୁଦାୟ କର ଜମିଦାରଠାରୁ ଲାଟବନ୍ଦି ସମୟରେ ନେବେ ନ ଦେଲେ ବାକି ମାଲଗୁଜାରୀ ପ୍ରାୟ ତାହା ଆଦାୟ ହେବ ଓ ଜମିଦାର ଓ ପ୍ରଜାମାନେ ଆପଣା ଖଜଣା ବନ୍ଦୋବସ୍ତ ସଙ୍ଗେ ଏକତ୍ର ଜମିଦାରଙ୍କୁ ଦେବେ । ରେଲବାଟ ପଥର କୋଇଲା ଖଣି ପ୍ରଭୃତିରେ ମଧ୍ୟ ଏ ଟାକ୍ସ ବସିବ ଓ ଉକ୍ତ ସମ୍ପତ୍ତିର ଅଧିକାରମାନେ ବାର୍ଷିକ ଯେତେ ଲାଭ ପାଉଥିବେ ତହିଁ ଉପରେ ଟଙ୍କା ପ୍ରତି ଦୁଇପଇସାର ଅନଧିକ ଟାକ୍ସ ଗୃହୀତ ହେବ । ଏପରି ଘର ଉପରେ ସାମାନ୍ୟ ରୂପରେ ଟାକ୍ସ ନିଆଯିବ ଅର୍ଥାତ୍ ଘରର ବାର୍ଷିକ ଭଡ଼ା ଟ ୧୦୦ ଙ୍କାରୁ ଟ ୫୦୦ ଙ୍କା ପର୍ଯ୍ୟନ୍ତ ହେଲେ ଏକ ଟଙ୍କା ଓ ଏହାପର ପ୍ରତି ଟ ୫୦୦ ଙ୍କାରେ ଏକଟଙ୍କା ଲେଖାଏଁ ହେବ । ଏକଶ ଟଙ୍କାର ଅନଧିକ ମୂଲ୍ୟର ଦୋକାନମାନଙ୍କ ବାର୍ଷିକ ଏକଟଙ୍କା ଦେଣ ପଡ଼ିବ । ବସ୍ତିମାନଙ୍କୁ କିଛି ପଡ଼ିବ ନାହିଁ ।

ଏହି ବିଧାନଦ୍ୱାରା ଯେତେ ଟଙ୍କା ଆଦାୟ ହେବ ତାହା ଯେଉଁ ଜିଲ୍ଲାରେ ଯେତେ ହେବ ସେହି ଜିଲ୍ଲାରେ ବ୍ୟୟ ହେବ ଏହାକୁ ଉଚିତରୂପେ ବ୍ୟୟ କରିବା ପାଇଁ ପ୍ରତି ଜିଲ୍ଲାରେ ଗୋଟିଏ କମିଟୀ ଅର୍ଥାତ୍ ସଭା ସ୍ଥାପନ ହେବ ଓ କଲେକ୍ଟର ସାହେବ ସଭାର ଅଧ୍ୟକ୍ଷ ହେବେ ଏକ୍ୟ ବନ୍ଦୋବସ୍ତ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ପ୍ରବଳ ରହିବ ଓ ପାଞ୍ଚ ବର୍ଷକୁ ପାଞ୍ଚ ବର୍ଷ ନୂଆ ବନ୍ଦୋବସ୍ତ ହେଉଥିବ ।

ସଂକ୍ଷେପରେ ବାଟକର ଆଇନର ପାଣ୍ଡୁଲିପିର ବିଧାନମାନ ଏହିରୂପ ଅଟଇ । ଏଥିରୁ ଏ ବିଧାନମାନ ପ୍ରଚଳ ହେଲେ କି ଫଳ ହେବ ଓ ଏସମସ୍ତ ନ୍ୟାଯ୍ୟ ସଙ୍ଗତ ହୋଇଅଛି କି ନା ପାଠକମାନେ ବିଚାର କରନ୍ତୁ ।

Digitized by srujanika@gmail.com

ଟାକ୍ସର ଗ୍ରହଣ କରିବା ଉଚିତ କି ନା ଏ ବିଷୟରେ ବର୍ତ୍ତମାନ ମତାମତ ପ୍ରକାଶ କରିବା ଅନାବଶ୍ୟକ କାରଣ ସେଥିରେ କିଛି ଫଳ ହେବାର ନାହିଁ । ଗବର୍ଣ୍ଣମେଣ୍ଟ ସ୍ଥିର କରିଅଛନ୍ତି ବଙ୍ଗଦେଶରେ ବାଟ ନିର୍ମାଣ କରିବାକୁ ହେଲେ ସେଥିର ବ୍ୟୟ ଲୋକମାନଙ୍କୁ ଦେଇ ପଡିବ କେବେ ବାଟର ପ୍ରୟୋଜନ ଅଛି କି ନାହିଁ ଏକଥା ପୃଥକ୍ ଥାଉ ଓ ତହିଁର ବିଚାର ପୃଥକ୍ ରୂପେ ହେବ ସମ୍ପ୍ରତି ଏ ପ୍ରସ୍ତାବିତ ଆଇନ ପ୍ରତି କୌଣସି ଆପତ୍ତି ଅଛି କି ନାହିଁ ତହିଁର ବିଚାର କରିବା ।

ପ୍ରଥମରେ ଦେଖାଯାଏ ଯେ ବିଲଟିର ସେକ୍ରେଟରିଙ୍କ ଆଦେଶାନୁସାରେ ଏ ବିଧାନମାନ ହୋଇ ନାହିଁ କାରଣ ସେକ୍ରେଟରୀ ମହୋଦୟ ସ୍ପଷ୍ଟାକ୍ଷରରେ ଲେଖି ଅଛନ୍ତି କି ସବୁପ୍ରକାର ସମ୍ପତ୍ତି କି ଯାହା ଟାକ୍ସର ଯୋଗ୍ୟ ହୋଇ ପାରେ ତହିଁ ଉପରେ ଏ କର ବସିବ ଅଥଚ ଶ୍ରୀଯୁକ୍ତ ସାର୍ ସାହେବ କେବଳ ସ୍ଥାବର ସମ୍ପତ୍ତି ଉପରେ ଟାକ୍ସ ବସାଇବାକୁ ଚାହାନ୍ତି ! ସେକ୍ରେଟରିଙ୍କ ପତ୍ରରେ ଏରୂପ କୌଣସି ପ୍ରଭେଦ ନାହିଁ ଓ ନ୍ୟାୟରେ ମଧ୍ୟ ଏକା ସ୍ଥାବର ସମ୍ପତ୍ତିକୁ ଟାକ୍ସର ଯୋଗ୍ୟ କରିବାର କୌଣସି ହେତୁ ଦେଖାଯାଉ ନାହିଁ ! ବାଟ ହେଲେ କି ଭୂମ୍ୟଧିକାରୀଙ୍କର ଏକା ଲାଭ ହେବ ଆଉ କାହାର କିଛି ନାହିଁ ଏହା ବଡ ଆଶ୍ଚର୍ଯ୍ୟ ଜଣାଯାଏ । ଭିକାରୀ ଠାରୁ ମହାଜନ ପର୍ଯ୍ୟନ୍ତ ଲାଭ କରିବେ ଅଥଚ ଏକା ଦୁଃଖୀପ୍ରଜା ଟାକ୍ସ ଦେବ ।

ଦ୍ୱିତୀୟ ଆପତ୍ତି ଏହି ଯେ ସେକ୍ରେଟରୀ ଅବଶ୍ୟେଟ କହିଅଛନ୍ତି କି ଏମନ୍ତ ନିୟମ କରିବା ହେବ ଯେ ଟାକ୍ସର ଭାର ସମାନରୂପେ ସମସ୍ତ ଶ୍ରେଣୀର ଟାକ୍ସଦାୟିକଙ୍କ ଉପରେ ପଡିବ ଅର୍ଥାତ୍ ଜମିଦାର ଓ ପ୍ରଜା ଆପଣା୨ ଲାଭାନୁସାରେ ସମାନ ଭାଗହାରରେ ଟାକ୍ସ ଦେବେ । ଶ୍ରୀଯୁକ୍ତ ସାର୍ ସାହେବଙ୍କ ପ୍ରସ୍ତାବ ମଧ୍ୟରେ ଆଦ୍ୟରେ ଏହିକଥା ଅଛି ଯେ ଜମିଦାର ଓ ପ୍ରଜା ସମାନ ଅଂଶ ଦେବେ ମାତ୍ର ଯେଉଁ ନିୟମ କରିଅଛନ୍ତି ତହିଁରେ ପ୍ରଜାଙ୍କୁ ସର୍ବାପେକ୍ଷା ଅଧିକ ଓ ଜମିଦାରଙ୍କୁ ଊଣା ଦେଇ ପଡିବ । ଏକଥା ଇଣ୍ଡିୟାନ ଅବଜରବରର ଜଣେ ପତ୍ରପ୍ରେରକ ଏମନ୍ତ ସୁନ୍ଦର ରୂପେ ଦେଖାଇଅଛନ୍ତି ଯେ ତହିଁରୁ ଅଧିକ କହିବାର ଆମ୍ଭମାନଙ୍କର କ୍ଷମତା ନାହିଁ । ସେ କହନ୍ତି କି ଗୋଟିଏ ମହାଲର ସଦର୍ ଜମା ଟ ୧୬୦୦୦ ଙ୍କା ସେଥିରେ ୨ ସରବରାକାର ଜଣକେ ଟ ୮୦୦୦ ଲେଖାଏଁ ଟ ୧୬୦୦୦ ଙ୍କା ସରବରା କରନ୍ତି । ଏ ଦୁଇଜଣ ସରବରାକାର ଉକ୍ତ ମହାଲ ଟ ୧୮୦୦୦ ଙ୍କାରେ ତ ୨୦ ଜଣଙ୍କୁ ଇଜାରା ଦେଇଅଛନ୍ତି ଯେ ଜଣକେ ଟ ୯୦୦ ଙ୍କା ଲେଖାଏ ସରବରା କରିବେ । ଏ ଇଜାରାଦାରଙ୍କ ତଳେ ୨୦୦୦ ପ୍ରଜା ଅଛନ୍ତି ଏମାନେ ଜଣକେ ଟ ୧୦ ଙ୍କା ଲେଖାଏଁ ମୋଟରେ ଟ ୨୦୦୦୦ ଙ୍କା ଖଜଣା ଦିଅନ୍ତି । ପ୍ରସ୍ତାବିତ ଆଇନ ମତେ ପ୍ରଜାମାନେ ଟ ୩୧୨୫ ଦେବେ ତ ୨୦ ଣ ଇଜାରାଦାର ଟ ୩୧ ଓ ୨ ଜଣ ସରବରାକାର ଟ ୩୧ ପରଗଣାରେ ଜମିଦାର ଟ ୧୫୬। କର ଦେବେ । ଏଥିରୁ ସ୍ପଷ୍ଟରୂପେ ଦେଖାଯାଏ ଯେ ପ୍ରକୃତରେ ଏ କର ପ୍ରଜାଙ୍କଉପରେ ବସିଲା କାରଣ ତାହାଙ୍କୁ ଅଧିକ ଦେଇ ପଡୁଅଛି ।

## ସାପ୍ତାହିକ ସଂବାଦ

ଶ୍ରୀଯୁକ୍ତ ସି, ଏଫ ମାନସନ ସାହେବ ଡେପୋଟୀକଲେକ୍ଟରୀ ସବରେଜଷ୍ଟ୍ରାରର ଭାର ପ୍ରାପ୍ତ ହୋଇଅଛନ୍ତି ।

—ରେଜଷ୍ଟ୍ରୀ ମହକୁମାର ନୂତନ ନିୟମାନୁସାରେ କଟକର ରେଜଷ୍ଟ୍ରାରଙ୍କ ମହକୁମା ଉଠିଗଲା ଉକ୍ତ ମହକୁମାର କର୍ମମାନ ଏଣିକି ସବରେଜଷ୍ଟ୍ରାରଙ୍କ ଅମଲାଙ୍କଦ୍ୱାରା ଚଳିବ ।

—ଏଡୁକେଶନ ଗଜେଟ ଲେଖିଅଛନ୍ତି କି ପୁରୀନଗରର ସ୍ୱାସ୍ଥ୍ୟରକ୍ଷା ବିଧାନ କମିଟି କମିଶନର ସାହେବ ଗବର୍ଣ୍ଣମେଣ୍ଟଙ୍କଠାରୁ ଟ ୧୦,୦୦୦ ଙ୍କା ଋଣ ପ୍ରାର୍ଥନା କରିଥିଲେ ଓ ପ୍ରତିମାସରେ ଟ ୩୦୦ ଙ୍କା ବ୍ୟୟରେ ଡାକ୍ତର କେସନ ପ୍ରଭୃତି ନିଯୁକ୍ତ କରିବାକୁ ପ୍ରସ୍ତାବ କରିଥିଲେ । ଲେପ୍ଟେନାଣ୍ଟ ଗବର୍ଣ୍ଣର ଏସବୁ ଅଗ୍ରାହ୍ୟ କରି କହିଅଛନ୍ତି କି ଏତେ ଧୁମଧାମରେ କାର୍ଯ୍ୟ କରିବାର ଆବଶ୍ୟକ ନାହିଁ ନୂତନ ଆଇନମତେ ଯେମନ୍ତ ଆୟ ହେଉଥିବ ତହିଁ କି ଚାହିଁ ବ୍ୟୟ କଲେ କ୍ରମେ ଉତ୍ତମ ହେବ । ଏ ଆଜ୍ଞାକୁ ଉତ୍ତମ ଜ୍ଞାନ କରୁଅଛୁଁ ।

ଇଣ୍ଡିଆ ଗବର୍ଣ୍ଣମେଣ୍ଟ ବିଧାନ କରିଅଛନ୍ତି ଯେ କୌଣସି ଜିଲ୍ଲା ଖଜଣାଖାନାରେ ତମ୍ବାମୁଦ୍ରା ଅର୍ଥାତ୍ ପଇସାଇତ୍ୟାଦି ବହୁତ ଜମା ହେଲେ ଏକାଉଣ୍ଟାଣ୍ଟ ଜେନରଲଙ୍କ ଆଜ୍ଞାନୁସାରେ ଘସତା ମୁଦ୍ରାଯାକ ଦୁଇଖଣ୍ଡରେ କଟା ହୋଇ ତମ୍ବା ଭାବରେ ବିକ୍ରୟ ହେବ କୋହଲେ ଟଙ୍କଶାଲକୁ ପଠାଯିବ ଯେ ସେଠାକର୍ମଚାରୀମାନେ ଉକ୍ତପ୍ରକାର କରିବେ ଭଲପଇସା ଥିଲେ ତାହା ଖଜଣାଖାନାରେ ରହିବ ତାହାକୁ କଲିକତାକୁ ଆଣିବାର ପ୍ରୟୋଜନ ନାହିଁ କାରଣ ବଙ୍ଗପ୍ରଦେଶରେ କେବଳ ଦଶଲକ୍ଷ ଟଙ୍କାର ପଇସା କାରବାର ହେଉଅଛି ଏଥିରୁ ଅଧିକ ନାହିଁ ଯେ ଖଜଣାଖାନାରେ ବହୁତଦିନ ବୃଥା ପଡି ରହିବ ।

କଲିକତା ମନୀଅର୍ଡ଼ର ଅଫିସରେ ପୁନର୍ବାର ଚୋରି ହୋଇଅଛି କେହି ବ୍ୟକ୍ତି ଦୁଇହଜାର ଟଙ୍କାର ଜାଲ ଅର୍ଡ଼ର ପ୍ରସ୍ତୁତ କରି ଟଙ୍କା ନେଇଅଛି । ଡେଲିନ୍ୟୁସର ସମ୍ପାଦକ ବୋଲନ୍ତି କି ଅଳ୍ପ ବେତନ ଦେବାର ଫଳ ଏହିପରି ଘଟଇ କର୍ମଚାରୀଙ୍କୁ ଯଥେଷ୍ଟ ବେତନ ଦେଲେ ସେମାନେ କାହିଁକି ଚୋରୀ କରନ୍ତେ ମାତ୍ର ଆମ୍ଭେମାନେ ଦେଖିଥାଉଁ ଯେ ବହୁତ ବେତନ ଦେଲେ ସର୍ବଦା ଚୋରୀ ନିବାରଣ ହୁଅଇନାହିଁ ।

ଆଗାମି ସେପ୍ଟେମ୍ବର ମାସରେ ବମ୍ବେଇର ଶ୍ରୀଯୁକ୍ତ ମହାମାନ୍ୟ ଗବର୍ଣ୍ଣରସାହେବ ପୁନାନଗରରେ ଏକ ବୃହତ ଦରବାର କରିବେ । ସେଠାକୁ ମରହଟ୍ଟା ଓ ଦାକ୍ଷିଣାତ୍ୟର ସମସ୍ତ ରାଜାମାନେ ଆସିବାର ଶୁଣାଯାଏ ।

ପାଇୟୋନିୟର ବୋଲନ୍ତି ଯେ ନିଜାମଙ୍କ ରାଜ୍ୟରେ ବହୁମୂଲ୍ୟ କୋଇଲା ଖଣି ପ୍ରାପ୍ତ ହୋଇ ଅଛି । ଯେଉଁ କର୍ମଚାରୀଙ୍କ ଯୋଗେ ଏହା ପ୍ରାପ୍ତ ହେଲେ ତାହାଙ୍କର ପଦ ବୃଦ୍ଧି ହୋଇ ଅଛି ଓ ସରସାଲାରଜଙ୍ଗ ତାହାଙ୍କୁ ଦୁଇସହସ୍ର ଟଙ୍କା ପାରିତୋଷିକ ଦେଇଅଛନ୍ତି ।

ଉକ୍ତ ପତ୍ରରୁ ଅବଗତ ହେଲୁଁ ଯେ ରାଜପୁତାନାର ରାଜକୁମାରମାନଙ୍କ ଅଧ୍ୟୟନ ନିମିତ୍ତ ଆଜମୀରରେ ଯେଉଁ କଲେଜ ସଂସ୍ଥାପନ ହେଉ ଅଛି ତହିଁ ପାଇଁ ଜୟପୁରର ମହାରାଜା ଟ ୫୦,୦୦୦ ଙ୍କା ଓ ଝାଲାଓରର ରାଜା ଟ ୪୦,୦୦୦ ଙ୍କା ଦାନ କରିଅଛନ୍ତି । ଧନୀ ଓ ଦାନଶୀଳ ଲୋକେ କି ଏହି ଅଞ୍ଚଳରେ ସମସ୍ତେ ବାସ କରୁଅଛନ୍ତି !

ଚୀନଦେଶର ହୋଙ୍ଗକୋଂନଗରର ଜନସଂଖ୍ୟା ବୃଦ୍ଧି ହେବାର ପ୍ରକାଶ ହୋଇଅଛି- ଯେ ସେଠାରଲୋକ ସର୍ବସୁଦ୍ଧା ୧୧୫୪୪ ଜଣ ଏଥି ମଧ୍ୟରୁ ୨୭୩୬ ଜଣ ଚିରସ୍ଥାୟୀରୂପେ ବାସ କରନ୍ତି । ବିଲାତୀଲୋକଙ୍କ ସଂଖ୍ୟା ୫୨୪ ଜଣ ପୁରୁଷ ୧୬୦ ଜଣ ସ୍ତ୍ରୀ ଓ ୮୫ ବାଳକ ଅଟଇ ।

Split by PDF Splitter
Digitized by srujanika@gmail.com

Split by PDF Splitter
106



ଗତମାସ ତା ୨୯ ରଣ ଡେଲି ନ୍ୟୁସରେ ଓଡ଼ିଶା ସମ୍ବନ୍ଧରେ ଖଣ୍ଡିଏ ପତ୍ର ପ୍ରକାଶ ହୋଇ ଅଛି ଯେ ତହିଁରେ ଲେଖକ ଲେଖନ୍ତି ଯେ ବନ୍ଦୀଘରବନ୍ଦରଠାରେ ଜାହାଜ ଗମନାଗମନ ପକ୍ଷରେ ଯେ ସମସ୍ତ ସୁଯୋଗ ହେବାର ପ୍ରସ୍ତାବ ହୋଇଥିଲା ତାହା ଅବଧି କିଛି ହୋଇ ନାହିଁ ଓ ସ୍ଥାନୀୟ କର୍ମକାରକମାନେ ମନୋଯୋଗ କରୁ ନାହାନ୍ତି ଏହି କାରଣରୁ ମହାଜନମାନେ କାର୍ଯ୍ୟ ଚଳାଇବାକୁ କୁଣ୍ଠିତ ଅଛନ୍ତି ଓ ଲେଲଟନାମକ ଧୂଆଁକଳ ଜାହାଜ ଏକ ମାସ ହେବ ଯିବା ଆସିବା ବନ୍ଦକଲାଣି ।

## ପ୍ରେରିତ ପତ୍ର ।

ଶ୍ରୀ ଯୁତ ଶ୍ରୀ ଉତ୍କଳଦୀପିକା ସମ୍ପାଦକ ମହାଶୟ
ଧର୍ମାପେକ୍ଷୁ ।

ଏବର୍ଷ ରଥଯାତ୍ରାରେ ବଡ ଗୋଲମାଲ ହେଉଅଛି । ଡାକ୍ତରସାହେବ କେବଳ ଟଙ୍କା କଢ଼େଇବାରେ ଅଛନ୍ତି । ଲୋକମାନଙ୍କର ଅସୁବିଧା ଅପରପର ବର୍ଷଠାରୁ ଏବର୍ଷ ଅତ୍ୟନ୍ତ ଅଧିକ ହୋଇଅଛି । ପ୍ରତ୍ୟେକ ପ୍ରବାସିଙ୍କୁ ବସାଧରିଲେ ଛଅଦିନକୁ ଏକଟଙ୍କା ଦେବାକୁ ପଡୁଅଛି । ଦଉଦିକ ରଥଯାତ୍ରାମଧ୍ୟରେ ୫୧୨ ଓ ୪ ୨ ଙ୍କା ଏପରି ଦର କଣପ୍ରତି ପଡୁଅଛି । ଉତ୍କଳବାସିମାନେ ଗୁଡ଼ା ଚାଉଳ ଓ ଅଠଅଣା କି ବାରଅଣା ଲେଖାଏ ପଇସାସେନ ଜଗନ୍ନାଥଙ୍କ ଦର୍ଶନକୁ ଆସନ୍ତି ସେମାନେ ଏତେ ଭଡ଼ା କ ପରି ଦେଇପାରିବେ । ଅଥବା କଦେଶରେ କାହିଁ ହେବେ । ଅତଏବ ସହସ୍ର ଲୋକ ବଡ଼ଦାଣ୍ଡରେ ଓ ସଡ଼କରେ ପଡିଥିଲେ । ଇନ୍ଦ୍ରଙ୍କକୃପାରୁ ସେମାନେ ଅପଣାର କନାପଟାସେନ ଓଦାରେ ଆଉଜୁଅଛନ୍ତି । ଘରବାଲା ଓ ଦୋକାନମାନେ ବାଉ ଯେନ ପି ତ୍ରିକାରେ ତ୍ରୁଟି କରୁ ନାହାନ୍ତି । କେହି ୨ ସମ୍ପ୍ରଦାୟ ୨୫।୫୦ ଜଣ ଏକତ୍ର ହୋଇ ବୋକତ ପିଠିରେ, ତାଲପତ୍ରଛତା କାନରେ ଯେଣ ଚୀନଦେଶୀୟ କର୍ମକାରକଙ୍କ ପ୍ରାୟ ସବୁଗଲିରେ ଦଉଡି ବୁଲୁଅଛନ୍ତି । ଧର୍ମଶାଳା ଜୀର୍ଣ୍ଣ ହୋଇଅଛି ମଧ୍ୟକାଗାତ ସଂଖ୍ୟା ବୃଦ୍ଧି ହେବାର ଦେଖାଯାଉ ନାହିଁ । ଏଥିଉତ୍ତାରୁ ଦେଉଳର ସିଂହଦ୍ୱାର ବନ୍ଦଥାଏ ଯେ କେଉଁ ମଧ୍ୟକୁ ସବୁ ଲୋକେ ପ୍ରବେଶ କରି ପାରୁ ନାହାନ୍ତି । ଚକାଡୋଳାଙ୍କ ଦର୍ଶନ ହେଲେ ଭଲ ଦୁଃଖ ହରନ୍ତା କିନ୍ତୁ ତାହା ସୁଦୂରପରାହତ । ଜଗନ୍ନାଥଙ୍କ ଭୋଗରାଗର ବ୍ୟାଘାତ ହେବବୋଲି କେବଳ ଦେଉଳରେ ଯାତ୍ରୀ ପ୍ରବେଶ ନ କରନ୍ତୁ କିନ୍ତୁ ବେଢ଼ାମଧ୍ୟରୁ ଯିବାର କ ଆପତ୍ତି ଥିଲା ? କେବଳ ଦୋପଟୀ ଓ ବଡ ୨ ଲୋକଙ୍କ ସ୍ତ୍ରୀମାନେ ଏବଂ ସେମାନଙ୍କର ଅତିଥି ବ୍ୟକ୍ତିମାନେ ଦର୍ଶନ ପାଉଅଛନ୍ତି । ଦରିଦ୍ରମାନଙ୍କ ଦଶା ମୁକ୍ତ ନୋହିବ ବୋଲି ତାଙ୍କୁ ଦର୍ଶନ ହେବାରେ ଜଗନ୍ନାଥେ ବନ୍ଦ ପକାଉଅଛନ୍ତି । କି ଅନ୍ୟାୟ୍ୟ ଧିକ୍ ପେଟ, ଧିକ୍ ଦେଶ, ଧିକ୍ ଗୃହା, ସାଧାରଣର ଦର୍ଶନୀୟ ଦ୍ରବ୍ୟରେ ଏତେ ଓଢ଼ଣା ଘୋଡ଼ାଇ ପଡୁଅଛି ? ସମ୍ପାଦକ ମହାଶୟ ଆପଣ ଅବଗତ ଥିବେ ଯେ ବୃନ୍ଦାବନରେ ଗୋବିନ୍ଦଜୀଙ୍କ ମନ୍ଦିରରେ ଏହିପ୍ରକାରେ ପୂର୍ବେ ସମସ୍ତଙ୍କୁ ଦର୍ଶନ କରାଇ ଦେଉ ନ ଥିଲେ କିନ୍ତୁ କୌଣସି ଭଦ୍ରଲୋକ ଶ୍ରୀଯୁତ ଶ୍ରୀ ଲେଫ୍‌ଟେନେଣ୍ଟ ଗବର୍ଣ୍ଣରଙ୍କଠାରେ ଆବେଦନ କରିବାରୁ ସେ ଉକ୍ତ ପ୍ରଥାକୁ ରହିତ କଲେ ଅତଏବ ଆମ୍ଭର ପ୍ରତ୍ୟାଶା ଯେ କୌଣସି ଉତ୍କଳୀୟ ମହତ ଲୋକ ଏତଦ୍ବିଷୟରେ ଯତ୍ନକଲେ ଅବଶ୍ୟ ସିଦ୍ଧ ହୋଇପାରେ । ଏବର୍ଷ ରଥଦିନ ସର୍ବସୁଦ୍ଧା ଜ ୩୦୦୦୦ ଣ ଯାତ୍ରୀ ହେବେ ।

———

ଶ୍ରୀଯୁକ୍ତ ପଣ୍ଡିତ ପ୍ରଭାକର ଚୂଡ଼ାମଣି ଖଣ୍ଡିଏ ପ୍ରେରିତପତ୍ର ପଠାଇଅଛନ୍ତି ତାହା ସୁଦୀର୍ଘ ଥିବାରୁ ସ୍ଥାନାଭାବରୁ ପ୍ରକାଶ କରି ନ ପାରିଲୁଁ । ପତ୍ରର ସଂକ୍ଷେପ ମର୍ମ ଏହି ଯେ ଯଲଉ କୃଷ୍ଣପୁର ଶାସନରେ ଅନ୍ଦାଜ ପାଞ୍ଚମାସ ହେଲା ଗୋଟିଏ ବଙ୍ଗୋହିଲ ବିଦ୍ୟାଳୟ ସ୍ଥାପନ କରିଅଛନ୍ତି ବର୍ତ୍ତମାନ ତହିଁର ଛାତ୍ରସଂଖ୍ୟା ଜ ୫୦ ଣ । ଗବର୍ଣ୍ଣମେଣ୍ଟ ସାହାଯ୍ୟର ଆଶା ଥିଲା । ମାତ୍ର ଧନାଭାବରୁ ଏବର୍ଷ ପ୍ରାପ୍ତ ହେଲା ନାହିଁ । ଏଥିରେ ଚେନ୍ଦା ଦେବା ବ୍ୟକ୍ତିମାନେ ଭଗ୍ନୋତ୍ସାହ ହୋଇ ଚନ୍ଦା ନ ଦେବାରୁ ଶିକ୍ଷକଙ୍କ ବେତନ ପାଇବା ଦୁଷ୍କର ହୋଇଉଠିଲା । ଚୂଡ଼ାମଣି ମହାଶୟ ଏ ଅବସ୍ଥା ଦେଖି ଶ୍ରୀ ଚୌଧୁରୀ ଲୋକନାଥ ପରିଡ଼ାଙ୍କୁ ଖଣ୍ଡିଏ ପତ୍ର ଲେଖିବାରୁ ସେ ୪ ୧୨ ଙ୍କା ଦାନ ସହିତ ଉପଯୁକ୍ତ ପ୍ରତ୍ୟୁତ୍ତର ଲେଖି ପଠାଇଲେ ବିଦ୍ୟାଳୟକୁ ରକ୍ଷିବା ସହାସେ ଯଥାବିହିତରୂପେ ଉତ୍ସାହିତ କଲେ । ଏ କିନ୍ତୁ ଆନନ୍ଦର ବିଷୟ । ଚୌଧୁରୀଙ୍କ ବିଷୟ ବୋଧ ହୁଏ ସମସ୍ତ ପାଠକମାନେ ଅବଗତ ନାହାନ୍ତି । ଅତଏବ ଚୂଡ଼ାମଣିଙ୍କ ଲେଖାର ଶେଷଭାଗ ଅବିକଳ ଲେଖୁ ଅଛୁଁ ଯେ ତହିଁରୁ ସବୁ ପ୍ରକାଶ ପାଇବ ।

ସମ୍ପାଦକ ମହାଶୟ !

ଚୌଧୁରୀ ଲୋକନାଥ ପରିଡ଼ା ପ୍ରଧାନଧନୀ ବା ସମ୍ଭ୍ରାନ୍ତ ମନୁଷ୍ୟ ନୋହିଲେ ମଧ୍ୟ ତାହାଙ୍କ ଅନ୍ତଃକରଣ ଦୟାଳୁଭାବରେ ପରିପୂର୍ଣ୍ଣ ଏହି ଦୟାଶୀଳ ବ୍ୟକ୍ତି କିଛି ଆଜ ଏପରି ବଦାନ୍ୟତା ପ୍ରକାଶ କଲେ ଏପରି ନୁହେ । ଯେତେବେଳେ ପୁରୁଷୋତ୍ତମ ନିବାସୀ ପଣ୍ଡିତ ହରିହର ଦାସ ଓ ମାରକଣ୍ଡ ମହାପାତ୍ର ବୈଦିକ ବ୍ୟାସ୍ନାବର ନବଦ୍ୱୀପରୁ କଲିକତାନଗରୀରୁ ପ୍ରତ୍ୟାବର୍ତ୍ତନ କରନ୍ତି ସେତେବେଳେ ଏହି ଦୟାଳୁ ବ୍ୟକ୍ତି ଆମ୍ଭ ସହିତ ଗୁରଜଣ ଶିଷ୍ୟଙ୍କୁ ପୂର୍ବବର୍ଷ କାଳ ପର୍ଯ୍ୟନ୍ତ ବାର୍ଷିକ ସମସ୍ତ ଖରଚ ପ୍ରଦାନ କରି ନବଦ୍ୱୀପକୁ ପ୍ରେରଣ କଲେ । ଏବଂ ଅଦ୍ୟାପି ମଧ୍ୟ ତିନି ଚାରି ଜଣ ଶିଷ୍ୟଙ୍କୁ ସମସ୍ତ ବ୍ୟୟ ଦେଇ କଲିକତାରେ ପଢ଼ାଉଅଛନ୍ତି ।

ପରମେଶ୍ୱର ଏପରି ଲୋକମାନଙ୍କର ଉତ୍ତରୋତ୍ତର ଉନ୍ନତି କରନ୍ତୁ ଏହି ଆମ୍ଭମାନଙ୍କର ପ୍ରାର୍ଥନା । ଇତି ।

୨୨।୬।୭୧ } ଶ୍ରୀ ପ୍ରଭାକର ଶର୍ମା ।
କଟକ

---

### ବିଜ୍ଞାପନ

ଶ୍ରୀ ବାବୁ ବନମାଳୀ ସିଂହ କୃତ ଉତ୍କଳ ଶକୁନ୍ତଳା ପୁସ୍ତକ ଦ୍ୱିତୀୟବାର ମୁଦ୍ରିତ ହୋଇ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି । ଗ୍ରାହକମାନେ ନିମ୍ନ ସ୍ୱାକ୍ଷରକାରଙ୍କ ନିକଟରେ ପ୍ରାର୍ଥନା କଲେ ପ୍ରାପ୍ତ ହେବେ ।

କଟକ ପ୍ରିଣ୍ଟିଂକମ୍ପାନିଙ୍କ ଅଫିସ ।
କଟକ ତା ୧୮ ରଣ ଜୁନ ସନ ୧୮୭୧
ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ ।

---

### ମୂଲ୍ୟପ୍ରାପ୍ତି ।

ଶ୍ରୀ ପଣ୍ଡିତ ପ୍ରଭାକର ଚୂଡ଼ାମଣି କଟକ ବକେୟା ୫୦
ଶ୍ରୀ ବାବୁ ସୁଦର୍ଶନ ଦାସ " " ୫୦

☞ ଏହି ଉତ୍କଳଦୀପିକା ସହର କଟକ ଦର୍ଗାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରଚାର ହେଲା ।

Digitized by srujanika@gmail.com

Split by PDF Splitter




# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

୨୭ଶ ଭାଗ } ତା ୮ ରଖ ମାହେ ଜୁଲାଇ ସନ ୧୮୭୯ ମସିହା । ମୁ । ଆଷାଢ଼ ବ ୨୭ ନ ସ ୧୨୮୬ ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ୨॥ ; ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୨।୦ ; ମଫସଲ ପାଇଁ ଡାକମାସୁଲ ।୦

ସଂ ୨୭ସଂଖ୍ୟା


### ବାଟକର ।

ଗତମାସ ତାଂରିଖର କଲିକତା ଗେଜେଟରେ ବାଟକର ଆଇନର ପାଣ୍ଡୁଲିପି କମିଟୀଦ୍ୱାରା ସଂଶୋଧିତ ହୋଇ ପ୍ରକାଶ ହୋଇଅଛି ଅମ୍ଭେମାନେ ଏଥିରେ ଦେଖିଲୁଁ ଯେ ପୂର୍ବ-ପ୍ରସ୍ତାବିତ ପାଣ୍ଡୁଲିପି ଅନେକାଂଶରେ ପରିବର୍ତ୍ତନ ହୋଇଅଛି ତହିଁମଧ୍ୟରେ ପ୍ରଧାନ ଏହି ଯେ ଜମିଦାରୀ ଇତ୍ୟାଦି ନିଲାମ କରି ବାକି ଟିକସ ସ୍ୱରୂପ ଏ କର ଆଦାୟ ହେବାର ଯେ ବିଧାନ ପୂର୍ବେ ହୋଇଥିଲା ତାହା ରହିତ ହୋଇ କେବଳ ସମ୍ପତ୍ତି କ୍ରୋକ ନିଲାମପୂର୍ବକ ଭୌମିଦାରୀ ଇତ୍ୟାଦି କରିସ୍ୱରୂପ ଏ କର ଆଦାୟ କରିବାର ବିଧି ହୋଇଅଛି ଏ ସଂଶୋଧନଟି ଯେ ସମସ୍ତଙ୍କର ମନୋନୀତ ହୋଇଅଛି ଓ ଅତ୍ୟନ୍ତ ପ୍ରୟୋଜନୀୟ ଥିଲା । ବାକି କର ସକାଶେ ସ୍ଥାବରସମ୍ପତ୍ତି ନିଲାମ କରିବାଠାରୁ କଠିନତର ଅତ୍ୟାଚାର ଆଉ ନାହିଁ ଓ ଯେସ୍ଥଲେ ଅନ୍ୟ କୌଣସି କର ସକାଶେ ସେପରି ନିୟମ ନାହିଁ ଏଥିପାଇଁ କାହିଁକି ଏମନ୍ତ କଠିନ ନିୟମ ହୁଅନ୍ତା ।

ବର୍ତ୍ତମାନ ସ୍ଥାନାଭାବରୁ ଅନ୍ୟ ବିଷୟମାନ ଲେଖିବାକୁ ଅକ୍ଷମ ହେଲୁଁ ଆଗାମିକୁ ସେସବୁ ପ୍ରକାଶ ହେବ ।

### ଘାଟଅତ୍ୟାଚାର ।

ମହାନଦୀ ଘାଟର ଇଜାରଦାର ସୁନାଙ୍କାର ଗତ ଶୁକ୍ରବାର ମେଜିଷ୍ଟର ସାହେବଙ୍କ କଚେରୀରୁ ଖଲାସ ହୋଇ ଆସିଥିଲା । ଗତ ସପ୍ତାହରେ ଅମ୍ଭେମାନେ ଏହାଉପରେ ଦଣ୍ଡବିଧାନ ହେବାର ଲେଖିଥିଲୁଁ ତହିଁରେ କିଛି ଫଳ ହୋଇଅଛି କି ନାହିଁ ବତବା କମିଶନର ଶ୍ରୀଯୁକ୍ତ ଟଏନବି ସାହେବ ଆଉଥରେ ଘାଟକୁ ଯାଇ ଦେଖିଲେ ନିର୍ଦ୍ଦିଷ୍ଟ କାଗଜମତ ପ୍ରକାଶ୍ୟସ୍ଥାନରେ ରଖା ଯାଇ ନାହିଁ ଓ ପଥିକଙ୍କଠାରୁ ଅଧିକା ଭଡ଼ା ନିଆଯାଉଅଛି । ଯଥା ଦୁଇଗଣ୍ଡା ସଗଡ଼ପାଇଁ ୦।୬ ସ୍ଥଳେ ୦।୧୬ ଇଜାରଦାରର ଲୋକ ନେଉଥିଲା ଏଥିରେ ସାହେବ ତାହା ଉପରେ ୨୦ ଟଙ୍କା ଦଣ୍ଡବିଧାନ କରି ତଦୁତ୍ତାରୁ ଏହି ହେତୁରେ କ୍ଷମା ଦେଲେ ଯେ ଉକ୍ତ ଅର୍ଥଦଣ୍ଡ ପରିଶୋଧ ସକାଶେ ସେ ପଥିକଙ୍କଠାରୁ ଅଧିକା ମାମୁଲ ଆଦାୟ କରିବ । ଇଜାରଦାରକୁ ତାଗିଦ କରି ଦେଲେ ଓ ଭବିଷ୍ୟତରେ ସେ କଦାଚ ଇଜାରା ପାଇବ ନାହିଁ ବୋଲି ଲେଖି ରଖିଲେ ।

ପୁରୀଜିଲା ଦାମୋଦର ନଦୀଠାରେ ଏହିପରି ଅତ୍ୟାଚାରମାନ ହେଉଥିବାର ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ଆଗାମୀ ସପ୍ତାହରେ ତାହା ପ୍ରକାଶ ହେବ ସମ୍ପ୍ରତି ବକ୍ତବ୍ୟ ଏହି ଯେ ପୁରୀର ମାଜିଷ୍ଟ୍ରେଟ ଏଠା ମାଜିଷ୍ଟ୍ରେଟଙ୍କପରି କାର୍ଯ୍ୟ କଲେ ଅନେକ ମଙ୍ଗଳ ହେବ ।

### ଦସ୍ତାବିଜ ରେଜଷ୍ଟ୍ରୀର ନୂତନ ବିଧାନ ।

ଶ୍ରୀଯୁକ୍ତ ମାନ୍ୟବର ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ସାହେବଙ୍କ ଆଜ୍ଞାକ୍ରମେ ବଙ୍ଗଳାର ରେଜିଷ୍ଟ୍ରାର ଜେନରଲ ଘୋଷଣା ଦେଇଅଛନ୍ତି କି ଏପ୍ରଦେଶର ପ୍ରଧାନ ପ୍ରଧାନ ନଗର ଏବଂ ଅନ୍ୟ ସ୍ଥାନମାନଙ୍କରେ ବାସ କରୁଥିବା ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କୁ ସବରେଜିଷ୍ଟ୍ରାର କର୍ମରେ ନିଯୁକ୍ତ କରିବା ମନସ୍ଥ ହୋଇଅଛି । ଏରୂପ ଇଚ୍ଛାର ଉଦ୍ଦେଶ୍ୟ ଏହି ଯେ କ୍ରମେ ରେଜିଷ୍ଟ୍ରୀମହଲମାନ ବିସ୍ତାର ହେବ ଓ ଯେତେବେଳେ ଏ ଆଜ୍ଞାନୁସାରେ ଉତ୍ତମରୂପେ କାର୍ଯ୍ୟ ହେବ ସେତେବେଳେ ପ୍ରାୟ ପ୍ରତ୍ୟେକ ଥାନାରେ ଜଣେଲେଖାଏଁ ସବରେଜିଷ୍ଟ୍ରାର ନିଯୁକ୍ତ ହୋଇପାରିବେ ।

ଏ ଘୋଷଣାପତ୍ର ଅନୁସାରେ ଯେଉଁମାନେ ନିଯୁକ୍ତ ହେବେ ସେମାନଙ୍କୁ ଅପଣା ଅପଣା ଉସୁଲି ଟଙ୍କାର ଉପସ୍ୱତ୍ୱାଂଶ ମେହେନ୍ତାନା ସ୍ୱରୂପ ଦିଆଯିବ ସମ୍ପ୍ରତି ଶତକଡ଼ା ୨୫୦ ଟଙ୍କା ଠାରୁ ୨୭୫ ଟଙ୍କା ଯାଏ କମିଶନ ଦିଆଯିବ ଓ କାର୍ଯ୍ୟର ପରିମାଣାନୁସାରେ ଦର ନ୍ୟୂନାଧିକ ହେବ । ଏମାନେ ଅଧିକାଂଶ କାର୍ଯ୍ୟ ସ୍ୱହସ୍ତରେ କରିବେ କେବଳ ନକଲ କରିବାପାଇଁ ଜଣେଲେଖାଏଁ ଅମଲାର ପ୍ରୟୋଜନ ମାତ୍ର ତାହାର ବେତନ ସବରେଜିଷ୍ଟ୍ରାର ସ୍ୱହସ୍ତରୁ ଦେବେ ଗବର୍ଣ୍ଣମେଣ୍ଟଙ୍କୁ ଦେଣ ପଡ଼ିବ ନାହିଁ । ସରକାର କେବଳ ରେଜିଷ୍ଟ୍ରୀ-ବହିମାନ ଦେବେ ଏହି ନିୟମାନୁସାରେ ଯାହା-

Digitized by srujanika@gmail.com

Split by PDF Splitter



ଙ୍କର କର୍ମ କରିବାର ଇଚ୍ଛା ଥାଏ ସେମାନେ ଅବିଳମ୍ବେ ରେଜିଷ୍ଟ୍ରାର ଜେନରଲଙ୍କ ନିକଟକୁ ଅବେଦନପତ୍ର ପଠାଇବେ ।

ଏ ପ୍ରସ୍ତାବାନୁସାରେ କାର୍ଯ୍ୟାରମ୍ଭ ହେଲାଣି । ବାଲେଶ୍ୱରରେ ଜଣେ ସବରେଜିଷ୍ଟ୍ରାର ନିଯୁକ୍ତ ହୋଇଅଛନ୍ତି ଓ ଶ୍ରୀରାମପୁରଠାରେ ପେନସନଭୋଗୀ ଡେପୁଟିକଲେକ୍ଟର ବାବୁ ଶିବଚନ୍ଦ୍ରଦେବ ଅଳ୍ପକାଳରେ ନିଯୁକ୍ତହେବେ ।

ଅମ୍ଭେମାନେ ଏ ପ୍ରସ୍ତାବର ନିତାନ୍ତ ବିରୋଧୀ ନୋହୁଁ ବରଂ ଏଥିରେ ଯଥେଷ୍ଟରୂପ ଲାଭ ଦେଖା ଯାଉଅଛି । ଦସ୍ତାବିଜ ରେଜିଷ୍ଟରୀ କରିବାର ନିୟମଦ୍ୱାରା ଅନେକ ଜାଲ ଫରେବ ନାଲିଶ ଉଚ୍ଛିନ୍ନ ହେଉଅଛି ଓ ହେବ ସନ୍ଦେହ ନାହିଁ ଓ ମଫସଲବାସିମାନେ ସୁଯୋଗ ନ ପାଇଲେ ବହୁତ ଦସ୍ତାବିଜ ରେଜିଷ୍ଟରୀ କରାଇବେ ନାହିଁ ଏଣୁକରି ଯେତେ ମଫସଲର ନିକଟ ସ୍ଥାନରେ ରେଜିଷ୍ଟ୍ରୀମହକୁମା ବସାଇ ହେବେ ଅନେକ କାର୍ଯ୍ୟ ହେବ ମାତ୍ର ଗବର୍ଣ୍ଣମେଣ୍ଟ ବେତନଭୋଗୀ ଚାକର ରଖିଲେ ଅନେକ ବ୍ୟୟ ପଡ଼ିବ ତହିଁ ନିମିତ୍ତରେ ଯେଉଁ ନିୟମ ବର୍ତ୍ତମାନ ହୋଇଅଛି ତାହା ସର୍ବାପେକ୍ଷା ଉତ୍ତମ ସନ୍ଦେହ ନାହିଁ ମାତ୍ର ଅମ୍ଭମାନଙ୍କର ଏତିକି ସନ୍ଦେହ ହେଉଅଛି କି ଏ ନିୟମଦ୍ୱାରା ଯେମନ୍ତ ଜାଲ ଫରେବ ବୃଦ୍ଧି ନ ହୁଅଇ । କାରଣ କାନୁନଗୋଇଙ୍କ ହସ୍ତରେ ପୂର୍ବେ ରେଜିଷ୍ଟରୀର ଭାର ଥିଲା ତହିଁରେ ବେବେ ଅନ୍ୟାୟ ହେବାର ଶୁଣାଥିଲୁ । ବର୍ତ୍ତମାନ ନିୟମରେ ସେରୂପ ଘଟିବାର ସମ୍ଭାବନା ଗବର୍ଣ୍ଣମେଣ୍ଟଙ୍କୁ ଉଚିତ କି ସାବଧାନପୂର୍ବକ ପ୍ରଥମେ ବାଛି ଉତ୍ତମ ଲୋକ ନିଯୁକ୍ତ କରନ୍ତୁ ତହିଁ ଉତାରୁ ବୋଧ ହୁଅଇ ସୁନ୍ଦରରୂପେ ଚଳିବ । ରେଜିଷ୍ଟରୀ ନିମନ୍ତେ କର୍ମ ଇଂରାଜୀ ଚଳିବାର ପ୍ରୟୋଜନ ନାହିଁ ଲେପ୍ଟେନଣ୍ଟ ଗବର୍ଣ୍ଣରଙ୍କ ମତ ଏହି ଯେ ମଫସଲରେ ଥିବା ଲୋକମାନେ ଇଂରାଜୀ ନ ଜାଣିବା ଭଦ୍ରଲୋକମାନେ ଏ କର୍ମରେ ନିଯୁକ୍ତହୋଇ ଦେଶୀୟଭାଷାରେ କାର୍ଯ୍ୟ ଚଳାଇବେ । ଯେବେ ଏ ସବୁ ନିୟମଦ୍ୱାରା ରେଜିଷ୍ଟରୀ କାର୍ଯ୍ୟ ଉତ୍ତମରୂପେ ଚଳଇ ତେବେ ବହୁ ସୁଖର ବ୍ୟାପାର ହେବ ।

---

### ଡେପୁଟୀ କଲେକ୍ଟରୀ କର୍ମ ।

ପୂର୍ବେ ଯେଉଁ ନିୟମରେ ଡେପୁଟୀ କଲେକ୍ଟରୀ ପଦପ୍ରାର୍ଥିମାନଙ୍କର ପରୀକ୍ଷା ଗୃହୀତ ହେବାର ଆଜ୍ଞା ହୋଇଥିଲା ତାହା ରହିତ କରି ସମ୍ପ୍ରତି ଅମ୍ଭମାନଙ୍କର ଲେପ୍ଟେନଣ୍ଟ ଗବର୍ଣ୍ଣର ନୂତନ ନିୟମ ପ୍ରଚଳିତ କରିବାକୁ ଅବଶ୍ୟକ ଜାଣିଲେ ଏକ କମିଟୀ ନିଯୁକ୍ତ କରିଅଛନ୍ତି ଓ ଉକ୍ତ କମିଟୀର କାର୍ଯ୍ୟ ଶେଷ ହେଲାରୁ ନୂତନ ନିୟମମାନ ପ୍ରଚାର ହେବ ଓ ତଦନୁସାରେ ପରୀକ୍ଷା ଗୃହୀତ ହୋଇ ଉପଯୁକ୍ତ ବ୍ୟକ୍ତିଙ୍କୁ କର୍ମ ଦିଆଯିବ । ବର୍ତ୍ତମାନ ଲୋକମାନେ ପୁରାତନ ନିୟମରେ ପରୀକ୍ଷା ଦେଇ କର୍ମ ପାଇବାକୁ ଆଶା କରି ରହିଅଛନ୍ତି ସେମାନେ ନୈରାଶ୍ୟ ହେଲେ ବୋଲି ଗବର୍ଣ୍ଣମେଣ୍ଟ ଘୋଷଣା ଦେଇଅଛନ୍ତି ।

ଯେସମସ୍ତ ବିଷୟକୁ ମୂଳକରି କମିଟୀ ନିୟମ ପ୍ରସ୍ତୁତ କରିବେ ଶ୍ରୀଯୁକ୍ତ ଲେପ୍ଟେନଣ୍ଟ ଗବର୍ଣ୍ଣର ତାହା ସଂକ୍ଷେପରେ ବର୍ଣ୍ଣନ କରିଅଛନ୍ତି । ସେ ବୋଲନ୍ତି ଯେ ଅଜକାଲି ଶିକ୍ଷାବୃଦ୍ଧିର ସଙ୍ଗେ ୨ କର୍ମାକାଂକ୍ଷିଙ୍କର ସଂଖ୍ୟା ବଢ଼ୁଅଛି ଏ ସମୟରେ ଅଗ୍ରେ ଲୋକ ନିଯୁକ୍ତ କରି ତାହାଙ୍କୁ ବାର୍ଷିକ ଟ ୨୫୦୦ଙ୍କା ବେତନ ଦେଇ କର୍ମ ଶିଖାଇବା ଅନର୍ଥକ ଅଟଇ । ଯାହାଙ୍କୁ କର୍ମ ଦିଆଯିବ ସେମାନଙ୍କଠାରୁ ଅଗ୍ରେ ପରୀକ୍ଷା ଗୃହୀତ ହେବ ଯେଉଁମାନେ ଉତ୍ତମ ଆଚରଣ ମର୍ଯ୍ୟାଦା ଓ ଶାରୀରିକ ମାନସିକ ଉପଯୁକ୍ତତାର ସନ୍ତୋଷଜନକ ପ୍ରମାଣ ଦେବେ ସେମାନଙ୍କଠାରୁ ପରୀକ୍ଷା ନିଆଯିବ ଓ କେବଳ ଉପଯୁକ୍ତ ଗବର୍ଣ୍ଣମେଣ୍ଟକର୍ମଚାରିଙ୍କଠାରୁ ଏ ସବୁ ପ୍ରୟୋଜନ ହେବ ନାହିଁ ତଥାଚ ସେମାନଙ୍କଠାରୁ କଷ୍ଟସୂକ୍ଷ୍ମପ୍ରମାଣରେ ପରୀକ୍ଷା ନିଆଯିବ । ପରୀକ୍ଷାର ବିଷୟ ନିମ୍ନଲିଖିତ ରୂପେ ହେବ ଯଥା—

୧ । ଉତ୍ତମ ସାଧାରଣ ଶିକ୍ଷାଲାଭ ।

୨ । ଦେଶୀୟ ଲୋକଙ୍କ ପକ୍ଷରେ ଇଂରାଜୀଭାଷାଜ୍ଞାନ ।

୩ । ଫୌଜଦାରୀ ଓ ରେବିନ୍ୟୁ ସମ୍ପର୍କୀୟ ପ୍ରଧାନ ୨ ଆଇନର ଜ୍ଞାନ ।

୪ । କେତେକ ପରିମାଣରେ ଭୂମିପରିମାଣ ବିଦ୍ୟା ଓ ବାରକମାସ୍ତରୀ ବିଦ୍ୟାର ସହଜରୂପ ଜ୍ଞାନ

ଯେ ବ୍ୟକ୍ତି ବିଶ୍ୱବିଦ୍ୟାଳୟର ପ୍ରବେଶିକାପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବ ତାହାର ଭାଷାଜ୍ଞାନପକ୍ଷରେ ପ୍ରଚୁର ହେବ । ଦେଶୀୟ ଲୋକମାନେ ଆପଣା ଭାଷାରେ ଏମନ୍ତ ଲେଖିପଢ଼ି ପାରିବେ କି ଯେମନ୍ତ ଉତ୍ତମରୂପେ ମୋହରିରକର୍ମ କରିପାରୁଥିବେ । ଭୂମିପରିମାଣ ଓ ବାରକମାସ୍ତରୀ କର୍ମ ଜାଣିବା ନିତାନ୍ତ ପ୍ରୟୋଜନୀୟ ।

ପରିଶେଷରେ ଶ୍ରୀଯୁକ୍ତ ଲେପ୍ଟେନଣ୍ଟ ଗବର୍ଣ୍ଣର ସାହେବ ଲେଖିଅଛନ୍ତି ଯେ ଅଳ୍ପବୟସ୍କ ଲୋକଙ୍କୁ ଏପରି ଗୁରୁତର କର୍ମରେ ସହସା ନିଯୁକ୍ତ କରିବାକୁ ସେ ମନୋନୀତ ଜ୍ଞାନ କରନ୍ତି ନାହାନ୍ତି । ତାହାଙ୍କ ଇଚ୍ଛା ଯେ ସରକାରୀ ମହକୁମାର କେରାଣୀମାନଙ୍କ ମଧ୍ୟରେ ଯେଉଁମାନେ ପ୍ରବେଶିକା ପରୀକ୍ଷା ଦେଇଥିବେ ଓ ଭୂମିପରିମାଣ ଇତ୍ୟାଦି ବିଦ୍ୟା ଜାଣିବାର ପ୍ରମାଣ ଦର୍ଶାଇ ପାରିବେ ସେମାନଙ୍କୁ କର୍ମ ଦିଆଯିବ ।

ଏଠାରେ ଯେତେବେଳେ ଡେପୁଟୀ କଲେକ୍ଟର ନିଯୁକ୍ତ କରିବା ବିଷୟରେ କଲ ସାହେବଙ୍କଠାରୁ କମିଶନର ସାହେବ ମତ ପ୍ରାର୍ଥନା କରିଥିଲେ ତେତେବେଳେ ଶ୍ରୀଯୁକ୍ତ ମାକ୍‌ଫର୍ସନ ସାହେବ ଏହିରୂପ ମତ ଦେଇଥିଲେ ଓ ଅମ୍ଭେମାନେ ଶ୍ରୀଯୁକ୍ତ ଲେପ୍ଟେନଣ୍ଟ ଗବର୍ଣ୍ଣରଙ୍କର ସେହିରୂପ ମତ ଦେଖି ଆନନ୍ଦିତ ହେଲୁଁ ମାତ୍ର କେହି ୨ ପ୍ରତିବାଦ କରନ୍ତି କି କିରାଣୀମାନେ ଉତ୍ତମ ହାକିମ ହୋଇ ପାରିବେ ନାହିଁ । କାରଣ ଏମାନେ ଅମଲା ଶ୍ରେଣୀରେ କର୍ମ କରି ହାକିମଙ୍କର ଖୁଁକାର ହୋଇପଡ଼ନ୍ତି ଓ ମିଥ୍ୟାଚାର ନାନାକାରଣରୁ ଜଣା ହୋଇଥାଏ । ଏପରି ଲୋକ ହାକିମ ହେଲେ ତେତେ ସ୍ୱାଧୀନତା ସହିତ କାର୍ଯ୍ୟ କରିପାରିବ ନାହିଁ । ଏ ଆପତ୍ତି ଅମ୍ଭେମାନେ ବହୁକରି ଦେଉ ନାହୁଁ । ହାକିମଙ୍କର ଖୁଁକାର କେବଳ କେରାଣୀ ହୁଅନ୍ତି ଏମନ୍ତ ନୁହେ । ଅବସ୍ଥା ବିଶେଷରେ ଓ ହାକିମ ବିଶେଷର ମିଜାଜ ଦୃଷ୍ଟିରେ ଅନେକ ଡେପୁଟୀ ଉକ୍ତପ୍ରକାର ଧର୍ମ ଗ୍ରହଣକରନ୍ତି । ଯେଉଁ ଲୋକର ନୀତିଜ୍ଞାନ ଯେ ପ୍ରକାର ଥିବ ସେ ତଦନୁସାରେ କାର୍ଯ୍ୟ କରିବ । ଅମଲା ମଧ୍ୟରେ ଅନେକ ସ୍ୱାଧୀନଭାବାପନ୍ନ ଲୋକ ଅଛନ୍ତି କେବଳ ସୁଯୋଗ ଅଭାବରେ ତାହା ଦେଖାଇ ପାରନ୍ତି ନାହିଁ । ବର୍ତ୍ତମାନ ଏହି ଜିଲାରେ କେରାଣୀ ଡେପୁଟୀ କଲେକ୍ଟର ଦୁଇଜଣ ଅଛନ୍ତି । ଏମାନଙ୍କର ସ୍ୱଭାବରେ କିଛି ଦୋଷ ଦେଖାଯାଇ ନାହିଁ ଓ ହାକିମଙ୍କଠାରେ ସୁଖ୍ୟାତି ଲାଭ କରିଅଛନ୍ତି ।

---

## ସାପ୍ତାହିକ ସଂବାଦ

ଗତ ରବିବାର ଦିନ କଟକ ବ୍ରାହ୍ମସମାଜର ଜନ୍ମଦିନ ପ୍ରତିପାଳନ ହୋଇଥିଲା ଓ ତଦୁପଲକ୍ଷରେ ଦୀନ ଅନାଥଙ୍କୁ ଦାନ ଓ ପ୍ରାତଃକାଲ ଅପରାହ୍ନ ଏବଂ ସନ୍ଧିକାଳରେ ଉପାସନା ସଙ୍ଗୀତ ଆଦି ମହୋତ୍ସବ ହୋଇଥିଲା । ସନ୍ଧ୍ୟାସମୟରେ

Digitized by srujanika@gmail.com

Split by PDF Splitter



ବ୍ରାହ୍ମମାନେ ଝାଞ୍ଜ ମୃଦଙ୍ଗ ଘେନି ନଗରକୀର୍ତ୍ତନ କରି ବୁଲୁଥିଲେ ନଗରବାସିମାନେ ଦେବୀଭ ଦ୍ରବ୍ୟ ବାହାରିବାର ଦେଖି କେହି ଓଲାଉଠା ନଗର ସଙ୍କୀର୍ତ୍ତନ ଓ କେହି ବା ଗ୍ରାମଦେବୀ ପୂଜା ଶେଷ ହେବାର କଳ୍ପନା କରୁଥିଲେ ବ୍ରାହ୍ମମାନେ ଶ୍ରୀ ଚୈତନ୍ୟମହାପ୍ରଭୁଙ୍କର ପ୍ରଣାଳୀକୁ ଅବଲମ୍ବନ କରିବାର ଦେଖି କେତେ ଲୋକ ବିସ୍ମୟାପନ୍ନ ହେଲେ ।

ନିମ୍ନଲିଖିତ ମହାଶୟମାନେ ବାଲେଶ୍ୱର ସ୍ଥାନୀୟ ଶିକ୍ଷାକମିଟୀର ସଭ୍ୟ ନିଯୁକ୍ତ ହୋଇଅଛନ୍ତି ଯଥା ।

ବାବୁ ଅତୁଲଚନ୍ଦ୍ର ଚଟ୍ଟୋପାଧ୍ୟାୟ
,, କାଳୀପ୍ରସନ୍ନ ମିତ୍ର
,, ଫକୀର ମୋହନ ସେନାପତି

ମୋଫସଲରୁ ସମ୍ବାଦ ପ୍ରାପ୍ତ ହୁଏ ଯେ ଏ ବର୍ଷ କୃଷିକର୍ମ ଉତ୍ତମ ରୂପେ ନିର୍ବାହ ହେଉଅଛି । ଜଳ ବର୍ଷା ଯଥା କାଳରେ ପ୍ରଚୁରରୂପେ ହୋଇଅଛି । ଶ୍ରୀଯୁକ୍ତ ବର୍ଲ୍ଡ଼ ସାହେବଙ୍କ ଜଳର ଅଦର ଅଛି କି ନାହିଁ ଜଣା ପଡ଼ି ନାହିଁ ।

ଅଦ୍ୟାବଧି ପ୍ରତି ଶନିବାର ଦିନ ଘ ୮ ଟା ସମୟରେ ତୋପ ପଡ଼ିବାର ବନ୍ଦୋବସ୍ତ ହୋଇଅଛି । ଦୁଇ ମାସ ହେବ ଏ ନିୟମ ରହିତ ହୋଇଥିବାରୁ ଘଡ଼ିସବୁ ଠିକ ରଖିବାର ବଡ଼ କଠିନ ହୋଇଥିଲା ।

ପାରସ୍ୟ ଦେଶରେ ଅତ୍ୟନ୍ତ ଦୁର୍ଭିକ୍ଷ ହେବାରୁ ଇସ୍ପାହାନ ଓ ଯୁଲଫାନଗରସ୍ଥ ଆରମିନୀୟ ଲୋକମାନେ ବଡ଼ ଦୁଃଖ ପାଉଅଛନ୍ତି ଓ ସେଠାରେ ତାହାଙ୍କୁ ସାହାଯ୍ୟ କରିବାକୁ କେହି ନାହିଁ । କାରଣ ଦେଶଯାକ ଦୁର୍ଭିକ୍ଷ ପଡ଼ିଲା ହେତୁ ସମସ୍ତେ ଆପଣା ରକ୍ଷାନିମନ୍ତେ କାତର ଅଛନ୍ତି । କଲିକତାରୁ ସାହାଯ୍ୟ ପାଇବା ନିମନ୍ତେ ପତ୍ର ଆସିଅଛି । ଭରସା କରୁଅଛୁ କଲିକତା ଲୋକମାନେ ଏସମୟରେ ଦୁର୍ଭିକ୍ଷପୀଡ଼ିତ ବ୍ୟକ୍ତିଙ୍କୁ ସାହାଯ୍ୟ କରି ଇହକାଳରେ ଯଶ ଓ ପରକାଳରେ ଧର୍ମ ଲାଭ କରିବେ ।

ମାରୱାଡ଼ ଦେଶରେ ଥିବା ପାହାଡ଼ ମଧ୍ୟରେ ରୂପା ଓ ଶିସାର ଖଣି ବାହାରିବାର ଖଣ୍ଡିଏ ସ୍ଥାନୀୟ ସମ୍ବାଦପତ୍ରରୁ ପ୍ରକାଶ ହୁଅଇ କଥିତ ହୁଅଇ ଯେ ଯେଉଁ ଧାତୁମୟ ମୃତ୍ତିକା ପ୍ରାପ୍ତ ହୋଇଅଛି ତାହା ଅତି ଉତ୍ତମ ଅଟଇ ଓ ଏଥିରୁ ଅନେକ ଲାଭ ହେବାର ଆଶା ଅଛି ।

ପଞ୍ଜାବ ଗବର୍ଣ୍ଣମେଣ୍ଟ ବର୍ତ୍ତମାନ ଯେଉଁ ଋଣ ଗ୍ରହଣ କରିଅଛନ୍ତି ବମ୍ବେଇସ୍ଥ ଲୋକମାନେ ୩୦ ଲକ୍ଷ ଟଙ୍କା ଦେଲେଣି ।

ରେବିନ୍ୟୁ ବୋର୍ଡ ବିଧାନ କରିଅଛନ୍ତି ଯେ ଚଳିତବର୍ଷର ଇନ୍‌କମ୍‌ଟାକ୍ସ ବନ୍ଦୋବସ୍ତ ନିମିତ୍ତ କଲେକ୍ଟରମାନେ ଗତ ଦୁଇବର୍ଷର ରେଜିଷ୍ଟ୍ରିକୁ ବନ୍ଦୋବସ୍ତର ମୂଳ କରି ତଦନୁସାର ଯାହା ଉପରେ ଯେତେ ଟାକ୍ସ ହେବ ତହିଁର ଉତ୍ତଲନାମା ଜାରି କରିବେ । ମାତ୍ର ଯେଉଁଠାରେ ଊଣା ବନ୍ଦୋବସ୍ତ ହୋଇଥିବାର ସମ୍ଭବ ହେବ କିମ୍ବା ଯେଉଁ ସ୍ଥାନରେ ଗତବର୍ଷମାନଙ୍କରେ ବନ୍ଦୋବସ୍ତ କାର୍ଯ୍ୟ ଉତ୍ତମ ହୋଇ ନ ଥିବାର ପ୍ରକାଶ ହେବ ସେଠାରେ ଅନୁସନ୍ଧାନ କରି କାର୍ଯ୍ୟ କରିବେ ।

ମୋଫସଲାଇଟ ପତ୍ରିକାର ଜଣେ ପତ୍ରପ୍ରେରକ ଲେଖନ୍ତି ଯେ ବ୍ରାଣ୍ଡି ଓ ଲବଣଦ୍ୱାରା ନାନା ରୋଗ ଶାନ୍ତି ହୁଅଇ । ଏବିଷୟ ଆମେରିକାର ଜଣେ ଚିକିତ୍ସକ ନିର୍ଣ୍ଣୟ କରି ଖଣ୍ଡିଏ ପୁସ୍ତକରେ ଲେଖିଅଛନ୍ତି । ପତ୍ରପ୍ରେରକ ସ୍ୱୟଂ ଏହି ଉପାୟରେ ବହୁତ ରୋଗୀଙ୍କୁ ଆରୋଗ୍ୟ କରିଅଛନ୍ତି ଏକ ପାଇଣ୍ଟ ଫ୍ରେଞ୍ଚ ବ୍ରାଣ୍ଡିରେ ଅଧଛଟାଙ୍କ ଲବଣ ମିଶ୍ରିତ କରି ଏକ ଓ୍ୱାଇନଗ୍ଲାସ ଲେଖାଏଁ ଦିନକୁ ତିନିଥର ଲେଖାଏଁ ଜଣେ କୋଷ୍ଠରୋଗିକୁ ଖୁଆଇଲେ ଓ ବାହାରେ ସେହି ପଦାର୍ଥ ଲଗାଇ ଦେଲେ ଅଳ୍ପଦିନରେ ସେ ମୁକ୍ତ ପାଇଲା । ଆଉ ଜଣକୁ ଶ୍ୱାସରୋଗ ହୋଇଥିଲା ସେ ତିନିସପ୍ତାହରେ ଏହିଉପାୟଦ୍ୱାରା ଆରୋଗ୍ୟ ଲାଭ କଲା । ଡେଲିନ୍ୟୁସ ଏଥିକୁ ଲେଖନ୍ତି ଯେ ଲବଣ ମହୌଷଧି ଅଟଇ ମାତ୍ର ଡାକ୍ତରମାନେ ତହିଁପ୍ରତି ଅବଧି ମନୋଯୋଗୀ ହୋଇ ନାହାନ୍ତି ।

କାବୁଲରୁ ଡେଲିନ୍ୟୁସ ସଂବାଦ ପାଇଅଛନ୍ତି ଯେ ସରଦାର ମହମଦୟାକୁବଖାନ ହିରାଟର କିଲ୍ଲାକୁ ଜୟ କରିଅଛନ୍ତି । ଅମୀର ତାହାଙ୍କ ସଙ୍ଗେ ଯୁଦ୍ଧ କରିବାପାଇଁ ସୈନ୍ୟ ସଂଗ୍ରହ କରୁଅଛନ୍ତି ମାତ୍ର ବର୍ତ୍ତମାନ କାବୁଲର ଅବସ୍ଥା ଭଲ ଦିଶୁ ନାହିଁ ବୃଷ୍ଟି ଅଭାବରେ ଆଗାମି ଫସଲର ଅବସ୍ଥା ବଡ଼ ମନ୍ଦ ଜଣାଯାଏ ।

ମାଡ୍ରାଜମେଲ ଲେଖନ୍ତି କି ଯେବାରୁ ପେରିଅସିଥିବା ଏକଖଣ୍ଡ ବଡ଼ ଅରବୀୟଜାହାଜ କାଲିକଟରେ ଉଡ଼ାରେ ଚଢ଼ିଯାଇ ଭାଙ୍ଗି ନଷ୍ଟ ହୋଇଯାଇଅଛି । ଉକ୍ତ ଜାହାଜରେ ୨୦୦ ଣ ଯାତ୍ରୀ ଥିଲେ ତହିଁ ମଧ୍ୟରୁ କେବଳ ୧୯ ଣ ବଞ୍ଚିଅଛନ୍ତି ।

ହିନ୍ଦୁପେଟ୍ରିଅଟରୁ ଅବଗତ ହେଲୁଁ ଯେ ଅମୃତସରର ହିନ୍ଦୁମାନେ କେତେ ଦିନ ହେଲା ନଗର ମଧ୍ୟରେ ପଶୁବଧ ଏବଂ ଗୋମାଂସ ବିକ୍ରୟ ନିବାରଣ ସକାଶେ ଗବର୍ଣ୍ଣମେଣ୍ଟଙ୍କ ଆଜ୍ଞା ପ୍ରାର୍ଥନା କରିଥିଲେ । ବର୍ତ୍ତମାନ ସମୟରେ ଏମନ୍ତ ଆଶା ସଫଳ ହେବାର କଠିନ ସୁତରାଂ ନୈରାଶ୍ୟ ହୋଇ ଆପଣା ହସ୍ତରେ ଏ ବ୍ୟାପାର ନିବାରଣର ଭାର ନେଇ ଗତସପ୍ତାହ ଶୁକ୍ରବାର କେତେଜଣ ହିନ୍ଦୁ ଅସ୍ତ୍ର ଘେନି ଅମୃତସର ପଶୁବଧ ଶାଳାକୁ ଆକ୍ରମଣ କଲେ ଓ ସେଠାରେ ଶୋଇଥିବା ମୁସଲମାନ କସେଇମାନଙ୍କୁ ହତ୍ୟା କଲେ । ଜଣଙ୍କୁ ଖଣ୍ଡ ୨ କରି କାଟି ପକାଇଲେ ଓ ଆଉ ଦୁଇଜଣଙ୍କୁ ଏମନ୍ତ ଆଘାତ କରିଥିଲେ ଯେ ଜଣେ ମରିଯାଇଅଛି ଓ ଅନ୍ୟ ଜଣର ବଞ୍ଚିବାର ଆଶା ନାହିଁ । ହତ୍ୟାକାରୀମାନେ ଅଦ୍ୟାପି ଧରାପଡ଼ି ନାହାନ୍ତି ।

ପାଇୟୋନିୟରର ଲେଖନ୍ତି କି ଜଣେ ତପସ୍ୱୀ ଲକ୍ଷ୍ନୌରେ ବ ୧୦୩ ବର୍ଷ ବୟସରେ ମରିଗଲା ଏବ୍ୟକ୍ତି ବ ୯୦ ବର୍ଷ ନୌକରି କରିଥିଲା ଅଥଚ ପେନସେନ ପାଇ ନାହିଁ । ନ୍ୟାୟମତେ ଏହାକୁ ଉପଯୁକ୍ତ ପେନସେନ ଦେବାର ଉଚିତ ଥିଲା ।

ମୋଫସଲ ସ୍ଥାନମାନଙ୍କରେ ପେନସେନ ଭୋଗିଙ୍କ ହସ୍ତରେ ଦସ୍ତାବିଜ ରେଜିଷ୍ଟ୍ରୀ କର୍ମ ଅର୍ପଣ କରିବାକୁ ଗବର୍ଣ୍ଣମେଣ୍ଟ ମଞ୍ଜୁର କରି ତଦନୁସାର କାର୍ଯ୍ୟାରମ୍ଭ କଲେଣି ବାଗ୍‌ସତ୍ତରେ ଜଣେ ପେନସେନ ଭୋଗୀ ନିଯୁକ୍ତ ହୋଇଅଛି ଓ ଶ୍ରୀରାମପୁରରେ ମଧ୍ୟ ଏହିପରି ହେବ ।

## ପ୍ରେରିତ ପତ୍ର ।

ମହାମାନ୍ୟବର ଶ୍ରୀଯୁକ୍ତ ଶ୍ରୀ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ସମ୍ପାଦକ ମହାଶୟ ! ଅମୃତ ଏ ପୁରୀନଗରରେ ବର୍ତ୍ତମାନ ଯାତ୍ରିମାନଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଯେ ଗୋଟି ଅତି ନୂତନ ପ୍ରଚଳ ହେଲା, ତହିଁରେ ପରିବାଲମାନଙ୍କର ଅତ୍ୟାଚାରେ ଯାତ୍ରିମାନେ ଅତିଶୟ କ୍ଳେଶ ପ୍ରାପ୍ତ ହେବାର ଦେଖି ଦୁଃଖିତ ସହିତ ତନ୍ନିମ୍ନ ନିମ୍ନଭାଗରେ ନିବେଦନ କରୁଅଛୁଁ ମହାଶୟ ଅନୁଗ୍ରହପୂର୍ବକ ସଂଶୋଧନ କରି ଆପଣଙ୍କ ଦେଶହିତୈଷି-ପତ୍ରିକାରେ ସ୍ଥାନଦାନେ ବାଧିତ କରିବା ହେବେ ।

୧ ମ । ପରିବାଲମାନେ ଯେ କି ଯାତ୍ରିମାନଙ୍କୁ ଆପଣା ୨ ଘରେ ବସା କରିବାକୁ ଦେଇ

Digitized by srujanika@gmail.com

Split by PDF Splitter



ସେମାନେ ଉକ୍ତ ଘରର ସାର୍ଟିଫିକେଟ ଫିସ ଟ ୧ ଙ୍କା ଓ ଯେତେଜଣ ଯାତ୍ରି ରଖିବାର ଅନୁମତିପତ୍ର ପ୍ରାପ୍ତ ହେବେ ତହିଁ ନିମିତ୍ତ ଜଣପ୍ରତି ୦/୨ ହିସାବ ଯାତ୍ରି ଫିସ ଏକବରଷ ସକାଶେ ସରକାରକୁ ଦେଇ ବରଷତମାମ ଆପଣା ୨ ଘରେ ଯାତ୍ରିମାନଙ୍କୁ ରଖିପାରବେ କିନ୍ତୁ ଉକ୍ତ ଯାତ୍ରିଙ୍କଠାରୁ ଜଣପ୍ରତି କେତେ ଘରଭଡା ନେବେ ତହିଁର କିଛି ନିୟମ ନ ଥିବାରୁ ଘରବାଲମାନେ ଧର୍ମାଧର୍ମ କିଛି ବିଚାର ନ କରି ଯାହା ମନେ କରୁଅଛନ୍ତି ତାହା ନେଉଅଛନ୍ତି ।

୨ ୟ । ସ୍ନାନଯାତ୍ରା ସମୟରେ ନୂତନ ଆଇନ ପ୍ରଚାର ହେଉଥିବା ଓ ତହିଁର ମର୍ମ ଘରବାଲମାନେ ଉତ୍ତମରୂପ ଅବଗତ ନ ହୋଇଥିବାରୁ ସେ ସମୟରେ ଯେଉଁ ଯାତ୍ରିମାନେ ଆସିଥିଲେ ତାଙ୍କମାନଙ୍କଠାରୁ ଉପ୍ରୋକ୍ତ ସାର୍ଟିଫିକେଟ ଫିସ ଟ ୧ ଙ୍କା ଆଉ ଘରଭଡା ଜଣପ୍ରତି ଟ ୧ ଙ୍କା ନେଇଥିଲେ କିନ୍ତୁ ରଥଯାତ୍ରା ଉପଲକ୍ଷରେ ଅଧିକ ଯାତ୍ରି ଆସିବାର ଦେଖି ପ୍ରଥମ ଜଣପ୍ରତି ଟ ୨ ଙ୍କାରୁ ନେବାର ମୂଳ କରି କ୍ରମେ କ୍ରମେ ଟ ୩ ଙ୍କା ଓ ଟ ୪ ଙ୍କା ଓ ଟ ୫ ଙ୍କା ପର୍ଯ୍ୟନ୍ତ ଲୋକବିଶେଷରେ ନେବାର ନିର୍ଦ୍ଦିଷ୍ଟ କରାଗଲା ।

୩ ୟ । ଯେଉଁମାନେ ଉପରଲିଖିତ ବିଧାନ ଅନୁସାରେ ଦେବାକୁ ଅସ୍ୱୀକାର କିମ୍ବା ଅକ୍ଷମ ହେଲେ ସେମାନଙ୍କୁ କେହି ଘରେ ରହିବାକୁ ସ୍ଥାନ ନ ଦେଲେ ସୁତରାଂ ସେ ଗରିବଯାତ୍ରୀ ପଦାରେ ପଡିରହି ଖରା ଓ ବର୍ଷା ଖାଇ ଯନ୍ତ୍ରଣା ଭୋଗ କଲେ ଏବଂ କେତେକ ଯାତ୍ରୀ ଘରବାଲମାନଙ୍କର ଏରୂପ ଅତ୍ୟାଚାରରୁ ରକ୍ଷା ପାଇବା କାରଣ ଅଠରନଳାଠାରୁ ଯାଜ୍ଞବାଦେଇ ପୁର ନଦୀ ଆରପାରି ପର୍ଯ୍ୟନ୍ତ ଶାସନବାଡିମାନଙ୍କରେ ସ୍ଥାନେ ୨ ବସା କରି ଥାଇଁ କେତେକ ଶ୍ରୀ ଜିଉଙ୍କ ଦର୍ଶନ ରହିତ ଦୂରରୁ ଗଡାମ୍ଭାଡି କରି ବିଶେଷ କଷ୍ଟ ସହ୍ୟ କଲେ ।

୪ ର୍ଥ । ସମ୍ପାଦକ ମହାଶୟ ! ଏଥିରେ ଯାତ୍ରିମାନଙ୍କର ସ୍ୱାସ୍ଥ୍ୟ ରକ୍ଷା ନ ହୋଇ ବରଂ ତହିଁପକ୍ଷରେ କେତେ ବ୍ୟାଘାତ ଘଟିବାର ସମ୍ଭାବନା ଏବଂ ସରକାରଙ୍କର ଫିସ ଆଦାୟ ହେବାର କେତେ ଲାଘବ ହେଲା ତାହା ଅନୁମାନ କରି ଦେଖାଯାଉ ମାତ୍ର ସୌଭାଗ୍ୟର ବିଷୟ ଏହି ଯେ ଏବର୍ଷ ପୂର୍ବରୁ ଅଧିକ ପାଣି ବୃଷ୍ଟି ହୋଇଥିବା ଓ ଆକାଶ ମେଘାଚ୍ଛନ୍ନ ହୋଇ ଏକଣର ଅତି ଶୀତଳ ଥିବା ପ୍ରଯୁକ୍ତ ଏକଜଣ ଯାତ୍ରୀ ସୁଦ୍ଧା ଓଲାଉଠା ରୋଗରେ ଆକ୍ରାନ୍ତ ହେବାର ଦେଖା ନ ଗଲା କିନ୍ତୁ ଫେର ଯିବାର ଯାତ୍ରିମାନଙ୍କର ବାଟରେ କି ହେବ କୁହାଯାଇ ନ ପାରେ ଯାହା ହେଉ ଏବିଷୟରେ ସ୍ୱାସ୍ଥ୍ୟରକ୍ଷକ ମହାଶୟ ଇଶ୍ୱରଙ୍କ ଦୟାରୁ ବିଶେଷ ଗୌରବ ଲାଭ କରିବେ ସନ୍ଦେହ ନାହିଁ ।

୫ ମ । ସମସ୍ତ ଯାତ୍ରିମାନେ ଏକବାକ୍ୟ ହୋଇ କହିବାର ଶୁଣାଗଲା କି ସରକାର ଯେ-ପ୍ରତି ଯାତ୍ରିଙ୍କଠାରୁ ଅଠ ୦/୫ ଅଣା ହିସାବ ଫିସ ନେବାର ନିୟମ କରିଅଛନ୍ତି ଏଥିରେ ଅମ୍ଭେମାନେ ଅସନ୍ତୁଷ୍ଟ ନାହୁଁ । କିନ୍ତୁ ଘରବାଲଙ୍କଦ୍ୱାରା ଉକ୍ତ ଫିସ ଆଦାୟ କରାଇବାର ବିଧାନ ନ ହୋଇ ନିଜ ସରକାର ଯାତ୍ରିମାନଙ୍କଠାରୁ ଆଦାୟ କରି ନେବାର ନିୟମ କରାଯାଇଥିଲେ ଅମ୍ଭେମାନେ ଉକ୍ତ ୦/୫ ଅଣା ଫିସ ଆନନ୍ଦର ସହିତ ଦେଇ ଥାଆନ୍ତୁ ଏବଂ ଲୋଭଗ୍ରସ୍ତ ଘରବାଲମାନେ ଏତେ ଅତ୍ୟାଚାର ଯାତ୍ରିମାନଙ୍କ ଉପରେ ପ୍ରକାଶ କରି ନ ପାରନ୍ତେ ବରଂ ଅନେକ ଯାତ୍ରି ଉକ୍ତ ଘରବାଲମାନେ ଆପଣା ଇଚ୍ଛାନୁସାରେ ଘରମାନଙ୍କରେ ରଖି ନ ପାରନ୍ତା ନିମିତ୍ତ ସ୍ଥାନ ନିରୂପଣ କରି ସ୍ୱାସ୍ଥ୍ୟରକ୍ଷକ ଯେଉଁ ଘରେ ଯେତେ ଲୋକ ରହିପାରନ୍ତି ତହିଁର ସାର୍ଟିଫିକେଟ ସେମାନଙ୍କୁ ଦେଇ ଉକ୍ତ ସାର୍ଟିଫିକେଟ ଫିସ ଏକ ଟଙ୍କା ଘରବାଲଙ୍କ ନିକଟରୁ ନେଇ ସରକାରରେ ଦାଖଲ କରନ୍ତେ ଏରୂପ ନିୟମ କରାଯାଇଥିଲେ ଉତ୍ତମ ହୋଇଥାନ୍ତା । ପୁଣି ଘରବାଲମାନେ ପୂର୍ବେ ଯାତ୍ରିମାନଙ୍କୁ ରଖି ଯେରୂପ ଘରଭଡା ନେଉଥିଲେ ତହିଁରୁ ଅଧିକ ନେଇ ନ ପାରିବା ବିଷୟରେ ନିବାରଣ ଥାନ୍ତା ।

୬ ଷ୍ଠ । ବର୍ତ୍ତମାନ ଦେଖିବାରେ ସାର୍ଟିଫିକେଟ ଫିସ ଟ ୧ଙ୍କା ଓ ଅନୁମତି ପାଇବା ଅନୁସାରେ ଯେତେଜଣ ଯାତ୍ରୀ ଘରବାଲମାନେ ଆପଣା ୨ ଘରେ ରଖିଲେ ତାଙ୍କଠାରୁ ସାର୍ଟିଫିକେଟ ଫିସ ଟ ୧ଙ୍କା ଓ ପ୍ରତିଯାତ୍ରିନିମିତ୍ତ ୦/୫ ଅଣା ହିସାବ ଏକବର୍ଷ ସକାଶେ ଯେ ଫିସ ସରକାରକୁ ଦେଣ ହେବ ତହିଁ ଅପେକ୍ଷା ଚତୁର୍ଗୁଣ ଏକଥର ଯାତ୍ରୀ ରଖି ଆଦାୟକରି ନେଉଅଛନ୍ତି ଏପରି ଯେତେ ଯାତ୍ରୀ ଆଗାମୀ ରଥଯାତ୍ରା ପର୍ଯ୍ୟନ୍ତ ରଖିବେ ସେମାନଙ୍କୁ ସରକାରୀ ଫିସ ଦେବାକୁ ପଡୁଅଛି କେବଳ ଜଣପ୍ରତି ଟ ୧ଙ୍କାରୁ କମ ନ ନେବେ ଏହା ଅନୁମାନ କରାଯାଏ ଯେହେତୁ ସ୍ନାନଯାତ୍ରା ଯାତ୍ରିଙ୍କଠାରୁ ଏକଦଫା ଫିସ ଓ ଘରଭଡା ଇତ୍ୟାଦି କରି ଜଣପ୍ରତି ଟ ୧ଙ୍କାରୁ ଅଧିକ ନେଇ ପୁନର୍ବାର ରଥଯାତ୍ରିଙ୍କଠାରୁ ଟ ୨ ଙ୍କାରୁ ଟ ୫ ଙ୍କା ପର୍ଯ୍ୟନ୍ତ ପ୍ରତିଜଣରେ ନେଉଥାଇଲେ ସେସ୍ଥଲେ ଯେ ବର୍ଷ ସୁଦ୍ଧା ଏପ୍ରକାର ନେବେ ତହିଁର ଆଶ୍ଚର୍ଯ୍ୟ କି ଅଛି ।

୭ମ । ଏଥିରୁ ସ୍ପଷ୍ଟ ଜଣାଯାଉଅଛି କି ସମସ୍ତ ଯାତ୍ରୀ କି ବର୍ଷମଧ୍ୟରେ ଯେତେ ଆସିବେ ତାଙ୍କ-ସମସ୍ତଙ୍କୁ ଫିସର ଦାୟୀ ହେବାକୁ ହେବ ତହିଁରେ କିଛି ସନ୍ଦେହ ନାହିଁ ମାତ୍ର ସରକାର ସେଥିର କିଛି ଅଂଶ ବର୍ତ୍ତମାନ ଚଳନ ନିୟମାନୁସାରେ ପାଇ ନ ପାରିବେ ଏସ୍ଥଲେ ଯାତ୍ରିମାନଙ୍କ କହିବା ଅନୁଯାୟୀ ସରକାର ସେମାନଙ୍କଠାରୁ ଫିସ ଆଦାୟକରିବାର ପ୍ରଥା ଚଳନ କରାଯାଇ ଜଣ-ପ୍ରତି ୦/୫ ଅଣା ସ୍ଥଲେ ୦/୮ ଅଣା ପ୍ରତିଜଣରେ ନିଆଗଲେ ସୁଦ୍ଧା ବର୍ତ୍ତମାନ ଆୟହେବା ଫିସ ଅପେକ୍ଷା ଚତୁର୍ଗୁଣ ବୃଦ୍ଧିହେବ ତାହା ଯାତ୍ରିମାନେ ଅତି ସନ୍ତୋଷପୂର୍ବକ ଦେବେ ଏବଂ ସେ ନିୟମ ସର୍ବସାଧାରଣଙ୍କର ସମ୍ମତ ହେବାର ସମ୍ଭାବନା ଅଛି ଏଣୁକରି ଅମ୍ଭର ଭରସା ଶ୍ରୀ ମହାମାନ୍ୟବର ଶ୍ରୀ କମିଶନରସାହେବ ଏଥର ସୁବିଚାର ଦ୍ୱାରା ଘରବାଲମାନଙ୍କର ଏହି ଅତ୍ୟାଚାର ନିବାରଣ କରନ୍ତୁ ଇତି ।

ତା ୧୭ ରଖ ଆଷାଢ ସନ ୧୨୭୮ ସାଲ ।

ଶ୍ରୀ ନାରାୟଣପ୍ରସାଦ ଆଚାର୍ଯ୍ୟ ପ୍ରଭୃତି

## ବିଜ୍ଞାପନ

ଶ୍ରୀ ବାବୁ ବନମାଳୀ ସିଂହ କୃତ ଉତ୍କଳ ମଞ୍ଜୁଲା ପୁସ୍ତକ ଦ୍ୱିତୀୟବାର ମୁଦ୍ରିତ ହୋଇ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି । ଗ୍ରାହକମାନେ କମ୍ ମ୍ୟାନେଜରଙ୍କ ନିକଟରେ ପ୍ରାର୍ଥନା କଲେ ପ୍ରାପ୍ତ ହେବେ ।

କଟକ ପ୍ରିଣ୍ଟିଂକମ୍ପାନିଙ୍କ ଅଫିସ ।
କଟକ ତା ୧୪ ରଖ ଜୁନ ସନ ୧୮୭୧
ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟେରୀ ।

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ଶ୍ରୀ କ୍ଷତ୍ରିବର ଭଗବାନସିଂହ | | ବକେୟା | ଟ ୬୧ |
| ଶ୍ରୀ ବାବୁ ଶୁକଦେବଲାଲ | କଟକ | ,, | ଟ ୬୧ |
| ,, ଗୋବିନ୍ଦଚନ୍ଦ୍ରଦାସ | ,, | ,, | ଟ ୬୧ |
| ,, ଯଜ୍ଞେଶ୍ୱର ମାହାନ୍ତି | ,, | ,, | ଟ ୩୧ |
| ,, ଗୁରୁଚରଣ ଘୋଷ | ,, | ,, | ଟ ୧୧ |

ଏହି ଉତ୍କଳଦୀପିକା ସହର କଟକ ଦର୍ଗାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରଚାର ହେଲା ।

Digitized by srujanika@gmail.com

Split by PDF Splitter




# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

ଭାଗ / ସଂ ୨୭ ସଂଖ୍ୟା | ଇଂରାଜୀ ମାହେ ଜୁଲାଇ ସନ ୧୮୭୧ ମସିହା ତା। ଶ୍ରାବଣ ଦି ୧ ନ ସନ ୧୨୭୮ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ୪॥ / ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫୲ / ମଫସଲ ପାଇଁ ଡାକମାଶୁଲ ୧॥


## ପୁରୀ ଘରଭଡ଼ା ଆଇନ।

ଏ ଆଇନ ପ୍ରଚଳ ହେବା ଦିନଠାରୁ ପୁରୀ ନଗରରେ ଯେତେ ଅତ୍ୟାଚାର ହେଉଅଛି ଗତ ସପ୍ତାହରେ ସେ ବିଷୟରେ ଖଣ୍ଡିଏ ପତ୍ର ପ୍ରକାଶ ହୋଇଥିଲା। ଏ ସପ୍ତାହରେ ମଧ୍ୟ ଆଉ ଖଣ୍ଡିଏ ପତ୍ର ପ୍ରକାଶ କଲୁଁ। ଏହା ପାଠ କଲେ ପ୍ରତୀତ ହେବ ଯେ ସେଠା କର୍ମଚାରୀମାନେ ଆଇନର ପ୍ରକୃତ ମର୍ମ ବୁଝି ନାହାନ୍ତି। ଯାତ୍ରୀଙ୍କୁ ଭଡ଼ା ଦେବାପାଇଁ ଯେସମସ୍ତ ଘର ଅଛି ସେଥିପାଇଁ ଉକ୍ତ ଆଇନ ହୋଇଅଛି। ନୋହିଲେ କେହି ବ୍ୟକ୍ତି ଆପଣା ବସାରେ ଆପଣା ବନ୍ଧୁ କୁଟୁମ୍ବଙ୍କୁ ଆଣି ରଖିଲେ ସେ ଥିହିଁପାଇଁ ଦଣ୍ଡନୀୟ ହେବ ଏହା ଆଇନରେ ନାହିଁ କିମ୍ବା ବ୍ୟବସ୍ଥାକର୍ତ୍ତାଙ୍କର ଉଦ୍ଦେଶ୍ୟ ନୁହଇ। ଏରୂପ ଅଭିପ୍ରାୟ ହୋଇଥିଲେ ଭଡ଼ାଘର ପ୍ରତି ଆଇନ ହୋଇ ଯେ କେହି ପୁରୀକୁ ଦର୍ଶନନିମିତ୍ତ ଯିବ ତାହାକୁ ଟିକସ ଦେବାର ବିଧାନ ହୋଇଥାନ୍ତା। ବିଶେଷତଃ କେହି ଆପଣା ବନ୍ଧୁ କୁଟୁମ୍ବଙ୍କୁ ବସାରେ ରଖିଲେ ତାହାଠାରୁ ଭଡ଼ା ମିଳଇ ନାହିଁ ତେବେ ଭଡ଼ାଘର ଆଇନର ଅଧୀନରେ ତାହା ଘର କିପରି ଆସିବ।

ବଡ଼ଛତା ବାବାଜୀଙ୍କୁ ଉଠାଇ ଦେବା ଅତ୍ୟନ୍ତ ଅନ୍ୟାୟ ଓ ଅନ୍ୟାଯ୍ୟ ହେବାର ଜଣାଯାଏ। ଯେଉଁ ସମୟରୁ ଜଗନ୍ନାଥଙ୍କ ନାମରୁ ଓ ସେବା ପ୍ରକାଶ ହୋଇଅଛି ସେହି ସମୟରୁ ବଡ଼ଛତା ସିଂହଦ୍ୱାରରେ କେବଳ ଅତିଥି ଅଭ୍ୟାଗତ ଓ ନିରାଶ୍ରୟ ଲୋକଙ୍କ ନିମିତ୍ତ ସ୍ଥାପିତ ହୋଇଅଛି ଜଗନ୍ନାଥେ ରଥରେ ଗଲେ ସେ ତାହାଙ୍କ ସଙ୍ଗେ ଯାନ୍ତି ଓ ଅସକ୍ତ ତାହାଙ୍କ ଛତା ତଳେ ବନ୍ଦୋବସ୍ତରେ ଜଡ଼ିତ ହୋଇ ପୁରୀ ସହର ସଙ୍ଗେ ବାହାର ହୋଇଅଛି ଏହାଙ୍କୁ ଉଠାଇ ଦେବାପାଇଁ ମାଜିଷ୍ଟ୍ରେଟ କେଉଁ ଆଇନ ମତେ କ୍ଷମତା ପାଇଅଛନ୍ତି ଜଣାଯାଉ ନାହିଁ। ପୁରୀ ଗଗବଳ-ସଭା କଣ କରୁଅଛନ୍ତି ଏଥିରେ ମନୋଯୋଗୀ ହେବା ତାହାଙ୍କର ବିଶେଷ କାର୍ଯ୍ୟ ହେଉଅଛି।

ଆମ୍ଭେମାନେ ପୁରୀ ଓ ଯାଜପୁରରୁ କେତେ ଖଣ୍ଡି ପତ୍ର ପାଇଅଛୁଁ ସ୍ଥାନାଭାବରେ ଏ ସପ୍ତାହରେ ପ୍ରକାଶ କରିବାକୁ ଅକ୍ଷମ ହେଲୁଁ।

---

## ପଞ୍ଚାବନବର୍ଷ ବୟସରେ କର୍ମତ୍ୟାଗ।

ଗବର୍ଣ୍ମେଣ୍ଟ ଇଣ୍ଡିଆ ଯେ ସ୍ଥିର ଘୋଷଣା କରିଅଛନ୍ତି କି ସମସ୍ତପ୍ରକାର ଅଙ୍କିକିତ କର୍ମଚାରୀ ବି ତାହାଙ୍କର କର୍ମରେ ନିଯୋଗ ହେବା ଗଜେଟରେ ପ୍ରକାଶ ହେବା ଦିନ ହେତୁ ୫୫ ବର୍ଷ ବୟଃକ୍ରମ ହେଲଠାରୁ ଆଉ ସରକାରୀ କର୍ମ କରିପାରିବେ ନାହିଁ। ଯେବେ ସରକାରୀ କର୍ମର ସୁଯୋଗନିମିତ୍ତ କୌଣସି ବ୍ୟକ୍ତିକୁ ଅଧିକ କାଳ ରଖିବାର ହେବ ତେବେ ସେ ଯେଉଁ ମହକୁମାରେ କର୍ମ କରୁଥିବ ସେଠାର ହାକିମ ଗବର୍ଣ୍ମେଣ୍ଟଙ୍କୁ ଉପଯୁକ୍ତ କହିରୁ ଦେଖାଇଲେ ଅଉ ପାଞ୍ଚବର୍ଷ ଅର୍ଥାତ୍ ଷାଠିଏବର୍ଷ ବୟସପର୍ଯ୍ୟନ୍ତ ସେ ବ୍ୟକ୍ତି କର୍ମରେ ରହିପାରିବ। ଏଥିରୁ ଅଧିକ ଆୟୁଷ୍କ ଗବର୍ଣ୍ଣର ଜେନେରଲ ସାହେବଙ୍କ ବିନା ଅନୁମତିରେ କେହି କର୍ମ କରିପାରିବ ନାହିଁ।

ପୂର୍ବେ ଏ ନିୟମ କେବଳ ଯେଉଁମାନଙ୍କ ନିଯୋଗ ହେବା ଗବର୍ଣ୍ମେଣ୍ଟ ଗଜେଟରେ ଛପା ହେଉଥିଲା ସେହିମାନଙ୍କପ୍ରତି ପ୍ରବଳ ଥିଲା ଓ ତଦନୁସାରେ ଅସ୍ମଦ୍ଦେଶର ସୁଯୋଗ୍ୟ ଡେପୁଟୀ କଲେକ୍ଟର ବାବୁ ଦୁର୍ଯ୍ୟୋଧନଦାସ କର୍ମ ତ୍ୟାଗ କରି ପେନ୍‌ସନ୍ ନେବାକୁ ବାଧ୍ୟ ହେଲେ ବର୍ତ୍ତମାନ ଆଜ୍ଞାରୁ ଜଣାଯାଏ ଯେ ଅମଲଙ୍କପ୍ରତି ମଧ୍ୟ ଏ ଆଜ୍ଞା ଖଟିବ ଏଥିକୁ ପଞ୍ଚାବନବର୍ଷରୁ ଅଧିକ ବୟସର ଅନେକ ଅମଲା ପ୍ରାୟ ସବୁ ମହକୁମାରେ ଅଛନ୍ତି। ଏମାନେ ସମସ୍ତେ ଏକାବେଳକେ ବାହାରିଗଲେ ସରକାରୀ କର୍ମର ଅସୁବିଧା ଘଟିପାରେ ଅତଏବ ଭରସା ଅଛି ଯେ ଗବର୍ଣ୍ମେଣ୍ଟ କ୍ରମଶଃ ଏ ଆଜ୍ଞାକୁ ପ୍ରଚଳ କରିବେ।

ସାଧାରଣରୂପେ ବିବେଚନା କଲେ ଏ ଆଜ୍ଞାକୁ କୌଣସିରୂପେ ମନ୍ଦ କୋହିଯାଇ ନ ପାରେ ପଞ୍ଚାଶବର୍ଷ ବୟସ ଉତ୍ତାରୁ ମନୁଷ୍ୟକୁ ବୁଢ଼ା କୋହିଯାଏ ଓ ବୁଢ଼ା ହେଲେ ମତି ସ୍ଥିର ରହଇ ନାହିଁ ଓ ପରିଶ୍ରମ ଓ ଉତ୍ସାହସହକାରେ କାର୍ଯ୍ୟ କରିବାର ଶକ୍ତି ଊଣା ହୋଇଯାଏ ବୁଦ୍ଧିଶକ୍ତି ଊଣା ହେବାର ବିଶ୍ୱାସ ଅଛି ବୋଲି ଲୋକେ ବାଳ ବୃଦ୍ଧଙ୍କୁ ସମାନ କହୁଥାନ୍ତି ବିଶେଷରେ ଆଜିକାଲି ସରକାରୀ କର୍ମର ଯେମନ୍ତ ରୀତି ହୋଇଅଛି ସେଥିରେ ଅତି ପରିଶ୍ରମୀ ଯୁବାମାନଙ୍କ ପ୍ରଶଂସାପାତ୍ର ନାହିଁ ଗଦଉପରେ ରହୁଥିବାକୁ ଆଉଯ

Digitized by srujanika@gmail.com

Split by PDF Splitter

112



ବସି ହୁକା ଠାଣ୍ଟ୍ କର୍ମ କରିବାର ବନ୍ଦ ଅଛି ଫେରଅସିବାର ସମ୍ଭାବନା ନାହିଁ ସୁତରାଂ ଗବର୍ଣ୍ଣମେଣ୍ଟଙ୍କ ଅଜ୍ଞା କାଲୋଚିତ ଧର୍ମାନୁଯାୟୀ ଅଛି

---

ବାଟକର ।

ଏହି କର ବିଷୟରେ ଯେଉଁ ଆଇନର ପାଣ୍ଡୁଲିପି ସଂଶୋଧିତ ହୋଇଅଛି ଅଦ୍ୟ ବଙ୍ଗଲା ବ୍ୟବସ୍ଥାପକ ସଭାରେ ତାହାର ବିଚାର ହେବ ଓ ସୁଏତ ବିଧିବଦ୍ଧ ହୋଇଯିବ । ଅମ୍ଭେମାନେ ପୂର୍ବରୁ କହିଅଛୁଁ ଯେ ଏ ପାଣ୍ଡୁଲିପି ପ୍ରସ୍ତୁତର କର୍ତ୍ତା ଶ୍ରୀଯୁକ୍ତ ସର କ୍ୟାମ୍ପବେଲ ସାହେବ । ସେ ଯୌତୁଷ ପାଇବା ଇଚ୍ଛାରେ ଏ କର୍ମ କରିଥିଲେ କିନ୍ତୁ ଏକା ଜମିଦାର କି ଦେଶୀୟଲୋକ ନୁହେ ବିଦେଶୀୟ ସମ୍ବାଦପତ୍ରମାନ ମଧ୍ୟ ତାହାଙ୍କର ନିନ୍ଦା କରୁଅଛନ୍ତି । ବାସ୍ତବରେ ଦୁଃଖି ପ୍ରଜାଙ୍କଠାରୁ ଟାକ୍ସ ନେବା କାରଣ ଯେ ବ୍ୟକ୍ତି ବିଧିମାନ ଗଢିବାକୁ ପ୍ରବୃତ୍ତ ହେବ ତାହାର ପ୍ରଶଂସା ପାଇବାର ଅଶା ଅନ୍ୟାୟ । ଗବର୍ଣ୍ଣମେଣ୍ଟ କର୍ମଚାରିମାନେ ନିଶ୍ଚିତ ବୋଲୁଥାନ୍ତି ଯେ ଦୁଃଖି ପ୍ରଜାମାନେ ବଡ କଷ୍ଟ ଭୋଗ କରନ୍ତି ତାହାଙ୍କୁ ଉଦ୍ଧାର କରିବାର ଉଚିତ ମାତ୍ର ବର୍ତ୍ତମାନ ଗବର୍ଣ୍ଣମେଣ୍ଟ ଏମନ୍ତ ଉପାୟ ବାହାର କରିଅଛନ୍ତି ଯେ କୌଣସି ପ୍ରଜା ଟାକ୍ସରୁ ନିସ୍ତାର ପାଇବ ନାହିଁ । ସରକାରୀ ଉପରେ ଟଙ୍କାରେ ଏକପଇସା ଦେବାକୁ ପଡିବ ଓ ତାହା ସଙ୍ଗେ ଯେ କେତେ ଘୁଷ ଭେଟି ଇତ୍ୟାଦି ପଡିବ ତାହା ପ୍ରଭୁଙ୍କୁ ଏକା ଗୋଚର । ଓଡିଶା ପ୍ରଜାମାନେ ସବୁଠାରୁ ବିଶେଷ ଦୁର୍ଦଶାପନ୍ନ ହେବେ ଏମାନେ ସରକାର ଯେତେ ଦେଉଅଛନ୍ତି ପ୍ରାୟ ତେତିକ ଜମିଦାର ନେବେ ଏବଂ ତାହା ଛଡା ବାଟକର ଦେବେ । ବାଟକର ଟଙ୍କାରେ ଏକ ପଇସାକୁ ଅନେକ ଲୋକ ଊଣା ମନେ କରି ପ୍ରଜାଙ୍କର କ୍ଳେଶ ହେଉ ନ ଥିବ ବୋଲି ବିଶ୍ୱାସ କରୁଥିବେ ମାତ୍ର ବିବେଚନା କରିବାର ଉଚିତ ଯେ ଉକ୍ତ ଏକ ପଇସା ନଗଦ ଦେଣ ପଡିବ ଓ ତାହା ଦେଇ ମଧ୍ୟ ନିଷ୍ଠି ନ୍ତ ରହିବାର ନୁହଇ ସାକ୍ଷାତ୍ ଟାକ୍ସର ଅତ୍ୟାଚାରମାନ ସହ୍ୟ କରିବାକୁ ହେବ । ଅମ୍ଭେମାନେ ନିଶ୍ଚୟ ବୋଧ କରୁଅଛୁଁ ଯେ ଏ କର ଦ୍ୱାରାଗେ ପ୍ରଜାଙ୍କର କ୍ଳେଶ ଅନେକ ବୃଦ୍ଧି ହେବ ଓ ଗବର୍ଣ୍ଣମେଣ୍ଟ ଯେ ଦୁଃଖିପ୍ରଜାଙ୍କ ଦଶା ଦେଖି ଯାଉ ତାହାଙ୍କ ହିତ ବିଚାରୁଥାନ୍ତି ତାହା ସେମାନେ ମନରେ ଭେଦ ପାରିବେ । ଫଳତଃ ଅମ୍ଭେମାନେ ଏହିକି ବିଚାର କରୁଅଛୁଁ ଯେବେ ଦୁଃଖିପ୍ରଜାଙ୍କୁ କଦାନ୍ତରେ କ୍ଳେଶ ଦେବାର ଅବଶ୍ୟକ ହେଲା ତେବେ ଲବଣକର କିମ୍ବା ବୃଦ୍ଧି ନ କରି ଅଉ ଗୋଟିଏ ନୂତନକର ବସାଇବାର ପ୍ରୟୋଜନ କି ଅଛି ? ପ୍ରଜା ଜଣକେ ବର୍ଷକେ କଡା ସେ ୬ କି ୭ ର ଲବଣ ଖାଇବ ଓ ସାମାନ୍ୟ କୁଟୁମ୍ବ ଗୋଟିକେ ପ୍ରାୟ ଅଧମହଣ ଲବଣ ଖର୍ଚ୍ଚ ହେବ ମହଣ ପ୍ରତି ଗୋଟିଏ ଅଣା ବୃଦ୍ଧି ହେଲେ ଜଣେ ଗୃହସ୍ଥଙ୍କୁ ପ୍ରାୟ ଦୁଇ ତିନି ଅଣା ଅଧିକା ଦେଣ ପଡିବ ଅଥଚ ସେ କିଛି ଜାଣି ପାରିବ ନାହିଁ । ଜାଣି ପାରିଲା ଅବା କଅଣ ସାକ୍ଷାତ ସମ୍ବନ୍ଧ ଟାକ୍ସର ଅତ୍ୟାଚାରଠାରୁ ପ୍ରଜାଗଣର ଟାକ୍ସ ହେତୁ ଦିନେ ଉପବାସ ଶୋଇବା ଯେ ସହସ୍ରାଂଶରେ ଭଲ ଏହା ଅନୁଭବୀ ମାତ୍ରକେ ସ୍ୱୀକାର କରିବେ ।

ସେ ଯାହା ହେଉ ଟାକ୍ସର ନ୍ୟାଯ୍ୟାନ୍ୟାଯ୍ୟ ବିଷୟରେ ତର୍କ କରିବାର ଅବଶ୍ୟକ ନାହିଁ ସେକ୍ରେଟରୀ ଅବଷ୍ଟେଟଙ୍କର ଅଜ୍ଞା ହୋଇଅଛି ଟାକ୍ସ ଗୃହୀତ ହେବ ମାତ୍ର ଦୁଃଖର ବିଷୟ ଯେ ସେକ୍ରେଟରୀଙ୍କ ମତ ବିରୁଦ୍ଧରେ ବିଧାନମାନ ହୋଇଅଛି ଏ ବିଷୟରେ ଶ୍ରୀଯୁକ୍ତ କମିସ୍ନର ବକଲଣ୍ଡ ସାହେବ ଓ ଭାରତବର୍ଷୀୟ ସଭା ଯେ ଅପତ୍ତିମାନ ଅଗତ କରିଅଛନ୍ତି ଯେବେ ଭଦ୍ରୃଷ୍ଟିରେ ବ୍ୟବସ୍ଥାପକ ସଭ୍ୟମାନେ ଏ ପାଣ୍ଡୁଲିପିକୁ ଅଗ୍ରାହ୍ୟ ନ କରନ୍ତି ତେବେ ସେମାନେ ନିତାନ୍ତ କୁସଂସ୍କାରରେ ପଡିଅଛନ୍ତି ବୋଲିବାକୁ ହେବ । ଯେବେ ନିତାନ୍ତ ଏ ଆଇନ ପ୍ରଚଳ ହୁଅଇ ତେବେ ଅମ୍ଭେମାନେ ଭରସା କରୁଁ ଯେ ଓଡିଶାରେ ଜଲକର ସମ୍ପର୍କୀୟ ଅତ୍ୟାଚାରମାନ ନିବାରଣ ହେବା ପର୍ଯ୍ୟନ୍ତ ଏହା ସ୍ଥଗିତ ରହୁ ।

---

ସମାଲୋଚନା ।

ଜଡବିଜ୍ଞାନ ।

ଶ୍ରୀଯୁକ୍ତ ବାବୁ ଦ୍ୱାରକାନାଥ ଚକ୍ରବର୍ତ୍ତିଙ୍କଦ୍ୱାର ପ୍ରଣୀତ ଏବଂ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଲୟରେ ମୁଦ୍ରିତ ।

ଉତ୍କଳଭାଷାରେ ଯେପରି ପୁସ୍ତକର ଅଭାବ ତାହା କାହାରିକୁ ଅବିଦିତ ନାହିଁ ତହିଁରେ ପୁଣି ବିଜ୍ଞାନଶାସ୍ତ୍ର ପୁସ୍ତକ ପ୍ରାପ୍ତ ହେଉ ନାହିଁ । ବିଜ୍ଞାନଶାସ୍ତ୍ର ମଧ୍ୟରେ ଜଡପଦାର୍ଥର ଜ୍ଞାନ ସର୍ବାଗ୍ରେ ଲାଭ କରିବାର ଅବଶ୍ୟକ । ଏପୁସ୍ତକ ଭଣିତରେ ଜଡପଦାର୍ଥର ପରିଚୟ ଓ ତାହାର ଗତ ବିଷୟକ ସହଜ ୨ କଥାମାନ କି ଯାହା ପଦାର୍ଥବିଦ୍ୟା ଶିକ୍ଷାର୍ଥିଙ୍କୁ ପ୍ରଥମେ ଶିଖାଇବାର ଉଚିତ ସେହି ସବୁ ବର୍ଣ୍ଣିତ ହୋଇଅଛି ଓ ଏହା ମୁଦ୍ରାଙ୍କନ ହେବା ପୂର୍ବରେ ଏକଖଣ୍ଡ ସାଧାରଣ ଶିକ୍ଷାକମିଟୀଙ୍କୁ ଅର୍ପିତ ହୋଇଥିଲା । ଏ କମିଟୀ ଉତ୍କଳପୁସ୍ତକ ବିଚାରକ ଭାର ମତ ଗ୍ରହଣ କରି ପୁସ୍ତକକୁ ମନୋନୀତ କରି ଲେଖକ ନାଲ ମହାଶୟଙ୍କ ଦଶ ଧନରୁ ପାରିତୋଷିକ ଦେଇଅଛନ୍ତି ଅତଏବ ପୁସ୍ତକ ଖଣ୍ଡିକ ଯେ ସର୍ବସାଧାରଣ ଗ୍ରହଣୀୟ ଏବଂ ଶିକ୍ଷାଦାନ ନିମିତ୍ତ ଉପଯୁକ୍ତ ତାହା ଲେଖିବାର ବାହୁଲ୍ୟ ।

ଅମ୍ଭେମାନେ ଏହାର ଅନେକାଂଶ ପାଠ କରି ସନ୍ତୋଷ ହୋଇଅଛୁ କୌଣସି ବିଶେଷ ଦୋଷ ଦେଖି ନାହୁଁ ଓ ଯେବେ ସ୍ଥାନ ୨ ରେ ଏମନ୍ତ ରଚନା ହୋଇଅଛି ଯେ ସମସ୍ତେ ସହଜରେ ବୁଝି ପାରିବେ ନାହିଁ ମାତ୍ର ଏଥିପାଇଁ ଗ୍ରନ୍ଥକର୍ତ୍ତାଙ୍କର ବଡ ଦୋଷ ଦିଆଯାଇ ନ ପାରେ । କାରଣ ବିଷୟ କଠିନ ତହିଁରେ ପୁଣି ଏପରି ପୁସ୍ତକ ପୂର୍ବରୁ ଅଉ କେହି କରି ନାହିଁ ଓ ଲୋକଙ୍କର ପଦାର୍ଥ ବିଦ୍ୟାରେ ଅନେକପ୍ରକାର କୁସଂସ୍କାର ଅଛି ଓ ବିଶେଷରେ ଗ୍ରନ୍ଥକର୍ତ୍ତା ବଙ୍ଗଦେଶବାସୀ ଏସବୁ କାରଣରୁ ଉକ୍ତ ତ୍ରୁଟିମାନ ଧର୍ତ୍ତବ୍ୟ ନୁହଇ ଓ ଶିକ୍ଷକଙ୍କର ତହିଁରେ କିଛି ବ୍ୟାଘାତ ହେବ ନାହିଁ କାରଣ ଶିକ୍ଷକ ତାହାଙ୍କୁ ବୁଝାଇ ଦେବେ ଯାହା ହେଉ ଗ୍ରନ୍ଥକର୍ତ୍ତା ପୁସ୍ତକକୁ ବିଦ୍ୟାଳୟର ପାଠୋପଯୋଗୀ କରିବା କାରଣ ତୁଷ୍ଟି କରୁ ଅଛନ୍ତି ।

## ସାପ୍ତାହିକ ସଂବାଦ

ଗଲିତମାସ ତା ୫ ରିଖର କଲିକତା ଗେଜେଟରେ ଓଡିଶା ପ୍ରଦେଶ ହାକିମଙ୍କ ସମ୍ପର୍କରେ ନିମ୍ନଲିଖିତ ଅଜ୍ଞାମାନ ପ୍ରଚାର ହୋଇଅଛି । ଯଥା ।

ଜର୍ଜ ଟେଏନବି ସାହେବ କଟକର ଅସିଷ୍ଟାଣ୍ଟ ମାଜିଷ୍ଟ୍ରେଟ ଓ କଲେକ୍ଟର ହେବେ ମାତ୍ର ମାକ୍‌ଫର୍ସନସାହେବଙ୍କ ପ୍ରତ୍ୟାଗମନ ଅଥବା ଅନ୍ୟ ଅଜ୍ଞା ପର୍ଯ୍ୟନ୍ତ ଏକଟିଂ କଲେକ୍ଟର ଓ ମାଜିଷ୍ଟ୍ରେଟ ସ୍ୱରୂପ କର୍ମ କରୁଥିବେ ।

ଜାନ ରବିନ୍‌ସନକାଲେଟ ସାହେବ ଏମ, ଏ ବାଲେଶ୍ୱରର ଅସିଷ୍ଟାଣ୍ଟ ମାଜିଷ୍ଟ୍ରେଟ ଓ କଲେକ୍ଟର ହେବେ ମାତ୍ର ପ୍ରଥମଶ୍ରେଣୀର ଜଏଣ୍ଟ ମାଜିଷ୍ଟ୍ରେଟ କର୍ମରେ ଏକଟିଂ ସ୍ୱରୂପ ରହିଥିବେ ।

ଅଲକ୍ଜଣ୍ଡର ମାକସନ୍‌ସାହେବ ସ୍ମିଥର ଅବି

Digitized by srujanika@gmail.com

Split by PDF Splitter



ସ୍ମଲ୍‌କଜ୍‌ମାଜିଷ୍ଟ୍ରେଟ ଓ କଲେକ୍ଟର ହେବେ ମାନ୍ଦ ପ୍ରଥମଶ୍ରେଣୀର ଜଏଣ୍ଟମାଜିଷ୍ଟ୍ରେଟ ପଦରେ ଏକାଟିଂ ରହୁଥିବେ ।

ବାବୁ ନୀଳମାଧବ ମୁଖୁର୍ଯ୍ୟା ଏଲ, ଏଲ, ପୁରୀର ମୁନସଫ ହେବେ ।

ଅଗାମି ସୋମବାର ଶ୍ରୀଯୁକ୍ତ କମିଶ୍ନରସାହେବ ବାଲେଶ୍ବରକୁ ଗସ୍ତ ନିମନ୍ତେ ଯାତ୍ରା କରିବେ

ଏ ନଗର ରେଜିଷ୍ଟ୍ରାର ସାହେବଙ୍କ ମହକୁମାର କିରାଣି ବାବୁ କ୍ଷେତ୍ରନାଥ ମିଶ୍ର ଜଣେ ଅଳ୍ପଦିନ ହେବ କର୍ମରୁ ବରଖାସ୍ତ ହୋଇଥିଲେ ସରକାରୀ ଟଙ୍କା ଖଜଣାଖାନାରେ ଦାଖଲ ନ କରିବା ଏବଂ ଯଥାମତ ହିସାବରେ ନ ଲେଖିବା ହେତୁରୁ ବିଶ୍ବାସଘାତକତାର ଅଭିଯୋଗରେ ଫଉଜଦାରୀ ଅଦାଲତକୁ ପ୍ରେରିତ ହୋଇ ଗତ ସୋମବାରଠାରୁ ହାଜତରେ ପଡ଼ି ଅଛନ୍ତି । ଏହାଙ୍କଠାରୁ ଚାର୍ଜ ବୁଝିନେବା ସମୟରେ ଏ ସବୁ ଧରା ପଡ଼ିଲା ଯେବେ ଏମନ୍ତ ହେଲା ତେବେ ରେଜିଷ୍ଟ୍ରୀ ମହକୁମାରେ କିଛି ତଦାରଗ ନାହିଁ ବୋଲିବାକୁ ହେବ ।

ଗତ ଶୁକ୍ରବାରଠାରୁ ଏଠାରେ ଖଣ୍ଡିଏ ନୂତନ ଇଂରାଜୀ ସାପ୍ତାହିକ ପତ୍ରିକା ବାହାରିବାର ଆରମ୍ଭ ହୋଇଅଛି । ଏହାର ନାମ କଟକ କ୍ରନିକଲ ଓ ଏହାର ବାର୍ଷିକ ମୂଲ୍ୟ ଟ ୧୨ ଙ୍କା ମାତ୍ର ।

ହିନ୍ଦୁପେଟ୍ରିଅଟରୁ ଅବଗତ ହେଲୁଁ ଯେ ସନ ୧୮୭୦—୭୧ ମସିହାରେ ମାନ୍ଦ୍ରାଜର ଜଣେ କଲେକ୍ଟର ଆଜ୍ଞା ଦେଇଥିଲେ ଯେ କୌଣସି ସରକାରୀ କର୍ମଚାରୀ ବିବାହିତ ସ୍ତ୍ରୀ ରଖିବ ନାହିଁ ଓ ଯେବେ କାହାର ରଖାଇ ସ୍ତ୍ରୀ ଘରର ମଧ୍ୟରେ ଥିବାର ଜଣାଯିବ ତେବେ ସେ ସ୍ତ୍ରୀକୁ ବାହାର କରି ଦଅଯିବ ଓ ବେଶ୍ୟାଗାମୀ ଦଣ୍ଡ ହେବ ଓ ଯେ ବ୍ୟକ୍ତି ତାହାସଙ୍ଗେ ସହବାସ କରିଥିବ ସେ ମଧ୍ୟ ଦଣ୍ଡ ପାଇବ । ବର୍ତ୍ତମାନକାଳର ଶାସନକର୍ତ୍ତାମାନେ ମଦସ୍ବାମାନଙ୍କୁ ନଗରରୁ ବାହାର କରି ନ ଦେଇ ୧୮ ଅଭିନୟାସ ତାହାଙ୍କର ଲୁଚଲମାଖନ କରୁଅଛନ୍ତି ।

ଗତ ଅପ୍ରେଲମାସର ଲୋକସଂଖ୍ୟା ଅନୁସାରେ ଲଣ୍ଡନ ନଗରରେ ୩୨୫୧୯୦୪ ଲୋକ ବାସ କରୁଅଛନ୍ତି ।

ପ୍ରତ୍ୟାହିକ ସଂବାଦପତ୍ରମାନଙ୍କରୁ ଜଣାଯାଏ ଯେ ଯେଦାଠାରୁ ମକ୍କାପର୍ଯ୍ୟନ୍ତ ଖଣ୍ଡିଏ ରେଲ୍‌ବାଟ ନିର୍ମାଣ ହେବ । ଏଥିରେ ଯାତ୍ରିମାନଙ୍କର ବହୁତ ସୁବିଧା ହେବାର ସମ୍ଭାବନା ।

ବ୍ରହ୍ମଦେଶର ରାଜା ବଙ୍ଗଦେଶର ପ୍ରଚଳିତ ଚିକିତ୍ସା ପ୍ରଣାଳୀ ଶିକ୍ଷାକରିବା କାରଣ ଦୁଇଜଣ ଯୁବା ଆପଣା ଦେଶରୁ କଲିକତାକୁ ପଠାଇବାରେ ସେମାନେ ବହୁବଜାରନିବାସୀ ଖ୍ୟାତ ଶ୍ୟାମନାଥ ଭରତ କବିରାଜଙ୍କ ନିକଟରେ ଚିକିତ୍ସାଶାସ୍ତ୍ର ଅଧ୍ୟୟନ କରୁଥିଲେ ଜଣେ ଶିକ୍ଷି ନ ପାରିଲାକୁ ଛାଡିଦେଇ ଘରକୁ ଚାଲିଗଲା ଅନ୍ୟଜଣ କେତେବର୍ଷ ପରିଶ୍ରମ କରି ଯୋଗ୍ୟତା ଲାଭ କରିଅଛି ।

ସ୍ଥାନୀୟ କର ବିରୁଦ୍ଧରେ ବଙ୍ଗଦେଶର ଜମିଦାରମାନେ ବିଲାତର ପାର୍ଲିମେଣ୍ଟକୁ ଯେଉଁ ଆବେଦନ ପତ୍ର ପଠାଇଥିଲେ ତାହା ଉଚ୍ଚ ଅର୍ଥାତ ଉପାଧିଧାରିଙ୍କ ସଭରେ ଅଗତ ହୋଇ ନିଷ୍ପତ୍ତି ହୋଇଅଛି । ସଭ୍ୟମାନେ କେହି ଏଥିରେ ହସ୍ତକ୍ଷେପଣ କଲେ ନାହିଁ ଓ ଭାରତବର୍ଷୀୟ ସେକ୍ରେଟରୀଙ୍କ ମତରେ ସମ୍ମତ ହେଲେ । ସେକ୍ରେଟରୀ ତାହାଙ୍କୁ ବୁଝାଇଦେଲେ ଯେ ବଙ୍ଗଳାର ଉନ୍ନତିସାଧନ ନିମିତ୍ତ ଯେତେ ଟଙ୍କା ପ୍ରୟୋଜନ ତାହା ଜମିନ୍ଦରୁ ଚଳିବାର ଅପ୍ରତୁଳ ହୋଇଅଛି ଓ ସ୍ଥାନୀୟ କରଦ୍ବାରା ଚିରସ୍ଥାୟୀ ବନ୍ଦୋବସ୍ତର ନିୟମ ଭଙ୍ଗ ହେଉ ନାହିଁ ।

ବୋମ୍ବାଇର ଏକଜଣ ସମ୍ଭ୍ରାନ୍ତ ହିନ୍ଦୁ ଏହି ମର୍ମରେ ବିଜ୍ଞାପନ ଦେଇଅଛନ୍ତି ଯେ ଯେ ବ୍ରାହ୍ମଣ ବେଣିଆ ଭାଟିଆ ଅଥବା ଅପରାପର ହିନ୍ଦୁଜାତୀୟ ବିଧବା ଅବା ପୁରୁଷ ପୁନର୍ବାର ବିବାହ ହେବାକୁ ଇଚ୍ଛା କଲେ ସେ ତାଙ୍କୁ ସାହାଯ୍ୟ କରିବାକୁ ପ୍ରସ୍ତୁତ ଅଛନ୍ତି । ବିଜ୍ଞାପନକାରୀ ଏକଜଣ ପୁରାତନ ମନୁଷ୍ୟ ଏବଂ ଆପଣା ଜାତିମଧ୍ୟରେ ତାହାଙ୍କର ବିଶେଷ ମାନ୍ୟତା ଅଛି । ସେ କଳାପାଣି ପାରି ହୋଇ ସିଂହାପୁର ଓ ଚାଇନ ଦେଶରେ ବାଣିଜ୍ୟ କରିବାକୁ ଯାନ୍ତି । ବର୍ତ୍ତମାନରେ ତାହାଙ୍କ ପୁତ୍ରମାନଙ୍କୁ ବିଦ୍ୟାଶିକ୍ଷା ନିମିତ୍ତ ଇଂଲଣ୍ଡ ଓ ଆମେରିକାକୁ ପଠାଇଅଛନ୍ତି ।

ଅନେକ ବ୍ୟବସାୟୀ ମଧ୍ୟ କଲିକତାକୁ ଯାଇ ଆପଣାର ବ୍ୟବସାୟ ଦ୍ରବ୍ୟ ସକଳ କିଣି ନେଇ ଯାନ୍ତି । ପୂର୍ବେ ସେମାନେ କଲିକତାରେ ଜୀବିକା ଉପାର୍ଜନ କରନ୍ତି ବୋଲି ଗଣନା ହେଉ ନ ଥିଲା କିନ୍ତୁ ଅଳ୍ପଦିନ ହେଲା କଲିକତା ଛୋଟ ଅଦାଲତରେ ଜଜମାନେ ଏହିରୂପ ଅଭିପ୍ରାୟ ପ୍ରକାଶ କରିଅଛନ୍ତି ଯେ ଭବିଷ୍ୟତରେ ସେମାନଙ୍କ ମକଦ୍ଦମାରେ ସେମାନଙ୍କୁ କଲିକତାରେ ଜୀବିକା ଉପାର୍ଜନକାରୀ ବୋଲି ଜ୍ଞାନ କରାଯିବ ।

# ପ୍ରେରିତ ପତ୍ର ।

ଶ୍ରୀଯୁକ୍ତ ଶ୍ରୀ ଶ୍ରୀ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

୧ ମ । ବର୍ତ୍ତମାନ ଏ ପୁରୀସହରରେ ସନ ୧୮୭୧ ସାଲର ୫ ଆଇନ ଜାରି ହୋଇ ହେଲଥ ଅଫିସର ଡାକ୍ତର ସାହେବ ହୋଇଅଛନ୍ତି ଯେ ଏଠା ବାସ କରିଥିବା ଘରଓ୍ବାଲାମାନେ ଶ୍ରେଣୀବ୍ୟାଖ୍ୟାରେ ଘରଉପରେ ସରକାରର ଚିଠି ଫିଟିଙ୍କୁ ଟ ୧୫ ଓ ଟ ୨ ଙ୍କା ଲେଖାଏ ଆଦାୟ କରି ନେଇଅଛନ୍ତି ଓ ପରକୁ ସାଲ ଆଗରତକ ଯାହା ନେବେ ତାହା ତାଙ୍କ ମର୍ଜିପା ସେ ଯାହା ହେଉ ତାଙ୍କ ଲିଖିତ ପରେ ବର୍ତ୍ତମାନ ଏପରି ଏକ ବେପାର ହୋଇଅଛି ଯେ କାହାର ବନ୍ଧୁବାନ୍ଧବ କିମ୍ବା କୁଟୁମ୍ବ ଆସିଲେ କେହି ରଖୁ ନାହାନ୍ତି କାରଣ କି ଏଠା କାଳୀଚରଣ ଚଉଧୁରୀଙ୍କର କଟକରୁ କେତେକ କୁଟୁମ୍ବ ଆସି ତାଙ୍କ ଘରେ ଥିଲେ ଯେ ଡାକ୍ତର ସାହେବ ପହଞ୍ଚି ତାଙ୍କୁ ଧରି ରପୋର୍ଟ କରିବାରୁ ତାଙ୍କ ନାମରେ ସମନ ହେଲା ସେଠାରୁ ଯାଇଁ ମେଜିଷ୍ଟ୍ରେଟରେ କୋର୍ଟରେ ହାଜର ହେଲେ କୋର୍ଟଓ୍ବାଲା ମେଜିଷ୍ଟରଙ୍କ ହଜୁରରେ ଇତଲା କରିବାରୁ ହେଡ୍‌କିରାଣିଙ୍କଠାରେ ଜବାବ ଲେଖାଇବାର ହୋଇଥିଲ ହୁକୁମ ହେଲା ସେ ଜବାବ ଓ୍ବାଜିବ ଲେଖାଇଲେ ମେଜିଷ୍ଟର ଓ୍ବାଲଟନ ସାହେବ ଜବାବ ଶୁଣିବା ଦୂରେ ଥାଉ ଆସାମିକୁ ନ ଦେଖି ଏକବାରକେ ଟ ୫ ଙ୍କା ଜରିମାନା କଲେ ।

୨ ୟ । ଏକ ବାବାଜି ଦୁଃଖିଶ୍ୟାମ ଦାସଙ୍କର ଏକ ଶିଷ୍ୟ କୃଷ୍ଣ ବୃନ୍ଦାବନରୁ ଆସି ବାବାଜିଙ୍କ ମଠରେ ରହିଲେ ତାଙ୍କୁ ମଧ୍ୟ ଉକ୍ତ ପ୍ରକାରରେ ଜରିମାନା ପିନେଲକରେ ଟ ୦ ୩ ହେଲା ଓ ଅନ୍ୟ ବହୁଯାତ୍ରୀ କମ୍ବଳ ଏହିପରି ଅନ୍ୟାୟ ଜରିମାନା ହୋଇଅଛି ସେମାନେ ନାଚାର ହୋଇ ଇଜତ ଭୟରେ ଜରିମାନା ଦେଇଁ ଭୁକ ହୋଇଅଛନ୍ତି ଟଙ୍କାର ଉର୍ଦ୍ଧ୍ବ ନ ହେଲେ ଜରିମାନାର ଅପିଲ ନ ଥିବାରୁ ନାଚାର ହୋଇ ରହିଲେ ଏଥିକୁ ମେଜିଷ୍ଟର ସାହେବ ଏପରି ବୁଝିଲାଣି ଓ ପରିଣାମ ଯେ ଏତେବଡ଼ ରଥଯାତ୍ରା ଓ ସହରରେ ଯାତ୍ରା ଗୋଲମାଲ ହେଲା ଏବଦିନ ମଧ୍ୟ ବଡ଼ଦେଉଳ ସହରର କେଉଁ ଭରଫରେ ଦେଖି ନାହାନ୍ତି କାରଣ କଲାଲେଙ୍କ ବାସ୍ତୁରୁ ଛଡ଼ା ନାହିଁ ହେବ ଏରୂପ ଭୟରେ ଆସି ନାହାନ୍ତି ସେ

Digitized by srujanika@gmail.com

ସହରର ଭଲ ମନ୍ଦ କିପରି ଜାଣିବେ ଅମଲାଙ୍କୁ ଯାହା ପଚାରିବେ ତାହା ଜବାବ ଦେଲେ ଆଉ କିଛି କହିବେ ନାହିଁ କି ବଡ଼ା ଭଲକରେ ଦେଖି ପିବେ ନାହିଁ ସେମାନେ ମଧ୍ୟ ଯାହାର ନାହାନ୍ତି ଡାକ୍ତର ସାହେବ ଯାହା ଜୁଲମ କରୁଅଛି ତାହା ନିଏ ଦେଖୁଅଛି ପ୍ରଜାମାନେ ଏପରି ଅତରଣ ଓ ଅନ୍ୟାୟ ଦେଖି ନିରସ୍ତ ହୋଇ କେବଳ ଜଗନ୍ନାଥଙ୍କୁ ଡାକୁଅଛନ୍ତି ଏପରି ଇନ୍‌ଷ୍ଟ୍ରକ୍ଟ ସୁପ୍ରିଣ୍ଟ ସାହେବ ଏକ ମୂର୍ତ୍ତି ଏଠାରେ ଅଛନ୍ତି ତାଙ୍କ ଗୁଣ ପ୍ରାତଃସ୍ମରଣୀୟ ସେ ପ୍ରତିଦିନ ଆପଣା ଗୃହର ନଉକରଙ୍କୁ ମାଡ ନ ମାରିଲେ ଘରେ ରାତ୍ରି ଜାହିଁ ଦି ୧୦ ନ ହେବ ତାଙ୍କ ଗୃହର ଛ ୧ ଣ ଚାଲୁ ଜରିବାରୁ ୪ ୫ ଜଣ ଇତ୍ୟାଦି ବାହାର ଅଦାଲତରୁ ହୋଇଅଛି ସେ ଏପରି ଛାର୍ଦ୍ଦିଷ୍ଟ ଅତରଣ ପୁଲିସ ଅମଲା ପ୍ରତି କରୁଅଛନ୍ତି ତାହା ଲେଖା ବାହୁଲ୍ୟ ଓ ଅନ୍ୟାୟ ହୁକୁମମାନ ଦେଉଅଛନ୍ତି ତାହା କିଛି ଭଲେ ନିବେଦନ କରୁଁ ପରେ ଏତେବଡ ଗୁଣ୍ଡିଗ ଯାହାରେ ଦଳେ ମଧ୍ୟ ସହରରେ କି ହେଉଅଛି ଦେଖିବାକୁ ଆଉ ନାହାନ୍ତି ଦଳେ ଉଥ ଚଳିବା ସମୟରେ କହଲଖାନା ଦରୁବରକୁ ଅସିଥିଲେ କେତେକ ଗଣ୍ଡ ଗୋଲମାଲରେ ନାକ କାନ ବନ୍ଦ କରିଥିଲେ ତାହା କହୁ ନ ପାରୁ କାରଣ କଲାମନୁଷ୍ୟଙ୍କ ବୋଲି ପ୍ରବେଶ ହୋଇ କଲା ବେମାରି ହେବ ମେଜଷ୍ଟର ଓ ସୁପ୍ରିଣ୍ଟ ପୁଲିସଙ୍କ ନୂଆନୀ ଓ ଅତରଣ ଦେଖି ଦେଖି କିପରି ଏ ସହରରେ ଲୋକମାନେ ଅତ୍ୟାଚାରରୁ ରକ୍ଷା ହେବେ କିଛି ଉପାୟ ଦିଶୁ ନାହିଁ ।

ପରେ ଅଜ୍ଞରୁ ଦ ୪ ନ ହେଲା ତା ୪ ରିଖେ ଡାକ୍ତର ସାହେବ ମେଜଷ୍ଟରଙ୍କ ନିକଟକୁ ବଡଛତା ବାବାଜିମାନଙ୍କୁ ଅନ୍ନ ସିଂହଦ୍ୱାରେ ଦିଆଇ ଛତା ରଖି ନ ଦେଲେ ଉତ୍ତମ ହେବ ବୋଲି କେତେକ ଲଙ୍ଗଳା ମନୁଷ୍ୟଙ୍କୁ ନ ରଖିବା ପରହାସବୀକ୍ଷଣରେ ରିପୋର୍ଟ କରିବାରୁ ମେଜଷ୍ଟର ସାହେବ ତହିଁରେ ବଡ ସନ୍ତୋଷ ହୋଇ ପୁଲିସ ସାହେବ ପ୍ରତି ବଡଛତା ନ ରଖାଇ ଉଠାଇ ଦେବାର ଅଜ୍ଞା ଦେବାରୁ ସୁପ୍ରିଣ୍ଟେଣ୍ଟ ସାହେବ ସହରଥାନା ଇନ୍‌ସ୍ପେକ୍ଟରଠାରୁ ପର୍ଯ୍ୟନ୍ତ ଦେଲେ ଯେ ସେ ସବଇନସ୍ପେକ୍ଟର ସେମାନଙ୍କୁ ନିଷେଧ କରିବାରେ ସେ ସାଧୁ ମହାପୁରୁଷମାନେ ସରକାରୀ ହୁକୁମ ମାନି ଛତା ଜଗନ୍ନାଥବଲ୍ଲଭ ଦ୍ୱାରେ ତେଉଥିଲେ ସେହିପରି ରଖି ସିଂହଦ୍ୱାରକୁ ନ ଯାଇଁ ସେ ନାକା ତାଙ୍କ ନାମରେ ବନ୍ଦୋବସ୍ତ ଓ ଜାରି ଥାଇଁ ଓଲଷ୍ଟନ ସାହେବଙ୍କ ଫ ଏସଲ ଓଲେଗର ଥିବା ଓ ଦ ୯୦୦ ଉପର ଦଖଲକାର ଥିବା ଓଲେଗ ବିଷୟର ଆପତ୍ତି କରି ଏକ ଦ୍ୱିତୀୟଦରଖାସ୍ତ ଆମ୍ଭମାନଙ୍କ ସାକ୍ଷାତରେ ମେଜଷ୍ଟର ସାହେବଙ୍କ ହଜୁରରେ ଦେଲେ ସାହେବ ମଞ୍ଜୁର ଦରଖାସ୍ତ ସଙ୍ଗେ ଥିବା ଦସ୍ତାବଜ ଓଲେଗର ବିଷୟମାନ ନ ଦେଖି ସେ କାଗଜ ନଏଲ ହୋଇଥିବା ଓ ଉକ୍ତ ମହନ୍ତ ବିରୁଦ୍ଧ ଦୂଷଣ ଥିବାରୁ ଘୃଣାଜନକ ହୋଇ କଚେରୀରୁ ବାହାର କରି ଦେଇ ଜାଗର ହୁକୁମ ହୋଇଅଛି ବୋଲି ଶୁଣାଇ ଦେଲେ ସେବେଠାରେ ଜାଗର ହୋଇଁ କେତେକ ମହନ୍ତମାନଙ୍କ ସୁପରି‌ମର୍ଶରେ ଶ୍ରୀଯୁକ୍ତ ମହାମାନ୍ୟବର କମିଶନର ସାହେବଙ୍କଠାରୁ ଦରଖାସ୍ତ ପଠାଉଅଛନ୍ତି ଏ ଉପରୋକ୍ତ କାରଣରୁ ହିନ୍ଦୁବର୍ଗୀୟ ବଙ୍ଗଜନମାନେ ଯାହା କହୁଅଛନ୍ତି ଯେପରି ମନୋଦୁଃଖରେ ସମସ୍ତେ ଅଛନ୍ତି ତାହା ଆମ୍ଭର ଲେଖିବାର ଅନାବଶ୍ୟକ ଓ ଏଠା ଭଦ୍ରସମାଜ ଅମଲା ଓ ମହାଜନ ଓ ଗୃହବାସୀ ଇତ୍ୟାଦିମାନେ କାହାର କୁଟୁମ୍ବାଦି ଏ ସହରକୁ ଅସିବା ନିମନ୍ତେ ନିଷେଧପତ୍ରମାନ ଦେଉଅଛନ୍ତି ଡାକ୍ତର ସାହେବ ଟହଲଖାନାରେ ଏକଜଣ ବଙ୍ଗାଳିବ୍ରାହ୍ମଣ କି ତାହାପର କଟକ ଜେଲରେ ଅଛି ସେ ସ, ଇ, ଥାଇ ଉହିକତ ମୋକଦମାରେ ଦ ୫ ଖ ଜଏଦ ଥିଲା ସେ ଖଲାସ ପାଇଲାରୁ ତାହାକୁ ଅ ୪ ଇନ ଷ୍ଟୁଲ ଓ ବନ୍ଦୋବସ୍ତ କର୍ମରେ ରଙ୍କର ରଖି ଓ ମକୁନ ଦାସ ବୋଲି ଏକ ଗ୍ରୀଷ୍ଟୀୟାନ କ ସେ ପୁଲିସର ହେ, କ, ବଲ ଥାଇ ତାଙ୍କ ନା ଓଭେର ସାଫ କରିବା ନିମନ୍ତେ ଡାକ୍ତରଙ୍କ ପାଖେ ମୁକ୍ତମୂଳ ଅଛି ତାକୁ ରଖି ସହରରେ ଯେପରି ଜୁଲମ କରୁଅଛନ୍ତି ତାହା କଲମରେ ଲେଖିବାର ଅତି କଷ୍ଟ କାରଣ କେହି କାହାକୁ କୌଣସି ବିଷୟ ଶୁଣିଲେ ନାହିଁ କି ଏକବର୍ଷ ହେଲା ସହରକୁ ଅସି ଦେଖିଲେ ନାହିଁ ଯଦ୍ୟପି ଅଳ୍ପଦିନ ମଧ୍ୟରେ ଶ୍ରୀଯୁକ୍ତ କମିଶନର ସାହେବ ଅସି ଏ ଗରିବ ଲୋକଙ୍କର ଦୁଃଖ ଶ୍ରବଣ ନ କରିବେ କି କିଛି ସଫଳ ନ କରିବେ ତେବେ ମେଜଷ୍ଟର ଓ ପୁଲିସସୁପ୍ରିଣ୍ଟ ଓ ଡାକ୍ତର ସାହେବ ଏମାନଙ୍କ ଅବିଚାର ଓ ଜୁଲମରୁ କଦାପି ପ୍ରଜାମାନେ ମୋଚନ ହୋଇ ପାରିବେ ନାହିଁ କି ପୁରୀସହରର କଷ୍ଟ ନିବ ନାହିଁ ଅଧଃଣମାନେ ଅନୁକୂଳ ହେଲେ ହେବ ।

୮।୮।୬୯ ସାଲ ।

ଶ୍ରୀଯୁକ୍ତ ଜଗନ୍ନାଥ ଉତ୍କଳଦୀପିକା ସମ୍ପାଦକ ମହାଶୟେଷୁ ସମ୍ପାଦକ ମହାଶୟ !

ଅନୁକମ୍ପା ପୂର୍ବକ ମନ୍ନିମ୍ନ ଲିଖିତ କତିପୟ ପଂକ୍ତି ସଂଶୋଧନ କରି ଦୀପିକାପତ୍ରରେ ସ୍ଥାନଦାନେ ଚରିତାର୍ଥ କରିବା ହେବେ ।

ଗତ ଜୁନମାସ ତା ୨୮ ରିଖ ଶୁକ୍ରବାର ହେରାପଞ୍ଚମୀ ଦିବସ ଏକାଦଶ ଘଡ଼ିକା ସମୟେ କଟକ ଭୁଲଗାଁପୁର ସଦାବର୍ତ୍ତମଠର ମହନ୍ତ ଶ୍ରୀ ଭଗବାନ ଦାସ ବାବାଜୀ ମହାତ୍ମା ଆପଣାର ଚେଲାମାନଙ୍କ ମଧ୍ୟରୁ ସର୍ବୋପଯୋଗୀ ଶ୍ରୀମନ୍ କୃଷ୍ଣଦାସ ବାବାଜୀଙ୍କୁ ଆପଣା ମହନ୍ତାଇର ଭାର ଅର୍ପଣ କରି ବୈକୁଣ୍ଠଗାମୀ ହେଲେ ଏ ଅତଏବ କେବଳ ବିଷୟ ଅଟେ ସଦାଭିକ୍ଷା ସମ୍ପ୍ରଦାୟ ମଧ୍ୟରେ ଉକ୍ତ ମୁମୁକ୍ଷୁ ବ୍ୟକ୍ତି ଶ୍ରୀଗୁରୁଭକ୍ତି ଓ ସୁଧର୍ମର ବିଶେଷ ଶୋଭା ଏବଂ କୀର୍ତ୍ତି ଲୁପ୍ତପ୍ରାୟ ଥିଲେ ଯାହା ହେଉ ଉକ୍ତ ମହାତ୍ମାଙ୍କ ଦାନ ଓ ଅନ୍ତ୍ୟେଷ୍ଟିକ୍ରିୟାଦି କଟକ ମଣ୍ଡଳର ସମସ୍ତ ମହନ୍ତ ଓ ଅଧିକାରଙ୍କ ଉପସ୍ଥିତରେ ବିଧିପୂର୍ବକ ଓ ଉତ୍ସବରେ ନିର୍ବାହ ହେଲା ।

ତା ୧୦ ରିଖ ଜୁଲାଇ ସନ ୧୮୬୯ ମସିହା ।

ଶ୍ରୀ ଅଧିକାରୀ ବାଲକୃଷ୍ଣ ଦାସ

କଟକ

---

ବିଜ୍ଞାପନ

---

ଶ୍ରୀ ବାବୁ ବନମାଳୀ ସିଂହଙ୍କୃତ ଉତ୍କଳ ଗଲ୍ପମାଳା ପୁସ୍ତକ ଦ୍ୱିତୀୟବାର ମୁଦ୍ରିତ ହୋଇ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି । ଗ୍ରାହକମାନେ ଉକ୍ତ ପ୍ରେସର ମାନେଜରଙ୍କ ନିକଟରେ ପ୍ରାର୍ଥନା କଲେ ପ୍ରାପ୍ତ ହେବେ ।

କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଅଫିସ ।

କଟକ ତା ୧୮ ରିଖ ଜୁନ ସନ ୧୮୬୯

ଶ୍ରୀ ଗୌରୀଶଙ୍କର ରାୟ

ସେକ୍ରେଟରୀ ।

---

ମୂଲ୍ୟପ୍ରାପ୍ତି ।

---

ବାବୁ ସଦାଚରଣ ଦାସ କଟକ ବରିଷ୍ଠା ୪ ୫

„ ରାମାଚରଣ ନେଉଗୀ „ „ ୪ ୫

ମହମ୍ମଦ ମଜହର „ „ ୪ ୬

---

☞ ଏହି ଉତ୍କଳଦୀପିକା ସହର କଟକ ଦର୍ଗାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରଚାର ହେଲା ।

Split by PDF Splitter

Digitized by srujanika@gmail.com

Split by PDF Splitter



ଅତିରକ୍ତ

ଉତ୍କଳଦୀପିକା
। ୧୫ ରଖ ଜୁଲାଇ ସନ ୧୮୭୯ ମସିହା

ଗବର୍ଣ୍ଣମେଣ୍ଟ ବଙ୍ଗାଲଙ୍କ ଆଜ୍ଞା

ଗେଲିଭମାସ ତା ୭ ଋଖରେ ଗବର୍ଣ୍ଣମେଣ୍ଟ
ାଲ ଇଲେକ୍ସେସନ ମହକୁମା ସମ୍ପର୍କରେ ଯେଉଁ
ଲିପିବଦ୍ଧ କରିଅଛନ୍ତି ତହିଁର ଦୁଇ ଓ
ଦଫାର ମର୍ମ ତଳେ ପ୍ରକାଶ କରାଗଲା ଯଥା
୨ ଦଫା । ଶ୍ରୀଯୁକ୍ତ ଲେପ୍ଟେନାଣ୍ଟ ସାହେବ
ାଅଛନ୍ତି କି ମିଷ୍ଟର କର୍ଜ୍ନୁସାହେବ ଯେ
ଆ ଓ ମେଦନାପୁରରେ ଜଲକର ଆଦାୟ
ା ନିମନ୍ତେ କଲେକ୍ଟରର କ୍ଷମତା ସହିତ
ଷ କର୍ମଚାରୀ ନିଯୁକ୍ତ ହୋଇଅଛନ୍ତି ଏତା-
କାଳ ସେ ଗବର୍ଣ୍ଣମେଣ୍ଟ ବ୍ୟତିରେକେ ଅନ୍ୟ
ଣସି ଅପିଲ ଅଦାଲତର ଅଧୀନ ନୁହନ୍ତି
ଲ ବିବେଚନା ହେଉଅଛି ଓ ସେ ସ୍ଥାନୀୟ
ୀରେନ୍ଦ୍ରଠାରୁ ସ୍ୱତନ୍ତ୍ର ରହି କର୍ମ କରୁଅଛନ୍ତି ।
ଡୁସାହେବଙ୍କୁ ଯେପ୍ରକାର କର୍ମ କରିବାକୁ
ହୋଇଅଛି ଏବଂ ଏ ସ୍ୱାଧୀନକର୍ମଚାରୀ ଯେଉଁ ପଦ
ଅଛନ୍ତି ତହିଁପ୍ରତି ଦୃଷ୍ଟି କରି ଲେପ୍ଟେନାଣ୍ଟ
ର୍ଣ୍ଣରଙ୍କ ମତ ହେଉଅଛି ଯେ ଏପରି ଅବସ୍ଥା
କାର ଉଚିତ ନହଇ । ଅତଏବ ଆଜ୍ଞା
ଦିଅଛି କି ଓଡିଶାରେ କର୍ଜ୍ନୁସାହେବ
ଲେକ୍ଟର ସ୍ୱରୂପ ଯାହା କରିବେ ତହିଁର
ର ଓଡିଶା କମିଶନରଙ୍କ ନିକଟରେ ହେବ
ମେଦନାପୁରରେ ଏହିପରି ଯାହା କରିବେ
ଧାନ କମିଶନରଙ୍କଠାରେ ତହିଁର ଅପିଲ
। ମେଦନାପୁରର କଲେକ୍ଟରଙ୍କୁ କ୍ଷମତା
ଗଲା ଯେ କର୍ଜନ ସାହେବଙ୍କ କୌଣସି
ଲବ କରିପାରିବେ ଓ ଆବଶ୍ୟକ ହେଲେ
ଧାନ କମିଶନରଙ୍କ ଅଭିମତ ତାହାଙ୍କ
କୁ ପଠାଇବେ ।
ଦଫା । ଲେପ୍ଟେନାଣ୍ଟ ଗବର୍ଣ୍ଣର ସାହେବ
କରନ୍ତି କି ଯେଉଁକର ଏହିସମସ୍ତ ବିଷୟ
ବିଭାଗ ବ୍ୟବହୃତ ହୋଇଅଛି ତହିଁଉପରେ
ର ସ୍ୱରୂପ ଅପିଲ ଚଳିବ ଓ ଏହା ମଧ୍ୟ
ଯେ ବୁଝିବାର ଆବଶ୍ୟକ ଯେ କର୍ଜନ
କ ଯେଉଁସମସ୍ତ ବିଷୟରେ କଲେକ୍ଟରଙ୍କ
ମାନ ଚଳାଇବେ ତହିଁରେ ସେ ରେଭିନ୍ୟୁ
ମାର ସ୍ଥାନୀୟ ଉଚ୍ଚପଦସ୍ଥ ଡାକ୍ତରଙ୍କ
ି ଅଟନ୍ତି ।

———

ମୂଲପତ୍ର ଦେଖ ।

Digitized by srujanika@gmail.com

Split by PDF Splitter

Digitized by srujanika@gmail.com

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଛଭାଗ } ତା ୨୨ଇଙ୍ଗ ମାହେ ଜୁଲାଇ ସନ ୧୮୭୧ ମହିହା ।ମ୍। ଶ୍ରାବଣ ବ ୮ ନ ସନ ୧୨୭୮ ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ୪

ସଂ୨୮ଖ୍ୟା } ଦର୍ଶାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୪୲୦ | ମଫସଲ ପାଇଁ ଡାକମାସୁଲ ୪୲


ଜଗତ୍ସିଂହପୁର ଥାନା ଇଲାକାରେ ଥିବା ଆମ୍ଭମାନଙ୍କର ଜଣେ ଗ୍ରାହକ ବହୁକାଳମୂରେ ପତ୍ରିକା ପାଉଥିବାର କଥା ଆମ୍ଭମାନଙ୍କୁ ଜଣାଇ ତାଙ୍କ ପୋଷ୍ଟମାଷ୍ଟରଙ୍କଠାରେ ସେ ବିଷୟର ସମ୍ବାଦ ଦେଲେ ଉକ୍ତ କର୍ମଚାରୀ ମହାଶୟ ବିଶ୍ୱସ୍ତ ଅନୁସନ୍ଧାନ କରି ଯେଉଁ କମିଦାରି ଡାକ-ପିଅଦାର ତିନି ପ୍ରଯୁକ୍ତ ପତ୍ରିକା ପହଞ୍ଚିବାର ବିଳମ୍ବ ହୋଇଥିଲା ତାହା ନାମରେ ଉପରସ୍ଥ କର୍ମଚାରୀଙ୍କ ନିକଟକୁ ରିପୋର୍ଟ କରିଅଛନ୍ତି । ଅମ୍ଭେମାନେ ପୋଷ୍ଟମାଷ୍ଟର ମହାଶୟଙ୍କୁ ଏଥି-ପାଇଁ ଧନ୍ୟବାଦ ଦେଉଅଛୁଁ ଭରସା କରୁଁ ଯେ ଆଉ ଏରୂପ ଘଟନା ହେବ ନାହିଁ । ଏଥର ଗ୍ରାହକମାନଙ୍କୁ ପ୍ରାର୍ଥନା କି ଯେବେ ସେମାନେ ଡାକ ଯୋଗେ ନିଯୁକ୍ତ କାଳରେ ପତ୍ରିକା ନ ପାଇବେ ତେବେ କିଛୁ ବିଷୟ ଆମ୍ଭମାନଙ୍କୁ ଜଣାଇବେ ଓ ଯେଉଁ କାଗଜରେ ପତ୍ରିକା ବନ୍ଦ ହୋଇ ପଠା ଯାଇଥାଏ ସେ କାଗଜକୁ ମଧ୍ୟ ସାମ୍ଭାଳି ରଖି ପଠାଇ ଦେବେ କାରଣ ତାହା ଉପରେ ଯେଉଁ ଡାକ ଘର ମୋହର-ମାନ ଥାଏ ସେଥିରୁ କେଉଁ ସ୍ଥାନରେ କେବେ ପତ୍ରିକା ପ୍ରବେଶ ହୁଅଇ ଜଣାଯାଏ । ସେହି ମୋହରମାନଙ୍କଦ୍ୱାରା ବିଳମ୍ବର କାରଣ ଓ ତାହାଦ୍ୱାରା ବିଳମ୍ବ ହେଲା ଜଣା ପଡ଼ଇ ।

---

### ଉଇଲର ଅଦାସ୍ତର କାର୍ଯ୍ୟ ପ୍ରଣାଳୀ ।

ଗଞ୍ଜସପ୍ତାହରେ ଶ୍ରୀଯୁକ୍ତ କର୍ଣ୍ଣଲ ସାହେବଙ୍କ କ୍ଷମତା ଦାନ ବିଷୟରେ ଯେଉଁ ଗବର୍ଣ୍ଣମେଣ୍ଟଙ୍କ ଆଜ୍ଞା ଅମ୍ଭେମାନେ ପ୍ରକାଶକରିଥିଲୁ ତହିଁରେ ଅତ୍ୟନ୍ତ ଲୋକଙ୍କ କିପର୍ଯ୍ୟନ୍ତ ଆନନ୍ଦିତ ହୋଇ ଅଛନ୍ତି ଲେଖିବା ବାହୁଲ୍ୟ ଅଟଇ । ଗତବର୍ଷରେ ଉଇଲର ଅଦାସ୍ତ ବିଷୟରେ ଯେତେ ଅଭାଂ-ଗୁର ହେଲା କେବଳ ଅପିଲକରିବାର ଅଧି-କାର ନ ଥିବାର ଜାଣି ପ୍ରଜାମାନେ ସହ୍ୟକଲେ ଓ କ୍ରମେ ତାହା ଏମନ୍ତ ଭୟଙ୍କର ହୋଇ ଉଠିଲା ଯେ ଜମିଦାର ଓ ଅନ୍ୟାନ୍ୟ ସମ୍ଭ୍ରାନ୍ତ ବ୍ୟକ୍ତିମାନେ ସଭାକରି ସେଥିର ଉପାୟ ଚେଷ୍ଟା କରିବାକୁ ପ୍ରବୃତ୍ତ ହେଲେ । ଅମ୍ଭେମାନେ ଯେତେବେଳେ କର୍ଣ୍ଣଲ ସାହେବଙ୍କୁ ବୃତ୍ତାନ୍ତ ଉପସ୍ଥିତି କରିବାର ଅଧିକାର ଦେବାବିଷୟ ଏ ପତ୍ରିକାରେ ଲେଖିଥିଲୁଁ ସେତେବେଳେ କହି-ଥିଲୁଁ ଯେ କର୍ଣ୍ଣଲସାହେବ ବାଉଜନାସ୍ତରେ ମହକୁମା ଅଧୀନ ହେଲେ ବୋଲିକି ତାହାଙ୍କୁ ଏତାଦୃଶ କ୍ଷମତା ଦଆଗଲା ଓ ଏରୂପ କ୍ଷମତାରୁ ଯେଉଁ ଫଳର ଆଶଙ୍କା ହୋଇଥିଲା କାର୍ଯ୍ୟତଃ ତାହା ଦେଖିବାରେ ଆସିଲା । ମାନ୍ୟବର ଜେ-ସାହେବ ଗବର୍ଣ୍ଣମେଣ୍ଟଙ୍କ ଯେଉଁ ବିବେଚନାରେ ଏକାବେଳକେ ନାଇକର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଏତାଦୃଶ କ୍ଷମତା ଦେଲେ ଅମ୍ଭେମାନେ ସ୍ଥିର କରି ନ ପାରୁଁ ମାତ୍ର ତାହା ଯେ ଅତି ଅନ୍ୟାୟ ହୋଇଥିଲା ଅଳ୍ପକାଳରେ ପ୍ରତ୍ୟକ୍ଷ ହେଲା । ସେସାହେବ ନ୍ୟାୟମତ କାର୍ଯ୍ୟ କରିଥିଲେ ଅନ୍ତେ ସାଧାରଣ ନିୟମାନୁସାରେ ଅପିଲ କରି-ବାର ଅଧିକାର ଲୋକଙ୍କୁ ଦେଇ ପଣ୍ଡାଙ୍କୁ ତାହା ଅନାବଶ୍ୟକ ବୋଲି ରହିତ କରିଥାନ୍ତେ ତାହା ହେଲେ କର୍ଣ୍ଣଲସାହେବ କେମନ୍ତ କାର୍ଯ୍ୟ କରନ୍ତି ଜାଣିପାରନ୍ତେ ଓ ତଦନୁସାରେ ନିୟମ ପରିବର୍ତ୍ତନ କରନ୍ତେ । ଯାହା ହେଉ ମାନ୍ୟବର କେମ୍ବଲସାହେବଙ୍କ ଦେଉର ପ୍ରଜା-ମାନେ ଅତ୍ୟାଚାରରୁ ମୁକ୍ତ ହେବାର ଭରସା ପାଇଲେ ଏଥର ସାହସ କରି ଅପିଲ କଲେ ତାହାଙ୍କର ଆଜ୍ଞାସବୁ କେତେଦୂର ନ୍ୟାଯ୍ୟ ବା ଅନ୍ୟାଯ୍ୟ ଅନାୟାସରେ ଜାଣିଯାଇବେ ଓ ତଦ-ନୁସାରେ ଭବିଷ୍ୟତକୁ ସାବଧାନ ହୋଇ ଚଳିବେ । ଅମ୍ଭେମାନେ ମାନ୍ୟବର କେମ୍ବଲ ସାହେବଙ୍କୁ ଏଥିପାଇ ଧନ୍ୟବାଦ ଦେଉଅଛୁଁ ଓ ସେ ଯେ ଅଳ୍ପକାଳମଧ୍ୟରେ ଅତ୍ୟନ୍ତ ଲୋକ-ଙ୍କର ଦୁଃଖ ଜାଣି ପାରିଲେ ତହିଁ ପାଇଁ ତାହା-ଙ୍କର ଅଶେଷ ପ୍ରଶଂସା କରୁ ଅଛୁଁ ।

---

### ପୁରୀ ଉତ୍ତାପର ଅଇନ ।

ଗତ ସପ୍ତାହର ପତ୍ରିକାରେ ଯେଉଁ ପ୍ରେରିତ-ପତ୍ର ଛପା ହୋଇଥିଲା ଯେବେ ତହିଁ ଲିଖିତ ବିଷୟମାନଙ୍କରେ କୌଣସି ଭ୍ରମ ନ ଥାଏ ତେବେ ପୁରୀରେ କି ପର୍ଯ୍ୟନ୍ତ ଅନ୍ୟାୟ ହେଉ-ଅଛି ତାହା ସମ୍ପୂର୍ଣ୍ଣ ରୂପେ ବ୍ୟକ୍ତ କର

ନ ପାର୍ । ସ୍ଥୂଲରୂପେ ବିବେଚନା କଲେ ଉକ୍ତ ପତ୍ରରେ ଲେଖାଥିବା ସମସ୍ତ ବିଷୟ ସଙ୍ଗତ ବୋଧ ହେଉଅଛି ଓ ଲେଖକମାନେ ବିଶେଷ ମକଦ୍ଦମା ସବୁର ଉଲ୍ଲେଖ କରିଥିବାରୁ କୌଣସି ପ୍ରକାର ସନ୍ଦେହ ହେଉ ନାହିଁ ଇଥାଚ ଯେବେ କେହ କୌଣସି ଆପତ୍ତି କରିବାକୁ ଚାହାନ୍ତି ତାହା କରନ୍ତୁ ସଂପ୍ରତି ଏ ସବୁ କଥାକୁ ସଙ୍କ୍ଷେ-ପନ କଲେ ପୁରୀର ଅବସ୍ଥା ବଡ ଭୟଙ୍କର ହୋଇଅଛି କୋଳବାକୁ ହେବ ଓ ପରଭଡା ଅଇନ ତହିଁର କାରଣ ଅଟଇ । ସ୍ଥାନୀୟ କର୍ମଚାରୀଙ୍କର ଏହି ବାଞ୍ଛା ଯେ କେମନ୍ତେ ବହୁତ ଟଙ୍କା ପାଇଲେ ନଗର ପରିଷ୍କାର ଓ ଶୌଷ୍ଠବ କାର୍ଯ୍ୟ ଉତ୍ତମରୂପେ ନିର୍ବାହ କରିବେ ଏଥିପାଇଁ ସେମାନେ ଲୋକଙ୍କ କଷ୍ଟ ଦେଖି ଦେଖନ୍ତି ନାହିଁ ଖାଖାତ ସମ୍ବନ୍ଧରେ କର ଗ୍ରହଣ କରିବାର ଏହା ପ୍ରଧାନ ଦୋଷ ଅଟଇ ମାତ୍ର ଦୁଃଖର ବିଷୟ ଯେ ଗବର୍ଣ୍ଣମେଣ୍ଟ ସେଥି ପ୍ରତି ଅଣ୍ଟା ଦେଉ ନାହାନ୍ତି ସେ ଯାହା ହେଉ ନଗରସ୍ଥ ଜନମାନେ ଯେବେ ପ୍ରତ୍ୟେକ ଅନାବଶ୍ୟ କାର୍ଯ୍ୟ ନିମିତ୍ତ ଅପିଲ କରନ୍ତେ ତାହା ହେଲେ ନିଶ୍ଚୟ ଏ ଅତ୍ୟାଚାରମାନ ରହିତ ହୁଅନ୍ତା । ଲେଖକମାନେ କୋଳନ୍ତି କି ପଞ୍ଚାଶ ଟଙ୍କାରୁ ଊଣା ଦଣ୍ଡର ଅପିଲ ନାହିଁ ବୋଲି ଲୋକେ ନିରସ୍ତ ହୋଇ ରହୁଅଛନ୍ତି ମାତ୍ର ଏ କଥା ଭ୍ରମାତ୍ମକ ଅଟଇ । ଆଇନାନୁସାର କାର୍ଯ୍ୟ ହୋଇଥିଲେ ୫୦ ଟଙ୍କାର ନ୍ୟୂନ ଅର୍ଥଦଣ୍ଡର ଅପିଲ ନାହିଁ । କିନ୍ତୁ ଯେସ୍ଥଳେ ଅଇନର ମର୍ମ୍ମର ବିପରୀତ କାର୍ଯ୍ୟ ହେଉଅଛି ସେସ୍ଥଳେ ଅପିଲ ହେବାର ନିଷେଧ ନାହିଁ ଏବମ୍ଭ ଅପିଲ ହୋଇଥିଲେ ମଧ୍ୟ ଏହାଙ୍କ କାର୍ଯ୍ୟର ଭଲ ମନ୍ଦ ଜଣା ପଡ଼ିଥାନ୍ତା । ଏକ୍ଷେବେଳେ କିଛି ବିଳମ୍ବ ହୋଇ ନାହିଁ ଜଜ ସାହେବଙ୍କ ନିକଟରେ ଅପିଲ କରନ୍ତୁ ସେଠାରେ କିଛି ନ ହେଲେ ଏକାବେଳକେ ଗବର୍ଣ୍ଣମେଣ୍ଟ ବଙ୍ଗାଲଙ୍କୁ ଆବେଦନ ପଠାନ୍ତୁ ଅବଶ୍ୟ ସୁବିଚାର ହେବ । ମାନ୍ୟବର ଶ୍ରୀଯୁକ୍ତ କେମ୍ପଲ ସାହେବ ଲେଫ୍ଟନେଣ୍ଟ ଗବର୍ଣ୍ଣର ପ୍ରଜାଙ୍କ ଦୁଃଖ ବୁଝିବାକୁ ଯେମନ୍ତ ତତ୍ପର ଅନ୍ୟାୟକାରୀଙ୍କୁ ନିବାରଣ କରିବାକୁ ତଦ୍ରୂପ ଅଟନ୍ତି ।

ପତ୍ର ପ୍ରେରକମାନେ ସବୁକଥା ଅନୁସନ୍ଧାନ କରିବାକୁ ଡିଲ କମିଶନରଙ୍କୁ ଅନୁରୋଧ କରିଅଛନ୍ତି କିନ୍ତୁ ଅନୁମାନ ହୁଅଇ ତାହାଙ୍କଦ୍ୱାରା କିଛି ହେବାର ନୁହଇ ସେ କେବଳ ସୀତମତ ମକଦ୍ଦମା କରିବାକୁ ମୁଖ ପାଇବାର ଅନୁମାନ ହୁଅଇ ନାହିଁ ଏ ସ୍ଥାନର ଲୋକେ ଯେ ମକଦ୍ଦମା କରିବାକୁ କେତେ ଘୃଣା କରନ୍ତି ଓ ଅତି ବାଧ ନ ହେଲେ ବ୍ୟବସାୟ ଛାଡି କଚେରୀକୁ ଦୌଡ ମୁକ୍ତାର ଏବଂ ହାକିମଙ୍କ ଅନୁସରଣ କରିବାକୁ ଅସନ୍ତି ନାହିଁ । ତାହାକ ଜାଣନ୍ତି ନାହିଁ । ବିଶେଷରେ ବହୁତ ଲୋକ ଦରବାର ବିଷୟରେ ମୂର୍ଖ ଥିବାରୁ ଆପଣା କର୍ତ୍ତବ୍ୟାକର୍ତ୍ତବ୍ୟ ଜାଣନ୍ତି ନାହିଁ । ଶ୍ରୀଯୁକ୍ତ କମିଶନର ସାହେବ ଯେବେ ଏସବୁ ବିଚାର କରନ୍ତେ ତେବେ ବଡ଼ବଡ଼ା ବାବାଜୀମାନେ ଅପିଲ ଦରଖାସ୍ତ ସଙ୍ଗେ ଗୃହ ନକଲ ପଠାଇ ନ ଥିଲେ ବୋଲି ତାହା ଫେରସ୍ତାରେ ରଖି ଦେଇଅନ୍ତେ ନାହିଁ । ବୃଦ୍ଧି ଓ ବାବାଜୀମଧ୍ୟରେ ବହୁତ ଅଛନ୍ତି ଯେଉଁମାନେ ସଂସାରର ସବୁ ବ୍ୟାପାର ଛାଡ଼ି କେବଳ ଈଶ୍ୱର ଆରାଧନାରେ ରହିଅଛନ୍ତି ସେମାନେ ଯେ ଅଇନ ଦସ୍ତୁରର ଅଜ୍ଞ ହେବେ ଏଥିରେ କିଛିମ କି ଅଛି । ଏତଦନନ୍ତର ଯେବେ କମିଶନର ସାହେବ ମାଜିଷ୍ଟ୍ରେଟଙ୍କଠାରୁ କୈଫିୟତ ତଲବ କରିଥାନ୍ତେ ତେବେ କି କୌଣସି ନିୟମ ଲଙ୍ଘନ ହୁଅନ୍ତା ନାହିଁ ଅଥଚ ସମସ୍ତେ ସନ୍ତୁଷ୍ଟ ହୁଅନ୍ତେ । କମିଶନର ସାହେବ ଆପଣା ଏଲାକା ମଧ୍ୟରେ ଲେଫ୍ଟେନେଣ୍ଟ ଗବର୍ଣ୍ଣର ଅଟନ୍ତି ଓ ତାହାଙ୍କଠାରେ ଲୋକଙ୍କର ସମ୍ପୂର୍ଣ୍ଣ ଭରସା ସେ ଏତେ ଦସ୍ତୁର ଧରି ଚାଲିଲେ କାର୍ଯ୍ୟ ଚଳିବ ନାହିଁ ।

ପରିଶେଷରେ ଆମ୍ଭମାନଙ୍କର ବକ୍ତବ୍ୟ ଏହି ଯେ ସମ୍ପ୍ରତି ଗବର୍ଣ୍ଣମେଣ୍ଟ ବଙ୍ଗାଳ ଏହି ଭଡ଼ାଘର ଅଇନ ଓଡ଼ିଶାର ଅନ୍ୟ ନଗରମାନଙ୍କରେ ଚଳାଇବାକୁ ମାନସ କରି ଜିଲ୍ଲା ହାକିମଙ୍କଠାରୁ ପରାମର୍ଶ ଚାହିଁଅଛନ୍ତି ଅତଏବ ଏ ସମୟରେ ପୁରୀବାସିମାନଙ୍କର ଗୁହାରି ଶୁଣିବାର କତାନ୍ତ ପ୍ରୟୋଜନ କାରଣ ତହିଁରୁ ଏ ଅଇନର ଉପଯୋଗିତା ପ୍ରମାଣ ବା ଅପ୍ରମାଣ ହେବ ।

---

### କେନ୍ଦ୍ରାପଡ଼ା ଜାଲ ମୋକଦ୍ଦମା

ଗତ ସପ୍ତାହ ଗୁରୁବାର ଦିନ ଏ ମୋକଦ୍ଦମା ଦୌରାରେ ନିଷ୍ପତ୍ତି ହେଲା ଓ ଜଜସାହେବ ଆସାମିଙ୍କ ଉପରେ ସନ୍ଦେହ କରି ପ୍ରଚୁର ପ୍ରମାଣ ଅଭାବରେ ସେମାନଙ୍କୁ ଖଲାସ ଦେଲେ । ମୋକଦ୍ଦମାର ବୃତ୍ତାନ୍ତଟି ଏକପ୍ରକାର ଆଶ୍ଚର୍ଯ୍ୟ ଅଟଇ ଓ ତଦ୍ଦ୍ୱାରା ଦେୱାନୀର କାର୍ଯ୍ୟ ଅଧାଲତ ଅତ୍ୟନ୍ତ ଶିଥିଳରୂପେ ଚଳିବାର ପ୍ରକାଶ ହୁଅଇ । କେନ୍ଦ୍ରାପଡ଼ା ମୁନସଫିରେ ଏକ ମୋକଦ୍ଦମାରେ ଏକପକ୍ଷ ଗଣ୍ଡିଏ ବର୍ତ୍ତିନାପତ୍ରର ସହିମୋହର ନକଲ ଜଜସାହେବଙ୍କ ମାହାଫିଜଖାନାରୁ ଘେନିଯାଇ ଦାଖଲ କରେ ଅନ୍ୟପକ୍ଷ ତହିଁ ପୂର୍ବରୁ ନେଇଥିବା ଉକ୍ତ ବର୍ତ୍ତିନାପତ୍ରର ନକଲ ଦାଖଲ କରେ ଏ ଦୁହିଙ୍କରେ ପ୍ରଭେଦ ଦେଖା ଯିବାରୁ ଜଣାଯାଏ ଯେ ଅସଲ ନଥିରୁ ପ୍ରଥମ ଦାଖଲ ବର୍ତ୍ତିନାପତ୍ର ବାହାର ଯାଇ ତହିଁସ୍ଥାନରେ କୃତ୍ରିମ ବର୍ତ୍ତିନାପତ୍ର ଗଣ୍ଡିଏ ରଖାଯାଇଅଛି । କିନ୍ତୁ କାହାଯୋଗେ ଏହା ହେଲା ତହିଁର ପ୍ରମାଣ ହେଲା ନାହିଁ । ମାହାଫିଜ କମ୍ବା ତାହାଙ୍କ ଅଧୀନ କି ବସ୍ତାନୀ ଲୋକଦ୍ୱାରା ହୋଇଥିବ ସନ୍ଦେହ ହେଉଅଛି ଓ ଦେୱାନୀ କଚେରୀରେ ମାହାଫିଜ ଦାଏଗ୍ରସ୍ତ ଅଟନ୍ତି ମାତ୍ର ଫଉଜଦାରୀ ସବାଟେ ତାହା ପ୍ରଚୁର ନୁହେ କାରଣ ମହାଫିଜଙ୍କ ଅଜ୍ଞାତରେ ଏ ସମସ୍ତ ହୋଇପାରେ ଓ ଯେଉଁମାନେ ନକଲ ଦାଖଲ କଲେ ସେମାନେ ଯେ ପୂର୍ବରୁ ତାହା କୃତ୍ରିମ ଥିବାର ଜାଣିଥିଲେ ଏଥର ନିଶ୍ଚୟ ବୋଲାଯାଇ ନ ପାରେ । କେବଳ ତାହାଙ୍କ ଭଲ ହେଉଅଛି ବୋଲି ସେମାନେ ଲିପ୍ତ ଥିବାର ଅନୁମାନ ହୁଅଇ । ଏହିପ୍ରକାର ବିବେଚନାରେ ବୋଧ ହୁଅଇ ଅସାମିମାନେ ସମସ୍ତେ ମୁକ୍ତ ପାଇଲେ କେବଳ ଜଣେ ଯାହା କି ସେ ପୂର୍ବେ ଅସାମି ଥିଲା କେନ୍ଦ୍ରାପଡ଼ା ହାକିମ ତାହାକୁ କ୍ଷମା ଦେଇ ସ୍ୱାହାକର ମୋକଦ୍ଦମା ନିଷ୍ପତ୍ତି ଯାଏ ହାଜତରେ ରଖିଲେ ମୋକଦ୍ଦମା ଶେଷ ହେବାରୁ ଦ ୬୨ ନ କାଳ ହାଜତରେ ରହି ପରିଶେଷରେ ଉଦ୍ଧାର ପାଇଲା । ମୋକଦ୍ଦମା ନିଷ୍ପତ୍ତି ହେଲାକ୍ଷଣି ଜଜ କି ମାଜିଷ୍ଟ୍ରେଟ କେହି ଏହାର ମୁକ୍ତିର ଆଜ୍ଞା ଦେଲେ ନାହିଁ ଓ ଏ ବ୍ୟକ୍ତି ସ୍ୱୟଂ ଜେଲଖାନାରେ ପଡ଼ିଥିବାରୁ ଆପଣା ଉଦ୍ଧାରର ଉପାୟ କରି ପାରିଲା ନାହିଁ ସୁତରାଂ ଜାନୁଆରି ଗୋଟି ପ୍ରାପ୍ତ ଜେଲରେ ବନ୍ଦ ସରକାରର ଅନ୍ନ ଧ୍ୱଂସ କଲା ଓ ପରିଶେଷରେ ଯେ ଜଣାଇ ହେଲା ନାହିଁ [ଆମ୍ଭେମାନେ ଏତଦ୍ ବିଷୟ ମଣୁଅଛୁଁ ବୋଧ ହୁଅଇ ଦୁଇଟା ଗୋଡ଼ ଊଣା ଥିବାରୁ କେହି କର୍ମଚାରୀଙ୍କ ମନରେ ସେ କଥା ଉଦୟ ହୋଇ ନ ଥିବ ।

ଶ୍ରୀଯୁକ୍ତ ଉଇଣ୍ଟରସାହେବ ଏ ମୋକଦ୍ଦମାର ତଦନ୍ତ କରିବାରେ କୌଣସି ଅଂଶରେ ତ୍ରୁଟି କରି ନାହାନ୍ତି ଓ ଯେବେ ସାକ୍ଷିଙ୍କ କଥା ସବୁ ସତ୍ୟ ହୁଅଇ ତେବେ ସେ ଆପଣା ପଦର ମହତ୍ତ୍ୱ ଓ ନ୍ୟାୟ ମାର୍ଗକୁ ବହିର୍ଭୂତ ହୋଇ କୌଣସି ପ୍ରକାରେ ଆସାମିମାନଙ୍କୁ ଦଣ୍ଡ ଦେବାପାଇଁ ଏକାନ୍ତ ଯତ୍ନବାନ ହୋଇଥିଲେ । କିନ୍ତୁ ଉଦେଶ୍ୟ ସାଧକ

Digitized by srujanika@gmail.com

ବମିଶ ମୁଜାଫର ଶାସନପ୍ରଣାଳୀକୁ ଭୁଲିଯିବାକର ମୋକଦମା ସଂଲଗ୍ନ ବ୍ୟକ୍ତିମାନଙ୍କ ଉପରେ ନବାବ ଅମଲ ଜାରି କରୁଥିଲେ ଓ ଅପଣା ମତ ସମର୍ଥନ କାରଣ ସ୍ୱୟଂ ହସ୍ତରେ ମୋକଦମା ଚଳାଇବା ପାଇଁ କଟକକୁ ଅସିଥିଲେ ଜିଲମ୍ ହେବାରୁ ଫେରିଗଲେ । ଦୋଷି ବ୍ୟକ୍ତିକୁ ଦଣ୍ଡ ଦିଆଇବା ମାଜିଷ୍ଟ୍ରେଟଙ୍କ କାର୍ଯ୍ୟ ଅଟଇ ଏ ହେତୁଜାରେ ତାହାଙ୍କର କଟକକୁ ଅସିବା ଅବଶ୍ୟ ପ୍ରଶଂସନୀୟ ବୋଲ୍ଲଯାଇ ପାରେ ମାତ୍ର ସାକ୍ଷିମାନଙ୍କ କଥାକୁ ସତ୍ୟ ମଣିଲେ ତାହାଙ୍କର କଟକକୁ ଅସିବାର ଅର୍ଥ ଭିନ୍ନ ହୁଅଇ ଓ ଏଥିରେ ସେ କେବଳ ନିଜର ଲାଜ ହେଉଅଛନ୍ତି । ଜଣେ ସାକ୍ଷୀ କହିଲା କି ଉଇଲିୟର୍‌ସାହେବ ତାହାକୁ ଅପଣା କୋଠିକୁ ଓ୍ୟାରେଣ୍ଟରେ ଧରିନେଇ ମୋକଦମାର କଥା ପଚାରିଲେ ସେ ପୁନଃପୁନ କିଛି ନ ଜାଣିବାର କହିବାରୁ ତାହାକୁ ହାଜତ ଦେଇ କହିଲେ ଯେ କାଲିଅତକୁ ଅବଶ୍ୟ କହିବ । ଏହିରୂପ ଦୁଇ ତିନିଦିନ ଲେଖାଏଁ ଦଉଥର ହାଜତ ଦେଲେ ତହୁଁ ଉତାରୁ ପଞ୍ଚାଶ ଟଙ୍କାର ମୁଚଲିକା ନେଇ ନଜେ-ସାରେ ଦ ୭।୮ ଜଣେ ଅରେ ଲେଖାଏଁ ହାଜତ ହେବାକୁ ଆଜ୍ଞା ଦେଲେ କିଛିଦିନ ଉତ୍ତାରୁ ପୁନର୍ବାର ଦ ୧୭ ନ ହାଜତରେ ରଖିଲେ । ଆଉ ଏକ ସାକ୍ଷୀ କହିଲା କି ଅଶିଷ୍ଟାଣ୍ଟ ମାଜିଷ୍ଟ୍ରେଟ ତାହାକୁ କୋଠିକୁ ଡକାଇନେଇ ଏହି ଜାଲ ମୋକଦମାରେ ମିଥ୍ୟାକଥା କହିବାକୁ କହିଲେ । ସେ ତହିଁରେ ଅସମ୍ମତ ହେବାରୁ କୋର୍ଟସବ-ଇନସ୍ପେକ୍ଟର ତାହାକୁ ହାକିମଙ୍କ ସାକ୍ଷାତରେ ପ୍ରହାର କଲା । ହାକିମ କହିଲେ କି ଯେବେ ତୋତେ ଯେପରି କୁହାଯାଉଅଛି ସେ ପରି ନ କହିବୁ ତେବେ ଅମ୍ଭେ ହାଜତ ଦେବୁଁ ତହିଁରେ ତୋହର ଜାତି ଯିବ ଓ ଜାଇବେବାକୁ ଶର୍ତ୍ତ ନାହିଁ ଛହୁ ଏହା କହିବାରେ ମିଛା ସାକ୍ଷୀ ଦବାର ସମ୍ମତ ନ ହେଲାରୁ ତାହାକୁ ହାଜତକୁ ପଠାଇଲେ ଓ କେତେଦିନ ହାଜତରେ ରଖି ଛାଡ଼ ଦେଲେ । ଏ ଦୁହିଙ୍କ ମଧ୍ୟରୁ ଜଣେ ସାକ୍ଷୀ କହୁଅଛି ଯେ ଗ୍ରାମକାଗୁଜଦାସ ଉକିଲ ସାକ୍ଷାତରେ ଏ ସବୁ ଘଟିଥିଲା ମାତ୍ର ଉକିଲ କହଇ ଯେ ସାକ୍ଷିଙ୍କୁ କେହି ଧମକାଇବାର ସେ ଶୁଣି ନାହିଁ ଅଉ ଏକ କଥା ମଧ୍ୟ ଏହିପରି ମାଡ଼ ଖାଇଥିବାର ବଖାନ କରୁଅଛି । ହାକିମଙ୍କ ତରଫ ପକ୍ଷରେ ଏରୂପ ଜଣଜଣର ସାକ୍ଷୀ କେତେ ଲଦା-କଲ ତାହା ଅବଧନୀୟ ବାସ୍ତବରେ ଏ ସବୁ ସତ୍ୟ ହୋଇଥିଲେ ହାକିମ ପଦଚ୍ୟୁତହୋଇ ଦଣ୍ଡ ପାଇବାର ଯୋଗ୍ୟ । ଜଜସାହେବ ଏତେ ଗୁରୁତର କଥାକୁ କିରୂପେ ନିକାଶ କରିବେ ଦେଖିବାରେ ଅସିବ । ଉଇଲିୟର ଏସବୁ ଶୁଣି କି ଅଣ କରିବେ ଅମ୍ଭେମାନେ ଭାବି ସ୍ଥିର କରି ପାରୁ-ନାହୁଁ । ଏହାଙ୍କ କଥା ପାଠକଙ୍କଠାରେ ଅବିଦିତ ନାହିଁ । ପୂର୍ବର ଭଞ୍ଜନଗରର ମୋକଦ୍ଦମା ହାଇ-କୋର୍ଟରୁ ରଦ ହୋଇ ଅସି ନ ଥିଲେ ଅମ୍ଭେ-ମାନେ ବୁଝନ୍ତୁ ଯେ ସାକ୍ଷିଙ୍କ ଉପରେ ସାହେବ ଅଦାଲତକୁ ଅପମାନିତ କରିବା ଅପରାଧର ଅଭିଯୋଗ କରି ଦଣ୍ଡ ଦିଅନ୍ତେ । ସେରୂପ କରିବାର ଅଉ ସମ୍ଭାବନା ନାହିଁ । ଏଥର ଏହାଙ୍କ ନାମରେ ଦୁର୍ନାମ କରିବାର ଅଭିଯୋଗ କରିବେ ତାହାଙ୍କ ସ୍ୱଭାବରେ ଲୋକ ଭୁଲହୋଇ ରହିଲେ ଭଲ ଦିଶିବ ନାହିଁ । ସାକ୍ଷିମାନଙ୍କ ବିଷୟରେ ମଧ୍ୟ ବକ୍ତବ୍ୟ କି ଯେବେ ସେମାନେ ଏତେସରତି ଦୁଃଖ ପାଇଥିଲେ ତେବେ ଉପ-ଯୁକ୍ତ ଅଦାଲତରେ ନାଲିସ ଓ ଉଇଲିୟରସାହେ-ବଙ୍କୁ ଦୋଷୀ କରି ତାହାଙ୍କଠାରୁ ଖେସାରତ ପାଇବାର ଚେଷ୍ଟା କାହିଁକି ନ କଲେ ।

## ସାପ୍ତାହିକ ସଂବାଦ

ଗତ ଶନିବାର କଟକ ରେଭିନ୍ୟୁଶ୍ରୀମହକୁମାର କରଗାସ୍ତି କଶମୀ କ୍ଷେତ୍ରନାଥସିଂହ ଉପରେ ସର-କାର ଟଙ୍କରରୂପ ବିଶ୍ୱାସଘାତକତା ଅଭିଯୋଗ ପ୍ରମାଣ ହୋଇ ଛମାସ କଠିନପରିଶ୍ରମ ସହିତ କାରାବାସ ଓ ୫୦୦ଟଙ୍କା ଅର୍ଥଦଣ୍ଡର ଆଜ୍ଞା ହେଲା

ଏହିଦିନ ଶ୍ରୀଯୁକ୍ତ ମାକଫର୍ଶନସାହେବ କଲେ-କ୍ଟର ଲୁଟୀରୁ ଫେରିଆସି ଅପଣା କାର୍ଯ୍ୟର ଭାର ଗ୍ରହଣ କରିବାରୁ ଶ୍ରୀଯୁକ୍ତ ଟଏନବିସାହେବ ଅସିଷ୍ଟାଣ୍ଟ ସ୍ୱରୂପ କର୍ମ କରୁଅଛନ୍ତି । ଏ ମହାଶୟ ଛଅମାସ ଏକଟିଂ ରହି ଯେପ୍ରକାର ପରିଶ୍ରମ ଓ ଯୋଗ୍ୟତା ପୂର୍ବକ କାର୍ଯ୍ୟ କଲେ ତହିଁରେ ଭବିଷ୍ୟତକୁ ସେ ଜଣେ ଭଲ ହାକିମ ହେବାର ପରିଚୟ ପ୍ରାପ୍ତ ହୋଇଅଛି । ଟାଉନଟାକ୍ସ, ଷ୍ଟାମ୍ପଡିଉଟି, ପାରହେବା ଘାଟ ଏବଂ ରେଜିଷ୍ଟ୍ରି ଏ ଗୁଡ଼ିଏ ଭିଲାକାର ଦୌରାତ୍ମ୍ୟମାନ ଏହାଙ୍କ ଶାସନରେ ଅସିଥିଲା ଓ ବହୁତ ପ୍ରକାର କରି ସାଧାରଣ ମଙ୍ଗଳ କରଅଛନ୍ତି । ପରନ୍ତୁ ଉଇଲିୟରସାହେବଙ୍କ ବଦ୍ଧରରୁ କେତେଗୁଡ଼ିଏ ନିର୍ଦ୍ଦୋଷିବ୍ୟକ୍ତିଙ୍କୁ ମୁକ୍ତ କରିଦିଅ ଓ ନ୍ୟାୟପର-ତାର ଯଥେଷ୍ଟ ପରିଚୟ ଦେଇଅଛନ୍ତି ।

ଅମ୍ଭମାନଙ୍କର ଜଣେ ସମ୍ବାଦଦାତା ଗଡ଼-ନାଦିଠାରୁ ଲେଖିଅଛନ୍ତି ଯଥା ।

୧ । ଗ୍ରାମପଶୁମାନଙ୍କ ପୋଷଣାର୍ଥେ ସମସ୍ତଙ୍କୁ ରେଶ୍ମି ତ ଦେଖାଯାଏ ମାତ୍ର ତାଙ୍କମାନଙ୍କ ଚରିବାଲାଗି ପୂର୍ବେ ଯେସବୁ ଭୂମି ଥିଲା ତାହା କ୍ରମେ କ୍ଷୟହୋଇ ଯାଉଥିବାରୁ ଦିନକୁଦିନ ଉକ୍ତ ପଶୁ-ରକ୍ଷାର୍ଥେ ବହୁ କଷ୍ଟ ହେଉଅଛି ଏଥିର କି ଉପାୟ ପାଠକମହାଶୟଙ୍କ ମନରେ ଉଦୟ ହେଉ ନାହିଁ ।

୨ । ଅମ୍ଭେମାନେ କଉନାହିଁସ୍ଥାନରେ କୌଣସି କର୍ମ କରୁଅଛୁଁ ସେହେତୁ ସେଠାରେ ଅନେକ କୁଲି ଅଛନ୍ତି ଏଥିରେ ଅଳକୁ ଦିଂନ ହେବ ଦିନେ କେତେଜଣ କୁଲି ବଣରୁ ବେଣା-ଘାସ କାଟୁଥିଲେ ସେଥିମଧ୍ୟରୁ କେହି ଗୋଟାଏ ବହୁତ ସର୍ପ ଦେଖି ଅମ୍ଭମାନଙ୍କୁ ସମ୍ବାଦ ଦେବାରୁ ଅମ୍ଭେମାନେ ସମସ୍ତ କୁଲିଙ୍କୁ ନେଇ ଦେଖିଲୁଁ ଯେ ଗୋଟିଏ ଶାଲୁଆ ମୁଣ୍ଡି ପଡ଼ି-ଥିଲାପରି ବୋଧହେଲା ପରେ ନିକଟବର୍ତ୍ତୀ ହେ-ଲାରୁ ସମସ୍ତଙ୍କ ମନରେ ଏପରି ଭୟ ଜନ୍ମିଥିଲା ଯେ କେହି ସାହସକରି ସେଠାରେ ଦଣ୍ଡାୟମାନ ନ ହେଲେ ପରେ ଅନେକ ଉତ୍ସାହ ଦେବାରୁ କେତେଜଣ ସାହସକରି ଯାଇ ମାତ୍ର ଏକସ୍ଥାନରୁ କଣା କରିଦେଇ ସେହି କଣାରେ ଗୋଟାଏ ଖୋଞ୍ଚା ମାରିଦେଇ ପରେ ମୁଣ୍ଡଉପରେ ଗୋଟାଏ କାଠ ପକାଇ ତାହା ଦୁଇପାଖରେ କେତେଜଣ ଲୋକ ମାଡ଼ି ଧରିରହିଲେ ଅଉ ଲୋକମାନେ ପ୍ରହାରକରିବାକୁ ଆରମ୍ଭ କଲେ ଏଥିରେ ସେ ପ୍ରାୟ ମୃତପରି ହେବାରୁ ଦଉଡ଼ି ବାନ୍ଧି ଟାଣି ନଦୀବାଲିରେ ପକାଇରଖିଲୁଁ ସେଠାରେ ପ୍ରାୟ ସେ ଦିବସ ଜୀବିତ ଥିଲା ତାହା ମୃତ୍ୟୁପରେ ନଈରେ ଭସାଇଦେଲୁଁ । ତାହା ମାପରେ ଲମ୍ବ ଫୁ ୨୦ ଟ ଓ ମୋଟା ଫୁ ୨ ଟ ହୋଇଥିଲା ଓ ପେଟମଧ୍ୟରେ ଗୋଟାଏ ସମୁଗ୍ର ହରିଣୀ ଗିଳିଥି-ଲାପରି ବୋଧ ହୋଇଥିଲା ସେ ସର୍ପକୁ କଣା କରିବା ପର୍ଯ୍ୟନ୍ତ ସେ କିଛି କଷ୍ଟ ବୋଧ କରି-ଥିଲାପରି ଜଣାଗଲା ନାହିଁ ।

ଅମ୍ଭମାନଙ୍କ ପୁରୁଷୋତ୍ତମ ସମ୍ବାଦଦାତା ଲେଖିଅଛନ୍ତି ଯଥା ।

୧ମ । ପୁରୀର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଏଲ୍‌ବିନସାହେବ ଅପଣା ଭୃତ୍ୟକୁ ପ୍ରହାରକରିବା ଅପରାଧରେ ଜଏଣ୍ଟମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ମେକ-ସନସାହେବଙ୍କ ହିସ୍ତୁରରେ ୫୦ଟଙ୍କା ଜରିମାନା

Digitized by srujanika@gmail.com

Split by PDF Splitter

120



ଦେବେଶଚନ୍ଦ୍ର ସାହେବ ଥିବାରୁ ମୁଦ୍ରାରଦ୍ଧୀସ ଦୋଷ ସ୍ୱୀକାରକଲା, ଅର୍ଦ୍ଧଦଣ୍ଡ ପ୍ରଦାନ କଲେ।

୨ୟ । ସିଷ୍ଟଉପଭଗଣାର ଅନ୍ତର୍ଗତ ଗୋପ୍‌ଥଲ ମଉଜ ନିବାସି ଝାଙ୍କେର ବାଉରୀର ସ୍ତ୍ରୀ ଉକୋଟି ପୁଷ୍ପବନ୍ଧାନ ପ୍ରସବ କରଅଛି ଉକୋଟିଯାକ ଅକ୍ଷୁଣ୍ଣଭାବେ ଏପର୍ଯ୍ୟନ୍ତ ଜୀବିତ ମାତ୍ର ସେମାନଙ୍କର ଶରୀରର ପରିମାଣ ଅତି କ୍ଷୁଦ୍ର ହୋଇଅଛି।

୩ୟ । ଖୀସ୍ତୁର ମହନ୍ତ ହସ୍ତୀଦାସ ମହୋଦୟ ନିଜ ମଠରେ ଗୋଟିଏ ସଂସ୍କୃତ ବିଦ୍ୟାଳୟ ସ୍ଥାପନ କରିଅଛନ୍ତି ଏବଂ ତହିଁରେ ପଢ଼ୁଥିବା ଦରିଦ୍ର ଛାତ୍ରମାନଙ୍କୁ ଭୋଜନାଚ୍ଛାଦନ ପ୍ରଦାନ କରୁଅଛନ୍ତି ଏହିପରି ମହନ୍ତ ମୋହନଦାସ ଓ ମହନ୍ତ ନାରାୟଣଦାସ ଅନେକଦିନ ପୂର୍ବରୁ କରିଅଛନ୍ତି ମାତ୍ର ଉକ୍ତ ମହାଶୟମାନେ ଯଦ୍ୟପି ଧନ ବ୍ୟୟ ସ୍ୱୀକାରକଲେ ତେବେ ସ୍ୱ ସ୍ୱ ପ୍ରଧାନ ସ୍ଥାନରେ ଗୃହ ନିର୍ମାଣ କରି ସାଧାରଣ ହିତ ସାଧନୋପଯୋଗୀ ଶିକ୍ଷାପ୍ରଣାଳୀ ଅବଲମ୍ବନ କରନ୍ତୁ ନାହାନ୍ତି ଏବଂ ସାମୟିକ ଶିକ୍ଷାଦକ୍ଷ ଶିକ୍ଷକ ନିଯୁକ୍ତ କରନ୍ତୁ ନାହାନ୍ତି ଏହା କେବଳ ଦେଶର ଦୁର୍ଦ୍ଦୈବ ବୋଲିବାକୁ ହେବ। ଯେଉଁ ଶିକ୍ଷକମାନେ ନିଯୁକ୍ତ ଅଛନ୍ତି ସେମାନଙ୍କ ସଂସ୍କାର ପରିବର୍ତ୍ତନ କରିବାପାଇଁ ବିଦ୍ୟାଳୟକୁ ଅବଶ୍ୟ ସାମୟିକ ଶିକ୍ଷା ସମ୍ପନ୍ନ ଇନ୍ସପେକ୍ଟରମାନଙ୍କ ଅଧୀନରେ ରଖୁ ନାହାନ୍ତି କିମ୍ବା ଡେପୁଟିଇନସ୍ପେକ୍ଟରଙ୍କ ପର୍ଯ୍ୟବେକ୍ଷଣରେ ରଖୁ ନାହାନ୍ତି ଅମ୍ଭେ ସେଥିରୁ ଭ୍ରାନ୍ତିବଦ୍ଧଙ୍କ ଅଛି ଏପରି ଅପ୍ରାପ୍ୟ ପ୍ରକାଶ କରୁ ନାହୁଁ ଯେ ସମସ୍ତେ ବଳୋତ୍କଳ ବିଦ୍ୟାଳୟ ସମୂହର ରୀତି ଅନୁସାରେ ଅଧ୍ୟୟନ କରନ୍ତୁ କିନ୍ତୁ ଯେପରି ସଂସ୍କୃତବିଦ୍ୟାରେ ଶାସ୍ତ୍ର ବ୍ୟୁତ୍ପତ୍ତି ହେବ ଏବଂ ସେପରି ଅଳ୍ପସମୟରେ ବିଶେଷ ଫଳ ମିଳିବ ଏହି ଆମ୍ଭର ଉଦ୍ଦେଶ୍ୟ।

୪ । ପୁରୀର ମେଡ଼ିକଲ କମିଟିରେ ନୂଆଗଡ଼ ରାଜା ମେମ୍ବର ହେବାପାଇଁ ଯେଉଁ ଚିଠି ବଙ୍ଗାଳ ଗଭର୍ଣ୍ଣମେଣ୍ଟଙ୍କୁ ପ୍ରେରିତ ହୋଇଥିଲା ତହିଁରେ ମାଦଳାଙ୍କର ସମ୍ମତି ଥିବାରୁ ଗଭର୍ଣ୍ଣମେଣ୍ଟ ସେହି କଥାଥିରେ ସମ୍ମତ ହୋଇ ଉକ୍ତ ରାଜାଙ୍କୁ ମାଦଳାଙ୍କ ଉପରେ ତାହାଠାରୁ ମିଳିଅଛି ଭାବାଶ ଉଚ୍ଚରେ କମିଟି କମିଶ୍ନର ସାହେବଙ୍କଠାରୁ ଅବଗତ ହୋଇ ନେଇଥିଲେ ତ ସରକାର ସମ୍ମତରେ ସଭା ସ୍ଥାପନ ହେଲା କାଳରେ ସେମାନଙ୍କୁ ସ୍ୱଭାବୋଚିତ କର୍ତ୍ତବ୍ୟ ସମ୍ଭାଷଣ କରିଥିବାରୁ ସନ୍ତୁଷ୍ଟଚିତ୍ତରେ

ଶାସନ ବ୍ୟବସ୍ଥିତ ହେଉଅଛି। ଅମ୍ଭର ଉକ୍ତ ପ୍ରସ୍ତାବ ଲେଖିବାର ଉଦ୍ଦେଶ୍ୟ ଏହି ଯେ ମେଣ୍ଢ଼ଗଡ଼ଜାତ ରାଜାମାନେ ଅନେକ ଧନ ବ୍ୟୟକରି ପୁରପ୍ରକାଶ ନିକଟରେ ରାଜୋପାଧି ଲାଭଣପୂର୍ବକ ଲୋକରସେବା ଓ ଲାମ୍ବୁଳ ଦରକଙ୍କଣବା ପଦ୍ଧତି ସ୍ୱୀକାର କଇ ଆପଣାକୁ କୃତାର୍ଥ ଜ୍ଞାନକର ଅଛନ୍ତି ସେମାନଙ୍କୁ ସମ୍ପାଦକ ଏହି ଉପଦେଶ ଦଅନ୍ତି ଯେହେତୁ ଉକ୍ତ ସେବା କ୍ୟସ୍ଥିତ ମୁଦ୍ରାସମୂହଦ୍ୱାରା ଦେଶର ଅନେକ ମଙ୍ଗଳ ସାଧନ ହୁଅନ୍ତା! ବର୍ତ୍ତମାନ କେଓଞ୍ଝର ମହାରାଜ ଓ ନୂଆଗଡ଼ ରାଜା ଏ ଦୁଇବ୍ୟକ୍ତିଙ୍କର ଅନୁକରଣ କରିବାପାଇଁ ଅନ୍ୟାନ୍ୟ ଗଡ଼ଜାତ ରାଜାମାନେ ଚେଷ୍ଟା କରନ୍ତୁ ଯେବେ ଭବିଷ୍ୟତେ ମାନ ମନ ଓ ଧନ ପ୍ରଭୃତିର ବୃଦ୍ଧି ଇଚ୍ଛା କରନ୍ତି।

ସନ ୧୮୫୭ ମସିହାର ବିଦ୍ରୋହୀଙ୍କ ଦଳର ଏକବ୍ୟକ୍ତି ସମ୍ପ୍ରତି ମିରଜାପୁରଠାରେ ଧରା ପଡ଼ିଅଛି ଏହାକୁ ଧରି ଦେବା କାରଣ ଗଭର୍ଣ୍ଣମେଣ୍ଟ ୫୨୦୦୦ ଟା ଓ ଜଣେ ଦେଶୀୟ ରାଜା ୫୫୦୦୦ ଟା ଏରୂପ ୫୭୦୦୦ ଟା ପାରିତୋଷିକ ଦେବାକୁ ସ୍ୱୀକାର କରିଥିଲେ ମାତ୍ର ଏ ଚାରବର୍ଷକାଳ ସେ ଫକିରବେଶ ଧାରଣ କରି ନିର୍ଦ୍ଦିଷ୍ଟରେ ସହର ମଧ୍ୟରେ ରହିଥିଲା। ଜଣେ ଇଉରୋପୀୟ ଇନସ୍ପେକ୍ଟରର ଏହାର ସନ୍ଧାନ ପାଇଁ ଭିକାରୀରୂପ ଧାରଣ କରି ଏହାକୁ ଗିରଫ୍ତାର କଲେ।

ପଞ୍ଜାବର ଗୋଟିଏ ଦେଶୀୟ ସମ୍ବାଦପତ୍ରରେ ପ୍ରକାଶ ଯେ ଅମୃତସର କସାଇଙ୍କ ହତ୍ୟାକାଣ୍ଡରେ ସଂଲିପ୍ତ ଥିବାରୁ ୧୪ ଜଣ ହିନ୍ଦୁ ଦଣ୍ଡ ପାଇଅଛନ୍ତି। ପାଟ୍ନାରିଡ଼ର ଉଦ୍ଦେଶନା ଦେଲେ ଯେ ଦଣ୍ଡିତ ଜଣେ ମୁସଲମାନ ହୋଇଥିବେ।

ବମ୍ବାଇର ରେଜିଷ୍ଟ୍ରାର ଲିଖିବାର ସୁଯୋଗ ଗତ ମାର୍ଚ୍ଚମାସର ନାନାସ୍ଥାନରେ ଜଣେ ୨ ଇଉରୋପୀୟ ଚସ୍ତରେ ଉକ୍ତ କର୍ମର ଭାର ଦେବାକୁ ଯେମନ୍ତ ବମ୍ବାଇ ଗଭର୍ଣ୍ଣମେଣ୍ଟ ସ୍ଥିର କରିଅଛନ୍ତି ଶୁଣାଯାଉଅଛି କୋଲକତା ବି ସେହିପରି ପଶ୍ଚିମରେ ସେହି ଧାମରେ କାର୍ଯ୍ୟ ଆରମ୍ଭ ହେଲାଣି ପ୍ରତ୍ୟେକ ଜିଲ୍ଲାର ଫଳରେ ପ୍ରତ୍ୟେକ ପ୍ରକାରରେ ଜଣେ ଦେଶୀୟ ଇଉରୋପ ନିଯୁକ୍ତ ହେବେ। ସମ୍ପାଦକ ଏଥିରେ କୌଣସି ଆପତ୍ତି ଦେଖୁ ନାହାନ୍ତି କେବଳ ଏତିକି ପ୍ରାର୍ଥନା କରନ୍ତି ଯେ ଯୋଗ୍ୟତା ଯେ ଦେଶୀ ଅତି ଉପଯୁକ୍ତ ଲୋକ ନିଯୁକ୍ତ କରିବେ ସେ ସେମାନଙ୍କଠାରୁ ଜାଣିବ ନେବେ। ଇଂରାଜୀ ଜାଣିବା ଲୋକ ନିଯୁକ୍ତ

ହେଲେ ଅଧିକ ଭଲ ହେବ। ସମ୍ପାଦକ ବି ପ୍ରତ୍ୟେକ ପ୍ରକାରରେ ଏପରି ଲୋକ ପାଇବାର ଆଶା କରନ୍ତି।

୮ ପଣ୍ଡାରଘାଟରେ ଜଣେ ଫଗୁଣି ହିନ୍ଦୁ ହୋଇଅଛି। କଲିକେଗଜେଟ କହନ୍ତି ଏହିବ୍ୟକ୍ତି ସେଠା ହିନ୍ଦୁମାନଙ୍କ ସଙ୍ଗେ ଭଲଭାବ ବ୍ୟବହାର କରିବା ନିମନ୍ତେ ଏକ ବ୍ରାହ୍ମଣର ଗୃହରେ ପହଞ୍ଚି କହିଲା ମୋତେ ଆପଣ ବ୍ରାହ୍ମଣକରି ଶିଷ୍ୟ କର। ବ୍ରାହ୍ମଣ ଏହାକୁ ଗୋମୂତ୍ର ଗୋଲାଇ ସ୍ନାନରେ ସ୍ନାନ କରାଇଲା ପରେ ଉପଦେଶ ଦେଇ ଦକ୍ଷିଣା କରିଅଛନ୍ତି ଏବଂ ସେ ବ୍ରାହ୍ମଣ ହୋଇଅଛି। ଏହାକୁ ଫଗୁଣି ବାପ୍ତିସ୍ମ ବୋଲାଯାଇ ପାରେ ନାହିଁ କି?

ବିଜ୍ଞାପନ

ଏହି ବିଜ୍ଞାପନଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଯାଜପୁର ଝଙ୍କଡ଼ ପ୍ର। ଓଲାଗ । ପ୍ର। କାଳୀପାଟଣା ଅମ୍ଭମାନଙ୍କ ମୌରସି ଉକ୍ତମାଲ ବୁଲଦେବତା ଶ୍ରୀ ଶ୍ରୀ ଗୋପୀନାଥ ଜିଉ ମହାପ୍ରଭୁଙ୍କ ଭୋଗ ନୈମିତ୍ତିକ ସେବା ପୂଜା ବହୁକାଳରୁ ଉକ୍ତମାଲ ଦୃଷ୍ଟେ ରଖାହୋଇ ଆସୁଅଛି ଏବଂ ଯାଜପୁର ଶ୍ରୀ ଶ୍ରୀ ଗୋବିନ୍ଦଜିଉଙ୍କ ଦେଉଳ ବାହାରି ଜମି ଅମ୍ଭର ମୌରସ ଓ ଅମ୍ଭ ଅନ୍ୟ କଉଡ଼ି ମୌରସମାନେ ଉତ୍ତମରୂପେ ପଟ୍ଟା ଲେଖି ଦେଇ ଭୋଗ ଦଖଲ କରି ଆସୁଥିଲେ ଉକ୍ତପରେ ଅମ୍ଭେମାନେ ଓ ଅମ୍ଭ ଶରିକମାନେ କେହି ପଟ୍ଟା ଦୃଷ୍ଟେ ଭୋଗ ଦଖଲ କରି ଆସୁଅଛୁଁ ଶୁଣାଯାଉଅଛି ଯେ ଉକ୍ତ ପ୍ରଶଂସିତ ଠାକୁର ମୌରସ ସେବା ପୂଜା ଓ ପଟ୍ଟାଜମି ଅମ୍ଭମାନଙ୍କ ଶରିକମାନଙ୍କ ମଧ୍ୟରୁ କେହିଜଣ ବିକ୍ରୀ କରିବାର ଉଦ୍ୟୋଗ କରନ୍ତି ଏଣୁ ସର୍ବସାଧାରଣଙ୍କୁ ସାବଧାନ କରାଯାଉଅଛି ଯେ କେହି ଉକ୍ତ ସାଲ ଓ ପଟ୍ଟା ଜମି କ୍ରୟ କଲେ ଆପଣାର କ୍ଷତି ଜାଣିବ।

ଗୁରୁଚରଣ ସାହୁ
ଜଦୁ ସାହୁ

ମୂଲ୍ୟପ୍ରାପ୍ତି

| | | |
|---|---|---|
| ବାବୁ ଦାମୋଦରଦାସ | ବାର୍ଷିକ ଦକ୍ଷିଣା | ୫୨୦ |
| ,, ରଘୁନାଥଦୋଷୀ | ,, ,, | ୫୨୦ |

ଏହି ଉତ୍କଳଦୀପିକା ସପ୍ତାହ ବାର୍ଷିକ ଦର୍ପଣ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ କଟକର ମୁଦ୍ରିତ ଓ ପ୍ରକାଶିତ ହେଲା।

Digitized by srujanika@gmail.com